# ଭୂଗୋଳ ଓ ଅର୍ଥନୀତି

## ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ

### ଦଶମ ଶ୍ରେଣୀ




ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

# ଭୂଗୋଳ ଓ ଅର୍ଥନୀତି

## ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ

## ଦଶମ ଶ୍ରେଣୀ


ଲେଖକ

ଡକ୍ଟର ସୁଧାଂଶୁ କୁମାର ମହାନ୍ତି

ଅବସରପ୍ରାପ୍ତ ଅଧ୍ୟକ୍ଷ

ସରକାରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ, ଅନଗୁଳ



ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଓଡ଼ିଶା ସରକାର

ପ୍ରସ୍ତୁତି

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ

ଭୁବନେଶ୍ୱର - ୭୫୧୦୦୩

୨୦୨୧

# ଅଗ୍ରଲେଖ

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ "ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ" ଦ୍ୱାରା ପ୍ରଣୀତ ପାଠ୍ୟ ଖସଡ଼ା ପ୍ରଚଳିତ ହୋଇଥାଏ । ଏହି ପାଠ୍ୟ ଖସଡ଼ା ଆଧାରରେ ଆମ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ସମ୍ମୁଖୀନ ହୋଇଥାନ୍ତି । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଚଳିତ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀର ଗଣିତ, ଜୀବ ବିଜ୍ଞାନ, ଭୌତିକ ବିଜ୍ଞାନ, ଇଂରାଜୀ, ଭୂଗୋଳ, ଇତିହାସ ଓ ଓଡ଼ିଆ ପାଠ୍ୟ ଖସଡ଼ା (Syllabus)ରେ କିଛି ପରିବର୍ତ୍ତନ କରିଛନ୍ତି । ସାଂପ୍ରତିକ ପରିସ୍ଥିତିରେ କରୋନା ମହାମାରୀ ସଙ୍କଟ, ତତ୍‌ସହିତ ସିଲାବସ୍ ଓ ନୂତନ ପରୀକ୍ଷା ପଦ୍ଧତି ଆମ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆହ୍ୱାନ ରୂପେ ଉଭାହୋଇଛି । ଏହାର ସଫଳ ମୁକାବିଲା କରି ଆମ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନରତ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ କିପରି ନୂତନ ପରୀକ୍ଷା ପଦ୍ଧତି ଅନୁଯାୟୀ ପ୍ରସ୍ତୁତି ସହ ବୋର୍ଡ ପରୀକ୍ଷାର ସମ୍ମୁଖୀନ ହେବେ, ସେଥିପାଇଁ ବିଭାଗ ତରଫରୁ ସିଲାବସ୍ ଆଧାରିତ ଉପରୋକ୍ତ ବିଷୟଗୁଡ଼ିକର ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ ସବୁ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି ।

ସାରା ବିଶ୍ୱ ଏବେ କରୋନା ମହାମାରୀ ସଂକ୍ରମଣ ଦ୍ୱାରା ପ୍ରଭାବିତ ହୋଇଆସୁଅଛି । ଏହି ସଙ୍କଟ ଯୋଗୁଁ ଆମ ଓଡ଼ିଶାର ବିଦ୍ୟାଳୟ ସବୁ ଗତ ବର୍ଷ ମାର୍ଚ୍ଚ ମାସରୁ ବନ୍ଦ ଥିଲା ଓ ଏବେ ଦୁଇ ତିନି ମାସ ହେବ ଖୋଲାଯାଇ ସ୍କୁଲ୍‌ରେ ପାଠପଢ଼ା ହେଉଛି । ଛାତ୍ରଛାତ୍ରୀଙ୍କର ଶିକ୍ଷାଦାନ ଏହାଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଅଛି । ବିଭିନ୍ନ ବିକଳ୍ପ ଉପାୟ ଅବଲମ୍ବନ ଦ୍ୱାରା ବିଭାଗ ତରଫରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ଆଗେଇ ନେବାପାଇଁ ପ୍ରକ୍ରିୟା ନିରନ୍ତର ଜାରି ରହିଛି । ଦଶମ ବୋର୍ଡ ପରୀକ୍ଷା ପ୍ରସ୍ତୁତି ନିମିତ୍ତ ବଜାରରେ ମିଳୁଥିବା ଟେଷ୍ଟପେପର ଇତ୍ୟାଦିର ଉପଲବ୍ଧତା ଦୂରଦୂରାନ୍ତରେ ରହୁଥିବା ଆମ ଛାତ୍ରଛାତ୍ରୀଙ୍କ ପାଇଁ ସହଜନୁହେଁ । ତେଣୁ ସେମାନଙ୍କ ବୋର୍ଡ ପରୀକ୍ଷା ପ୍ରସ୍ତୁତି କିପରି ଫଳପ୍ରଦ ହେବ, ସେଥିପାଇଁ ଗଣିତ, ଜୀବବିଜ୍ଞାନ, ଭୌତିକ ବିଜ୍ଞାନ, ଇଂରାଜୀ, ଭୂଗୋଳ, ଇତିହାସ ଓ ଓଡ଼ିଆ ବିଷୟଗୁଡ଼ିକର ସାତଗୋଟି ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ ବିଭାଗ ତରଫରୁ ପ୍ରକାଶିତ ହୋଇ ସେମାନଙ୍କୁ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଉଛି । ଏହି ପୁସ୍ତକସବୁ ଆମ ବିଭାଗର ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ହେବ ।

ଆଶା କରୁଛି, ଏହି ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକସବୁ ସେମାନଙ୍କୁ ପାଠ୍ୟ ବିଷୟବସ୍ତୁ ଉତ୍ତମ ରୂପେ ବୁଝିବା ସହ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପ୍ରସ୍ତୁତିରେ ବିଶେଷ ସହାୟକ ହେବ ।

ର. ଚୋପ୍ରା

**ରଞ୍ଜନା ଚୋପ୍ରା, ଆଇ.ଏ.ଏସ୍.**
ପ୍ରମୁଖ ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

# ମୁଖବନ୍ଧ

ଓଡ଼ିଶା ସରକାରଙ୍କର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ପାଠ୍ୟଖସଡ଼ା 'ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ' ଦ୍ୱାରା ପରିଚାଳିତ ହୋଇଥାଏ । ଏହି ବିଦ୍ୟାଳୟଗୁଡ଼ିକର ଶିକ୍ଷାର୍ଥୀଗଣଙ୍କ ମେଧାକୁ ପ୍ରସାରିତ କରିବା ସକାଶେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (SCSTRTI) ଲଗାତର ବିଭିନ୍ନ ପ୍ରକାରର ଶୈକ୍ଷିକ କାର୍ଯ୍ୟକ୍ରମ ପରିଚାଳନା କରିଥାନ୍ତି । ସେହି ଶୈକ୍ଷିକ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ପାଠ୍ୟବହିର ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ ପ୍ରକାଶନ ଏକ ପ୍ରମୁଖ କାର୍ଯ୍ୟକ୍ରମ । ଏହି ପରିପ୍ରେକ୍ଷୀରେ ୨୦୨୧-୨୨ ଶିକ୍ଷାବର୍ଷର ଦଶମ ଶ୍ରେଣୀ ପାଇଁ ବୀଜଗଣିତ ଓ ଜ୍ୟାମିତି, ଜୀବ ବିଜ୍ଞାନ, ଭୌତିକ ବିଜ୍ଞାନ, ଇଂରାଜୀ, ଭୂଗୋଳ ଓ ଅର୍ଥନୀତି, ଇତିହାସ ଓ ରାଜନୀତି ବିଜ୍ଞାନ ଏବଂ ଓଡ଼ିଆ ବିଷୟର ସହାୟକ ପୁସ୍ତକ ପ୍ରକାଶିତ ହୋଇଛି ।

ଏବେ କେବଳ ଦଶମ ଶ୍ରେଣୀର ପାଠ୍ୟ ଆଧାରରେ ବାର୍ଷିକ ବୋର୍ଡ ପରୀକ୍ଷାର ପ୍ରଶ୍ନ ପ୍ରସ୍ତୁତ ହେଉଛି । ତେଣୁ ଚିରାଚରିତ ଭାବରେ ବୋର୍ଡ଼ ପରୀକ୍ଷାକୁ ଆଖିଆଗରେ ରଖି ସାଧାରଣ ବିଦ୍ୟାଳୟର ଶିକ୍ଷାର୍ଥୀଗଣ ବଜାରରେ ଉପଲବ୍ଧ ଟେଷ୍ଟପେପର ଇତ୍ୟାଦି ସହାୟକ ପୁସ୍ତକ ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି । ମାତ୍ର ଆମର ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ପରୀକ୍ଷାର୍ଥୀମାନେ କେବଳ ପାଠ୍ୟବହି ପଢ଼ି ପରୀକ୍ଷାର ସମ୍ମୁଖୀନ ହୁଅନ୍ତି । ଶିକ୍ଷାର୍ଥୀମାନେ ପ୍ରଶ୍ନବହୁଳ ପାଠ୍ୟକୁ ହଜମ କରିବା ପାଇଁ ଏକ ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକର ଆବଶ୍ୟକତାକୁ ଅନୁଭବ କରି ଏହି ସାତଗୋଟି ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ ଅଭିଜ୍ଞ ଲେଖକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଅଛି ।

ଏବେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦୁଇଟି ପରୀକ୍ଷା (ସମ୍ମେଟିଭ୍ - ୧ ଓ ୨) ଭାବରେ ହେବାକୁ ଯାଉଛି ଓ ପ୍ରଶ୍ନପତ୍ରର ଢାଞ୍ଚା ନୂତନ ପରୀକ୍ଷା ପଦ୍ଧତି ଅନୁଯାୟୀ ବଦଳି ଯାଇଛି । ପ୍ରଶ୍ନପତ୍ରର ଏହି ନୂତନ ଶୈଳୀଟି ଉକ୍ତ ପୁସ୍ତକରେ ପ୍ରତିଫଳିତ ହୋଇଛି । ପ୍ରତ୍ୟେକ ଅଧ୍ୟାୟରେ ପ୍ରଥମେ ବହୁବିକଳ୍ପ ପ୍ରଶ୍ନୋତ୍ତର, ସଂକ୍ଷିପ୍ତ ପ୍ରଶ୍ନୋତ୍ତର ଓ ଶେଷରେ ଦୀର୍ଘଉତ୍ତରମୂଳକ ପ୍ରଶ୍ନୋତ୍ତର ସନ୍ନିବେଶିତ ହୋଇଛି ।

ଆଶାକରୁଛୁ, ଶିକ୍ଷାର୍ଥୀମାନଙ୍କ ପାଇଁ ଏହି ପୁସ୍ତକ ଉପାଦେୟ ସାବ୍ୟସ୍ତ ହେବ ।

ଅ.ଓଟା

**ପ୍ରଫେସର (ଡ.) ଅଖିଳ ବିହାରୀ ଓଟା**
ଉପଦେଷ୍ଟା ତଥା ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ସଚିବ
ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ

# ବିଷୟ ସୂଚୀ

| ଅଧ୍ୟାୟ | | ବିଷୟ | ପୃଷ୍ଠା |
|---|---|---|---|


**ଇତିହାସ**

| | | | |
|---|---|---|---|
| **ପ୍ରଥମ ଅଧ୍ୟାୟ** | ● | ସମ୍ବଳ | ୦୧-୧୩ |
| | ● | ଭୂସମ୍ବଳ | ୧୪-୨୩ |
| | ● | ମୃତ୍ତିକା ସମ୍ବଳ | ୨୪-୩୬ |
| **ଦ୍ୱିତୀୟ ଅଧ୍ୟାୟ** | ● | ଖଣିଜ ସମ୍ବଳ | ୩୭-୫୦ |
| **ତୃତୀୟ ଅଧ୍ୟାୟ** | ● | ଶକ୍ତି ସମ୍ବଳ | ୫୧-୬୪ |
| **ଚତୁର୍ଥ ଅଧ୍ୟାୟ** | ● | କୃଷି | ୬୫-୭୮ |
| **ପଞ୍ଚମ ଅଧ୍ୟାୟ** | ● | ପରିବହନ ଯୋଗାଯୋଗ ଏବଂ ବାଣିଜ୍ୟ | ୭୯-୯୩ |

**ଅର୍ଥନୀତି**

| | | | |
|---|---|---|---|
| **ପ୍ରଥମ ଅଧ୍ୟାୟ** | ● | ଆର୍ଥନୀତିକ ବିକାଶ | ୯୪-୧୦୩ |
| **ଦ୍ୱିତୀୟ ଅଧ୍ୟାୟ** | ● | ଉଦ୍ୟୋଗ ବିକାଶ | ୧୦୪-୧୧୫ |
| | ● | ଉଦ୍ୟୋଗ ପ୍ରତିଷ୍ଠା ପାଠ | ୧୧୬-୧୨୩ |


***

# ଭୂଗୋଳ

## ପ୍ରଥମ ଅଧ୍ୟାୟ

## ସମ୍ବଳ

### ବହୁବିକଳ୍ପ ପ୍ରଶ୍ନ

୧. ନିମ୍ନୋକ୍ତ କେଉଁ ସମ୍ବଳଟି ଅନ୍ୟ ତିନୋଟି ଠାରୁ ଭିନ୍ନ ?
(କ) ସାମାଜିକ ଅନୁଷ୍ଠାନ
(ଖ) ଗମନାଗମନ
(ଗ) ଖଣିଜ ଦ୍ରବ୍ୟ
(ଘ) ଅର୍ଥସଞ୍ଚାଳନ

୨. ପ୍ରବାହିତ ଜଳ ଯାହା ବର୍ତ୍ତମାନ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୋଇପାରୁ ନାହିଁ ତାହା ନିମ୍ନୋକ୍ତ କେଉଁ ପ୍ରକାର ସମ୍ବଳ ?
(କ) ସମ୍ବଳଭଣ୍ଡାର (ଖ) ବିକଶିତ
(ଗ) ସଂରକ୍ଷିତ (ଘ) ଗଚ୍ଛିତ

୩. ନିମ୍ନୋକ୍ତ କେଉଁଟି ସମ୍ବଳ ସଂରକ୍ଷଣର ପରିପନ୍ଥୀ ?
(କ) ନିର୍ବିକାର ସମ୍ବଳ ଉତ୍ତୋଳନ
(ଖ) ସମ୍ବଳର ପୁନଃ ବ୍ୟବହାର
(ଗ) ସମ୍ବଳର ପୁନଃଚକ୍ରଣ
(ଘ) ସମ୍ବଳ ବ୍ୟବହାରରେ ହ୍ରାସ

୪. କେଉଁଟି ମାନବକୃତ ପରିବେଶର ଅନ୍ତର୍ଗତ ?
(କ) ପର୍ବତ (ଖ) ରାସ୍ତା
(ଗ) ମହାସାଗର (ଘ) ମରୁଭୂମି

୫. କେଉଁଟି ଅପୂରଣୀୟ ସମ୍ବଳ ?
(କ) ପବନ ଶକ୍ତି (ଖ) ଶିକ୍ଷାନୁଷ୍ଠାନ
(ଗ) କୋଇଲା (ଘ) ଜଳ

୬. କେଉଁଟି ଗୋଷ୍ଠୀଗତ ସମ୍ବଳ ?
(କ) ଗୃହ (ଖ) ଶ୍ମଶାନ
(ଗ) ଚଷଜମି (ଘ) ରୋପଣ କୃଷି ଭୂମି

୭. ସମୁଦ୍ର ଉପକୂଳର ଅନନ୍ୟ ଆର୍ଥନୀତିକ ଅଞ୍ଚଳ କେତେ କିଲୋମିଟର ଦୂରତ୍ୱ ପର୍ଯ୍ୟନ୍ତ ବିସ୍ତୃତ ?
(କ) 120 (ଖ) 180
(ଗ) 192 (ଘ) 370

୮. କେଉଁଟି ଏକ ନବୀକରଣଯୋଗ୍ୟ ସମ୍ବଳ ନୁହେଁ ?
(କ) ଜଳ (ଖ) ମୃତ୍ତିକା
(ଗ) ବାୟୁ (ଘ) ପେଟ୍ରୋଲିୟମ

୯. ପ୍ରକୃତି, ପ୍ରାଦ୍ୟୋଗ, ଅନୁଷ୍ଠାନ ଓ ଅନ୍ୟ କେଉଁଟି ସମ୍ବଳର ରୂପାନ୍ତରଣ ପ୍ରକ୍ରିୟାରେ ଉପାଦାନ ଭାବରେ କାର୍ଯ୍ୟ କରିଥାନ୍ତି ?
(କ) ସମ୍ବଳ
(ଖ) ମନୁଷ୍ୟ
(ଗ) ଯନ୍ତ୍ରପାତି
(ଘ) ପରିବହନ ଓ ଯୋଗାଯୋଗ

୧୦. 12 ନଟିକାଲ ମାଇଲ କେତେ କିଲୋମିଟର ଅଟେ ?
(କ) 22.2 କି.ମି. (ଖ) 37.2 କି.ମି.
(ଗ) 185.2 କି.ମି. (ଘ) 222.2 କି.ମି.

୧୧. ଭାରତ ମହାସାଗରର EEZ ଅଞ୍ଚଳରୁ ଭାରତ କେଉଁ ଖଣିଜପିଣ୍ଡ ଉତ୍ତୋଳନ କରିବାର ଅଧିକାର ପାଇଛି ?

(କ) ବକ୍ସାଇଟ ପିଣ୍ଡ (ଖ) ଲୌହ ପିଣ୍ଡ

(ଗ) ଆଲୁମିନା ପିଣ୍ଡ (ଘ) ମାଙ୍ଗାନିଜ୍ ପିଣ୍ଡ

୧୨. ଭାରତର ଉତ୍ତରସ୍ଥ ସୀମାର ନାମ କ'ଣ ?

(କ) ଇନ୍ଦିରାକଲ (ଖ) କିବିଥୁ

(ଗ) ଇନ୍ଦିରାପଏଣ୍ଟ (ଘ) ଘୁଆରମୋତି

୧୩. ଭାରତର ଦକ୍ଷିଣତମ ସ୍ଥାନଟିର ନାମ କ'ଣ ?

(କ) କିବିଥୁ (ଖ) ଇନ୍ଦିରାକଲ

(ଗ) ଘୁଆରମୋତି (ଘ) ଇନ୍ଦିରାପଏଣ୍ଟ

୧୪. ସୌରଶକ୍ତି କେଉଁ ସମ୍ବଳର ଏକ ଉଦାହରଣ ?

(କ) ନବୀକରଣଯୋଗ୍ୟ ସମ୍ବଳ

(ଖ) ସରନ୍ତି ସମ୍ବଳ

(ଗ) ନବୀକରଣ ଅଯୋଗ୍ୟ ସମ୍ବଳ

(ଘ) ଅସରନ୍ତି ସମ୍ବଳ

୧୫. ସମ୍ବଳ ପ୍ରାଦ୍ୟୋଗ ଦୃଷ୍ଟିକୋଣରୁ କ'ଣ ହେବା ଆବଶ୍ୟକ ?

(କ) ସମ୍ଭବ (ଖ) ଗ୍ରହଣଯୋଗ୍ୟ

(ଗ) ସୁଗମ୍ୟ (ଘ) ଉପଯୋଗୀ

୧୬. ଭାରତର ପୂର୍ବତମ ସ୍ଥାନଟିର ନାମ କ'ଣ ?

(କ) ଇନ୍ଦିରାକଲ (ଖ) କିବିଥୁ

(ଗ) ଇନ୍ଦିରାପଏଣ୍ଟ (ଘ) ଘୁଆରମୋତି

୧୭. ଭାରତର ପଶ୍ଚିମତମ ସ୍ଥାନଟିର ନାମ କ'ଣ ?

(କ) କିବିଥୁ (ଖ) ଇନ୍ଦିରାକଲ

(ଗ) ଇନ୍ଦିରାପଏଣ୍ଟ (ଘ) ଘୁଆରମୋତି

୧୮. ସମ୍ବଳ ଆର୍ଥନୀତିକ ଦୃଷ୍ଟିକୋଣରୁ କ'ଣ ହେବା ଆବଶ୍ୟକ ?

(କ) ସମ୍ଭବ (ଖ) ଗ୍ରହଣଯୋଗ୍ୟ

(ଗ) ଉପଯୋଗୀ (ଘ) ସୁଗମ୍ୟ

୧୯. ଯେଉଁ ନବୀକରଣ ଅଯୋଗ୍ୟ ସମ୍ବଳଗୁଡ଼ିକୁ ପୁନରୁଦ୍ଧାର କରାଯାଇ ପାରେନାହିଁ, ସେଗୁଡ଼ିକୁ କେଉଁ ସମ୍ବଳ କୁହାଯାଏ ?

(କ) ଗଚ୍ଛିତ ସମ୍ବଳ

(ଖ) ଅସରନ୍ତି ସମ୍ବଳ

(ଗ) ପୁନରୁଦ୍ଧାର ଅଯୋଗ୍ୟ ସମ୍ବଳ

(ଘ) ପୁନରୁଦ୍ଧାର ଯୋଗ୍ୟ ସମ୍ବଳ

୨୦. ସମ୍ବଳ ସାଂସ୍କୃତିକ ଦୃଷ୍ଟିକୋଣରୁ କ'ଣ ହେବା ଆବଶ୍ୟକ ?

(କ) ସମ୍ଭବ (ଖ) ଗ୍ରହଣଯୋଗ୍ୟ

(ଗ) ଉପଯୋଗୀ (ଘ) ସୁଗମ୍ୟ

୨୧. ପ୍ରାକୃତିକ ପରିବେଶରେ କେଉଁ ପଦାର୍ଥକୁ ସମ୍ବଳରୂପେ ବିବେଚିତ କରାଯାଇ ନ ଥାଏ ?

(କ) ବ୍ୟବହୃତ

(ଖ) ପରିତ୍ୟକ୍ତ

(ଗ) ସୀମିତ

(ଘ) ଅବ୍ୟବହୃତ ବା ଅଜ୍ଞାତ

୨୨. ରିଓଡ଼ିଜାନେରିଓ ବୈଠକ କେବେ ଅନୁଷ୍ଠିତ ହୋଇଥିଲା ?

(କ) 1965 (ଖ) 1972

(ଗ) 1992 (ଘ) 2005

୨୩. ରାଜନୈତିକ ଅନୁଷ୍ଠାନ କେଉଁ ସମ୍ବଳର ଏକ ଉଦାହରଣ ?

(କ) ଗୋଷ୍ଠୀଗତ ସମ୍ବଳ (ଖ) ମାନବ ସମ୍ବଳ

(ଗ) ବ୍ୟକ୍ତିଗତ ସମ୍ବଳ (ଘ) ସାଂସ୍କୃତିକ ସମ୍ବଳ

୨୪. ସମ୍ବଳର ବିନିଯୋଗର ଆବଶ୍ୟକତା ତଥା ଆଗାମୀ ବଂଶଧରଙ୍କ ପାଇଁ ସେଗୁଡ଼ିକୁ ସଂରକ୍ଷଣ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କ'ଣ କୁହାଯାଏ ?

(କ) ଧାରଣୀୟ ବିକାଶ

(ଖ) ସମ୍ବଳ ସଂରକ୍ଷଣ

(ଗ) ସମ୍ବଳର ଯୋଜନା

(ଘ) ସମ୍ବଳର ବ୍ୟବହାର

୨୫. ପ୍ରକୃତିରେ ଥିବା ଯେଉଁ ପଦାର୍ଥ ଓ ଶକ୍ତି ଦ୍ୱାରା ମନୁଷ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପକୃତ ହୋଇଥାଏ, ତାହାକୁ କେଉଁ ସମ୍ବଳ କୁହାଯାଏ ?

(କ) ଜୈବ ସମ୍ବଳ (ଖ) ପ୍ରାକୃତିକ ସମ୍ବଳ

(ଗ) ସାଂସ୍କୃତିକ ସମ୍ବଳ (ଘ) ସର୍ବତ୍ର ସୁଲଭ ସମ୍ବଳ

୨୬. IUCN ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା ମାଧ୍ୟମରେ କେତୋଟି ଜାତିର ସଂଖ୍ୟା ପ୍ରତି ଦୃଷ୍ଟି ଦେଇ ଆସୁଅଛି ?

(କ) 3 (ଖ) 4

(ଗ) 5 (ଘ) 8

୨୭. କେଉଁଟି ସମ୍ବଳର ଏକ ବିଶେଷତ୍ୱ ନୁହେଁ ?

(କ) ଉପଯୋଗୀତା (ଖ) ପରିବର୍ତ୍ତନଶୀଳତା

(ଗ) କାର୍ଯ୍ୟଦକ୍ଷତା (ଘ) ସଂରଚନା

୨୮. ପ୍ରାକୃତିକ ପରିବେଶ ଓ ସାଂସ୍କୃତିକ ସଙ୍ଗଠନର ମିଳିତ ପ୍ରକ୍ରିୟାରେ କେଉଁଟି ସୃଷ୍ଟି ହୋଇନଥାଏ ?

(କ) ସୁଲଭତା (ଖ) ସଂରଚନା

(ଗ) ସଂସ୍ଥାନ (ଘ) ଗୁଣବତ୍ତା

୨୯. ସମୁଦ୍ରତଳେ ଥିବା ଖଣିଜ ପଦାର୍ଥ କେଉଁ ଶ୍ରେଣୀର ସମ୍ବଳ ଅଟେ ?

(କ) ସରନ୍ତି ସମ୍ବଳ (ଖ) ଗଚ୍ଛିତ ସମ୍ବଳ

(ଗ) ଅପୂରଣୀୟ ସମ୍ବଳ (ଘ) ବିକଶିତ ସମ୍ବଳ

୩୦. କେଉଁଟି ଅନ୍ୟ ତିନୋଟି ଠାରୁ ଭିନ୍ନ ଧରଣର ସମ୍ବଳ ଅଟେ ?

(କ) ଶିଳ୍ପ (ଖ) ଶିଳା

(ଗ) ଶିକ୍ଷା (ଘ) ସ୍ୱାସ୍ଥ୍ୟ

୩୧. କେଉଁଟି ପୁନଃରୁଦ୍ଧାର ଯୋଗ୍ୟ ସମ୍ବଳ ନୁହେଁ ?

(କ) ଲୁହା (ଖ) ତମ୍ବା

(ଗ) କୋଇଲା (ଘ) ଭୂମି

୩୨. କେଉଁଟି ନବୀକରଣ ଯୋଗ୍ୟ ସମ୍ବଳ ନୁହେଁ ?

(କ) ତମ୍ବା (ଖ) ଜଳ

(ଗ) ମୃତ୍ତିକା (ଘ) ବାୟୁ

୩୩. ଆନ୍ତର୍ଜାତୀୟ ସମ୍ବଳ ସମୁଦ୍ର ଉପକୂଳଠାରୁ କେତେ ନଟିକାଲ ମାଇଲ ପରବର୍ତ୍ତୀ ଅଞ୍ଚଳରେ ମିଳିଥାଏ ?

(କ) 12 (ଖ) 100

(ଗ) 120 (ଘ) 200

୩୪. ଉପକୂଳଠାରୁ ସମୁଦ୍ରଆଡ଼କୁ ପ୍ରାୟ କେତେ ନଟିକାଲ ମାଇଲ ଦୂରତାରେ ଜାତୀୟ ସମ୍ବଳ ମିଳିଥାଏ ?

(କ) 10 (ଖ) 12

(ଗ) 100 (ଘ) 200

୩୫. କେଉଁଟି ଗୋଷ୍ଠୀଗତ ସମ୍ବଳ ନୁହେଁ ?

(କ) ଶ୍ମଶାନ (ଖ) ପ୍ରମୋଦ ଉଦ୍ୟାନ

(ଗ) ଋଷଜମି (ଘ) ଗୋଚର ଭୂମି

୩୬. ପେଟ୍ରୋଲିୟମ କେଉଁ ସମ୍ବଳର ଏକ ଉଦାହରଣ ?

(କ) ନବୀକରଣ ଯୋଗ୍ୟ

(ଖ) ଗଚ୍ଛିତ ସମ୍ବଳ

(ଗ) ନବୀକରଣ ଅଯୋଗ୍ୟ

(ଘ) ସାଂସ୍କୃତିକ ସମ୍ବଳ

**୩୭. ଶିକ୍ଷା ଏକ କେଉଁ ପ୍ରକାର ସମ୍ବଳ ?**

(କ) ପୂରଣୀୟ (ଖ) ଅପୂରଣୀୟ

(ଗ) ସାଂସ୍କୃତିକ (ଘ) ଅଯୋଗ୍ୟ

**୩୮. ସମ୍ବଳର ସଯତ୍ନ ବିନିଯୋଗ ତଥା ନବୀକରଣ ପାଇଁ ଯଥେଷ୍ଟ ସମୟ ଦେବାକୁ କ'ଣ କୁହାଯାଏ ?**

(କ) ସମ୍ବଳ ପ୍ରାପ୍ତି

(ଖ) ସମ୍ବଳ ଉତ୍ତୋଳନ

(ଗ) ସମ୍ବଳ ସଂରକ୍ଷଣ

(ଘ) ସମ୍ବଳ ବିକାଶ

**୩୯. ନିମ୍ନୋକ୍ତ କେଉଁ ସ୍ଥାନରେ ବିଶ୍ୱ ଜଳବାୟୁ ବୈଠକ ଅନୁଷ୍ଠିତ ହୋଇଥିଲା ?**

(କ) ଏଏଜି (ଖ) ନାସା

(ଗ) ଏନଆରଡ଼ିସି (ଘ) ରିଓଡ଼ିଜାନେରିଓ

**୪୦. ପ୍ରାଣୀଜାତ ଓ କୃଷିଜାତ ପଦାର୍ଥଗୁଡ଼ିକ ନବୀକରଣ ଯୋଗ୍ୟ ହୋଇପାରିବା ପ୍ରକ୍ରିୟା କେଉଁଟି ?**

(କ) ଚକ୍ରୀୟ (ଖ) ନବୀକରଣ

(ଗ) ଧାରଣୀୟ (ଘ) ରୂପାନ୍ତରଣ

**୪୧. ପ୍ରକୃତି ଅନୁସାରେ : ପ୍ରାକୃତିକ ସମ୍ବଳ :: ଉତ୍ପତ୍ତି ଅନୁସାରେ : ___________**

(କ) ପ୍ରାକୃତିକ/ସାଂସ୍କୃତିକ ସମ୍ବଳ

(ଖ) ଜୈବ/ଅଜୈବ ସମ୍ବଳ

(ଗ) ପୂରଣୀୟ/ଅପୂରଣୀୟ ସମ୍ବଳ

(ଘ) ଅସରନ୍ତି/ସରନ୍ତି ସମ୍ବଳ

**୪୨. ବିକଶିତ ସମ୍ବଳ : ଖଣିଜ ପଦାର୍ଥ :: ସଂରକ୍ଷିତ ସମ୍ବଳ : ___________**

(କ) ଅରଣ୍ୟ (ଖ) ବିଦ୍ୟୁତ ଶକ୍ତି

(ଗ) ପ୍ରବାହିତ ଜଳ (ଘ) ରୋପଣ କୃଷି

**୪୩. ଜଳ ବିଦ୍ୟୁତ ଶକ୍ତି : ବିକଶିତ ସମ୍ବଳ :: ଆଲୁମିନିୟମ ଓ ତମ୍ବା : ___________**

(କ) ଆନ୍ତର୍ଜାତୀୟ ସମ୍ବଳ

(ଖ) ପୁନରୁଦ୍ଧାର ଯୋଗ୍ୟ ସମ୍ବଳ

(ଗ) ଗୋଷ୍ଠୀଗତ ସମ୍ବଳ

(ଘ) ବିକଶିତ ସମ୍ବଳ

**୪୪. ଖଣିଜ ପଦାର୍ଥ : ଅପୂରଣୀୟ ସମ୍ବଳ :: ଭୂ-ତାପଜ ଶକ୍ତି :___________**

(କ) ପୂରଣୀୟ ସମ୍ବଳ (ଖ) ଅପୂରଣୀୟ ସମ୍ବଳ

(ଗ) ଗୋଷ୍ଠୀଗତ ସମ୍ବଳ (ଘ) ଜାତୀୟ ସମ୍ବଳ

**୪୫. ବାୟୁ ପ୍ରଦୂଷଣ : ନବୀକରଣ ଯୋଗ୍ୟ ସମ୍ବଳ:: କୋଇଲା : ___________**

(କ) ନବୀକରଣ ସମ୍ବଳ

(ଖ) ନବୀକରଣ ଅଯୋଗ୍ୟ ସମ୍ବଳ

(ଗ) ଜୈବ ସମ୍ବଳ

(ଘ) ଗୋଷ୍ଠୀଗତ ସମ୍ବଳ

**୪୬. ରେଳପଥ : ଜାତୀୟ ସମ୍ବଳ :: ରୋପଣ କୃଷି : ___________**

(କ) ଅବିରାମ ସମ୍ବଳ (ଖ) ଅପୂରଣୀୟ ସମ୍ବଳ

(ଗ) କ୍ଷୟଶୀଳ ସମ୍ବଳ (ଘ) ବ୍ୟକ୍ତିଗତ ସମ୍ବଳ

**୪୭. ବନ୍ୟପ୍ରାଣୀ : ପ୍ରାକୃତିକ ସମ୍ବଳ :: ରାଜନୈତିକ ଅନୁଷ୍ଠାନ : ___________**

(କ) ଗୋଷ୍ଠୀଗତ ସମ୍ବଳ (ଖ) ସାଂସ୍କୃତିକ ସମ୍ବଳ

(ଗ) ଜାତୀୟ ସମ୍ବଳ (ଘ) ବିକଶିତ ସମ୍ବଳ

**୪୮. ଖଣିଜ ସମ୍ବଳ : ଅଜୈବ ସମ୍ବଳ:: ଅଣୁଜୀବ : ___________**

(କ) ଜୈବସମ୍ବଳ (ଖ) ଗୋଷ୍ଠୀଗତସମ୍ବଳ

(ଗ) ଅଜୈବ ସମ୍ବଳ (ଘ) ଅକ୍ଷୟ ସମ୍ବଳ

୪୯. **ଅକ୍ଷୟ ସମ୍ବଳ : ବ୍ୟବହାର ଅନୁସାରେ ::**
**ଅଜୈବ ସମ୍ବଳ : __________**
(କ) ବ୍ୟବହାର ଅନୁସାରେ
(ଖ) ଉତ୍ପତ୍ତି ଅନୁସାରେ
(ଗ) ଉତ୍ତୋଳନ ଅନୁସାରେ
(ଘ) ଗୁଣ ଅନୁସାରେ

୫୦. **ସାଂସ୍କୃତିକ ସମ୍ବଳ : ପ୍ରକୃତି ଅନୁସାରେ ::**
**ଗଚ୍ଛିତ ସମ୍ବଳ : __________**
(କ) ବଣ୍ଟନ ଅନୁସାରେ
(ଖ) ଭରଣ ଅନୁସାରେ
(ଗ) ବିକାଶ ସ୍ତର ଅନୁସାରେ
(ଘ) ପରିମାଣ ଅନୁସାରେ

୫୧. **ଅବିରାମ ସମ୍ବଳ : ପରିମାଣ ଅନୁସାରେ ::**
**ସ୍ଥାନୀୟ ସମ୍ବଳ : __________**
(କ) ବଣ୍ଟନ ବା ବିତରଣ ଅନୁସାରେ
(ଖ) ସୁଲଭତା ଅନୁସାରେ
(ଗ) ଉତ୍ପତ୍ତି ଅନୁସାରେ
(ଘ) ବିକାଶ ସ୍ତର ଅନୁସାରେ

୫୨. **ଗୋଷ୍ଠୀଗତ ସମ୍ବଳ : ଗୋଚର ଭୂମି ::**
**ସ୍ଥାନୀୟ ସମ୍ବଳ : __________**
(କ) ସୌର ଶକ୍ତି (ଖ) ଜୁଆର ଶକ୍ତି
(ଗ) ଭୁତାପଜ ଶକ୍ତି (ଘ) ଖଣିଜ ପଦାର୍ଥ

୫୩. **ପରିବେଶରେ ରହିଥିବା ଜୀବନବୀହୀନ ଜଡ଼ ପଦାର୍ଥ କେଉଁ ସମ୍ବଳର ଅନ୍ତର୍ଭୁକ୍ତ ?**
(କ) ପୂରଣୀୟ (ଖ) ଅଜୈବ
(ଗ) ଗଚ୍ଛିତ (ଘ) ବିକଶିତ

୫୪. **ସମ୍ବଳ ଯୋଜନା କେତେ ଗୋଟି ପ୍ରକ୍ରିୟା ଉପରେ ନିର୍ଭର କରେ ?**
(କ) 3 (ଖ) 4
(ଗ) 5 (ଘ) 6

୫୫. **ଆର୍ଥନୀତିକ ଭୂଗୋଳରେ ମନୁଷ୍ୟକୁ କେଉଁ ରୂପରେ ଗ୍ରହଣ କରାଯାଇଥାଏ ?**
(କ) ମୁଖ୍ୟକର୍ତ୍ତା (ଖ) ମାଲିକାନା
(ଗ) ଗୋଷ୍ଠୀ (ଘ) ସମ୍ବଳ

## ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଘ) ଅର୍ଥ ସଞ୍ଚାଳନ
୨. (ଗ) ସଂରକ୍ଷିତ
୩. (କ) ନିର୍ବିକାର ସମ୍ବଳ ଉତ୍ତୋଳନ
୪. (ଖ) ରାସ୍ତା
୫. (ଗ) କୋଇଲା
୬. (ଖ) ଶ୍ମଶାନ
୭. (ଘ) 370
୮. (ଘ) ପେଟ୍ରୋଲିୟମ
୯. (ଖ) ମନୁଷ୍ୟ
୧୦. (କ) 22.2 କି.ମି.
୧୧. (ଘ) ମାଙ୍ଗାନିଜ୍ ପିଣ୍ଡ
୧୨. (କ) ଇନ୍ଦିରାକଲ
୧୩. (ଘ) ଇନ୍ଦିରାପଏଣ୍ଟ
୧୪. (ଘ) ଅସରନ୍ତି ସମ୍ବଳ
୧୫. (ଗ) ସୁଗମ୍ୟ
୧୬. (ଖ) କିବିଥୁ

୧୭. (ଘ) ଘୁଆରମୋତି

୧୮. (କ) ସମ୍ଭବ

୧୯. (ଗ) ପୁନରୁଦ୍ଧାର ଅଯୋଗ୍ୟ ସମ୍ବଳ

୨୦. (ଖ) ଗ୍ରହଣଯୋଗ୍ୟ

୨୧. (ଘ) ଅବ୍ୟବହୃତ ବା ଅଜ୍ଞାତ

୨୨. (ଗ) 1992

୨୩. (ଘ) ସାଂସ୍କୃତିକ ସମ୍ବଳ

୨୪. (କ) ଧାରଣୀୟ ବିକାଶ

୨୫. (ଖ) ପ୍ରାକୃତିକ ସମ୍ବଳ

୨୬. (ଗ) 5

୨୭. (ଘ) ସଂରଚନା

୨୮. (କ) ସୁଲଭତା

୨୯. (ଖ) ଗଚ୍ଛିତ ସମ୍ବଳ

୩୦. (ଖ) ଶିଳା

୩୧. (ଗ) କୋଇଲା

୩୨. (କ) ତମ୍ବା

୩୩. (ଘ) 200

୩୪. (ଖ) 12

୩୫. (ଗ) ଚାଷଜମି

୩୬. (ଗ) ନବୀକରଣ ଅଯୋଗ୍ୟ

୩୭. (ଗ) ସାଂସ୍କୃତିକ

୩୮. (ଗ) ସମ୍ବଳ ସଂରକ୍ଷଣ

୩୯. (ଘ) ରିଓଡ଼ିଜାନେରିଓ

୪୦. (କ) ଚକ୍ରୀୟ

୪୧. (ଖ) ଜୈବ/ଅଜୈବ ସମ୍ବଳ

୪୨. (ଗ) ପ୍ରବାହିତ ଜଳ

୪୩. (ଖ) ପୁନରୁଦ୍ଧାର ଯୋଗ୍ୟ ସମ୍ବଳ

୪୪. (କ) ପୂରଣୀୟ ସମ୍ବଳ

୪୫. (ଖ) ନବୀକରଣ ଅଯୋଗ୍ୟ ସମ୍ବଳ

୪୬. (ଘ) ବ୍ୟକ୍ତିଗତ ସମ୍ବଳ

୪୭. (ଖ) ସାଂସ୍କୃତିକ ସମ୍ବଳ

୪୮. (କ) ଜୈବସମ୍ବଳ

୪୯. (ଖ) ଉତ୍ପତ୍ତି ଅନୁସାରେ

୫୦. (ଗ) ବିକାଶ ସ୍ତର ଅନୁସାରେ

୫୧. (କ) ବଣ୍ଟନ ବା ବିତରଣ ଅନୁସାରେ

୫୨. (ଘ) ଖଣିଜ ପଦାର୍ଥ

୫୩. (ଖ) ଅଜୈବ

୫୪. (ଗ) 5

୫୫. (କ) ମୁଖ୍ୟକର୍ତ୍ତା

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର ୧. ସମ୍ବଳର ବିଶେଷତ୍ୱ କ'ଣ ?**

ଉତ୍ତର i) ସମ୍ବଳର ଚାରୋଟି ବିଶେଷତ୍ୱ ରହିଛି ।

ii) ସେଗୁଡ଼ିକ ହେଲା - ଉପଯୋଗିତା, କାର୍ଯ୍ୟଦକ୍ଷତା, ସୁଲଭତା ଏବଂ ପରିବର୍ତ୍ତନଶୀଳତା ।

**ପ୍ର ୨. ସମ୍ବଳ ସଂରକ୍ଷଣ କହିଲେ କ'ଣ ବୁଝାଏ ?**

ଉତ୍ତର i) ସମ୍ବଳର ସଯତ୍ନ ବିନିଯୋଗ ତଥା ନବୀକରଣ ପାଇଁ ଯଥେଷ୍ଟ ସମୟ ଦେବାକୁ ସମ୍ବଳ ସଂରକ୍ଷଣ କୁହାଯାଏ ।

ii) ସମ୍ବଳ ସଂରକ୍ଷଣର ମୁଖ୍ୟ ତିନୋଟି ଉପାୟ ରହିଛି, ସେଗୁଡ଼ିକ ହେଲା -

- ସମ୍ବଳ ବ୍ୟବହାରର ଯଥୋଚିତ ହ୍ରାସ
- ସମ୍ବଳର ପୁନଃ ଚକ୍ରୀକରଣ କୌଶଳ ଅବଲମ୍ବନ
- ସମ୍ବଳର ପୁନଃ ବ୍ୟବହାର ମାଧ୍ୟମରେ ସମସ୍ତ ପ୍ରକାର ସମ୍ବଳର ସଂରକ୍ଷଣ

**ପ୍ର ୩. ଧାରଣୀୟ ବିକାଶ କହିଲେ କ'ଣ ବୁଝାଏ ?**

ଉତ୍ତର i) ପୃଥିବୀର ସମସ୍ତ ଜୀବଜନ୍ତୁଙ୍କ ପ୍ରତି ସମ୍ମାନ ଓ ଯତ୍ନଶୀଳ ହେବା

ii) ମନୁଷ୍ୟର ଜୀବନଧାରଣ ମାନରେ ଉନ୍ନତି ଆଣିବା

iii) ପ୍ରାକୃତିକ ସମ୍ବଳର ଅବକ୍ଷୟ ଯଥାସମ୍ଭବ ହ୍ରାସ କରିବା

iv) ପରିବେଶ ପ୍ରତି ଯତ୍ନବାନ ହେବା

v) ପୃଥିବୀର ସାମର୍ଥ୍ୟ ଓ ବିବିଧତାର ସଂରକ୍ଷଣ କରିବା

**ପ୍ର ୪. କୌଣସି ପଦାର୍ଥ ସମ୍ବଳରେ କିପରି ପରିଣତ ହୋଇଥାଏ ?**

ଉତ୍ତର i) ପ୍ରାକୃତିକ ପରିବେଶ ମଧ୍ୟରେ ଅବ୍ୟବହୃତ କିମ୍ବା ଅଜ୍ଞାତ ହୋଇ ରହିଥିବା ପଦାର୍ଥ ସମ୍ବଳ ରୂପେ ବିବେଚିତ ହୋଇ ନ ଥାଏ ।

ii) ମନୁଷ୍ୟ, ତାର ସନ୍ଧାନ କରି ବିଭିନ୍ନ କାର୍ଯ୍ୟରେ ବିନିଯୋଗ କଲେ ତାହା ସମ୍ବଳରୂପେ ବିବେଚିତ ହୋଇଥାଏ ।

**ପ୍ର ୫. କେଉଁ ପାଞ୍ଚଗୋଟି ପ୍ରକ୍ରିୟା ଉପରେ ସମ୍ବଳ ଯୋଜନା ନିର୍ଭର କରିଥାଏ, ସେଗୁଡ଼ିକ ସଂକ୍ଷେପରେ ବର୍ଣ୍ଣନା କର ?**

ଉତ୍ତର i) ବିଭିନ୍ନ କାର୍ଯ୍ୟ ପାଇଁ ସମ୍ବଳର ଆବଶ୍ୟକତା ନିର୍ଦ୍ଧାରଣ, ସମ୍ବଳପ୍ରାପ୍ତି ସ୍ଥାନର ଚିହ୍ନଟିକରଣ ଚାହିଦା ପରିମାଣ ଆକଳନ ।

ii) ସମ୍ବଳ ଗଚ୍ଛିତ ପରିମାଣ ଓ ବିକାଶସ୍ତର ଆକଳନ ଓ ଏହାର ସର୍ବେକ୍ଷଣ ମାନଚିତ୍ରକରଣ ଏବଂ ସଂଖ୍ୟାତ୍ମକ ଏବଂ ଗୁଣାତ୍ମକ ମୂଲ୍ୟାୟନ ।

iii) ସମ୍ବଳ ଉତ୍ତୋଳନ ଓ ସମ୍ବଳର ପୁନଃ ବ୍ୟବହାରର ଯୋଜନା ପ୍ରସ୍ତୁତ ।

iv) ସମ୍ବଳ ଉତ୍ତୋଳନ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ମୂଲ୍ୟ ନିର୍ଦ୍ଧାରଣ ଆଦି ସମ୍ବଳ ବିକାଶ ସମ୍ବନ୍ଧୀୟ ଯୋଜନା ପ୍ରଣୟନ।

v) ସମ୍ବଳ ବିକାଶ ଯୋଜନା ଓ ଜାତୀୟ ବିକାଶ ଯୋଜନା ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ନୂତନ ବିକଳ୍ପ ସମ୍ବଳର ଆବିଷ୍କାର ସମ୍ବନ୍ଧୀୟ ଗବେଷଣା କାର୍ଯ୍ୟକ୍ରମର ଯୋଜନା।

**ପ. ୬. ମନୁଷ୍ୟକୁ ସମ୍ବଳର ସ୍ରଷ୍ଟା କୁହାଯାଏ କାହିଁକି ?**

ଉତ୍ତର i) ସମ୍ବଳ ହେଉଛି ପ୍ରକୃତିର ମୁକ୍ତଦାନ ଏବଂ ମାନବୀୟ କାର୍ଯ୍ୟକଳାପର ଏକ କ୍ରିୟାତ୍ମକ ବସ୍ତୁ। ଆର୍ଥନୈତିକ ଭୂଗୋଳରେ ମନୁଷ୍ୟକୁ ଏକ ମୁଖ୍ୟ କର୍ତ୍ତା ଭାବରେ ଗ୍ରହଣ କରାଯାଇଥାଏ।

ii) ଏହାର ଚିହ୍ନଟି କରଣ, ଉତ୍ପାଦନ, ବଣ୍ଟନ, ବ୍ୟବହାର ଓ କ୍ଷୟ ଆଦି ସମସ୍ତ ପ୍ରକ୍ରିୟା ମନୁଷ୍ୟ ଦ୍ୱାରା ସମ୍ପାଦିତ ହେଉଥିବାରୁ ମନୁଷ୍ୟକୁ ସମ୍ବଳର ସ୍ରଷ୍ଟା କୁହାଯାଏ।

**ପ୍ର ୭. ମାଲିକାନା ଦୃଷ୍ଟିରୁ ସମ୍ବଳକୁ କେତେ ଭାଗରେ ବିଭକ୍ତି କରାଯାଇଛି ? ସେଗୁଡ଼ିକ ବିଷୟରେ ସଂକ୍ଷେପରେ ସୂଚନା ପ୍ରଦାନ କର।**

ଉତ୍ତର i) ମାଲିକାନା ଅନୁସାରେ ସମ୍ବଳକୁ ଚାରି ଭାଗରେ ବିଭକ୍ତ କରାଯାଇଛି ଯଥା - ବ୍ୟକ୍ତିଗତ ସମ୍ବଳ, ଗୋଷ୍ଠୀଗତ ସମ୍ବଳ, ଜାତୀୟ ସମ୍ବଳ ଓ ଆନ୍ତର୍ଜାତୀୟ ସମ୍ବଳ।

- **ବ୍ୟକ୍ତିଗତ ସମ୍ବଳ :** ଯେଉଁ ସମ୍ବଳ ନିଜସ୍ୱ ଅଧିକାରରେ ରହିଥାଏ ତାହାକୁ ବ୍ୟକ୍ତିଗତ ସମ୍ବଳ କୁହାଯାଏ। ଉଦାହରଣ - ଚାଷଜମି, ଗୃହରୋପଣ କୃଷି ଭୂମି, ପୁଷ୍କରିଣୀ, କୂପ ଇତ୍ୟାଦି।
- **ଗୋଷ୍ଠୀଗତ ସମ୍ବଳ :** କୌଣସି ଗୋଷ୍ଠୀର ସମସ୍ତ ବ୍ୟକ୍ତିଙ୍କର ସମୂହ ମାଲିକାନାରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଗୋଷ୍ଠୀଗତ ସମ୍ବଳ କୁହାଯାଏ ଯଥା - ଗୋଚରଭୂମି, ଶ୍ମଶାନ, ପୁଷ୍କରିଣୀ, ଖେଳପଡ଼ିଆ ଇତ୍ୟାଦି।
- **ଜାତୀୟ ସମ୍ବଳ :** ଦେଶର ଭୌଗୋଳିକ ସୀମାରେଖା ମଧ୍ୟରେ ଥିବା ସମସ୍ତ ପ୍ରାକୃତିକ ସମ୍ବଳ, ସାଂସ୍କୃତିକ ସମ୍ବଳ, ମାନବ ସମ୍ବଳଇତ୍ୟାଦିକୁ ଜାତୀୟ ସମ୍ବଳ କୁହାଯାଏ। ଏହି ସମ୍ବଳ ଉପରେ ଦେଶର ସମୃଦ୍ଧି ଓ ବିକାଶ ନିର୍ଭର କରିଥାଏ। ଉଦାହରଣ - ରାସ୍ତାଘାଟ, କେନାଲ, ରେଳପଥ, ଖଣିଜ ପଦାର୍ଥ, ଜଳ, ଅରଣ୍ୟ ଓ ବନ୍ୟପ୍ରାଣୀ ଏବଂ ଉପକୂଳଠାରୁ ସମୁଦ୍ର ଆଡ଼କୁ ପ୍ରାୟ 12 ନଟିକାଲ ମାଇଲ ଦୂରତାରେ ଥିବା ଜଳଭାଗ।
- **ଆନ୍ତର୍ଜାତୀୟ ସମ୍ବଳ :** ଯେଉଁ ସମ୍ବଳ ଆନ୍ତର୍ଜାତୀୟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହୋଇଥାଏ ତାକୁ ଆନ୍ତର୍ଜାତୀୟ ସମ୍ବଳ କୁହାଯାଏ। ଉଦାହରଣ - ସମୁଦ୍ର ଉପକୂଳଠାରୁ 200 ନଟିକାଲ ମାଇଲ୍‌ର ପରବର୍ତ୍ତୀ ଅଞ୍ଚଳରେ ଥିବା ସମୁଦ୍ର। ଏହା ବିଶ୍ୱଜାତିସଂଘ କର୍ତ୍ତୃତ୍ୱରେ ନିୟନ୍ତ୍ରିତ ହୋଇଥାଏ।

**ପ୍ର ୮. ବିତରଣ ଦୃଷ୍ଟିରୁ ସମ୍ବଳର ଶ୍ରେଣୀ ବିଭାଗ କରି ସେଗୁଡ଼ିକୁ ଆଲୋଚନା କର ?**

ଉତ୍ତର ବିତରଣ ଅନୁସାରେ ସମ୍ବଳକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି ଯଥା- ସର୍ବତ୍ର ସୁଲଭ ସମ୍ବଳ ଓ ସ୍ଥାନୀୟ ସମ୍ବଳ।

- **ସର୍ବତ୍ର ସୁଲଭ ସମ୍ବଳ :** ଯେଉଁ ସମ୍ବଳଗୁଡ଼ିକ ଭୂ-ପୃଷ୍ଠରେ ସବୁଠାରେ ମିଳିଥାଏ, ସେଗୁଡ଼ିକୁ ସର୍ବତ୍ର ସୁଲଭ ସମ୍ବଳ କୁହାଯାଏ। ଯଥା, ଭୂମି, ଜଳ, ବାୟୁ ଇତ୍ୟାଦି
- **ସ୍ଥାନୀୟ ସମ୍ବଳ :** ଯେଉଁ ସମ୍ବଳଗୁଡ଼ିକ ଭୂ-ପୃଷ୍ଠର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ଭାବେ ମିଳିଥାଏ, ସେଗୁଡ଼ିକୁ ସ୍ଥାନୀୟ ସମ୍ବଳ କୁହାଯାଏ। ଯଥା - ଖଣିଜ ପଦାର୍ଥ ଇତ୍ୟାଦି।

**ପ୍ର ୯. ବିକାଶ ସ୍ତର ଅନୁସାରେ ସମ୍ବଳ କେତେପ୍ରକାର, ସେଗୁଡ଼ିକ ଆଲୋଚନା କର ?**

**ଉତ୍ତର** ବିକାଶ ସ୍ତର ଅନୁସାରେ ସମ୍ବଳ ଚାରିପ୍ରକାର ଯଥା : i) ଗଚ୍ଛିତ ସମ୍ବଳ, ii) ସମ୍ବଳ ଭଣ୍ଡାର, iii) ବିକଶିତ ସମ୍ବଳ, iv) ସଂରକ୍ଷିତ ସମ୍ବଳ

i) **ଗଚ୍ଛିତ ସମ୍ବଳ :** ଯେଉଁ ସମ୍ବଳ ପ୍ରକୃତିର ଗନ୍ତାଘରେ ଅବ୍ୟବହୃତ ଅବସ୍ଥାରେ ରହିଛି ତାକୁ ପ୍ରଚ୍ଛନ୍ନ ବା ଗଚ୍ଛିତ ସମ୍ବଳ କୁହାଯାଏ । ଉଦାହରଣ ସ୍ୱରୂପ ସମୁଦ୍ର ତଳର ଖଣିଜ ପଦାର୍ଥ, ଗୁଜୁରାଟ ଓ ରାଜସ୍ଥାନରେ ଥିବା ସୌରଶକ୍ତି ଓ ପବନ ଶକ୍ତି ଇତ୍ୟାଦି

ii) **ସମ୍ବଳ ଭଣ୍ଡାର :** ପରିବେଶରେ ଥିବା ପଦାର୍ଥ ଯେଉଁ ଗୁଡ଼ିକ ମନୁଷ୍ୟର ଆବଶ୍ୟକତା ପୂରଣ କରିପାରିବ ମାତ୍ର ଆଜିକାଲିର ଜ୍ଞାନ କୌଶଳ ଅନୁସାରେ ସେଗୁଡ଼ିକର ବ୍ୟବହାର ହୋଇ ପାରୁନାହିଁ, ଏଭଳି ପଦାର୍ଥ ସମ୍ବଳ ଭଣ୍ଡାରର ଅନ୍ତର୍ଭୂକ୍ତ ।

iii) **ବିକଶିତ ସମ୍ବଳ :** ଯାହା ବ୍ୟବହାର ଉପଯୋଗୀ କରାଯାଇପାରିଛି ତାକୁ ବିକଶିତ ସମ୍ବଳ କୁହାଯାଏ, ଯଥା – ଜଳ, ବିଦ୍ୟୁତଶକ୍ତି ଅରଣ୍ୟ ଓ ଖଣିଜ ପଦାର୍ଥ ।

iv) **ସଂରକ୍ଷିତ ସମ୍ବଳ :** ଯେଉଁ ସମ୍ବଳ ପଦାର୍ଥଗୁଡ଼ିକର ସନ୍ଧାନ ମିଳିପାରିଛି, ମାତ୍ର ବ୍ୟବହାର ଉପଯୋଗୀ ହୋଇପାରିନାହିଁ, କିନ୍ତୁ ଭବିଷ୍ୟତରେ ଉପଯୋଗୀ ହେବାର ଆଶା ଅଛି ସେଗୁଡ଼ିକୁ ସଂରକ୍ଷିତ ସମ୍ବଳ କୁହାଯାଏ । ଯଥା – ପ୍ରବାହିତ ଜଳ ଯାହା ବିଦ୍ୟୁତ ଉତ୍ପାଦନ ପାଇଁ ବ୍ୟବହାର ହୋଇପାରୁନାହିଁ ।

**ପ୍ର ୧୦. ପାର୍ଥକ୍ୟ ଦର୍ଶାଅ :**

**i) ନବୀକରଣ ଯୋଗ୍ୟ ସମ୍ବଳ ଓ ନବୀକରଣ ଅଯୋଗ୍ୟ ସମ୍ବଳ**

**ଉତ୍ତର**

- **ନବୀକରଣ ଯୋଗ୍ୟ ସମ୍ବଳ :** ଯେଉଁ ସମ୍ବଳ ମନୁଷ୍ୟ ଦ୍ୱାରା ବାରମ୍ବାର ବ୍ୟବହାର ସତ୍ତ୍ୱେ ସମ୍ପୂର୍ଣ୍ଣ କ୍ଷୟ ହୁଏନାହିଁ ଏବଂ ବିଭିନ୍ନ ଉପାୟ ଦ୍ୱାରା ସେଗୁଡ଼ିକୁ ପୁନଃଭରଣ କରାଯାଇପାରିଥାଏ, ସେଗୁଡ଼ିକୁ ନବୀକରଣ ଯୋଗ୍ୟ ସମ୍ବଳ କୁହାଯାଏ । ଜଙ୍ଗଲଜାତ ପଦାର୍ଥ, ପ୍ରାଣୀଜାତ ପଦାର୍ଥ, କୃଷିଜାତ ପଦାର୍ଥ ଇତ୍ୟାଦି ଚକ୍ରିୟ ପ୍ରକ୍ରିୟା ଦ୍ୱାରା ପୁନଃ ନବୀକରଣ ହୋଇ ବ୍ୟବହୃତ ହୋଇଥାଏ । ଜଳ, ମୃତ୍ତିକା ପ୍ରାକୃତିକ ଉପାୟରେ ଭରଣା ହୋଇଥାଏ ।
- **ନବୀକରଣ ଅଯୋଗ୍ୟ ସମ୍ବଳ :** ଯେଉଁ ସମ୍ବଳ ମନୁଷ୍ୟର ଅନବରତ ବ୍ୟବହାର ଦ୍ୱାରା ବା ଅନ୍ୟାନ୍ୟ କାରଣ ଦ୍ୱାରା ହ୍ରାସ ପାଇଲେ ଆଉ ସେଗୁଡ଼ିକର ପୁନଃଭରଣ ସମ୍ଭବ ହୋଇନଥାଏ, ସେଗୁଡ଼ିକୁ ନବୀକରଣ ଅଯୋଗ୍ୟ ସମ୍ବଳ କୁହାଯାଏ । ଯଥା – କୋଇଲା, ପେଟ୍ରୋଲିୟମ ଇତ୍ୟାଦି ।

**ii) ଅପୂରଣୀୟ ସମ୍ବଳ ଓ ପୂରଣୀୟ ସମ୍ବଳ**

**ଉତ୍ତର**

- **ଅପୂରଣୀୟ ସମ୍ବଳ :** ଯେଉଁ ସମ୍ବଳ ମନୁଷ୍ୟର ବ୍ୟବହାର ଦ୍ୱାରା ସମ୍ପୂର୍ଣ୍ଣ ଶେଷ ହୋଇଯାଏ ଏବଂ ପୁନଃ ସୃଷ୍ଟି କରାଯାଇପାରେ ନାହିଁ, ତାକୁ ଅପୂରଣୀୟ ସମ୍ବଳ କୁହାଯାଏ । ଯଥା- ଖଣିଜ ପଦାର୍ଥ, ଖଣିଜ ତୈଳ, କୋଇଲା ଇତ୍ୟାଦି ।
- **ପୂରଣୀୟ ସମ୍ବଳ :** ମନୁଷ୍ୟର ବ୍ୟବହାର ଦ୍ୱାରା ଯେଉଁ ସମ୍ବଳର ପରିମାଣରେ କୌଣସି ହ୍ରାସ ପରିଲକ୍ଷିତ ହୋଇନଥାଏ, ତାକୁ ପୂରଣୀୟ ସମ୍ବଳ କୁହାଯାଏ । ଯଥା- ସୌରଶକ୍ତି : ଭୂ-ତାପଜ ଶକ୍ତି, ଜୁଆର ଶକ୍ତି, ପବନ ଶକ୍ତି ଇତ୍ୟାଦି ।

**iii)  ଜୈବ ସମ୍ବଳ ଓ ଅଜୈବ ସମ୍ବଳ**

**ଉତ୍ତର**
- **ଜୈବ ସମ୍ବଳ :** ଏହା ଜୈବ ମଣ୍ଡଳର ଅନ୍ତର୍ଗତ ସଜୀବ ବସ୍ତୁ ଯଥା- ମନୁଷ୍ୟ, ପ୍ରାଣୀ, ଉଦ୍ଭିଦ, ଅଣୁଜୀବ, ପଶୁପକ୍ଷୀ, ମାଛ ଇତ୍ୟାଦି।
- **ଅଜୈବ ସମ୍ବଳ :** ଏଗୁଡ଼ିକ ଅଜୈବ ବା ନିର୍ଜୀବ ବସ୍ତୁ। ଯଥା- ଭୂମି, ଶିଳା, ଜଳ, ମୃତ୍ତିକା, ଖଣିଜ ପଦାର୍ଥ ଇତ୍ୟାଦି।

**iv)  ସରନ୍ତି ସମ୍ବଳ ଓ ଅସରନ୍ତି ସମ୍ବଳ**

**ଉତ୍ତର**
- **ସରନ୍ତି ସମ୍ବଳ :** ମନୁଷ୍ୟର ବ୍ୟବହାର ଦ୍ୱାରା ଯେଉଁ ସମ୍ବଳ କ୍ରମଶଃ ହ୍ରାସ ପାଇଥାଏ କିମ୍ବା ଶେଷ ହୋଇଯିବାର ଆଶଙ୍କା ଥାଏ, ତାକୁ ସରନ୍ତି ସମ୍ବଳ ବା କ୍ଷୟଶୀଳ ସମ୍ବଳ କୁହାଯାଏ। ଯଥା- ପେଟ୍ରୋଲିୟମ କୋଇଲା ବିଭିନ୍ନ ଖଣିଜ ପଦାର୍ଥ ଇତ୍ୟାଦି।
- **ଅସରନ୍ତି ସମ୍ବଳ :** ଯାହା ବାରମ୍ବାର ବ୍ୟବହାର ସତ୍ତ୍ୱେ ନିଃଶେଷ ହୁଏନାହିଁ। ସେଗୁଡ଼ିକ ଅସରନ୍ତି ସମ୍ବଳ ଯଥା- ବାୟୁ, ଜଳ ଓ ସୌରଶକ୍ତି ଇତ୍ୟାଦି।

**ପ୍ର ୧୧. ସମ୍ବଳ କାହାକୁ କୁହାଯାଏ ?**

**ଉତ୍ତର** ମନୁଷ୍ୟର ବ୍ୟକ୍ତିଗତ ତଥା ସାମାଜିକ ଆବଶ୍ୟକତା ପୂରଣ କରିବାରେ ଉପଯୋଗୀ ଓ ମୂଲ୍ୟବାନ ବିବେଚିତ ହେଉଥିବା ପରିବେଶର ବିଭିନ୍ନ ପଦାର୍ଥ ଯାହା ପ୍ରାଦ୍ୟୋଗିକ ଦୃଷ୍ଟିକୋଣରୁ ସୁଗମ୍ୟ, ଆର୍ଥନୀତିକ ଦୃଷ୍ଟିକୋଣରୁ ସମ୍ଭବ ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ଗ୍ରହଣ ଯୋଗ୍ୟ ତାକୁ ସମ୍ବଳ କୁହାଯାଏ।

**ପ୍ର ୧୨. ସମ୍ବଳର ବିକାଶ ତଥା ଉପଯୁକ୍ତ ପରିଚାଳନା କିପରି ସମ୍ଭବ ଉଲ୍ଲେଖ କର ?**

**ଉତ୍ତର**
- ସମ୍ବଳର ପରିମାଣ ତଥା ଗୁଣବତ୍ତାର ସଠିକ୍ ମୂଲ୍ୟାୟନ ଆବଶ୍ୟକ।
- ଉଭୟ କ୍ଷୟଶୀଳ ତଥା ଭରଣ ଯୋଗ୍ୟ ସମ୍ବଳର ବୈଜ୍ଞାନିକ ପଦ୍ଧତିରେ ସଯତ୍ନ ଉପଯୋଗ କରାଯିବା ଉଚିତ।
- ସମ୍ବଳର ଉତ୍ପାଦିକା ବୃଦ୍ଧି ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।
- ବ୍ୟବହାର ଅଯୋଗ୍ୟ ସମ୍ବଳକୁ ନଷ୍ଟ ନ କରି ସେଗୁଡ଼ିକୁ ନୂତନ ଜ୍ଞାନ କୌଶଳ ଦ୍ୱାରା ପୁନଃ ବ୍ୟବହାର ଯୋଗ୍ୟ କରିବା।
- ଦୁର୍ଲଭ ସମ୍ବଳର ଉପଲବ୍ଧତା ନିଶ୍ଚୟ କରିବା ଏକାନ୍ତ ଜରୁରୀ।
- ସମ୍ବଳ ଆବଶ୍ୟକତା ବୃଦ୍ଧି ପାଉଥିବାରୁ ଅଧିକରୁ ଅଧିକ ଭରଣଯୋଗ୍ୟ ବିକଳ୍ପ ସମ୍ବଳର ଉଦ୍‌ଭାବନ ଓ ବ୍ୟବହାର ଆବଶ୍ୟକ ହୋଇ ପଡ଼ିଛି।
- ସମ୍ବଳର ବହୁମୁଖୀ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବା ଦରକାର।
- ସବୁ ଅଞ୍ଚଳରେ ସମ୍ବଳର ବିକାଶ ତଥା ନବୀକରଣ ସମଭାବରେ ହେବା ଆବଶ୍ୟକ।
- ଜନ ସଚେତନତା ଓ ସମ୍ବଳ ସଂରକ୍ଷଣ ପାଇଁ ଉପଯୁକ୍ତ ବିଧିବିଧାନର ଆବଶ୍ୟକତା ରହିଛି।

**ପ୍ର ୧୩. ସମ୍ବଳ ସଂରକ୍ଷଣର ମୌଳିକ ଉଦ୍ଦେଶ୍ୟ କ'ଣ ?**

**ଉତ୍ତର**
- ଜୀବନ ଧାରଣ ପାଇଁ ଅପରିହାର୍ଯ୍ୟ ପରିବେଶର ସୁରକ୍ଷା।
- ପରିସଂସ୍ଥାକୁ ବିନିଯୋଗ କରିବା ସତ୍ତ୍ୱେ ପରିସଂସ୍ଥାର ଅନ୍ତର୍ନିହିତ କ୍ଷମତାକୁ ଅକ୍ଷୁଣ୍ଣ ରଖିବା।
- ଜୈବ ବିବିଧତାକୁ ସୁରକ୍ଷିତ ରଖିବା।

**ପ୍ର ୧୪. ଆନ୍ତର୍ଜାତିକ ସଂସ୍ଥା ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ କିପରି ଦୃଷ୍ଟି ଦେଉଛି ଉଲ୍ଲେଖ କର।**

**ଉତ୍ତର** ବନ୍ୟପ୍ରାଣୀ ସଂରକ୍ଷଣ ଯୋଜନା ମାଧ୍ୟମରେ ଆନ୍ତର୍ଜାତିକ ସଂସ୍ଥା ପାଞ୍ଚଗୋଟି ଜାତିର ସଂଖ୍ୟା ପ୍ରତି ଦୃଷ୍ଟି ଦେଉଛି । ସେଗୁଡ଼ିକ ହେଲା (i) ବିଲୁପ୍ତି ବା ନିଶ୍ଚିହ୍ନ ଜାତି (Extinct species), (ii) ବିପଦଶଙ୍କୁଳ ଜାତି (Endangered species), (iii) ଅସୁରକ୍ଷିତ ଜାତି (Vulnerable species), (iv) ଦୁର୍ଲ୍ଲଭ ଜାତି (Rare species), (v) ଅଜଣା ଜାତି (Insufficiently known species)

**ପ୍ର ୧୫. ସମ୍ବଳ ଯୋଜନାର ଲକ୍ଷ୍ୟ ହାସଲ କରିବା ପାଇଁ ସ୍ୱାଧୀନତା ପରଠାରୁ ଭାରତରେ ନିଆଯାଇଥିବା ପଦକ୍ଷେପମାନ ଉଲ୍ଲେଖ କର।**

**ଉତ୍ତର**
- ଭାରତ ଜାତି ସଂଘର ଏକ ସଦସ୍ୟ ଦେଶ ଭାବରେ ଏହାର ନୀତିକୁ ଗ୍ରହଣ କରି ପ୍ରାକୃତିକ ସମ୍ବଳର ସଂରକ୍ଷଣ ପାଇଁ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରିଆସୁଛି।
- ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା ମାଧ୍ୟମରେ ଏହି ସଂସ୍ଥା ପାଞ୍ଚଗୋଟି ଜାତିର ସଂଖ୍ୟା ପ୍ରତି ଦୃଷ୍ଟି ଦେଉଛି । ସେଗୁଡ଼ିକ ହେଲା- (i) ବିଲୁପ୍ତି ବା ନିଶ୍ଚିହ୍ନ ଜାତି, (ii) ବିପଦଶଙ୍କୁଳ ଜାତି, (iii) ଅସୁରକ୍ଷିତ ଜାତି, (iv) ଦୁର୍ଲଭ ଜାତି, (v) ଅଜଣା ଜାତି।
- ଅରଣ୍ୟର ସୁରକ୍ଷା ପାଇଁ ଜୈବ ବିବିଧତାର ସଂରକ୍ଷଣ ଉପରେ ଅଧିକ ଦୃଷ୍ଟି ଦିଆଯାଉଛି।
- ଅରଣ୍ୟ କ୍ଷୟ ରୋକିବାକୁ ଜଙ୍ଗଲ ସୁରକ୍ଷା ଆଇନ ପ୍ରଣୟନ କରାଯାଇଛି।

**ପ୍ର ୧୬. କେଉଁ ଦିଗୁଡ଼ିକ ପ୍ରତି ଧ୍ୟାନ ଦେଲେ ସମ୍ବଳର ବିକାଶ ତଥା ଉପଯୁକ୍ତ ପରିଚାଳନା ହୋଇପାରିବ ?**

**ଉତ୍ତର**
- ସମ୍ବଳର ଅସମାନ ବଣ୍ଟନ ହେତୁ ଏହାର ସୁସଂହତ ବିନିଯୋଗ ଦ୍ୱାରା ସାମାଜିକ ଭାରସାମ୍ୟ ରକ୍ଷା କରାଯାଇପାରିବ।
- ସମ୍ବଳର ଉତ୍ପାଦିକା ବୃଦ୍ଧି ପାଇଁ ପଦକ୍ଷେପ ନେବା।
- ଦେଶ ବା ଅଞ୍ଚଳର ଉପଲବ୍ଧ ସମସ୍ତ ପ୍ରକାର ସମ୍ବଳର ପରିମାଣ ତଥା ଗୁଣବତ୍ତାର ସଠିକ୍ ମୂଲ୍ୟାୟନ କରିବା।
- ଦୁର୍ଲଭ ସମ୍ବଳଗୁଡ଼ିକ ପରିବର୍ତ୍ତେ ଏଗୁଡ଼ିକର ବିକଳ୍ପ ସମ୍ବଳ ଉଦ୍ଭାବନା କରାଯିବା।

**ପ୍ର ୧୭. ପରିମାଣ ଅନୁସାରେ ସମ୍ବଳର ବର୍ଗୀକରଣ କରି ସେଗୁଡ଼ିକ ଆଲୋଚନା କର।**

**ଉତ୍ତର** ପରିମାଣ ଅନୁସାରେ ସମ୍ବଳକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଯଥା : (i) ଅପୂରଣୀୟ ସମ୍ବଳ ଓ (ii) ଅବିରାମ ସମ୍ବଳ

(i) **ଅପୂରଣୀୟ ସମ୍ବଳ :** ମନୁଷ୍ୟର ବ୍ୟବହାର ଦ୍ୱାରା ସମ୍ପୂର୍ଣ୍ଣ ଶେଷ ହୋଇଯାଉଥିବା ଏବଂ ପୁନଃ ସୃଷ୍ଟି କରାଯାଇପାରୁଥିବା ସମ୍ବଳକୁ ଅପୂରଣୀୟ ସମ୍ବଳ କୁହାଯାଏ। ଉଦାହରଣ – ଖଣିଜ ପଦାର୍ଥ, କୋଇଲା ଇତ୍ୟାଦି।

(ii) **ଅବିରାମ ସମ୍ବଳ :** ମନୁଷ୍ୟର ବ୍ୟବହାରଦ୍ୱାରା ଯେଉଁ ସମ୍ବଳର ପରିମାଣରେ କୌଣସି ହ୍ରାସ ପରିଲକ୍ଷିତ ହୋଇନଥାଏ। ତାହାକୁ ଅବିରାମ ବା ପୂରଣୀୟ ସମ୍ବଳ କୁହାଯାଏ। ଯଥା – ସୌର ଶକ୍ତି, ପ୍ରବନ ଶକ୍ତି, ଜୁଆର ଶକ୍ତି ଇତ୍ୟାଦି।

**ପ୍ର ୧୮. ନବୀକରଣ ଅଯୋଗ୍ୟ ସମ୍ବଳ ସମ୍ପର୍କରେ ଆଲୋଚନା କର।**

ଉତ୍ତର
- ମନୁଷ୍ୟର ଅନବରତ ବ୍ୟବହାର ଦ୍ୱାରା ହ୍ରାସ ପାଇଲେ ବା ନଷ୍ଟ ହୋଇଗଲେ ଆଉ ସେଗୁଡ଼ିକର ପୁନଃଭରଣ ଅସମ୍ଭବ ହୋଇଥାଏ।
- ଏହାର ଉଦାହରଣ ହେଲା କୋଇଲା ଓ ପେଟ୍ରୋଲିୟମ ଇତ୍ୟାଦି।
- ଅଦରକାରୀ ଧାତବ ପଦାର୍ଥଗୁଡ଼ିକୁ ବିଭିନ୍ନ ଯାନ୍ତ୍ରିକ ପଦ୍ଧତିରେ ପୁନଃଚକ୍ରଣ ପ୍ରକ୍ରିୟାଦ୍ୱାରା ଆଉଥରେ ବ୍ୟବହାର ଉପଯୋଗୀ କରାଯାଇଥାଏ। ଉଦାହରଣ - ଭୂମି, ମୃତ୍ତିକା, ଲୁହା, ଆଲୁମିନିୟମ ଓ ତମ୍ବା ଇତ୍ୟାଦି।
- ନବୀକରଣ ଅଯୋଗ୍ୟ ସମ୍ବଳଗୁଡ଼ିକ ପୁନରୁଦ୍ଧାର କରାଯାଇ ପାରୁନଥିବାରୁ ସେଗୁଡ଼ିକୁ ପୁନରୁଦ୍ଧାର ଅଯୋଗ୍ୟ ସମ୍ବଳ କୁହାଯାଏ। ଯଥା : କୋଇଲା, ପେଟ୍ରୋଲିୟମ ଇତ୍ୟାଦି।

**ପ୍ର ୧୯. ଜାତୀୟ ସମ୍ବଳ ସମ୍ପର୍କରେ ଏକ ବିବରଣୀ ପ୍ରଦାନ କର।**

ଉତ୍ତର
- ଦେଶର ଭୌଗୋଳିକ ସୀମାରେଖା ମଧ୍ୟରେ ଥିବା ସମସ୍ତ ପ୍ରାକୃତିକ, ସାଂସ୍କୃତିକ, ମାନବ ସମ୍ବଳ ଇତ୍ୟାଦିକୁ ଜାତୀୟ ସମ୍ବଳ କୁହାଯାଏ।
- ଜାତୀୟ ସମ୍ବଳ ଉପରେ ଦେଶର ସମୃଦ୍ଧି ଓ ବିକାଶ ନିର୍ଭର କରିଥାଏ।
- ରାସ୍ତାଘାଟ, କେନାଲ, ରେଳପଥ, ଖଣିଜପଦାର୍ଥ, ଜଳ, ଅରଣ୍ୟ, ବନ୍ୟପ୍ରାଣୀ ଇତ୍ୟାଦି ଏହି ସମ୍ବଳର ଉଦାହରଣ।
- ସମୁଦ୍ର ଓ ସାଗର ଅଞ୍ଚଳରେ ଏହି ସମ୍ବଳର ବିସ୍ତୃତି ଉପକୂଳ ଠାରୁ ଜଳଭାଗଆଡ଼କୁ ପ୍ରାୟ 12 ନଟିକାଲ ମାଇଲ ଦୂରତା ପର୍ଯ୍ୟନ୍ତ ବିସ୍ତୃତ ହୋଇଥାଏ।

**ପ୍ର ୨୦. ସଂକ୍ଷେପରେ ଉତ୍ତର ଦିଅ**

**(i) ସମ୍ବଳର ବିକାଶ ମନୁଷ୍ୟର ଜୀବନଶୈଳୀକୁ କିପରି ପ୍ରଭାବିତ କରିଥାଏ ?**

ଉତ୍ତର
- ମନୁଷ୍ୟ ପ୍ରାକୃତିକ ପରିବେଶର ବିଭିନ୍ନ ସମ୍ବଳ ଉପରେ ନିର୍ଭର କରି ଜୀବନ ଧାରଣ କରିଥାଏ।
- ବିଭିନ୍ନ ପ୍ରାକୃତିକ ବସ୍ତୁକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ବିନିଯୋଗ କରି ମନୁଷ୍ୟ ନିଜର ଆବଶ୍ୟକତା ପୂରଣ କରିଥାଏ।
- ଏହି ବସ୍ତୁଗୁଡ଼ିକୁ ପ୍ରାକୃତିକ ବା ଭୌତିକ ଗୁଣରେ ପରିବର୍ତ୍ତନ କରି ତାର ଜୀବନଶୈଳୀକୁ ଉନ୍ନତ କରିଥାଏ।

**(ii) ସମ୍ବଳର ରୂପାନ୍ତରଣ ପ୍ରକ୍ରିୟା କ'ଣ ବୁଝାଏ ?**

ଉତ୍ତର
- ପରିବେଶରୁ ମିଳୁଥିବା ସାମଗ୍ରୀଗୁଡ଼ିକ ଅପେକ୍ଷା ସେଥିରୁ ଉତ୍ପାଦିତ ଉତ୍ପାଦଗୁଡ଼ିକ ଅଧିକ ମୂଲ୍ୟବାନ ହୋଇଥାଏ।
- କେତେକ ସମ୍ବଳ ସିଧାସଳଖ ବ୍ୟବହାର କରାଯାଉଥିବାବେଳେ ଅନ୍ୟ କେତେକ ସମ୍ବଳକୁ ବିଭିନ୍ନ ଉପାୟରେ ରୂପାନ୍ତରିତ କରି ବ୍ୟବହାର ଉପଯୋଗୀ କରାଯାଇଥାଏ।
- ଏହି ରୂପାନ୍ତରଣ ପ୍ରକ୍ରିୟା ପ୍ରାକୃତିକ ପରିବେଶରେ ପ୍ରକୃତି, ମନୁଷ୍ୟ, ପ୍ରାଦ୍ୟୋଗ ଓ ଅନୁଷ୍ଠାନ ମଧ୍ୟରେ ଥିବା ପରସ୍ପର ନିର୍ଭରଶୀଳତା ଉପରେ ନିର୍ଭର କରିଥାଏ।

**(iii) ସମ୍ବଳର ନିର୍ବିକାର ବ୍ୟବହାର କରିବା ଫଳରେ କେଉଁ ସମସ୍ୟାମାନ ସୃଷ୍ଟି ହେଉଛି ଲେଖ ?**

ଉତ୍ତର
- କେତେକ ବ୍ୟକ୍ତିଙ୍କର ଅତ୍ୟଧିକ ଲୋଭ ଯୋଗୁଁ ମୂଲ୍ୟବାନ ସମ୍ବଳର ହ୍ରାସ ପାଉଛି ।
- ଅଳ୍ପ ସଂଖ୍ୟକ ଲୋକଙ୍କ ପାଖରେ ସମ୍ବଳ ଜମା ହୋଇ ରହିବା ଫଳରେ ସେମାନେ କେବଳ ଧନୀ ହୋଇପାରୁଛନ୍ତି ।

  ନିର୍ବିକାର ସମ୍ବଳ ଉତ୍ତୋଳନ ଫଳରେ ପାରିସ୍ଥିତିକ ସମସ୍ୟା, ଯଥା : ଭୂତପ୍ତୀକରଣ, ଓଜୋନ ସ୍ତର ହ୍ରାସ, ପରିବେଶ ପ୍ରଦୂଷଣ, ଭୂକ୍ଷୟ ଇତ୍ୟାଦି ସମସ୍ୟାମାନ ସୃଷ୍ଟି ହୋଇଛି ।

**(iv) ମନୁଷ୍ୟ ସମ୍ବଳକୁ ଅନବରତ ଶୋଷଣ କରିବାର ମୁଖ୍ୟ କାରଣଗୁଡ଼ିକର ସୂଚନା ଦିଅ ।**

ଉତ୍ତର
- ମନୁଷ୍ୟ ବିଭିନ୍ନ କାରିଗରୀ କୌଶଳ ଅବଲମ୍ବନ କରି ଅଧିକରୁ ଅଧିକ ସମ୍ବଳ ବ୍ୟବହାର କରୁଛି ।
- ସଚେତନ ହୀନତା ଯୋଗୁଁ ତ୍ରୁଟିପୂର୍ଣ୍ଣଭାବେ ପ୍ରାକୃତିକ ସମ୍ବଳଗୁଡ଼ିକର ବ୍ୟବହାର ହେଉଅଛି ।
- ଜନସଂଖ୍ୟା ବୃଦ୍ଧି ଯୋଗୁ ଆବଶ୍ୟକତା ପୂରଣ ପାଇଁ ସମ୍ବଳର ଚାହିଦା ବୃଦ୍ଧି ପାଉଛି ।

**(v) ପ୍ରାକୃତିକ ସମ୍ବଳର ବ୍ୟବହାର କରିବାରେ ମିତବ୍ୟୟିତା ଅବଲମ୍ବନ କରିବା ଜରୁରୀ କାହିଁକି ?**

ଉତ୍ତର
- ସମ୍ବଳର ଅତ୍ୟଧିକ ଓ ଅନୁଚିତ ବ୍ୟବହାର ମନୁଷ୍ୟ ସମାଜ ପାଇଁ ବିପଦ ସୃଷ୍ଟି କରିବ । ନବୀକରଣ ଅଯୋଗ୍ୟ ପ୍ରାକୃତିକ ସମ୍ବଳ ଦିନେ ନା ଦିନେ ଧରାପୃଷ୍ଠରୁ ଶେଷ ହୋଇଯିବ । ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ ଆବଶ୍ୟକ । ତେଣୁ ପ୍ରାକୃତିକ ସମ୍ବଳର ବ୍ୟବହାର କରିବାରେ ମିତବ୍ୟୟିତା ଅବଲମ୍ବନ ଜରୁରୀ ହୋଇଛି ।

**(vi) ବିକଳ୍ପ ଶକ୍ତି ସମ୍ବଳର ସୁଯୋଗ ସୃଷ୍ଟି କରିବା କାହିଁକି ଆବଶ୍ୟକ ?**

ଉତ୍ତର
- କୋଇଲା ଓ ଖଣିଜତୈଳ ଅବିରତ ବ୍ୟବହୃତ ହେଲେ ଖୁବ୍ ଶୀଘ୍ର ଶେଷ ହୋଇଯିବ । ତେଣୁ ଶକ୍ତିର ବିକଳ୍ପ ଉତ୍ସ ଭାବରେ ସୌରଶକ୍ତି, ପବନ ଶକ୍ତି, ଜୈବ ଗ୍ୟାସ୍ ଇତ୍ୟାଦିର ବ୍ୟବହାର ପ୍ରତି ପ୍ରୋତ୍ସାହନ ଓ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ।

**(vii) ସମ୍ବଳଭଣ୍ଡାର କାହାକୁ କୁହାଯାଏ ?**

ଉତ୍ତର
- ପରିବେଶରେ ଥିବା ପଦାର୍ଥ ଯେଉଁଗୁଡ଼ିକ ମନୁଷ୍ୟର ଆବଶ୍ୟକତା ପୂରଣ କରିପାରିବ; ମାତ୍ର ଆଜିର ଜ୍ଞାନକୌଶଳ ଅନୁସାରେ ସେଗୁଡ଼ିକର ବ୍ୟବହାର ହୋଇପାରୁନାହିଁ, ଏଭଳି ପଦର୍ଥ ସମ୍ବଳ ଭଣ୍ଡାରର ଅନ୍ତର୍ଭୁକ୍ତ ।

---x---

# ଭୂସମ୍ବଳ

## ବହୁବିକଳ୍ପ ପ୍ରଶ୍ନ

୧. ଭାରତର ସମୁଦାୟ ଭୂ-ଭାଗର ପ୍ରାୟ କେତେ ଶତକଡ଼ା ଭାଗ ଭୂମିରେ କୃଷିକାର୍ଯ୍ୟ କରାଯାଇଥାଏ ?

(କ) 42 (ଖ) 55

(ଗ) 60 (ଘ) 65

୨. କୃଷି ଅଲଭ୍ୟ ଭୂମିର ବ୍ୟବହାର କେଉଁ ରାଜ୍ୟରେ ସର୍ବାଧିକ ମାତ୍ରାରେ ହୋଇଥାଏ ?

(କ) ଓଡ଼ିଶା (ଖ) ମଧ୍ୟପ୍ରଦେଶ

(ଗ) ଝାଡ଼ଖଣ୍ଡ (ଘ) ପଶ୍ଚିମବଙ୍ଗ

୩. ଭାରତର ସମୁଦାୟ ଭୂମିର ଶତକଡ଼ା କେତେ ଭାଗ ଅଞ୍ଚଳରେ ଅରଣ୍ୟ ଭୂମି ରହିଛି ?

(କ) 24.39 (ଖ) 33

(ଗ) 35 (ଘ) 40

୪. ଭାରତର ମୋଟ ଭୂ-ଭାଗର ଶତକଡ଼ା କେତେ ଭାଗ ହେଉଛି ସମତଳ ଭୂମି ?

(କ) 29 (ଖ) 43

(ଗ) 50 (ଘ) 71

୫. ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ପଡ଼ିଆ ପଡ଼ିଥିବା ଜମିକୁ କ'ଣ କୁହାଯାଏ ?

(କ) ପୁରୁଣା ପତିତ ଭୂମି

(ଖ) ସ୍ଥାୟୀ ଗୋଚର ଓ ଚାରଣ ଭୂମି

(ଗ) କୃଷିଯୋଗ୍ୟ ଅବ୍ୟବହୃତ ଭୂମି

(ଘ) କୃଷି ଅଲଭ୍ୟ ଭୂମି

୬. ଚଳନ୍ତି କୃଷି ବର୍ଷ ବା ତା'ଠାରୁ କମ୍ ସମୟ ଧରି କୃଷି କାର୍ଯ୍ୟ କରାଯାଉ ନ ଥିବା ଭୂମିକୁ କ'ଣ କୁହାଯାଏ ?

(କ) ସ୍ଥାୟୀ ଗୋଚର

(ଖ) କୃଷି ଭୂମି

(ଗ) ଚଳନ୍ତି ପତିତ ଭୂମି

(ଘ) ପୁରୁଣା ପତିତ ଭୂମି

୭. ପାଞ୍ଚ ବର୍ଷରୁ କମ୍ ଏବଂ ଏକ ବର୍ଷରୁ ଅଧିକ ଥିବା ପଡ଼ିଆ ଭୂମିକୁ କ'ଣ କୁହାଯାଏ ?

(କ) ସ୍ଥାୟୀ ଗୋଚର ଭୂମି

(ଖ) କୃଷି ଅଲଭ୍ୟ ଭୂମି

(ଗ) ପୁରୁଣା ପତିତ ଭୂମି

(ଘ) ଚଳନ୍ତି ପତିତ ଭୂମି

୮. ଭାରତର ଆୟତନ ପୃଥିବୀର କେତେ ଶତାଂଶ ?

(କ) 2 (ଖ) 2.4

(ଗ) 2.8 (ଘ) 3.2

୯. ଦେଶର ଆୟତନ ଅନୁସାରେ ସବୁଠାରୁ କମ୍ ଭାଗରେ କି ପ୍ରକାର ଭୂମି ଦେଖାଯାଏ ?

(କ) ଚାରଣ ଓ ଗୋଚର ଭୂମି

(ଖ) ଅରଣ୍ୟ ଭୂମି

(ଗ) କୃଷି ଭୂମି

(ଘ) ଜନବସତି ପାଇଁ ବ୍ୟବହୃତ ଭୂମି

**୧୦. ନିମ୍ନୋକ୍ତ କେଉଁ ଧରଣର ଭୂମିରେ କୃଷିକାର୍ଯ୍ୟ କରାଯାଇପାରିବ ?**

(କ) ପତିତ ଓ ଅବ୍ୟବହୃତ

(ଖ) ଅଣକୃଷି

(ଗ) ଗୋଚର ଓ ଚାରଣ

(ଘ) କୃଷିଯୋଗ୍ୟ ପତିତ

**୧୧. ନିମ୍ନୋକ୍ତ ରାଜ୍ୟଗୁଡ଼ିକ ମଧ୍ୟରୁ କେଉଁଟିରେ ପ୍ରତିଶତ ହିସାବରେ ଅରଣ୍ୟଭୂମି ସବୁଠାରୁ କମ୍ ?**

(କ) ହିମାଚଳପ୍ରଦେଶ (ଖ) ଉତ୍ତରପ୍ରଦେଶ

(ଗ) ମଧ୍ୟପ୍ରଦେଶ (ଘ) ଅରୁଣାଚଳପ୍ରଦେଶ

**୧୨. ଭାରତର କେଉଁ ରାଜ୍ୟରେ ସର୍ବାଧିକ ଚାରଣ ଭୂମି ଦେଖାଯାଏ ?**

(କ) ପଞ୍ଜାବ (ଖ) ଉତ୍ତରପ୍ରଦେଶ

(ଗ) ହିମାଚଳପ୍ରଦେଶ (ଘ) ବିହାର

**୧୩. କେଉଁ ରାଜ୍ୟର ସ୍ଥାନାନ୍ତରୀତ କୃଷିକୁ ଝୁମ କୁହାଯାଏ ?**

(କ) ଆସାମ (ଖ) ଓଡ଼ିଶା

(ଗ) ଆନ୍ଧ୍ରପ୍ରଦେଶ (ଘ) କେରଳ

**୧୪. ଆୟତନ ଅନୁସାରେ ଭାରତର ସ୍ଥାନ ପୃଥିବୀରେ କେତେ ?**

(କ) ଦ୍ୱିତୀୟ (ଖ) ଚତୁର୍ଥ

(ଗ) ଷଷ୍ଠ (ଘ) ସପ୍ତମ

**୧୫. କେତେ ଡିଗ୍ରୀ ସମାକ୍ଷରେଖାର ଦକ୍ଷିଣକୁ ଭାରତ ଏକ ଉପଦ୍ୱୀପ ଭାବରେ ଭାରତ ମହାସାଗରଆଡ଼କୁ ବିସ୍ତୃତ ?**

(କ) 20 ଡିଗ୍ରୀ (ଖ) 22 ଡିଗ୍ରୀ

(ଗ) $23^1/_2$ ଡିଗ୍ରୀ (ଘ) 25 ଡିଗ୍ରୀ

**୧୬. ଭାରତର ମୋଟ ଭୂଭାଗର ଶତକଡ଼ା କେତେ ଭାଗ ପାର୍ବତ୍ୟଭୂମି ଅଟେ ?**

(କ) 25 (ଖ) 27

(ଗ) 30 (ଘ) 43

**୧୭. ଭାରତର ମୋଟ ଭୂଭାଗର ଶତକଡ଼ା କେତେ ଭାଗ ହେଉଛି ମାଳଭୂମି ?**

(କ) 27 (ଖ) 30

(ଗ) 43 (ଘ) 51

**୧୮. ବନମହୋତ୍ସବ ପ୍ରତିବର୍ଷ କେଉଁ ମାସରେ ପାଳିତ ହୋଇଥାଏ ?**

(କ) ମାର୍ଚ୍ଚ (ଖ) ଜୁଲାଇ

(ଗ) ସେପ୍ଟେମ୍ବର (ଘ) ଡିସେମ୍ବର

**୧୯. କେଉଁ ରାଜ୍ୟର ଲାଭାଜନିତ ମାଳଭୂମିରେ ମଧ୍ୟ କୃଷି କାର୍ଯ୍ୟ କରାଯାଏ ?**

(କ) ତାମିଲନାଡୁ (ଖ) ପଞ୍ଜାବ

(ଗ) ଆନ୍ଧ୍ରପ୍ରଦେଶ (ଘ) ମହାରାଷ୍ଟ୍ର

**୨୦. ଜାତୀୟ ଅରଣ୍ୟ ନୀତି ଅନୁସାରେ ଦେଶର ସମୁଦାୟ ଆତୟନର ଶତକଡ଼ା କେତେ ଭାଗ ଭୂମି ଅରଣ୍ୟ ପାଇଁ ସଂରକ୍ଷିତ ରହିବା ଆବଶ୍ୟକ ?**

(କ) 11 (ଖ) 22

(ଗ) 33 (ଘ) 44

**୨୧. ନିମ୍ନୋକ୍ତ କେଉଁଟି ବିଭିନ୍ନ ସମ୍ବଳର ଗନ୍ତାଘର ?**

(କ) ମାଳଭୂମି (ଖ) ସମତଳଭୂମି

(ଗ) ସମୁଦ୍ର (ଘ) ପର୍ବତ

**୨୨. କେଉଁ ପ୍ରକାର ଭୂମି ଖଣି, କେନାଲ, ଯାତାୟତ ପଥ ଓ ଜନବସତି ପାଇଁ ବ୍ୟବହାର କରାଯାଏ ?**

(କ) କୃଷି (ଖ) ଗୋଚର

(ଗ) କୃଷି ଅଲଭ୍ୟ (ଘ) ଅରଣ୍ୟ

**୨୩. ଉଚ୍ଚାବଚ ଦୃଷ୍ଟିରୁ ସମୁଦ୍ର ପତ୍ତନଠାରୁ ସ୍ଥଳଭାଗର ଉଚ୍ଚତା ଅନୁସାରେ ଭୂ-ଭାଗକୁ କେତେଗୋଟି ଭାଗରେ ବିଭକ୍ତ କରାଯାଇଅଛି ?**

(କ) 2 (ଖ) 3

(ଗ) 4 (ଘ) 5

**୨୪. ହିମାଳୟର କେଉଁ ଅଞ୍ଚଳରେ ଅରଣ୍ୟ ସଫା କରି ଦେଶର ବିଭାଜନ ଯୋଗୁଁ ବିତାଡ଼ିତ ଲୋକମାନଙ୍କ ପୁନର୍ବାସ ନିମିତ୍ତ ବ୍ୟବହୃତ ହୋଇଛି ?**

(କ) ସୋଲାଶ (ଖ) ତରାଇ

(ଗ) ସିୱାଲିକ୍ (ଘ) ହିମାଚଳ

**୨୫. ଭାରତରେ ହ୍ରାସ ପାଉଥିବା କ୍ଷୟିତ ଭୂମିର ପରିମାଣ କେତେ ନିୟୁତ ହେକ୍ଟର ?**

(କ) 110 (ଖ) 120

(ଗ) 130 (ଘ) 170

**୨୬. ଆମ ମୌଳିକ ଆବଶ୍ୟକତାର ପ୍ରାୟ ଶତକଡ଼ା କେତେ ଭାଗ ଭୂମିରୁ ମିଳିଥାଏ ?**

(କ) 85 (ଖ) 90

(ଗ) 92 (ଘ) 95

**୨୭. ଗ୍ରାମ ଓ ସହରଗୁଡ଼ିକର ଅନୁପଯୋଗୀ ଭୂମିରେ ଗଛ ଲଗାଇ କୃତ୍ରିମ ଅରଣ୍ୟ ସୃଷ୍ଟି କରାଯିବାକୁ କ'ଣ କୁହାଯାଏ ?**

(କ) ପୁନଃ ବନୀକରଣ

(ଖ) ବନୀକରଣ

(ଗ) ସାମାଜିକ ବନୀକରଣ

(ଘ) କ୍ଷେତ୍ରୀୟ ବନୀକରଣ

**୨୮. ଏକ ମୌଳିକ ପ୍ରାକୃତିକ ସମ୍ବଳ ଓ ପ୍ରକୃତିର ଏକ ଅମୂଲ୍ୟ ଦାନ ଭାବରେ କେଉଁଟିକୁ ବିଚାର କରାଯାଇଥାଏ ?**

(କ) ଭୂମି (ଖ) ବାୟୁ

(ଗ) ସୌରଶକ୍ତି (ଘ) ଜଳ

**୨୯. ଭାରତର ମୂଳ ଭୂଖଣ୍ଡର ଦକ୍ଷିଣତମ ସ୍ଥାନ କେଉଁଟି ?**

(କ) ଇନ୍ଦିରାପଏଣ୍ଟ (ଖ) କନ୍ୟାକୁମାରୀ

(ଗ) କୋଚି (ଘ) ଏନ୍ନୋର

**୩୦. ସମୁଦାୟ ଭାରତର ଦକ୍ଷିଣତମ ସ୍ଥାନ କେଉଁଟି ?**

(କ) ପୋର୍ଟବ୍ଲେୟାର (ଖ) କୋଚି

(ଗ) କନ୍ୟାକୁମାରୀ (ଘ) ଇନ୍ଦିରାପଏଣ୍ଟ

**୩୧. ଅନାବାଦୀ ଭୂମି ନ ଥିବା ରାଜ୍ୟ ଭାରତର କେଉଁଟି ?**

(କ) କେରଳ (ଖ) ମେଘାଳୟ

(ଗ) ପଞ୍ଜାବ (ଘ) ବିହାର

**୩୨. ଫଳ ବଗିଚା ପାଇଁ ବ୍ୟବହୃତ ଜମି ନିମ୍ନୋକ୍ତ କେଉଁ ଶ୍ରେଣୀର ଭୂମି ?**

(କ) ଅବ୍ୟବହୃତ (ଖ) ଅଣକୃଷି

(ଗ) ପତିତ (ଘ) ଶସ୍ୟ

**୩୩. ଭାରତରେ ପ୍ରତ୍ୟେକ ବ୍ୟକ୍ତିର ବ୍ୟବହାର ନିମନ୍ତେ ରହିଥିବା ହାରାହାରି ଭୂମିର ପରିମାଣ କେତେ ହେକ୍ଟର ?**

(କ) 0.24 (ଖ) 0.28

(ଗ) 0.48 (ଘ) 0.62

**୩୪. ଭାରତର ଭୂ-ସମ୍ବଳ ଅତ୍ୟନ୍ତ ଉପଯୋଗୀ ହୋଇଥିବାର ଭୌଗୋଳିକ କାରଣ କ'ଣ ?**

(କ) ଜଳବାୟୁ (ଖ) କ୍ରାନ୍ତୀୟ ଅବସ୍ଥିତି

(ଗ) ତାପମାତ୍ରା (ଘ) ବାୟୁଚାପ

**୩୫. ଲାଭାଜନିତ ମାଳଭୂମିରେ କୃଷିକାର୍ଯ୍ୟ କରାଯାଉଥିବା ରାଜ୍ୟ ସମୂହ କେଉଁଟି ?**

(କ) ମହାରାଷ୍ଟ୍ର ଓ ଗୁଜୁରାଟ

(ଖ) ଓଡ଼ିଶା ଓ ଛତିଶଗଡ଼

(ଗ) ଗୋଆ ଓ କେରଳ

(ଘ) ହିମାଚଳପ୍ରଦେଶ ଓ ରାଜସ୍ଥାନ

**୩୬. ଭାରତରେ ଜଳଦ୍ୱାରା ଓ ମନୁଷ୍ୟକୃତ କ୍ଷୟିତ ହେଉଥିବା ଭୂମିର ପରିମାଣ କେତେ ପ୍ରତିଶତ ?**

(କ) 32 (ଖ) 56

(ଗ) 62 (ଘ) 70

**୩୭. ଭୂ-ବ୍ୟବହାରରେ ସର୍ବାଧିକ ଆଞ୍ଚଳିକ ବିସ୍ତୃତିଭୂମି କେଉଁଟି ?**

(କ) ଅରଣ୍ୟ ଭୂମି (ଖ) ପାର୍ବତ୍ୟ ଭୂମି

(ଗ) ଚରଣ ଭୂମି (ଘ) କୃଷି ଭୂମି

**୩୮. ହିମାଚଳପ୍ରଦେଶରେ ନିମ୍ନୋକ୍ତ କେଉଁ ପ୍ରକାର ଚାଷ କରାଯାଏ ?**

(କ) ଆଖୁ (ଖ) ଦାନ

(ଗ) ଚାହା (ଘ) ପଶୁପାଳନ

**୩୯. ଜଳ ଉତ୍ସ : ପାର୍ବତ୍ୟଭୂମି ::**
**ଖଣିଜ ସମ୍ବଳ : _______**

(କ) ମାଳ ଭୂମି (ଖ) ସମତଳ ଭୂମି

(ଗ) ପାର୍ବତ୍ୟ ଭୂମି (ଘ) ଗୋଚର ଭୂମି

**୪୦. ଭାରତର ଅରଣ୍ୟଭୂମି : 24.39% ::**
**ଭାରତର ଚରଣ ଓ ଗୋଚର ଭୂମି :_______**

(କ) 1.2% (ଖ) 2.2%

(ଗ) 3.1% (ଘ) 3.3%

**୪୧. ଓଡ଼ିଶା : ପୋଡୁ :: ଆସାମ : _________**

(କ) ପେଣ୍ଡା (ଖ) କୁରୁୱା

(ଗ) ଝୁମ୍ (ଘ) କୁମୁରୀ

**୪୨. ଭାରତର କେଉଁ ରାଜ୍ୟରେ ଅନାବାଦୀ ଭୂମି ନାହିଁ ?**

(କ) ଓଡ଼ିଶା (ଖ) ଗୋଆ

(ଗ) ମେଘାଳୟ (ଘ) କେରଳ

**୪୩. ଭାରତର କେଉଁ କେନ୍ଦ୍ରଶାସିତ ଅଞ୍ଚଳରେ ସର୍ବାଧିକ ଅରଣ୍ୟ ରହିଛି ?**

(କ) ଲାକ୍ଷାଦ୍ୱୀପ

(ଖ) ଆଣ୍ଡାମାନ ଓ ନିକୋବର

(ଗ) ପଣ୍ଡିଚେରୀ

(ଘ) ଡାମନ୍ ଓ ଡିଉ

# ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଖ) 55

୨. (ଘ) ପଶ୍ଚିମବଙ୍ଗ

୩. (କ) 24.39

୪. (ଖ) 43

୫. (ଗ) କୃଷିଯୋଗ୍ୟ ଅବ୍ୟବହୃତ ଭୂମି

୬. (ଗ) ଚଳନ୍ତି ପତିତ ଭୂମି

୭. (ଗ) ପୁରୁଣା ପତିତ ଭୂମି

୮. (ଖ) 2.4

୯. (କ) ଚାରଣ ଓ ଗୋଚର ଭୂମି

୧୦. (ଘ) କୃଷିଯୋଗ୍ୟ ପତିତ

୧୧. (ଖ) ଉତ୍ତରପ୍ରଦେଶ

୧୨. (ଗ) ହିମାଚଳପ୍ରଦେଶ

୧୩. (କ) ଆସାମ

୧୪. (ଘ) ସପ୍ତମ

୧୫. (ଖ) 22 ଡିଗ୍ରୀ

୧୬. (ଗ) 30

୧୭. (କ) 27

୧୮. (ଖ) ଜୁଲାଇ

୧୯. (ଘ) ମହାରାଷ୍ଟ୍ର

୨୦. (ଗ) 33

୨୧. (କ) ମାଳଭୂମି

୨୨. (ଗ) କୃଷି ଅଲଭ୍ୟ

୨୩. (ଖ) 3

୨୪. (ଖ) ତରାଇ

୨୫. (ଗ) 130

୨୬. (ଘ) 95

୨୭. (ଗ) ସାମାଜିକ ବନୀକରଣ

୨୮. (କ) ଭୂମି

୨୯. (ଖ) କନ୍ୟାକୁମାରୀ

୩୦. (ଘ) ଇନ୍ଦିରାପଏଣ୍ଟ

୩୧. (ଖ) ମେଘାଳୟ

୩୨. (ଖ) ଅଣକୃଷି

୩୩. (ଗ) 0.48

୩୪. (ଖ) କ୍ରାନ୍ତୀୟ ଅବସ୍ଥିତି

୩୫. (କ) ମହାରାଷ୍ଟ୍ର ଓ ଗୁଜୁରାଟ

୩୬. (ଖ) 56

୩୭. (ଘ) କୃଷି ଭୂମି

୩୮. (ଘ) ପଶୁପାଳନ

୩୯. (କ) ମାଳ ଭୂମି

୪୦. (ଘ) 3.3%

୪୧. (ଗ) ଝୁମ୍

୪୨. (ଗ) ମେଘାଳୟ

୪୩. (ଖ) ଆଣ୍ଡାମାନ ଓ ନିକୋବର

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର ୧. ଭୂ-ସମ୍ବଳର ବିନିଯୋଗ କିପରି କରାଯାଏ ?**

**ଉତ୍ତର** ମନୁଷ୍ୟ ଭୂମିକୁ ବିଭିନ୍ନ ଭାବରେ ବ୍ୟବହାର କରିଥାଏ। ସେଗୁଡ଼ିକ ହେଲା

i) ଏହା ମନୁଷ୍ୟକୁ ଖାଦ୍ୟ, ବସ୍ତ୍ର, ବାସଗୃହ ଇତ୍ୟାଦି ମୌଳିକ ଆବଶ୍ୟକତା ଯୋଗାଇଥାଏ।

ii) ଭୂମିରେ ବିଭିନ୍ନ ପ୍ରକାର କୃଷିକାର୍ଯ୍ୟ କରାଯାଇ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଇଥାଏ।

iii) ଗ୍ରାମ, ସହର ବିଭିନ୍ନ ଶିଳ୍ପକେନ୍ଦ୍ର, ଶିକ୍ଷା, ସ୍ୱାସ୍ଥ୍ୟ, ବଜାର, ପ୍ରଶାସନିକ ଅନୁଷ୍ଠାନ ଇତ୍ୟାଦି ସ୍ଥାପିତ ହୋଇଥାଏ।

iv) ବିଭିନ୍ନ ପ୍ରକାର ରାସ୍ତାଘାଟ, ରେଳପଥ, ଉଡ଼ାଜାହଜ ପଡ଼ିଆ, ସାମୁଦ୍ରିକ ବନ୍ଦର ଓ ନଦୀବନ୍ଧର କେନାଲ ଇତ୍ୟାଦି ପରିବହନ ମାଧ୍ୟମ ନିର୍ମାଣ କରାଯାଇଥାଏ।

v) ଭୂମିର ଉପରିଭାଗରୁ ଓ ଅଭ୍ୟନ୍ତରରୁ ବିଭିନ୍ନ ପ୍ରକାରର ଖଣିଜ ଦ୍ରବ୍ୟ ଉତ୍ତୋଳନ କରି କଞ୍ଚାମାଲ ଭାବରେ ଶିଳ୍ପକେନ୍ଦ୍ରମାନଙ୍କୁ ଯୋଗାଇ ଦିଆଯାଇଥାଏ।

**ପ୍ର ୨. ଭାରତରେ ଭୂ-ସମ୍ବଳ କିପରି ବ୍ୟବହୃତ ହେଉଛି ?**

**ଉତ୍ତର** ନିମ୍ନଲିଖିତ ଉଦ୍ଦେଶ୍ୟରେ ଭାରତର ଭୂ-ସମ୍ବଳ ବ୍ୟବହାର କରାଯାଇଥାଏ।

i) ଅରଣ୍ୟ

ii) କୃଷି - ଅଲଭ୍ୟ ଭୂମି

(କ) ଅନୁର୍ବର ତଥା କୃଷି ଅନୁପଯୁକ୍ତ ଭୂମି

(ଖ) ଅଣ-କୃଷିଭୂମି (ଯଥା : ଗୃହ, ଅନୁଷ୍ଠାନ, ରାସ୍ତାଘାଟ ଶିଳ୍ପ ଇତ୍ୟାଦିରେ ବ୍ୟବହୃତ)

iii) ଅନ୍ୟାନ୍ୟ ଅଣ-କୃଷି ଭୂମି

(କ) ସ୍ଥାୟୀ ଗୋଚର ଓ ଚାରଣ ଭୂମି

(ଖ) ଫଳ ବଗିଚା ପାଇଁ ବ୍ୟବହୃତ ଭୂମି

(ଗ) କୃଷିଯୋଗ୍ୟ ଅବ୍ୟବହୃତ ଭୂମି (ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ପଡ଼ିଆ ରହିଥିବା ଭୂମି)

iv) (କ) ଚଳନ୍ତି ପତିତ ଭୂମି (ଚଳନ୍ତି କୃଷି ବର୍ଷ ବା ତା'ଠାରୁ କମ୍ ସମୟ ଧରି କୃଷି କାର୍ଯ୍ୟ କରାଯାଇ ନ ଥିବା ଭୂମି

(ଖ) ପୁରୁଣା ପତିତ ଭୂମି (ଏକ ବର୍ଷରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ କୃଷିକାର୍ଯ୍ୟ ନ ହୋଇଥିବା ଭୂମି

v) **କୃଷି ଭୂମି :**

(କ) ମୋଟ ଚାଷଜମି

(ଖ) ସମୁଦାୟ ଶସ୍ୟଭୂମି

(ଗ) ଜଳସେଚିତ ଭୂମି

(ଘ) ଏକାଧିକବାର କରାଯାଇଥିବା କୃଷିଭୂମି

**ପ୍ର ୩. ଭୂ-କ୍ଷୟ ସମସ୍ୟାର ସମାଧାନ କିପରି କରାଯାଇପାରିବ ?**

**ଉତ୍ତର** ଭୂ-କ୍ଷୟ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଉପାୟମାନ ଅନୁସୃତ ହେଉଛି । ଯଥା:

i) ପୁନଃବନୀକରଣ ଓ ନିୟନ୍ତ୍ରିତ ପଶୁଚାରଣ

ii) ପ୍ରତିରକ୍ଷା ବଳୟ ରୂପେ କୃଷି ଓ ଅରଣ୍ୟଭୂମିର ସଂରକ୍ଷଣ

iii) ପଶୁଚାରଣ, ବାଲୁକା ପାହାଡ଼ ଇତ୍ୟାଦି ବୃଦ୍ଧିର ସଂକୋଚନ

iv) ଶିଳ୍ପକେନ୍ଦ୍ରରୁ ନିର୍ଗତ ବର୍ଜ୍ୟବସ୍ତୁର ସୁପରିଚାଳନା

v) ନଦୀ ଦ୍ୱାରା କିମ୍ବା ପବନ ଦ୍ୱାରା ହେଉଥିବା ଭୂ-କ୍ଷୟକୁ ପ୍ରତିରୋଧ କରିବା ଉପାୟ

vi) ଭୂ-ବ୍ୟବହାରର ଏକ ସୁଚିନ୍ତିତ ଯୋଜନା ପ୍ରଣୟନ

**ପ୍ର ୪. ପତିତ ଭୂମି କିପରି ନିର୍ଦ୍ଧାରଣ କରାଯାଇଥାଏ ?**

**ଉତ୍ତର** i) ପତିତ ଭୂମି ଓ ଏହାର ବ୍ୟବହାର ସମୟ ସୀମାକୁ ନେଇ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା – ଚଳନ୍ତି ପତିତ ଭୂମି ଓ ପୁରୁଣା ପତିତ ଭୂମି

ii) ଏକ ବର୍ଷରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ କୃଷି କାର୍ଯ୍ୟ ନ ହେଉଥିବା ଭୂମିକୁ ପୁରୁଣା ପତିତ ଭୂମି କୁହାଯାଏ ।

iii) ଚଳନ୍ତି କୃଷି କାର୍ଯ୍ୟ ବା ତାହାଠାରୁ କମ୍ ସମୟ ଧରି କୃଷିକାର୍ଯ୍ୟ କରାଯାଉନଥିବା ଭୂମିକୁ ଚଳନ୍ତି ପତିତ ଭୂମି କୁହାଯାଏ ।

**ପ୍ର ୫. ଭାରତରେ ଦୃଷ୍ଟିଗୋଚର ହେଉଥିବା ଭୂ-ସମ୍ବଳର ପ୍ରକାରଭେଦ ବିଷୟରେ ଲେଖ ।**

**ଉତ୍ତର** ଭୂ-ପୃଷ୍ଠରେ ବିଭିନ୍ନ ପ୍ରକାର ଭୂ-ସମ୍ବଳ ଦେଖାଯାଏ । ଭୂ-ପୃଷ୍ଠ ଉଭୟ ଜଳଭାଗ ଓ ସ୍ଥଳଭାଗକୁ ନେଇ ଗଠିତ । ଭୂ-ପୃଷ୍ଠର ସମୁଦାୟ ଆୟତନର ଶତକଡ଼ା 29 ଭାଗ ସ୍ଥଳଭାଗ ଓ 71 ଭାଗ ଜଳଭାଗ ।

- ଭାତର ସମୁଦାୟ ଭୂ-ସମ୍ବଳର ଆୟତନ ହେଉଛି 32 ଲକ୍ଷ 87 ହଜାର ବର୍ଗ କିଲୋମିଟର । ଏହାର ଶତକଡ଼ା 43 ଭାଗ ସମତଳଭୂମି ଶତକଡ଼ା 30 ଭାଗ ପାର୍ବତ୍ୟଭୂମି ଏବଂ ଶତକଡ଼ା 27 ଭାଗ ମାଳଭୂମିର ଅନ୍ତର୍ଗତ ।
- **ସମତଳ ଭୂମି :** ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀର ସମତଳ ଭୂମି, ପୂର୍ବ ଏବଂ ପଶ୍ଚିମସ୍ଥ ସମୁଦ୍ର ଉପକୂଳବର୍ତ୍ତୀ ସମତଳ ଭୂମି ସମୁଦାୟ 43 ଭାଗ ।
- **ମାଳ ଭୂମି :** ଛୋଟନାଗପୁର ମାଳ ଭୂମି ଦାକ୍ଷିଣାତ୍ୟ ମାଳ ଭୂମି ମାଳବ ମାଳଭୂମି, ରେୱା ମାଳ ଭୂମି ଇତ୍ୟାଦି ମୋଟ ଶତକଡ଼ା 27 ଭାଗ ।
- **ପାର୍ବତ୍ୟ ଭୂମି :** ହିମାଳୟ, ବିନ୍ଧ୍ୟ, ଆରାବଳୀ, ପୂର୍ବଘାଟ ଓ ପଶ୍ଚିମଘାଟ ପର୍ବତମାଳା ଇତ୍ୟାଦି ମୋଟ ଶତକଡ଼ା 30 ଭାଗ ।

**ପ୍ର ୬. ଭାରତର ଅବସ୍ଥିତି ଓ ଏହାର ସୀମା ନିର୍ଦ୍ଧାରଣ କର ।**

**ଉତ୍ତର** ଭାରତ ଉତ୍ତର ଗୋଲାର୍ଦ୍ଧର ଏସିଆ ମହାଦେଶର ଉତ୍ତର ଦକ୍ଷିଣାଂଶରେ ଅବସ୍ଥିତ । ଏହାର ମୂଳ ଭୂ-ଖଣ୍ଡ $8^{0}4'$ ଉତ୍ତର ଓ $37^{0}6'$ ଉତ୍ତର ଅକ୍ଷାଂଶ ମଧ୍ୟରେ ଏବଂ $68^{0}7'$ ପୂର୍ବ ଓ $97^{0}25'$ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ ।

- ଭାରତର ଉତ୍ତର-ପଶ୍ଚିମରେ ଆଫଗାନିସ୍ଥାନ, ପଶ୍ଚିମରେ ପାକିସ୍ତାନ ଓ ଆରବ ସାଗର, ଦକ୍ଷିରରେ ଭାରତ ମହାସାଗର ଓ ଶ୍ରୀଲଙ୍କା, ପୂର୍ବରେ ବଙ୍ଗୋପସାଗର ବାଙ୍ଗଲାଦେଶ ଓ ମିଆଁମାର ଏବଂ ଉତ୍ତରରେ ଚୀନ, ଭୁଟାନ ଓ ନେପାଳ ଅବସ୍ଥିତ ।

**ପ୍ର ୭. ସଂକ୍ଷିପ୍ତ ଟିପ୍ପଣୀ ଦିଅ :**

**(କ) ଚାରଣ ଭୂମି, (ଖ) କୃଷି ଭୂମି, (ଗ) କୃଷି ଅଲଭ୍ୟଭୂମି**

**(କ) ଚାରଣ ଭୂମି**

**ଉତ୍ତର** (i) ହିମାଳୟ ପାର୍ବତ୍ୟାଞ୍ଚଳ, ଉତ୍ତର ପୂର୍ବ ରାଜ୍ୟଗୁଡ଼ିକର ପାର୍ବତ୍ୟାଞ୍ଚଳ ଏବଂ ପଶ୍ଚିମ ଘାଟ, ପାର୍ବତ୍ୟାଞ୍ଚଳରେ କେତେକ ପରିମାଣରେ ଚରଣ ଭୂମି ଦେଖାଯାଏ । ଏସବୁ କ୍ଷେତ୍ରରେ ପଶୁପାଳନକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ ।

(ii) ଭାରତର ହିମାଚଳ ପ୍ରଦେଶରେ ସର୍ବାଧିକ ଚରଣ ଭୂମି ଦେଖାଯାଏ ଓ ଏଠାରେ ମୁଖ୍ୟତଃ ପଶୁପାଳନ କରାଯାଏ ।

**(ଖ) କୃଷି ଭୂମି**

**ଉତ୍ତର** (i) ଦେଶର ସମୁଦାୟ କ୍ଷେତ୍ରଫଳର ପ୍ରାୟ ଅର୍ଦ୍ଧାଧିକ ଭୂମି ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ, ଅର୍ଥକରୀ ଫସଲ, ତୈଳବୀଜ, ପନିପରିବା, ଫଳ ଓ ଫୁଲ ପ୍ରଭୃତି ଉତ୍ପାଦନ କରିବାରେ ବ୍ୟବହୃତ ହୁଏ ।

(ii) ଭାରତରେ ଗଙ୍ଗା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କୃଷ୍ଣା କାବେରୀ, ନର୍ମଦା, ତାପ୍ତି ପ୍ରଭୃତି ନଦୀ ଓ ସେଗୁଡ଼ିକର ଉପନଦୀର ଉପତ୍ୟକାଗୁଡ଼ିକରେ ଏବଂ ପୂର୍ବ ଓ ପଶ୍ଚିମସ୍ଥ ସମୁଦ୍ର ଉପକୂଳବର୍ତ୍ତୀ ସମତଳ ଭୂମିରେ କୃଷିକାର୍ଯ୍ୟ ଅଧିକ ପରିମାଣରେ କରାଯାଇଥାଏ ।

(iii) ଅରଣ୍ୟ କାଟି ଓ ପୋଡ଼ି ବିଭିନ୍ନ ରାଜ୍ୟରେ ସ୍ଥାନାନ୍ତରିତ କୃଷି କରାଯାଇଥାଏ ।

**(ଗ) କୃଷି ଅଲଭ୍ୟଭୂମି**

**ଉତ୍ତର** (i) ଏହି ଭୂମିରେ ଅଣକୃଷି ସମ୍ବନ୍ଧୀୟ ଭୂ-ବ୍ୟବହାର ଦେଖାଯାଏ । ଯଥା : ଜନବସତି, ଯାତାୟତ ପଥ, କେନାଲ, ଖଣି ଖାଦାନ ଇତ୍ୟାଦି ।

(ii) ପର୍ବତ ତଥା ଅଣକୃଷି ଭୂମି ଯଥା : ପାହାଡ଼, ମରୁଭୂମି, ଜଳଭୂମି, ନଦୀଗର୍ଭ ଇତ୍ୟାଦି ।

ନଗରୀକରଣ ଭଳି ଅର୍ଥନୈତିକ ପ୍ରଗତିରେ ଭୂମିର ବ୍ୟବହାର ଅଧିକ ହେଉଛି । ଏହି ପ୍ରକାର ଭୂ-ବ୍ୟବହାର ପଶ୍ଚିବଙ୍ଗରେ ସର୍ବାଧିକ ହୋଇଛି ।

**ପ୍ର ୮. ଭାରତର ଚତୁଃସୀମା ନିର୍ଦ୍ଧାରଣ କର ।**

**ଉତ୍ତର** ଭାରତରେ ଅରୁଣାଚଳପ୍ରଦେଶରେ ଅବସ୍ଥିତ କିବୁଥୁ ପୂର୍ବ ସୀମା ଓ ଗୁଜୁରାଟର କଚ୍ଛରେ ଅବସ୍ଥିତ ଘୁଆରମୋତି ପଶ୍ଚିମ ସୀମା ନିର୍ଦ୍ଧାରଣ କରେ ।

- ମୂଳ ଭୂଖଣ୍ଡର ଉତ୍ତରସ୍ଥ ସୀମା ଗିଲ୍‌ଗିଟ୍ (ଇନ୍ଦିରାକଲ୍) ଓ ଦକ୍ଷିଣରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ନିକୋବର ଇନ୍ଦିରାପଏଣ୍ଟ ($6^0$45' ଉ.) ।
- ଭାରତୀୟ ମୂଳ ଭୂଖଣ୍ଡର ଦକ୍ଷିଣତମ ସ୍ଥାନ ହେଉଛି ତାମିଲନାଡୁରେ ଅବସ୍ଥିତ କନ୍ୟାକୁମାରୀ ।
- $23^0$ 30' ଉତ୍ତର ସମାକ୍ଷରେଖା ବା କର୍କଟକ୍ରାନ୍ତୀ ଭାରତକୁ ସମାନ ଦୁଇ ଭାଗରେ ବିଭକ୍ତ କରୁଅଛି ।

**ପ୍ର ୯. ଭାରତର ମୂଳ ଭୂଖଣ୍ଡ, ଦ୍ୱୀପପୁଞ୍ଜସ୍ଥ ଉପକୂଳରେଖା ଓ ଉତ୍ତର ଦକ୍ଷିଣ ବିସ୍ତୃତି ସମ୍ବନ୍ଧରେ ଆଲୋଚନା କର।**

ଉତ୍ତର
- ଭାରତର ସ୍ଥଳଭାଗର ସୀମାରେଖା ପ୍ରାୟ 15,200 କି.ମି. ରହିଛି
- ଏହାର ଆଣ୍ଡାମାନ, ନିକୋବର ଏବଂ ଲାକ୍ଷାଦ୍ୱୀପ ପୁଞ୍ଜକୁ ମିଶାଇ ଉପକୂଳ ରେଖା ପ୍ରାୟ 8,194 କି.ମି. ଅର୍ଥାତ୍ ମୂଳ ଭୂଖଣ୍ଡ 6100 କି.ମି. ଏବଂ 2094 କି.ମି.
- ଭାରତର ଉତ୍ତର-ଦକ୍ଷିଣ ଦୂରତ୍ୱ ପ୍ରାୟ 3214 କି.ମି.
- ଏହାର ପୂର୍ବ ପଶ୍ଚିମ ଦୂରତ୍ୱ ପ୍ରାୟ 2933 କି.ମି.

**ପ୍ର ୧୦. ଭାରତର ଚାରଣ ଓ ଗୋଚର ଭୂମି ସମ୍ବନ୍ଧରେ ସଂକ୍ଷେପରେ ଲେଖ।**

ଉତ୍ତର
- ଭାରତରେ ନିର୍ଦ୍ଦିଷ୍ଟ ଭାବେ କୌଣସି ଚାରଣ କିମ୍ବା ଗୋଚର ଭୂମି ନାହିଁ କହିଲେ ଚଳେ।
- ଭାରତରେ ସମୁଦାୟ କ୍ଷେତ୍ରଫଳର ଶତକଡ଼ା ପ୍ରାୟ 4 ଭାଗ ଭୂମି ଚାରଣ ଓ ଗୋଚର ଭୂମି ଭାବରେ ବ୍ୟବହୃତ ହେଉଛି।
- ହିମାଳୟ ପାର୍ବତ୍ୟାଞ୍ଚଳର ଜାମ୍ମୁ ଓ କାଶ୍ମୀର, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ ପ୍ରଭୃତି ରାଜ୍ୟରେ ଓ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକରେ ପାର୍ବତ୍ୟାଞ୍ଚଳ ଏବଂ ପଶ୍ଚିମଘାଟ ପାର୍ବତ୍ୟାଞ୍ଚଳରେ ଚାରଣ ଭୂମି ଦେଖାଯାଏ।
- ଭାରତର ହିମାଚଳପ୍ରଦେଶରେ ସର୍ବାଧିକ ଚାରଣ ଭୂମି ଦେଖାଯାଏ।

**ପ୍ର ୧୧. ଭାରତରେ ଦୃଷ୍ଟିଗୋଚର ହେଉଥିବା ଅରଣ୍ୟଭୂମି ସମ୍ପର୍କରେ ବର୍ଣ୍ଣନା କର।**

ଉତ୍ତର
- ଭାରତର ସମୁଦାୟ ଭୂମିର ଶତକଡ଼ା ପ୍ରାୟ 22.5 ଭାଗ ଅଞ୍ଚଳ ଅରଣ୍ୟ ଭୂମିର ଅନ୍ତର୍ଗତ।
- ଜାତୀୟ ଅରଣ୍ୟ ନୀତି ଅନୁସାରେ ପାରିସ୍ଥିତିକ ସନ୍ତୁଳନ ପାଇଁ ଦେଶର ସମୁଦାୟ ଆୟତନର ଶତକଡ଼ା 33 ଭାଗ ଭୂମି ପାଇଁ ଅରଣ୍ୟ ସଂରକ୍ଷିତ ରହିବା ଆବଶ୍ୟକ।
- ଆଣ୍ଡାମାନ ଓ ନିକୋବର ଦ୍ୱିପପୁଞ୍ଜ ଏବଂ ଅରୁଣାଚଳପ୍ରଦେଶରେ ସର୍ବାଧିକ ଅରଣ୍ୟ ରହିଛି।
- ପଞ୍ଜାବ, ହରିୟାଣା, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ବିହାର ରାଜ୍ୟରେ କୃଷିକାର୍ଯ୍ୟ ପାଇଁ ଅରଣ୍ୟ ପ୍ରାୟତଃ କ୍ଷୟ ହୋଇଯାଇଛି।

**ପ୍ର ୧୨. ଭାରତର ଅରଣ୍ୟ ଭୂମିର ଆୟତନ ହ୍ରାସ ପାଇବାର କାରଣ ସହ ପ୍ରଭାବ ଉଲ୍ଲେଖ କର।**

ଉତ୍ତର
- ଭାରତର ସମୁଦାୟ ଭୂମିର ଶତକଡ଼ା ପ୍ରାୟ 22.5 ଭାଗ ଅଞ୍ଚଳ ଅରଣ୍ୟ ଭୂମିର ଅନ୍ତର୍ଗତ।
- ଏଥିରୁ ଶତକଡ଼ା 60 ଭାଗ ପାର୍ବତ୍ୟ ଅଞ୍ଚଳରେ ଓ ଶତକଡ଼ା 20 ଭାଗ ସମତଳ ଅଞ୍ଚଳରେ ରହିବା ଆବଶ୍ୟକ।
- ଭାରତର ଦ୍ରୁତ ଜନସଂଖ୍ୟା ବୃଦ୍ଧି ଯୋଗୁଁ କୃଷି ଭଳି ଓ ଜନବସତି ପାଇଁ ଅଧିକ ଭୂମିର ଆବଶ୍ୟକତା ପଡୁଛି।
- ଫଳରେ ଜଳବାୟୁର ପରିବର୍ତ୍ତନ, ବୃଷ୍ଟିପାତରେ ଅନିୟମିତତା, ତାପମାତ୍ରାରେ ବୃଦ୍ଧି, ବାରମ୍ବାର ବାତାବର୍ତ୍ତ ଇତ୍ୟାଦି ଦେଖାଦେଉଛି।

**ପ୍ର ୧୩. ଭାରତରେ କୃଷି ଭୂମିର ବଣ୍ଟନ ଓ ବ୍ୟବହାର ସମ୍ବନ୍ଧରେ ଏକ ବିବରଣୀ ଦିଅ।**

**ଉତ୍ତର**

- ଭାରତର ସମୁଦାୟ ଜନସଂଖ୍ୟାର ପ୍ରାୟ ଦୁଇ ତୃତୀୟାଂଶ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କୃଷି ଓ କୃଷିଭିତ୍ତିକ ବିଭିନ୍ନ କାର୍ଯ୍ୟ ଉପରେ ନିର୍ଭରଶୀଳ। ଦେଶର ସମୁଦାୟ କ୍ଷେତ୍ରଫଳର ପ୍ରାୟ ଅର୍ଦ୍ଧାଧିକ ଭୂମି ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ, ଅର୍ଥକରୀ ଫସଲ, ତୈଳବୀଜ ପନିପରିବା, ଫଳ ଓ ଫୁଲ ପ୍ରଭୃତି ଉତ୍ପାଦନ କରିବାରେ ବ୍ୟବହୃତ ହୁଏ।
- ଭାରତରେ ଗଙ୍ଗା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କୃଷ୍ଣା କାବେରୀ, ନର୍ମଦା, ତାପ୍ତୀ ପ୍ରଭୃତି ନଦୀ ଓ ସେଗୁଡ଼ିକର ଉପନଦୀର ଉପତ୍ୟକା ଗୁଡ଼ିକରେ ଏବଂ ପୂର୍ବ ଓ ପଶ୍ଚିମସ୍ଥ ସମୁଦ୍ର ଉପକୂଳବର୍ତ୍ତୀ ସମତଳ କ୍ଷେତ୍ରରେ କୃଷିକାର୍ଯ୍ୟ ଅଧିକ ପରିମାଣରେ କରାଯାଇଥାଏ।
- ଗୁଜୁରାଟ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟର ଲାଭାଜନିତ ମାଳଭୂମିରେ ମଧ୍ୟ କୃଷିକାର୍ଯ୍ୟ କରାଯାଏ। ନଦୀପ୍ଲାବନ ଭୂମି ଓ ତ୍ରିକୋଣ ଭୂମି ଅଞ୍ଚଳରେ ବିଶେଷ ଭାବରେ କୃଷିକାର୍ଯ୍ୟ କରାଯାଏ।
- ପାର୍ବତ୍ୟ, ଢାଲୁ ଓ ମାଳଭୂମି ଅଞ୍ଚଳରେ ଶୁଷ୍କ କୃଷି, ସୋପାନ, କୃଷି, ରୋପଣ କୃଷି ଇତ୍ୟାଦି କରାଯାଏ। ଓଡ଼ିଶା, ଆସାମ, ଛତିଶଗଡ଼ ଇତ୍ୟାଦି ଅଞ୍ଚଳରେ ପାର୍ବତ୍ୟାଞ୍ଚଳର ଅରଣ୍ୟ କାଟି ଓ ପୋଡ଼ି ପୋଡୁଚାଷ ବା ଝୁମ (ସ୍ଥାନାନ୍ତରିତ କୃଷି) କରାଯାଇଥାଏ।

**ପ୍ର ୧୪. କୃଷିଭୂମି ହ୍ରାସ ପାଇଁ ମନୁଷ୍ୟର କାର୍ଯ୍ୟ କିପରି ଦାୟୀ ?**

**ଉତ୍ତର**

- ଜନସଂଖ୍ୟାର ଅଧିକ ଚାପ ଯୋଗୁଁ କେତେକ ଅଞ୍ଚଳରେ କୃଷିଭୂମି ଉପରେ ଲୋକେ ଘରବାଡ଼ି ନିର୍ମାଣ କରୁଛନ୍ତି।
- ବିଶେଷ କରି ସହର ଉପକଣ୍ଠରେ ଥିବା କୃଷି ଉପଯୋଗୀ ଜମିକୁ ବାସ ଉପଯୋଗୀ ଭୂମିରେ ପରିବର୍ତ୍ତନ କରି ବସବାସ କରୁଛନ୍ତି।
- ଅନେକ ସ୍ଥାନରେ କୃଷିଭୂମିରେ ଶିକ୍ଷାନୁଷ୍ଠାନ, ରାସ୍ତାଘାଟ, ରେଳପଥ ଇତ୍ୟାଦି ନିର୍ମାଣ କରାଯାଉଛି।

**ପ୍ର ୧୫. ଅରଣ୍ୟଭୂମି କ୍ଷୟର ମୁଖ୍ୟ କାରଣଗୁଡ଼ିକ ଲେଖ।**

**ଉତ୍ତର** ଅରଣ୍ୟକ୍ଷୟର ମୁଖ୍ୟ କାରଣଗୁଡ଼ିକ ହେଉଛି :

- ଜନବସତି ସ୍ଥାପନ ଓ ନଗରୀକରଣ ଯୋଗୁଁ ଭୂମିର ଆବଶ୍ୟକତା ବୃଦ୍ଧି ପାଉଛି
- କୃଷିଭୂମିର ଆୟତନ ବୃଦ୍ଧି, ଶିକ୍ଷାନୁଷ୍ଠାନ, ଗମନାଗମନ ପଥର ବିସ୍ତୃତି, ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ଜଳଭଣ୍ଡାର ନିର୍ମାଣ କରାଯାଇ ଅରଣ୍ୟ ଧ୍ୱଂସ କରାଯାଉଛି।
- ପ୍ରାକୃତିକ ବିପର୍ଯ୍ୟୟ ତଥା ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଅରଣ୍ୟ କ୍ଷୟର କାରଣ ହେଉଛି।

---x---

# ମୃତ୍ତିକା ସମ୍ବଳ

## ବହୁବିକଳ୍ପ ପ୍ରଶ୍ନ

୧. ବାଲିଆ, ପଟୁ ଓ ମଟାଳ ମିଶିକରି କେଉଁ ମୃତ୍ତିକା ସୃଷ୍ଟି କରିଥାନ୍ତି ?

(କ) ପେଡ଼ାଲଫର (ଖ) ପେଡ଼ୋକାଲ

(ଗ) ଦୋରସା (ଘ) ଲିଥୋଜେଲିକ

୨. ନିମ୍ନୋକ୍ତ କେଉଁଟି ଏକ ଅପସୃତ ମୃତ୍ତିକା ?

(କ) ଲୋଏସ୍ (ଖ) କୃଷ୍ଣ

(ଗ) ଲୋହିତ (ଘ) ଲାଟେରାଇଟ

୩. ଭାରତର ସର୍ବାଧିକ ଅଞ୍ଚଳରେ କେଉଁପ୍ରକାର ମୃତ୍ତିକା ଦେଖାଯାଏ ?

(କ) କୃଷ୍ଣ (ଖ) ପଟୁ

(ଗ) ଲାଲ (ଘ) ଲାଟେରାଇଟ

୪. କେଉଁ ପ୍ରକାର ମୃତ୍ତିକାରେ କପାଚାଷ କରାଯାଏ ?

(କ) ଲୁଣା (ଖ) ଲାଟେରାଇଟ

(ଗ) ଲାଲ (ଘ) କୃଷ୍ଣ

୫. ରେଗୁର କେଉଁ ପ୍ରକାର ମୃତ୍ତିକା ?

(କ) କୃଷ୍ଣ (ଖ) ଲୋହିତ

(ଗ) ଲୁଣା (ଘ) ଲାଟେରାଇଟ

୬. ନିମ୍ନୋକ୍ତ କେଉଁ ଉପାୟଟି ମୃତ୍ତିକା ସଂରକ୍ଷଣ ନିମନ୍ତେ ଅନୁକୂଳ ନୁହେଁ ?

(କ) ପାର୍ବତ୍ୟ ଅଞ୍ଚଳରେ ସୋପାନ ଚାଷ

(ଖ) ପୋଡୁଚାଷ

(ଗ) ବୃକ୍ଷ ରୋପଣ

(ଘ) ନୂତନ ଅରଣ୍ୟ ଏବଂ ତୃଣଭୂମି ସୃଷ୍ଟି

୭. ଭାରତର ସମୁଦାୟ ଆୟତନର ଶତକଡ଼ା କେତେ ଭାଗ ଅଞ୍ଚଳରେ ପ୍ରତି ବର୍ଷ ମୃତ୍ତିକା କ୍ଷୟ ହୋଇଥାଏ ?

(କ) 15 (ଖ) 20

(ଗ) 21 (ଘ) 25

୮. କେରଳ ରାଜ୍ୟର କୋଟାୟମ୍ ଓ ଆଲାପୁଜା ଜିଲ୍ଲାରେ ଥିବା ପିଟ୍ ଓ ଜଳାଭୂମି ମୃତ୍ତିକାର ନାମ କ'ଣ ?

(କ) ବରି (ଖ) ରୋଗୋଲିଥ

(ଗ) ଉସର (ଘ) ବରି

୯. କେଉଁ ମୃତ୍ତିକାରେ ପଟାସ୍, ଚୂନ, ଆଲୁମିନିୟମ, କ୍ୟାଲ୍‌ସିୟମ ଓ ମାଗ୍ନେସିୟମ ବିଶେଷ ମାତ୍ରାରେ ଥାଏ ?

(କ) ଲୋହିତ (ଖ) ଲାଟେରାଇଟ

(ଗ) ଅରଣ୍ୟ (ଘ) କୃଷ୍ଣ କାର୍ପାସ

୧୦. କୃଷ୍ଣ ମୃତ୍ତିକା କେଉଁ ଶିଳାରୁ ସୃଷ୍ଟି ହୋଇଥାଏ ?

(କ) ସ୍ଲେଟ୍ (ଖ) ଗ୍ରାନାଇଟ

(ଗ) ଚୂନପଥର (ଘ) ବାସାଲାଟ୍

୧୧. ଗଠନ ଦୃଷ୍ଟିରୁ ମୃତ୍ତିକାକୁ କେତେ ଭାଗରେ ବିଭକ୍ତ କରାଯାଏ ?

(କ) 2 (ଖ) 4

(ଗ) 5 (ଘ) 6

୧୨. ତରାଇ ମୃତ୍ତିକାରେ କେଉଁ ରାସାୟନିକ ପଦାର୍ଥର ରେଣୁ ଅଧିକ ପରିମାଣରେ ଥାଏ ?

(କ) ଯବକ୍ଷାରଜାନ (ଖ) ବୋରିକ୍

(ଗ) ପୋଟାସିୟମ (ଘ) ସୋଡ଼ିୟମ

**୧୩. ମୃତ୍ତିକା ଏକ କେଉଁ ପଦାର୍ଥ ?**

(କ) ମିଶ୍ରିତ (ଖ) ମୌଳିକ

(ଗ) ଯୌଗିକ (ଘ) କୌଣସିଟି ନୁହେଁ

**୧୪. କେଉଁ ମୃତ୍ତିକାରେ ବୃଷ୍ଟିଜଳ ପ୍ରକ୍ଷାଳନ ଅଧିକ ହୋଇଥାଏ ?**

(କ) ପଟୁ ମୃତ୍ତିକା

(ଖ) ଅରଣ୍ୟ ମୃତ୍ତିକା

(ଗ) ଲାଟେଟାଇଟ୍ ମୃତ୍ତିକା

(ଘ) ପାର୍ବତ୍ୟ ମୃତ୍ତିକା

**୧୫. ଭାରତର ସମୁଦାୟ ଭୂ-ଭାଗର ପ୍ରାୟ କେତେ ଶତକଡ଼ା ଭାଗ ଭୂମିରେ କୃଷି କାର୍ଯ୍ୟ କରାଯାଇଥାଏ ?**

(କ) 32 (ଖ) 40

(ଗ) 50 (ଘ) 55

**୧୬. 2 ସେ.ମି. ମୃତ୍ତିକା ସ୍ତର ଗଠନ ପାଇଁ ପ୍ରାୟ କେତେବର୍ଷ ସମୟ ଲାଗିଥାଏ ?**

(କ) ହଜାର ହଜାର ବର୍ଷ

(ଖ) 100 ବର୍ଷ

(ଗ) ଶହ ଶହ ବର୍ଷ

(ଘ) ଅୟୁତ ବର୍ଷ

**୧୭. ଲାଟେରାଇଟ୍ ମୃତ୍ତିକାରେ ଚୂନର ପରିମାଣ ଅଧିକ ଥିଲେ କ'ଣ କୁହାଯାଏ ?**

(କ) ପୀତ ମୃତ୍ତିକା (ଖ) ଶ୍ୱେତ ଲାଲ ମୃତ୍ତିକା

(ଗ) ରେଗୁର (ଘ) କୃଷ୍ଣ ଲାଲ ମୃତ୍ତିକା

**୧୮. ଆରାବଳୀ ପର୍ବତ ପାର୍ଶ୍ୱରେ ଦେଖାଯାଉଥିବା ମୃତ୍ତିକାକୁ କ'ଣ କୁହାଯାଏ ?**

(କ) ଲିଥୋଜଲିକ୍ (ଖ) ଉସର

(ଗ) ଶ୍ୱେତଲାଟେରାଇଟ (ଘ) ରୋଗୋଲିଥ

**୧୯. ରାଜସ୍ଥାନର କେଉଁ ଜିଲ୍ଲାରେ କେନାଲ ସାହାଯ୍ୟରେ ଜଳସେଚନ କରାଯାଇଥାଏ ?**

(କ) ଜଏସେଲମେର (ଖ) ପୋଖରାନ୍

(ଗ) ଗଙ୍ଗାନଗର (ଘ) ଆଜମିର

**୨୦. କେଉଁ ମସିହାରେ ଅରଣ୍ୟ ନୀତି ପ୍ରଣୟନ ଆରମ୍ଭ ହୋଇଥିଲା ?**

(କ) 1952 (ଖ) 1962

(ଗ) 1977 (ଘ) 1988

**୨୧. ରାଜସ୍ଥାନର ପୋଖରାନ୍ ଓ ଜଏସେଲ୍‌ମେର ଅଞ୍ଚଳରେ ଦେଖାଯାଉଥିବା ମୃତ୍ତିକାର ନାମ କ'ଣ ?**

(କ) ରୋଗୋଲିଥ (ଖ) ଲିଥୋଜଲିକ୍

(ଗ) ଉସର (ଘ) ଶ୍ୱେତଲାଟେରାଇଟ୍

**୨୨. ସର୍ବାଧିକ ମୃତ୍ତିକା କ୍ଷୟ ହେଉଥିବା ରାଜ୍ୟର ନାମ କ'ଣ ?**

(କ) ଓଡ଼ିଶା (ଖ) ଅରୁଣାଚଳପ୍ରଦେଶ

(ଗ) ଗୋଆ (ଘ) ରାଜସ୍ଥାନ

**୨୩. ଭାରତ କେତେରୁ କେତେ ଅକ୍ଷାଂଶ ମଧ୍ୟରେ ଅବସ୍ଥିତ ?**

(କ) $8^0$ ଉ – $37^0$ ଉ

(ଖ) $68^0$ ପୂ – $97^0$ ପୂ

(ଗ) $8^0$.4' ଉ – $37^0$.6' ଉ

(ଘ) $68^0$.7' ପୂ – $97^0$.25' ପୂ

**୨୪. ଭୂପୃଷ୍ଠସ୍ଥ ଶିଳା ପର୍ଯ୍ୟାୟ କ୍ରମିକ ହ୍ରାସ ବୃଦ୍ଧି, କରକା ଓ ହିମବାହର ପ୍ରଭାବ, ଉଦ୍ଭିଦ, ପ୍ରାଣୀ ଓ ମନୁଷ୍ୟମାନଙ୍କ ଦ୍ୱାରା ଖଣ୍ଡବିଖଣ୍ଡିତ ହୋଇ କ୍ଷୁଦ୍ରକ୍ଷୁଦ୍ର ରେଣୁରେ ପରିଣତ ହେବା ପ୍ରକ୍ରିୟାକୁ କ'ଣ କୁହାଯାଏ ?**

(କ) ମୃତ୍ତିକା ଗଠନ (ଖ) ମୃତ୍ତିକା କ୍ଷୟ

(ଗ) ମୃତ୍ତିକା ସଂରକ୍ଷଣ (ଘ) ଚୂର୍ଣ୍ଣୀଭବନ

**୨୫. ଭାରତର ସମୁଦାୟ ଆୟତନର ଶତକଡ଼ା କେତେ ଭାଗରେ ପଟୁ ମୃତ୍ତିକା ଦେଖାଯାଏ ?**

(କ) 43 (ଖ) 50

(ଗ) 55 (ଘ) 60

**୨୬. ଭାଙ୍ଗର ମୃତ୍ତିକାରେ ଚୂନ ଗୋଡ଼ି ଅଧିକ ପରମାଣରେ ଥିଲେ ତାକୁ କ'ଣ କୁହାଯାଏ ?**

(କ) ଭାବର (ଖ) ଖାଦର

(ଗ) ତରାଇ (ଘ) କଙ୍କର

**୨୭. ଅପେକ୍ଷାକୃତ ଶୁଷ୍କ ଅଞ୍ଚଳରେ ଦେଖାଯାଉଥିବା ପଟୁ ମୃତ୍ତିକାକୁ କ'ଣ କୁହନ୍ତି ?**

(କ) ତରାଇ (ଖ) ଭାବର

(ଗ) ରେ (ଘ) କଙ୍କର

**୨୮. ଭାରତୀୟ କୃଷି ଗବେଷଣା ପରିଷଦ ଭାରତର ମୃତ୍ତିକାକୁ କେତେଗୋଟି ପ୍ରକାରରେ ବିଭକ୍ତ କରିଛନ୍ତି ?**

(କ) 5 (ଖ) 9

(ଗ) 10 (ଘ) 11

**୨୯. କ୍ଷୟଜାତ ଶିଳାରେଣୁର ଆକାର ଓ ପରିମାଣକୁ ବିଚାର କରି ମୃତ୍ତିକାକୁ କେତେଗୋଟି ଶ୍ରେଣୀରେ ବିଭକ୍ତ କରାଯାଏ ?**

(କ) 4 (ଖ) 5

(ଗ) 6 (ଘ) 8

**୩୦. ନିମ୍ନୋକ୍ତ କେଉଁ ମୃତ୍ତିକାରେ ଲୌହ, ମ୍ୟାଗ୍ନେସିୟମ, ପଟାସ୍ ଆଦି ଖଣିଜ ପଦାର୍ଥ ଅଧିକ ପରିମାଣରେ ରହିଥାଏ ?**

(କ) କୃଷ୍ଣ ମୃତ୍ତିକା

(ଖ) ଲାଟେରାଇଟ୍ ମୃତ୍ତିକା

(ଗ) ପଟୁ ମୃତ୍ତିକା

(ଘ) ଲୋହିତ ମୃତ୍ତିକା

**୩୧. ଭାରତର ସମୁଦାୟ ଆୟତନର ପ୍ରାୟ 15 ଭାଗରେ କେଉଁ ମୃତ୍ତିକା ଦେଖାଯାଏ ?**

(କ) ପାର୍ବତ୍ୟ ମୃତ୍ତିକା (ଖ) ଅରଣ୍ୟ ମୃତ୍ତିକା

(ଗ) ମରୁସ୍ଥଳୀ ମୃତ୍ତିକା (ଘ) କୃଷ୍ଣ ମୃତ୍ତିକା

**୩୨. ଦୁର୍ଗମ ଭୂମି କେଉଁ ରାଜ୍ୟରେ ଦେଖାଯାଏ ନାହିଁ ?**

(କ) ମଧ୍ୟପ୍ରଦେଶ (ଖ) ବିହାର

(ଗ) ରାଜସ୍ଥାନ (ଘ) ଉତ୍ତରପ୍ରଦେଶ

**୩୩. ଚୋଷଭୂମି କେଉଁ ରାଜ୍ୟରେ ଦେଖାଯାଏ ?**

(କ) ହରିୟାଣା (ଖ) ଉତ୍ତରପ୍ରଦେଶ

(ଗ) ହିମାଚଳପ୍ରଦେଶ (ଘ) ବିହାର

**୩୪. ଭାରତର କେଉଁ ରାଜ୍ୟରେ ସର୍ବାଧିକ ମୃତ୍ତିକା କ୍ଷୟ ହୋଇଥାଏ ?**

(କ) ରାଜସ୍ଥାନ (ଖ) ଅରୁଣାଚଳପ୍ରଦେଶ

(ଗ) ଓଡ଼ିଶା (ଘ) ପଞ୍ଜାବ

**୩୫. ଭାରତର କେଉଁ ରାଜ୍ୟରେ ସବୁଠାରୁ କମ୍ ମୃତ୍ତିକା କ୍ଷୟ ହୋଇଥାଏ ?**

(କ) ବିହାର (ଖ) ରାଜସ୍ଥାନ

(ଗ) ଓଡ଼ିଶା (ଘ) ପଞ୍ଜାବ

**୩୬. କେଉଁ ରାଜ୍ୟର ଉପକୂଳବର୍ତ୍ତୀ ସମତଳ ଅଞ୍ଚଳର ବେଳାଭୂମି ଅଧିକ ମାତ୍ରାରେ କ୍ଷୟ ହୋଇଥାଏ ?**

(କ) ଆନ୍ଧ୍ରପ୍ରଦେଶ (ଖ) ତାମିଲନାଡୁ

(ଗ) କେରଳ (ଘ) କର୍ଣ୍ଣାଟକ

**୩୭. କେଉଁଟି ମୃତ୍ତିକା କ୍ଷୟର ଏକ କାରଣ ନୁହେଁ ?**

(କ) ଜନସଂଖ୍ୟା ବୃଦ୍ଧି (ଖ) ବନ୍ୟଜନ୍ତୁ ସଂରକ୍ଷଣ

(ଗ) ଅରଣ୍ୟ କ୍ଷୟ (ଘ) ନବୀକରଣ

୩୮. ଊସର ମୃତ୍ତିକା ଭାରତର କେଉଁ ରାଜ୍ୟରେ ଦେଖାଯାଏ ?

(କ) ଉତ୍ତରପ୍ରଦେଶ (ଖ) ରାଜସ୍ଥାନ
(ଗ) ହିମାଚଳପ୍ରଦେଶ (ଘ) ବିହାର

୩୯. ସନ୍ତସନ୍ତିଆ ବା ଜଳାଭୂମି ମୃତ୍ତିକା ନିମ୍ନୋକ୍ତ କେଉଁ ରାଜ୍ୟରେ ଦେଖାଯାଏ ନାହିଁ ?

(କ) ଓଡ଼ିଶା (ଖ) ପଶ୍ଚିମବଙ୍ଗ
(ଗ) ତାମିଲନାଡୁ (ଘ) ମଧ୍ୟପ୍ରଦେଶ

୪୦. କେଉଁ ମୃତ୍ତିକାରେ ଚାହା, କଫି, ରୋପଣ କୃଷି ଭଲ ହୋଇଥାଏ ?

(କ) କୃଷ୍ଣ ମୃତ୍ତିକା
(ଖ) ଲୋହିତ ମୃତ୍ତିକା
(ଗ) ଅରଣ୍ୟ ମୃତ୍ତିକା
(ଘ) ପିଟ୍ ଓ ଜଳାଭୂମି ମୃତ୍ତିକା




୪୧. ପ୍ରଦତ୍ତ ଭାରତ ମାନଚିତ୍ରରେ 'I' ଚିହ୍ନିତ ଅଂଶ କେଉଁ ଅଞ୍ଚଳକୁ ସୂଚାଉଛି ?

(କ) କଚ୍ଛ ଉପକୂଳ
(ଖ) ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ
(ଗ) ଗାଙ୍ଗେୟ ସମତଳ ଭୂମି
(ଘ) ଆନ୍ଧ୍ର ଉପକୂଳ

୪୨. ପ୍ରଦତ୍ତ ଭାରତ ମାନଚିତ୍ରରେ 'II' ଚିହ୍ନିତ ଅଂଶଟି କାହାକୁ ଦର୍ଶାଉଛି ?

(କ) ପଶ୍ଚିମଘାଟ ପର୍ବତମାଳା
(ଖ) ଆରାବଲୀ ପର୍ବତ
(ଗ) ବିନ୍ଧ୍ୟ ପର୍ବତ
(ଘ) ହିମାଚଳ ପର୍ବତ

୪୩. ପ୍ରଦତ୍ତ ଭାରତ ମାନଚିତ୍ରରେ 'III' ଚିହ୍ନିତ ଅଞ୍ଚଳଟିର ନାମ କ'ଣ ?

(କ) ଛୋଟନାଗପୁର ମାଳଭୂମି
(ଖ) ମାଳବ ମାଳଭୂମି
(ଗ) ବସ୍ତର ଅଞ୍ଚଳ
(ଘ) ତରାଇ ଅଞ୍ଚଳ

୪୪. ପ୍ରଦତ୍ତ ଭାରତ ମାନଚିତ୍ରରେ 'IV' ଚିହ୍ନିତ ଅଂଶଟି କେଉଁ ମୃତ୍ତିକା ଅଞ୍ଚଳକୁ ଦର୍ଶାଉଛି ?

(କ) ପଟୁ ମୃତ୍ତିକା
(ଖ) ମରୁସ୍ଥଳୀ ମୃତ୍ତିକା
(ଗ) ଲାଟେରାଇଟ୍ ମୃତ୍ତିକା
(ଘ) ପାର୍ବତ୍ୟ ଏବଂ ଅରଣ୍ୟ ମୃତ୍ତିକା

୪୫. କମ୍ ଅମ୍ଳୀୟ କିନ୍ତୁ ଅଧିକ କ୍ଷାରୀୟ ମୃତ୍ତିକାକୁ କ'ଣ କୁହାଯାଏ ?

(କ) ପେଡ଼ାଲଫର (ଖ) ପେଡ଼ୋକାଲ
(ଗ) କୃଷ୍ଣ (ଘ) ଲାଟେରାଇଟ୍

୪୬. କେଉଁ ମୃତ୍ତିକା ଆଖୁ ଚାଷ ପାଇଁ ଅଧିକ ଉପଯୁକ୍ତ ?

(କ) ଅବଶିଷ୍ଟ (ଖ) ପରିବାହିତ
(ଗ) ଦୋରସା (ଘ) ପଟୁମାଟି

୪୭. ଅଧିକ ଜଳୀୟ ଅଂଶ ଥିବା ଲୋହିତ ମୃତ୍ତିକା ନିମ୍ନୋକ୍ତ କେଉଁ ଶ୍ରେଣୀର ?

(କ) ଚେର୍ଣ୍ଣୋଜେମ୍ (ଖ) ରେଗୁରୁ
(ଗ) ପୀତ (ଘ) ଭାବର

**୪୮. କେଉଁ ମୃତ୍ତିକା ବାଜରା ଓ ମକାଚାଷ ପାଇଁ ବିଶେଷ ଉପଯୋଗୀ ?**

(କ) ଲୋଏସ (ଖ) ପଟୁ

(ଗ) ଲାଟେରାଇଟ୍ (ଘ) ଲୋହିତ

**୪୯. ନିମ୍ନୋକ୍ତ ଓଡ଼ିଶାର କେଉଁ ଜିଲ୍ଲାରେ ଲାଟେରାଇଟ୍ ମୃତ୍ତିକା ଦେଖାଯାଏ ନାହିଁ ?**

(କ) କୋରାପୁଟ (ଖ) ଗଞ୍ଜାମ

(ଗ) ଢେଙ୍କାନାଳ (ଘ) ସମ୍ବଲପୁର

**୫୦. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସଞ୍ଚୟଜାତ ମୃତ୍ତିକା ଗଠନରେ ସହାୟକ ହୋଇନଥାଏ ?**

(କ) ବୃଷ୍ଟିପାତ (ଖ) ବାୟୁ

(ଗ) ନଦୀ (ଘ) ସମୁଦ୍ରତରଙ୍ଗ

**୫୧. ନିମ୍ନୋକ୍ତ କେଉଁଟି ମୃତ୍ତିକାର ରାସାୟନିକ ବିଶେଷତ୍ୱ ଅଟେ ?**

(କ) ଅମ୍ଳ ଅଂଶ ଏବଂ ଲବଣତା

(ଖ) ରଙ୍ଗ

(ଗ) ଛିଦ୍ରତା

(ଘ) ସଂରଚନା

**୫୨. ଅଧିକ ତାପମାତ୍ରା ଓ ଅଧିକ ବୃଷ୍ଟିପାତ ପାଉଥିବା କ୍ରାନ୍ତୀୟ ମୌସୁମୀ ଜଳବାୟୁ ଅଞ୍ଚଳରେ କେଉଁ ମୃତ୍ତିକା ଦେଖାଯାଏ ?**

(କ) ଅରଣ୍ୟ (ଖ) କ୍ଷାରୀୟ

(ଗ) ଲାଟେରାଇଟ୍ (ଘ) କୃଷ୍ଣ

**୫୩. ଶୁଷ୍କ ଓ ଅର୍ଦ୍ଧଶୁଷ୍କ ଜଳବାୟୁ ଅଞ୍ଚଳର ଜଳଧାରଣ ଶକ୍ତି ବହୁତ କମ୍ ଥିବା ମୃତ୍ତିକାକୁ କେଉଁ ମୃତ୍ତିକା କୁହାଯାଏ ?**

(କ) ଅରଣ୍ୟ (ଖ) ଲାଟେରାଇଟ୍

(ଗ) ମରୁସ୍ଥଳୀ (ଘ) କ୍ଷାରୀୟ

**୫୪. ଅଧିକ ଖଣିଜ ପଦାର୍ଥାଂଶ ଓ ଜୈବାଂଶ କେଉଁ ମୃତ୍ତିକାର ଉପାଦାନ ?**

(କ) କ୍ଷାରୀୟ (ଖ) ପଟୁ

(ଗ) ପାର୍ବତ୍ୟ (ଘ) ଅରଣ୍ୟ

**୫୫. ନିମ୍ନୋକ୍ତ କେଉଁ ମୃତ୍ତିକା ପ୍ରାଥମିକ ଶିଳାର ଚୂର୍ଣ୍ଣୀଭୂତ ସ୍ତର ?**

(କ) ପୀତ ମୃତ୍ତିକା (ଖ) କୃଷ୍ଣ ମୃତ୍ତିକା

(ଗ) ପୃଷ୍ଠ ମୃତ୍ତିକା (ଘ) ଅଧଃସ୍ତର ମୃତ୍ତିକା

**୫୬. ନିମ୍ନୋକ୍ତ କେଉଁ ଉପାଦାନଦ୍ୱୟ ପେଡୋକାଲ ମୃତ୍ତିକାରେ ଅଧିକ ରହିଥାଏ ?**

(କ) ଲୌହ ଓ ଆଲୁମିନିୟମ

(ଖ) ଯବକ୍ଷାରଜାନ ଓ ଜୈବାଂଶ

(ଗ) କ୍ୟାଲସିୟମ କାର୍ବୋନେଟ

(ଘ) ଲୁଣ ଓ କ୍ଷାରୀୟ ଅଂଶ

**୫୭. ଉତ୍ତରପ୍ରଦେଶ ଓ ପଞ୍ଜାବରେ ଲୁଣା ଓ କ୍ଷାରୀୟ ମୃତ୍ତିକାର ନାମ କ'ଣ ?**

(କ) କଙ୍କର (ଖ) ଭାବର

(ଗ) ଭାଙ୍ଗର (ଘ) ଉସର

**୫୮. ମରୁସ୍ଥଳୀ ମୃତ୍ତିକାରେ ଜଳସେଚନ କରି କେଉଁ ଚାଷ କରାଯାଇଥାଏ ?**

(କ) କଫି ଓ ଚା (ଖ) ଜଓ୍ୱାର ଓ ବାଜରା

(ଗ) ମକା ଓ ଗହମ (ଘ) କପା ଓ ଜଡ଼ା

**୫୯. ନଦୀ ବାୟୁ, ହିମବାହ ମାଧ୍ୟମରେ ଗଠିତ ହେଉଥିବା ମୃତ୍ତିକାର ନାମ କ'ଣ ?**

(କ) ପରିବାହିତ ମୃତ୍ତିକା

(ଖ) ସଞ୍ଚୟଜାତ ମୃତ୍ତିକା

(ଗ) କ୍ଷୟଜାତ ମୃତ୍ତିକା

(ଘ) ଅପସୃତ ମୃତ୍ତିକା

**୬୦. କେଉଁଟି ମୃତ୍ତିକା ଗଠନ ପ୍ରକ୍ରିୟାକୁ ପ୍ରଭାବିତ କରୁଥିବା ନିୟାମକ ?**

(କ) କାରକ (ଖ) ବାହକ

(ଗ) ହିମାଙ୍କ (ଘ) କର୍ଦ୍ଦମ

**୬୧. ଲୁଣା ମୃତ୍ତିକା ଦେଖାଯାଉଥିବା ରାଜ୍ୟର ନାମ କ'ଣ ?**

(କ) କେରଳ (ଖ) ମହାରାଷ୍ଟ୍ର

(ଗ) ଝାଡ଼ଖଣ୍ଡ (ଘ) ଆନ୍ଧ୍ରପ୍ରଦେଶ

**୬୨. କଙ୍କଣ ଉପକୂଳରେ କେଉଁ ମୃତ୍ତିକା ଦେଖାଯାଏ ?**

(କ) ଲାଲ (ଖ) କ୍ଷାର

(ଗ) କୃଷ୍ଣ (ଘ) ଧୂସର

**୬୩. ହିମାଳୟର ପାଦଦେଶରେ 8 କି.ମି. ରୁ 16 କି.ମି. ପ୍ରସ୍ଥ ବିଶିଷ୍ଟ ଅଞ୍ଚଳରେ କେଉଁ ମୃତ୍ତିକା ଦେଖାଯାଏ ?**

(କ) ତରାଇ (ଖ) କଙ୍କର

(ଗ) କଙ୍କଣ (ଘ) ଭାବର

**୬୪. ନିମ୍ନୋକ୍ତ କେଉଁ ମୃତ୍ତିକାରେ ଜୈବସାର ଓ ଯବକ୍ଷାରଜାନ ଅଧିକ ଥାଏ ଏବଂ ପଟାସ, ଚୂନ ଓ ଫସଫରସ୍ କମ୍ ଥାଏ ?**

(କ) ଅରଣ୍ୟ (ଖ) ଲାଟେରାଇଟ

(ଗ) ପାର୍ବତ୍ୟ (ଘ) କ୍ଷାରୀୟ

**୬୫. ଭାରତର କେଉଁ ଅଞ୍ଚଳରେ ଦୁର୍ଗମ ଭୂମି ଦେଖାଯାଏ ?**

(କ) ଚମ୍ବଲ ଉପତ୍ୟକା (ଖ) ଗଣ୍ଡୱାନା ଲାଣ୍ଡ

(ଗ) ସାତପୁରା (ଘ) ଆରାବଳୀ

**୬୬. ମରୁ ଅଞ୍ଚଳରେ : ଲୋଏସ :: ଶୁଷ୍କ ଅଞ୍ଚଳରେ : ________**

(କ) ରେଗୁର (ଖ) ରେ

(ଗ) ରେଗୋଲିଥ (ଘ) ଚେର୍ଣ୍ଣୋଜେମ୍

**୬୭. ପାର୍ବତ୍ୟ ମୃତ୍ତିକା : ରେନ୍‌ଡିଜିନା :: ଶୁଷ୍କ କାର୍ପାସ ମୃତ୍ତିକା : ________**

(କ) ରେଗୁର (ଖ) ରେ

(ଗ) ରେଗୋଲିଥ (ଘ) ଚେର୍ଣ୍ଣୋଜେମ୍

**୬୮. ରେଗୋଲିଥ୍ ମୃତ୍ତିକା : ଆରାବଳୀ ପର୍ବତ :: ଲିଥୋଜଲିକ ମୃତ୍ତିକା : ________**

(କ) ହରିୟାଣା ଓ ପଞ୍ଜାବ

(ଖ) ମହାରାଷ୍ଟ୍ର ଓ ରାଜସ୍ଥାନ

(ଗ) କୋଟାୟମ ଓ ଆଲାପୁଜା

(ଘ) ପୋଖରାନ ଓ ଜଏସାଲମେର

**୬୯. କେଉଁ ଉପାଦାନଟି ମରୁସ୍ଥଳୀ ମୃତ୍ତିକାରେ କମ୍ ପରିମାଣରେ ରହିଥାଏ ?**

(କ) ବାଲି (ଖ) ଯବକ୍ଷାରଜାନ

(ଗ) ଲବଣ (ଘ) ଫସ୍‌ଫରସ୍

**୭୦. କେଉଁ ମୃତ୍ତିକା ଅତି ବହଳିଆ ହୋଇଥାଏ ?**

(କ) ଭାବର (ଖ) ଖାଦର

(ଗ) ତରାଇ (ଘ) ଭାଙ୍ଗର

# ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଗ) ଦୋରସା
୨. (କ) ଲୋଏସ୍
୩. (ଖ) ପଟୁ
୪. (ଘ) କୃଷ୍ଣ
୫. (କ) କୃଷ୍ଣ
୬. (ଖ) ପୋଡୁଚାଷ
୭. (ଗ) 21
୮. (ଘ) ବରି
୯. (ଘ) କୃଷ୍ଣ କାର୍ପାସ
୧୦. (ଘ) ବାସାଲାଟ୍
୧୧. (କ) 2
୧୨. (ଖ) ବୋରିକ୍
୧୩. (ଗ) ଯୌଗିକ
୧୪. (ଗ) ଲାଟେଟାଇଟ୍ ମୃତ୍ତିକା
୧୫. (ଘ) 55
୧୬. (କ) ହଜାର ହଜାର ବର୍ଷ
୧୭. (ଖ) ଶ୍ୱେତ ଲାଲ ମୃତ୍ତିକା
୧୮. (ଘ) ରୋଗୋଲିଥ
୧୯. (ଗ) ଗଙ୍ଗାନଗର
୨୦. (କ) 1952
୨୧. (ଖ) ଲିଥୋଜଲିକ୍
୨୨. (ଘ) ରାଜସ୍ଥାନ
୨୩. (ଗ) 8$^0$.4’ ଉ-37$^0$.6’ ଉ
୨୪. (ଘ) ଚୂର୍ଣ୍ଣୀଭବନ
୨୫. (କ) 43
୨୬. (ଘ) କଙ୍କର
୨୭. (ଗ) ରେ
୨୮. (ଖ) 9
୨୯. (କ) 4
୩୦. (ଘ) ଲୋହିତ ମୃତ୍ତିକା
୩୧. (ଗ) ମରୁସ୍ଥଳୀ ମୃତ୍ତିକା
୩୨. (ଖ) ବିହାର
୩୩. (କ) ହରିୟାଣା
୩୪. (କ) ରାଜସ୍ଥାନ
୩୫. (ଘ) ପଞ୍ଜାବ
୩୬. (ଗ) କେରଳ
୩୭. (ଖ) ବନ୍ୟଜନ୍ତୁ ସଂରକ୍ଷଣ
୩୮. (କ) ଉତ୍ତରପ୍ରଦେଶ
୩୯. (ଘ) ମଧ୍ୟପ୍ରଦେଶ
୪୦. (ଗ) ଅରଣ୍ୟ ମୃତ୍ତିକା
୪୧. (କ) କଚ୍ଛ ଉପକୂଳ
୪୨. (ଖ) ଆରାବଳୀ ପର୍ବତ
୪୩. (ଘ) ତରାଇ ଅଞ୍ଚଳ
୪୪. (ଘ) ପାର୍ବତ୍ୟ ଏବଂ ଅରଣ୍ୟ ମୃତ୍ତିକା
୪୫. (କ) ପେଡ଼ାଲଫର
୪୬. (ଖ) ପରିବାହିତ
୪୭. (ଗ) ପୀତ
୪୮. (ଘ) ଲୋହିତ
୪୯. (ଘ) ସମ୍ବଲପୁର
୫୦. (କ) ବୃଷ୍ଟିପାତ
୫୧. (କ) ଅମ୍ଳ ଅଂଶ ଏବଂ ଲବଣତା
୫୨. (ଗ) ଲାଟେରାଇଟ୍
୫୩. (ଗ) ମରୁସ୍ଥଳୀ
୫୪. (ଖ) ପଟୁ
୫୫. (ଘ) ଅଧଃସ୍ତର ମୃତ୍ତିକା
୫୬. (କ) ଲୌହ ଓ ଆଲୁମିନିୟମ
୫୭. (ଘ) ଉସର
୫୮. (ଖ) ଜଓ୍ୱାର ଓ ବାଜରା
୫୯. (ଖ) ସଞ୍ଚୟଜାତ ମୃତ୍ତିକା
୬୦. (କ) କାରକ
୬୧. (କ) କେରଳ
୬୨. (ଖ) କ୍ଷାର
୬୩. (ଘ) ଭାବର
୬୪. (କ) ଅରଣ୍ୟ
୬୫. (କ) ଚମ୍ବଲ ଉପତ୍ୟକା
୬୬. (ଖ) ରେ
୬୭. (ଘ) ଚେର୍ଣ୍ଣୋଜେମ୍
୬୮. (ଘ) ପୋଖରାନ ଓ ଜଏସାଲମେର
୬୯. (ଖ) ଯବକ୍ଷାରଜାନ
୭୦. (ଗ) ତରାଇ

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର ୧. କୃଷ୍ଣ ମୃତ୍ତିକାର ଗଠନ ଓ ବିଶେଷତ୍ୱ ସମ୍ପର୍କରେ ଲେଖ।**

ଉତ୍ତର
- କୃଷ୍ଣ ମୃତ୍ତିକାର ରଙ୍ଗ କଳା। ସ୍ଥାନୀୟ ଭାବେ ଏହାକୁ ରେଗୁର ବା କୃଷ୍ଣ କାର୍ପାସ ମୃତ୍ତିକା କୁହାଯାଏ।
- ଦାକ୍ଷିଣାତ୍ୟ ମାଳଭୂମିର ଜ୍ୱାଳାମୁଖୀ ନିର୍ଗତ ଲାଭା ସୃଷ୍ଟ ମାଳଭୂମିର ବାସାଲଟ୍ ଶିଳାରୁ ଏହା ସୃଷ୍ଟି ହୋଇଥାଏ।
- ଏଥିରେ ଅଧିକ ପରିମାଣରେ ଲୌହାଂଶ ରହିଥାଏ। ଅଧିକ ପରିମାଣରେ ଆଲୁମିନିୟମ୍, ପଟାସ୍, ଚୂନ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଇତ୍ୟାଦି ରାସାୟନିକ ପଦାର୍ଥ ରହିଥିବାରୁ ଏହା କୃଷି ପାଇଁ ବିଶେଷତଃ କାର୍ପାସ ଚାଷ ପାଇଁ ବିଶେଷ ଉପଯୋଗୀ।
- ଏହି ମୃତ୍ତିକାରେ ଗହମ, କପା, ଜଓ୍ୱାର, ମିଲେଟ୍, ଜଡ଼ା, ଆଖୁ ଓ ଧୂଆଁପତ୍ର ଆଦି ଚାଷ କରାଯାଏ।
- ଏହା ମହାରାଷ୍ଟ୍ର, ଗୁଜୁରାଟ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ଦେଖାଯାଏ।

**ପ୍ର ୨. ମୃତ୍ତିକା ସଂରକ୍ଷଣ ନିମନ୍ତେ ଗ୍ରହଣ କରାଯାଇଥିବା ବୃହତ୍ ପଦକ୍ଷେପଗୁଡ଼ିକ କ'ଣ କ'ଣ ?**

ଉତ୍ତର ମୃତ୍ତିକା ସଂରକ୍ଷଣ ପାଇଁ ନିଆଯାଉଥିବା ବୃହତ୍ ପଦକ୍ଷେପଗୁଡ଼ିକ ହେଲା

- ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସାହାଯ୍ୟରେ କେତେକ ବୃହତ୍ ଯୋଜନା ମାଧ୍ୟମରେ ଦୁର୍ଗମ ଭୂମି ଓ ନଦୀକ୍ଷୟିତ ଭୂମିକୁ କୃଷି, ଶିଳ୍ପ ଆଦି କାର୍ଯ୍ୟରେ ବ୍ୟବହାର କରିବା।
- ପୁନଃ ବନୀକରଣ ମାଧ୍ୟମରେ ନୂତନ ଅରଣ୍ୟ ସୃଷ୍ଟି କରିବା ଓ ଅତ୍ୟଧିକ ପଶୁଚାରଣକୁ ରୋକାଯିବା ପାଇଁ ଆଇନ ପ୍ରଣୟନ କରିବା।
- ବୁନ୍ଦା ଜଳସେଚନ ମାଧ୍ୟମରେ ମୃତ୍ତିକା କ୍ଷୟ ରୋକିବା।
- ନଦୀ ଶଯ୍ୟାରେ ବନ୍ଧ ଓ ଜଳଭଣ୍ଡାର ସୃଷ୍ଟି କରି ବନ୍ୟା ନିୟନ୍ତ୍ରଣ କରିବା।
- ନଦୀ ସଂଯୋଗ ଯୋଜନା ଦ୍ୱାରା ବନ୍ୟା ନିୟନ୍ତ୍ରଣ କରିବା ସହ ମୃତ୍ତିକା କ୍ଷୟ ରୋକିବା।

**ପ୍ର ୩. ମୃତ୍ତିକାର ଗଠନ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କର।**

ଉତ୍ତର
- ମୃତ୍ତିକାର ଅନ୍ୟ ନାମ ମାଟି। ଏହା ଭୂମିର ପୃଷ୍ଠସ୍ତର ଗଠନ କରିଥାଏ।
- ମୃତ୍ତିକା ସମ୍ବଳ ପ୍ରକୃତିର ଏକ ମୂଲ୍ୟବାନ୍ ଦାନ। ଏହା ଏକ ପ୍ରଧାନ ନବୀକରଣ ଯୋଗ୍ୟ ପ୍ରାକୃତିକ ସମ୍ବଳ।
- ଏହାର ଗଠନ ପାଇଁ ବହୁ ବର୍ଷ ଲାଗୁଥିବାରୁ ଅନେକ ଏହାକୁ ମଧ୍ୟ ନବୀକରଣ ଅଯୋଗ୍ୟ ସମ୍ବଳ ଭାବେ ଗ୍ରହଣ କରିଥାନ୍ତି।
- ମୃତ୍ତିକା ଏକ ଯୌଗିକ ପଦାର୍ଥ। ଜୀବାଣୁମାନେ ମୃତ୍ତିକାରେ ବହୁ ରାସାୟନିକ ପରିବର୍ତ୍ତନ ଆଣନ୍ତି।
- ଶିଳାର ଚୂର୍ଣ୍ଣୀଭବନ ପ୍ରକ୍ରିୟା ଏତେ ଧୀର ଯେ 2 ସେଣ୍ଟିମିଟର ବହଳ ମୃତ୍ତିକା ସ୍ତର ଗଠନ ପାଇଁ ଏହା ପ୍ରାୟ ହଜାର ହଜାର ବର୍ଷ ନେଇଥାଏ। ତେଣୁ ମୃତ୍ତିକାର ସୃଷ୍ଟି ଏକ ଧୀର ପ୍ରକ୍ରିୟା ଅଟେ।

**ପ୍ର ୪. ଲୋହିତ ମୃତ୍ତିକାର ଗଠନ ପ୍ରକ୍ରିୟା ସମ୍ବନ୍ଧରେ ଉଲ୍ଲେଖ କର ।**

**ଉତ୍ତର** i) ସ୍ଫଟିକ ଆଗ୍ନେୟ ଓ ରୂପାନ୍ତରିତ ଶିଳା ଏବଂ ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳରେ ଏହି ମୃତ୍ତିକା ଗଠିତ ହୋଇଥାଏ ।

ii) ଏଥିରେ ଲୌହ, ମ୍ୟାଗ୍ନେସିୟମ, ପଟାସ୍, ଫସଫେଟ୍ ପ୍ରଭୃତି ଖଣିଜ ପଦାର୍ଥ ଅଧିକ ପରିମାଣରେ ଥାଏ । ଜୈବାଂଶ, ଯବକ୍ଷାରଜାନ ଓ ଚୂନ ଅଂଶ କମ୍ ଥାଏ ।

iii) ଲୌହ ଅଂଶ ଅଧିକ ଥିବାରୁ ଏହାର ରଙ୍ଗ ଲାଲ ଦେଖାଯାଏ ।

iv) ଏହି ମୃତ୍ତିକା ହାଲୁକା, ଅଧିକ ଛିଦ୍ରଯୁକ୍ତ ଓ ତନ୍ତୁ ବିଶିଷ୍ଟ ହୋଇଥାଏ ।

v) ଜଳୀୟ ଅଂଶ ଅଧିକ ଥିଲେ ଏହାର ସଂରଚନା ଓ ଏହାର ରଙ୍ଗ ପୀତ ହୋଇଥାଏ ତେଣୁ ଏହାକୁ ପୀତ ମୃତ୍ତିକା କୁହାଯାଏ ।

**ପ୍ର ୫. ପଟୁ ମୃତ୍ତିକାର ବିଶେଷତ୍ୱ ଉଲ୍ଲେଖ କର ।**

**ଉତ୍ତର** i) ଓଡ଼ିଶାର ଉପକୂଳବର୍ତ୍ତୀ ସମତଳଭୂମି ଓ ନଦୀ ଉପତ୍ୟକା ଅଞ୍ଚଳରେ ଏହି ମୃତ୍ତିକା ଦେଖାଯାଏ ।

ii) ଏଥିରେ ବିଭିନ୍ନ ପରିମାଣର ବାଲୁକାରେଣୁ, ପଟୁ ଓ କର୍ଦ୍ଦମ ମିଶ୍ରିତ ଭାବେ ରହିଥାଏ ।

iii) ଏଥିରେ ଅଧିକ ପରିମାଣରେ ଖଣିଜ ପଦାର୍ଥାଂଶ ଓ ଜୈବାଂଶ ଥିବାରୁ ଏହା ଅତ୍ୟନ୍ତ ଉର୍ବର ଓ କୃଷିକାର୍ଯ୍ୟ ପାଇଁ ବିଶେଷ ଉପଯୋଗୀ ।

iv) ଗାଙ୍ଗେୟ ସମତଳ ଭୂମିରେ ଏହି ପଟୁ ମୃତ୍ତିକା ମୁଖ୍ୟତଃ ଦୁଇ ପ୍ରକାରର ଯଥା : ନୂତନ ପଟୁ ମୃତ୍ତିକା ବା ଖାଦର ଓ ପୁରାତନ ପଟୁ ମୃତ୍ତିକା ବା ଭାଙ୍ଗର କୁହାଯାଏ ।

v) କଙ୍କର, ଭାବର, ତରାଇ ଆଦି ନଦୀର ପ୍ଲାବନ ଅଞ୍ଚଳରେ ଦେଖାଯାଏ । ଅପେକ୍ଷାକୃତ ଶୁଷ୍କ ଅଞ୍ଚଳରେ ଦେଖା ଯାଉଥିବା ପଟୁ ମୃତ୍ତିକାକୁ 'ରେ' କୁହାଯାଏ ।

**ପ୍ର ୬. ଜଳ ପ୍ରବାହ ଦ୍ୱାରା ମୃତ୍ତିକା କିପରି କ୍ଷୟ ହୋଇଥାଏ ଉଲ୍ଲେଖ କର ?**

**ଉତ୍ତର** ଜଳ ପ୍ରବାହ ଦ୍ୱାରା ମୃତ୍ତିକା ତିନି ପ୍ରକାରର କ୍ଷୟ ହୋଇଥାଏ –

- ପୃଷ୍ଠ ମୃତ୍ତିକା କ୍ଷୟ ସାଧାରଣ ଭାବେ ପ୍ରତ୍ୟେକ ସ୍ଥାନରେ ହୋଇଥାଏ ।
- ଅଙ୍ଗୁଳି ଆକୃତିର ଧାରାକ୍ଷୟ ପାର୍ବତ୍ୟ ଭୂମିରେ ହୋଇଥାଏ ।
- ଗର୍ତ୍ତକ୍ଷୟ ତୀଖ ପାହାଡ଼ ଓ ଆର୍ଦ୍ର ଭୂମିରେ ହୋଇଥାଏ । ଗର୍ତ୍ତକ୍ଷୟ ଦ୍ୱାରା ଦୁର୍ଗମ ଭୂମି ବା ନଦୀକ୍ଷୟିତ ଉଚ୍ଚାବଚ୍ଚ ଭୂମି ସୃଷ୍ଟି ହୋଇଥାଏ ।

**ପ୍ର ୭. କେଉଁ କେଉଁ କାରକ ମୃତ୍ତିକା ଗଠନରେ ସହାୟକ ହୋଇଥାଏ ?**

**ଉତ୍ତର** ଯେଉଁ ମୌଳିକ ବସ୍ତୁଗୁଡ଼ିକ ମୃତ୍ତିକା ଗଠନ ପ୍ରକ୍ରିୟାକୁ ପ୍ରଭାବିତ କରନ୍ତି, ସେଗୁଡ଼ିକୁ ମୃତ୍ତିକା ଗଠନର ନିୟାମକ ବା କାରକ ବୋଲି କୁହାଯାଏ । ମୃତ୍ତିକା ଗଠନ ପରିବେଶର ଛଅଟି କାରକ ଦ୍ୱାରା ପ୍ରଭାବିତ ହୋଇଥାଏ । ସେଗୁଡ଼ିକ ହେଲା –

(i) ପୃଷ୍ଠ ସରଞ୍ଚନା, (ii) ପୃଷ୍ଠ ଉଚ୍ଚାବଚ୍ଚ / ଢାଲୁ, (iii) ଜଳବାୟୁ, (iv) ପ୍ରାକୃତିକ ଉଦ୍ଭିଦ, (v) ଜୈବାଂଶ ଓ (vi) ସମୟ ।

**ପ୍ର ୮. ମୃତ୍ତିକାର ପାର୍ଶ୍ୱଚ୍ଛେଦ ବିଷୟରେ ଉଲ୍ଲେଖ କର।**

**ଉତ୍ତର** ମୃତ୍ତିକା ସ୍ତରର ପାର୍ଶ୍ୱଚ୍ଛେଦକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ନିମ୍ନ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ଯଥାକ୍ରମେ ପ୍ରାଥମିକ ଶିଳାସ୍ତର ଅଚୂର୍ଣ୍ଣୀଭୂତ ଶିଳାସ୍ତର, ଅଧଃସ୍ତର ବା ପ୍ରାଥମିକ ଶିଳାର ଚୂର୍ଣ୍ଣୀଭୂତ ଶିଳାସ୍ତର ବାଲି, କର୍ଦ୍ଦମ ଓ ପଟୁମିଶ୍ରିତ ଉପମୃତ୍ତିକା ସ୍ତର ଏବଂ ଜୈବାଂଶ ଉଦ୍ଭିଦଯୁକ୍ତ ଉପର ମୃତ୍ତିକା ସ୍ତର ରହିଥାଏ।

**ପ୍ର ୯. କ୍ଷୟଜାତ ଶିଳାରେଣୁର ଆକାର ଓ ପରିମାଣକୁ ବିଚାର କରି ମୃତ୍ତିକାର ଶ୍ରେଣୀ ବିଭାଗ କର।**

**ଉତ୍ତର** କ୍ଷୟଜାତ ଶିଳାରେଣୁର ଆକାର ଓ ପରିମାଣକୁ ବିଚାର କରି ମୃତ୍ତିକାକୁ ଚାରି ଶ୍ରେଣୀରେ ବିଭକ୍ତ କରାଯାଏ। ସେଗୁଡ଼ିକ ହେଲା (i) ପଟୁମାଟି (ii) ଦୋରସା (iii) ମଟାଳ (iv) ବାଲିଆ ବାଲିଆ, ପଟୁ ଓ ମଟାଳ ମିଶି କରି ଯେଉଁ ମୃତ୍ତିକା ଗଠିତ ହୁଏ, ତାକୁ ଦୋରସା ମୃତ୍ତିକା କୁହାଯାଏ।

**ପ୍ର ୧୦. ମରୁସ୍ଥଳୀ ମୃତ୍ତିକାର ବିଶେଷତ୍ୱ ବିଷୟରେ ଆଲୋକପାତ କର।**

**ଉତ୍ତର**
- ମରୁସ୍ଥଳୀ ମୃତ୍ତିକା ଶୁଷ୍କ ଓ ଅର୍ଦ୍ଧଶୁଷ୍କ ଜଳବାୟୁ ଅଞ୍ଚଳରେ ଦେଖାଯାଏ।
- ବିଶେଷତଃ ଭାରତର ଉତ୍ତର ପଶ୍ଚିମାଅଞ୍ଚଳରେ ଅବସ୍ଥିତ ରାଜସ୍ଥାନର ଥର ମରୁଭୂମି, ଗୁଜୁରାଟର ସୌରାଷ୍ଟ୍ର ଓ ହରିୟାଣା ଓ ପଞ୍ଜାବ ରାଜ୍ୟମାନଙ୍କରେ ଏ ପ୍ରକାର ମୃତ୍ତିକା ଦୃଷ୍ଟିଗୋଚର ହୁଏ।
- ଭାରତର ସମୁଦାୟ ଆୟତନର ପ୍ରାୟ ଶତକଡ଼ା 15 ଭାଗରେ ଏହି ମୃତ୍ତିକା ଦେଖାଯାଏ।
- ଏହି ମୃତ୍ତିକାରେ ଅଧିକ ପରିମାଣର ବାଲି, ଲବଣ, ଫସଫରସ ଏବଂ କମ୍ ପରିମାଣର ଜୈବାଂଶ, ଜବକ୍ଷାରଜାନ ଓ କ୍ୟାଲସିୟମ କାର୍ବୋନେଟ୍ ରହିଥାଏ।
- ଏହି ମୃତ୍ତିକାର ଜଳଧାରଣ ଶକ୍ତି ବହୁତ କମ୍ ରହିଥାଏ। ଜଳସେଚନ ମାଧ୍ୟମରେ ଏହି ଅଞ୍ଚଳକୁ କୃଷି ଭୂମିରେ ପରିଣତ କରାଯାଇପାରେ ରୋଗୋଲିଥ ଓ ଲିଥୋଜଲିକ୍ ଆଦି ମୃତ୍ତିକା ଏହାର ଅନ୍ତର୍ଗତ।

**ପ୍ର ୧୧. ନିମ୍ନଲିଖିତ ଗୁଡ଼ିକର ପାର୍ଥକ୍ୟ ଦର୍ଶାଅ।**

(କ) ପେଡ଼ାଲଫର ଓ ପେଡ଼ୋକାଲ
(ଖ) ଖାଦର ଓ ଭାଙ୍ଗର
(ଗ) କଙ୍କର ଓ ତରାଇ
(ଘ) ରେଗୁର ମୃତ୍ତିକା ଓ ବରି ମୃତ୍ତିକା
(ଙ) ରୋଗୋଲିଥ ଓ ଲିଥୋଜଲିକ
(ଚ) ଅବଶିଷ୍ଟ ମୃତ୍ତିକା ଓ ଅପସୃତ ମୃତ୍ତିକା

**(କ) ପେଡ଼ାଲଫର ଓ ପେଡ଼ୋକାଲ**

**ଉତ୍ତର** **ପେଡ଼ାଲଫର ମୃତ୍ତିକା :** ଆର୍ଦ୍ର ଜଳବାୟୁ ଅଞ୍ଚଳରେ ଅଧିକ ବୃଷ୍ଟିପାତ ଫଳରେ ମୃତ୍ତିକାରେ ଧାତବ ଲବଣ ଧୋଇ ହୋଇଯାଏ ଏବଂ ଲୌହ ଓ ଆଲୁମିନିୟମ ଅଧିକ ପରିମାଣରେ ରହିଯାଏ। ଫଳରେ ଏହା ଲବଣାମ୍ଳଯୁକ୍ତ ଓ ସ୍ୱଳ୍ପ ଜୈବାଂଶ ବିଶିଷ୍ଟ ହୋଇଥାଏ। ଏହାକୁ ପେଡ଼ାଲଫର ମୃତ୍ତିକା କୁହାଯାଏ।

**ପେଡ଼ୋକାଲ ମୃତ୍ତିକା :** ଭାରତର ଉତ୍ତର ପଶ୍ଚିମ ଅଞ୍ଚଳରେ ଶୁଷ୍କ ବା ଅର୍ଦ୍ଧଶୁଷ୍କ ଜଳବାୟୁ ଯୋଗୁଁ କମ୍ ବୃଷ୍ଟିପାତ ହୋଇଥାଏ। ତେଣୁ ଏଠାରେ ମୃତ୍ତିକାରେ ଚୂନ ପଦାର୍ଥ ଅଧିକ ପରିମାଣରେ ସଞ୍ଚିତ ହୋଇଥାଏ। ଏହା କମ୍ ଅମ୍ଳୀୟ କିନ୍ତୁ ଅଧିକ କ୍ଷାରୀୟ ହୋଇଥାଏ। ଏହାକୁ ପେଡ଼ୋକାଲ ମୃତ୍ତିକା କୁହାଯାଏ।

(ଖ) **ଖାଦର ଓ ଭାଙ୍ଗର**

**ଉତ୍ତର** **ଖାଦର : ମୃତ୍ତିକା** ନଦୀ ଶଯ୍ୟାର ପ୍ଲାବନ ଭୂମିରେ ଦେଖାଯାଏ । ଏଥିରେ ଅଧିକ ବାଲୁକା, ପଟୁ, କର୍ଦ୍ଦମ ଅଂଶ ମିଶ୍ରିତ ଭାବେ ଥାଏ । ପ୍ରତିବର୍ଷ ବନ୍ୟାଜଳ ଦ୍ୱାରା ପଟୁ ଜମା ହେବା ଫଳରେ ଏହାର ବହଳତା ବୃଦ୍ଧିପାଏ ଏବଂ ଏହାର ରଙ୍ଗ ଅଳ୍ପ କଳା ହୋଇଥାଏ ।

**ଭାଙ୍ଗର :** ଏହି ମୃତ୍ତିକାରେ ମାଟି ଅଂଶ ଅଧିକ ଥାଏ । ଏହା ନଦୀର ପ୍ଲାବନ ଭୂମି ଠାରୁ ଦୂରରେ ବନ୍ୟାଜଳ ପହଞ୍ଚୁ ନ ଥିବା ଅଞ୍ଚଳରେ ଦେଖାଯାଏ । ତେଣୁ ଏହା ପୁରାତନ ମାଟି ଦ୍ୱାରା ଗଠିତ । ଏହାର ରଙ୍ଗ ମଧ୍ୟ କଳା ହୋଇଥାଏ ।

(ଗ) **କଙ୍କର ମୃତ୍ତିକା ଓ ତରାଇ ମୃତ୍ତିକା**

**ଉତ୍ତର** **କଙ୍କର ମୃତ୍ତିକା :** କେତେକ ସ୍ଥାନରେ ଭାଙ୍ଗର ମୃତ୍ତିକାରେ ଚୂନ ଗୋଡ଼ି ଅଧିକ ପରିମାଣରେ ଥିଲେ ତାକୁ କଙ୍କର ମୃତ୍ତିକା କୁହାଯାଏ ।

**ତରାଇ ମୃତ୍ତିକା :** ପଟୁ ବ୍ୟଜନର ନିମ୍ନ ଅଞ୍ଚଳରେ ଅବସ୍ଥିତ ସନ୍ତସନ୍ତିଆ ସ୍ଥାନରେ ଦେଖାଯାଉଥିବା ପତଳା ଓ ଜୈବାଂଶ ପୂର୍ଣ୍ଣ ମୃତ୍ତିକାକୁ ତରାଇ ମୃତ୍ତିକା କୁହାଯାଏ ।

(ଘ) **ରେଗୁର ମୃତ୍ତିକା ଓ ବରି ମୃତ୍ତିକା**

**ଉତ୍ତର** **ରେଗୁର ମୃତ୍ତିକା :** ଯେଉଁ ମୃତ୍ତିକାର ରଙ୍ଗ କଳା ସ୍ଥାନୀୟ ଭାବେ ତାହାକୁ ରେଗୁର ମୃତ୍ତିକା କୁହାଯାଏ । ଏହାକୁ କୃଷ୍ଣକାର୍ପାସ ମୃତ୍ତିକା କୁହାଯାଏ ।

**ବରି ମୃତ୍ତିକା :** ପିଟ୍ ଓ ଜଳାଭୂମି ମୃତ୍ତିକା କେରଳ ରାଜ୍ୟର ପଶ୍ଚିମାଂଶରେ କୋଟାୟାମ୍ ଓ ଆଲାପୁଜା ଜିଲ୍ଲାରେ ଅଧିକ ପରିମାଣରେ ଦେଖାଯାଏ । ଏହାକୁ ବରି ମୃତ୍ତିକା କୁହାଯାଏ ।

(ଙ) **ରୋଗୋଲିଥ ଓ ଲିଥୋଜଲିକ**

**ଉତ୍ତର** **ରୋଗୋଲିଥ :** ପ୍ରାଥମିକ ଶିଳାର ପ୍ରଭାବ ଅନୁସାରେ ଆରାବଳୀ ପର୍ବତର ଉଭୟ ପାର୍ଶ୍ୱରେ ଦେଖାଯାଉଥିବା ମରୁସ୍ଥଳୀ ମୃତ୍ତିକାକୁ ରୋଗୋଲିଥ ମୃତ୍ତିକା କୁହାଯାଏ ।

**ଲିଥୋଜଲିକ ମୃତ୍ତିକା :** ରାଜସ୍ଥାନର ପୋଖରାନ୍ ଓ ଜଏସେଲ୍‌ମେର ଅଞ୍ଚଳର ମରୁସ୍ଥଳୀ ମୃତ୍ତିକାକୁ ଲିଥୋଜଲିକ ମରୁସ୍ଥଳୀ ମୃତ୍ତିକା କୁହାଯାଏ ।

**ପ୍ର ୧୨. ଭାରତରେ ମୃତ୍ତିକା ସମ୍ବନ୍ଧୀୟ ସମସ୍ୟା ବିଷୟରେ ଉଲ୍ଲେଖ କର ।**

**ଉତ୍ତର** ଭାରତରେ ମୃତ୍ତିକା ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ହେଉଛି –

- ମୃତ୍ତିକାକ୍ଷୟ, ଉର୍ବରତା ହ୍ରାସ, ମରୁକରଣ, ଜଳବନ୍ଦୀ, ଲବଣତା, କ୍ଷାରତ୍ୱ, ବର୍ଜ୍ୟଭୂମି, ନଗରୀକରଣ, ପରିବହନ ବିକାଶ ଓ ମନୁଷ୍ୟକୃତ ପ୍ରତିବନ୍ଧକ
- ଭୂ-ପୃଷ୍ଠର ଉପରିଭାଗରେ ଥିବା ମୃତ୍ତିକା, ବୃଷ୍ଟିପାତ, ଜଳ ପ୍ରବାହ, ବାୟୁ ପ୍ରବାହ, ହିମବାହ ପ୍ରବାହ, ସମୁଦ୍ରତରଙ୍ଗ ପ୍ରଭୃତି ବିଭିନ୍ନ ପ୍ରାକୃତିକ ପ୍ରକ୍ରିୟା ଦ୍ୱାରା ମୃତ୍ତିକା କ୍ଷୟ ହୋଇଥାଏ ।
- ପଶୁ ଓ ମନୁଷ୍ୟମାନଙ୍କର କାର୍ଯ୍ୟକଳାପ ଯୋଗୁଁ ମୃତ୍ତିକା କ୍ରମଶଃ କ୍ଷୟ ହୋଇଥାଏ ।
- ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି, ବିସ୍ତାରିତ ନଗରୀକରଣ ଯୋଗୁଁ ମୃତ୍ତିକାର ଅବକ୍ଷୟ ଘଟିଥାଏ ।

- ଅରଣ୍ୟକ୍ଷୟ ମୃତ୍ତିକା କ୍ଷୟର ଅନ୍ୟ ଏକ କାରଣ ଅଟେ । ଭାରତର ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ପ୍ରବଳ ମୃତ୍ତିକା କ୍ଷୟ ଘଟିଥାଏ । ଭାରତର ସମୁଦାୟ ଆୟତନର ଶତକଡ଼ା 21 ଭାଗ ଅଞ୍ଚଳରେ ପ୍ରତିବର୍ଷ ମୃତ୍ତିକା କ୍ଷୟ ହୋଇଥାଏ ।

**ପ୍ର ୧୩. ମୃତ୍ତିକା ସଂରକ୍ଷଣ ନିମନ୍ତେ ଗ୍ରହଣ କରାଯାଇଥିବା କ୍ଷୁଦ୍ର ପଦକ୍ଷେପଗୁଡ଼ିକ କଣ ଲେଖ ।**

**ଉତ୍ତର** ମୃତ୍ତିକା ସଂରକ୍ଷଣ ନିମନ୍ତେ କ୍ଷୁଦ୍ର ପଦକ୍ଷେପଗୁଡ଼ିକ ହେଲା -

(i) ପତିତ ଭୂମିରେ ପୁନଃ ବନୀକରଣ କରିବା

(ii) ପାର୍ବତ୍ୟ ଢାଲୁରେ ରୈଖିକ କର୍ଷଣ କରିବା

(iii) କ୍ଷୟ ରୋଧକାରୀ ଶକ୍ତ, ତୃଣ, ବୁଦା ବୃକ୍ଷ ବା ଉଦ୍ଭିଦରୋପଣ କରିବା ।

(iv) ଅତ୍ୟଧିକ ପଶୁଚାରଣକୁ ନିୟନ୍ତ୍ରଣ କରିବା

(v) ବାୟୁ ପ୍ରବାହକୁ ପ୍ରତିରୋଧ କରିବା ପାଇଁ ବୃକ୍ଷର ଏକ ଆବାସ ବଳୟ ସୃଷ୍ଟି କରିବା

(vi) ସ୍ଥାନାନ୍ତରିତ କୃଷି ବା ପୋଡୁ ଚାଷକୁ ପ୍ରୋତ୍ସାହିତ ନ କରିବା

**ପ୍ର ୧୪. ସଂକ୍ଷେପରେ ଉତ୍ତର ଦିଅ -**

**(i) ମୃତ୍ତିକା ଗଠନରେ ପରିବେଶର ଛଅଗୋଟି କାରକ ଉଲ୍ଲେଖ କର ।**

**ଉତ୍ତର** ମୃତ୍ତିକା ଗଠନରେ ପରିବେଶର ଛଅଗୋଟି କାରକ ହେଲା, ଯଥା - ପୃଷ୍ଠ ସଂରଚନା, ପୃଷ୍ଠ ଉଚ୍ଚାବଚ, ପୃଷ୍ଠ ଢାଲୁ, ଜଳବାୟୁ, ପ୍ରାକୃତିକ ଉଦ୍ଭିଦ ଓ ଜୈବାଂଶ ।

**ପ୍ର ୧୫. ପଟୁ ମୃତ୍ତିକା ଦେଖାଯାଉଥିବା ଭାରତର ତିନିଗୋଟି ମୁଖ୍ୟ ଅଞ୍ଚଳ ସମ୍ବନ୍ଧରେ ଲେଖ ।**

**ଉତ୍ତର** ଭାରତର ନିମ୍ନୋକ୍ତ ତିନିଗୋଟି ମୁଖ୍ୟ ଅଞ୍ଚଳରେ ପଟୁ ମୃତ୍ତିକା ଦୃଷ୍ଟିଗୋଚର ହୋଇଥାଏ ।

- ଉତ୍ତର ଭାରତର ବୃହତ୍ ନଦୀ ଉପତ୍ୟକା (ସତ୍‌ଲେଜ୍, ଗଙ୍ଗା ଓ ବ୍ରହ୍ମପୁତ୍ର) ଓ ତାହାର ଉପନଦୀ ଉପତ୍ୟକା ।
- ପୂର୍ବ ଉପକୂଳବର୍ତ୍ତୀ ନଦୀ (ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ଇତ୍ୟାଦି) ଗୁଡ଼ିକର ତ୍ରିକୋଣଭୂମି ଅଞ୍ଚଳ ।
- ପଶ୍ଚିମ ଉପକୂଳରେ (ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, କେରଳ ଇତ୍ୟାଦି) ଅଞ୍ଚଳ ।

**ପ୍ର୧୬. କୃଷ୍ଣ ମୃତ୍ତିକାର ରାସାୟନିକ ଗଠନ ବିଷୟରେ ଲେଖ ।**

**ଉତ୍ତର**
- କୃଷ୍ଣ ମୃତ୍ତିକାରେ ଅଧିକ ପରିମାଣରେ ଲୌହାଂଶ ରହିଥାଏ ।
- ଏଥିରେ ଅଧିକ ପରିମାଣର ଆଲୁମିନିୟମ, ପଟାସ୍, ଜୈବାଂଶ, ଚୂନ କ୍ୟାଲସିୟମ, ମ୍ୟାଗ୍ନେସିୟମ ଇତ୍ୟାଦି ରହିଥାଏ ।
- ମାତ୍ର ଏଥିରେ ଯବକ୍ଷାରଜାନ, ଫସଫରସ୍, ଅମ୍ଳ ଅଂଶର ଅଭାବ ଦେଖାଯାଏ ।

**ପ୍ର ୧୭. ଜଳାଭୂମି ଓ ପିଟ୍ ମୃତ୍ତିକା ଦେଖାଯାଉଥିବା ଚାରିଗୋଟି ରାଜ୍ୟର ନାମ ଲେଖି ଦକ୍ଷିଣ ଭାରତର ଦୁଇଟି ଜିଲ୍ଲାର ଉଦାହରଣ ଦିଅ ।**

**ଉତ୍ତର**
- ଜଳାଭୂମି ଓ ପିଟ୍ ମୃତ୍ତିକା ବିଶେଷ ଭାବେ ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ (ବିହାର ଓ ଉତ୍ତରାଖଣ୍ଡ) ତାଜ୍ୟମାନଙ୍କରେ ଦେଖାଯାଏ ।
- କେରଳ ରାଜ୍ୟର କୋଟାୟମ ଓ ଆଲାପୁଜା ଜିଲ୍ଲାରେ ଅଧିକ ପରିମାଣରେ ଦେଖାଯାଏ ।

**ପ୍ର ୧୮. ଜଳ ପ୍ରବାହ ଦ୍ୱାରା କେଉଁ ପ୍ରକାରର କ୍ଷୟ ହୋଇଥାଏ ? ପ୍ରତ୍ୟେକ କ୍ଷୟର ଅଞ୍ଚଳ ବା ସ୍ଥାନଗୁଡ଼ିକ ଉଲ୍ଲେଖ କର ।**

**ଉତ୍ତର** ଜଳ ପ୍ରବାହ ଦ୍ୱାରା ନିମ୍ନୋକ୍ତ କ୍ଷୟ ସହିତ ଅଞ୍ଚଳଗୁଡ଼ିକ ହେଲା ଯଥା –

- ପୃଷ୍ଠ ମୃତ୍ତିକା କ୍ଷୟ । ଏହି କ୍ଷୟ ପ୍ରତ୍ୟେକ ସ୍ଥାନରେ ହୋଇଥାଏ ।
- ଆଙ୍ଗୁଳି ଆକୃତିର ଧାରାକ୍ଷୟ । ଏହା ପାର୍ବତ୍ୟ ଭୂମିରେ ଅଧିକ ଭାବରେ ହୋଇଥାଏ ।
- ଗର୍ତ୍ତକ୍ଷୟ – ଏହା ଦୁର୍ଗମ ଭୂମି ଓ ନଦୀକ୍ଷୟିତ ଉଚ୍ଚାବଚ୍ଚ ଭୂମିମାନଙ୍କରେ ସୃଷ୍ଟି ହୋଇଥାଏ ।

**ପ୍ର ୧୯. ନିମ୍ନଲିଖିତଗୁଡ଼ିକର ସଂକ୍ଷିପ୍ତ ଟିପପଣୀ ଦିଅ ।**

**(i) ଚୂର୍ଣ୍ଣୀଭବନ ପ୍ରକ୍ରିୟା**

**ଉତ୍ତର** ଭୂ-ପୃଷ୍ଠରେ ଦେଖାଯାଉଥିବା ଶିଳା ଉତ୍ତାପର ପର୍ଯ୍ୟାୟ କ୍ରମିକ ହ୍ରାସ ବୃଦ୍ଧି, କରକା ଓ ହିମବାହର ପ୍ରଭାବ, ଉଦ୍ଭିଦ, ପ୍ରାଣୀ ଓ ମନୁଷ୍ୟମାନଙ୍କ ଦ୍ୱାରା ବିଖଣ୍ଡିତ ହୋଇ କ୍ଷୁଦ୍ର କ୍ଷୁଦ୍ର ରେଣୁରେ ପରିଣତ ହେବା ପ୍ରକ୍ରିୟାକୁ ଚୂର୍ଣ୍ଣିଭବନ ପ୍ରକ୍ରିୟା କୁହାଯାଏ । ସୂକ୍ଷ୍ମ ଶିଳାରେଣୁ ମୃତ୍ତିକା ଗଠନର ମୁଖ୍ୟ ଉପାଦାନ ।

**(ii) ଅପସୃତ ମୃତ୍ତିକା**

**ଉତ୍ତର** ବିଭିନ୍ନ ପ୍ରାକୃତିକ କ୍ଷୟକାରୀ ବାହକ (ଯଥା – ନଦୀ, ବାୟୁ, ହିମବାହ ଇତ୍ୟାଦି) ଦ୍ୱାରା ପରିବାହିତ ହୋଇ ଅନ୍ୟ ସ୍ଥାନରେ ସଞ୍ଚିତ ହେବା ପ୍ରକ୍ରିୟା ଦ୍ୱାରା ଯେଉଁ ମୃତ୍ତିକା ସୃଷ୍ଟି କରେ, ତାହାକୁ ଅପସୃତ ମୃତ୍ତିକା କୁହାଯାଏ । ଉଦାହରଣସ୍ୱରୂପ ପଟୁମାଟି, ଲୋଏସ ଇତ୍ୟାଦି ଏହାର ଉଦାହରଣ ।

**(iii) ବନୀକରଣ**

**ଉତ୍ତର** ଅରଣ୍ୟ ଆୟତନ ବୃଦ୍ଧି ନିମନ୍ତେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବନୀକରଣ କୁହାଯାଏ । ସେଗୁଡ଼ିକ ମଧ୍ୟରେ ସାମାଜିକ ବନୀକରଣ, କୃଷି କ୍ଷେତ୍ରୀୟ ବନୀକରଣ, ପୁନଃବନୀକରଣ, ଅରଣ୍ୟ, ସଂରକ୍ଷଣ ଜଳଛାୟା ନିର୍ମାଣ ଇତ୍ୟାଦି ବ୍ୟବସ୍ଥାଗୁଡ଼ିକ ମୁଖ୍ୟ ।

**(iv) ପାର୍ବତ୍ୟ ମୃତ୍ତିକା**

**ଉତ୍ତର** ଏହି ପ୍ରକାର ମୃତ୍ତିକା ହିମାଳୟ ପର୍ବତମାଳାର 2100 ମିଟରରୁ 3000 ମିଟର ଉଚ୍ଚ ସ୍ଥାନରେ ଅବସ୍ଥିତ ନଦୀ ଉପତ୍ୟକା ଓ ପର୍ବତ ଶିଖରାଞ୍ଚଳରେ ଦେଖାଯାଏ । ଏହା ପଟୁ ଦୋରସା କିମ୍ବା କେବଳ ଦୋରସା ମୃତ୍ତିକା । ଏହା କମ୍ ଗଭୀରତା ବିଶିଷ୍ଟ ଓ ଅପରିପକ୍ୱ ମୃତ୍ତିକା ।

**(v) ରେ**

**ଉତ୍ତର** ଅପେକ୍ଷାକୃତ ଶୁଷ୍କ ଅଞ୍ଚଳରେ ଦେଖାଯାଉଥିବା ପଟୁମୃତ୍ତିକାକୁ 'ରେ' କୁହାଯାଏ ।

**(vi) ରେଗୁର**

**ଉତ୍ତର** କୃଷ୍ଣକାର୍ପାସ ମୃତ୍ତିକାକୁ ସ୍ଥାନୀୟ ଭାବେ ରେଗୁର ବୋଲି କୁହାଯାଏ ।

**(vii) ଉସର**

**ଉତ୍ତର** ଉତ୍ତରପ୍ରଦେଶ ଓ ପଞ୍ଜାବରେ ଲୁଣା ଓ କ୍ଷାରୀୟ ମୃତ୍ତିକାକୁ 'ଉସର' ମୃତ୍ତିକା ବୋଲି କୁହାଯାଏ ।

---x---

## ଦ୍ୱିତୀୟ ଅଧ୍ୟାୟ

# ଖଣିଜ ସମ୍ବଳ

## ବହୁବିକଳ୍ପ ପ୍ରଶ୍ନ

୧. ଖଣି ଓ ସମ୍ପର୍କିତ ଖଣିଜ ପଦାର୍ଥ ଦୃଷ୍ଟିକୋଣରୁ ଭିନ୍ନ ଯୋଡ଼ିଟିକୁ ବାଛ ?
(କ) ବାଲାଘାଟ - ତମ୍ବା
(ଖ) ରତ୍ନଗିରି - ଲୌହପଥର
(ଗ) କୋଦର୍ମା - ମାଙ୍ଗାନିଜ
(ଘ) କୋରାପୁଟ - ବକ୍ସାଇଟ୍

୨. ଖଣିଜ ପଦାର୍ଥର ବର୍ଗୀକରଣ କେତେ ପ୍ରକାରର କରାଯାଇଥାଏ ?
(କ) 2 (ଖ) 3
(ଗ) 4 (ଘ) 5

୩. ଖଣିଜ ତୈଳ ମୁଖ୍ୟତଃ କି ପ୍ରକାର ଶିଳାସ୍ତର ମଧ୍ୟରେ ସଞ୍ଚିତ ହୋଇ ରହିଥାଏ ?
(କ) ସ୍ତରୀଭୂତ ଶିଳା
(ଖ) ରୂପାନ୍ତରୀତ ଶିଳା
(ଗ) ଅନ୍ତର୍ଭେଦୀ ଆଗ୍ନେୟଶିଳା
(ଘ) ନିଃସ୍ରବଜ ଆଗ୍ନେୟ ଶିଳା

୪. ନିମ୍ନଲିଖିତ ମଧ୍ୟରୁ କେଉଁଟି ଅଧାତବ ଖଣିଜ ସମ୍ବଳ ଅଟେ ?
(କ) ପ୍ଲାଟିନମ୍ (ଖ) ତମ୍ବା
(ଗ) ବକ୍ସାଇଟ୍ (ଘ) ଅଭ୍ର

୫. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଲୌହମିଶ୍ରିତ ଖଣିଜ ଅଟେ ?
(କ) ମାଙ୍ଗାନିଜ (ଖ) ପ୍ଲାଟିନମ୍
(ଗ) ତମ୍ବା (ଘ) ସିସା

୬. କେଉଁଟି କଠିନତମ ଖଣିଜ ପଦାର୍ଥ ?
(କ) ସୁନା (ଖ) ହୀରା
(ଗ) ଅଭ୍ର (ଘ) ରୂପା

୭. ଚୂନପଥର କେତୋଟି ଖଣିଜରେ ତିଆରି ହୋଇଥାଏ ?
(କ) 4 (ଖ) 3
(ଗ) 2 (ଘ) 1

୮. ମାର୍ବଲ କେଉଁ ପ୍ରକାରର ଶିଳା ଅଟେ ?
(କ) ଆଗ୍ନେୟ (ଖ) ଅବକ୍ଷିପ୍ତ
(ଗ) ରୂପାନ୍ତରୀତ (ଘ) ବାସାଲଟ୍

୯. ନିମ୍ନୋକ୍ତ କେଉଁ ଯୋଡ଼ିଟି ଠିକ୍ ନୁହେଁ ?
(କ) ଛିନ୍ଦୱାରା - ତମ୍ବା
(ଖ) ଅଙ୍କଲେଶ୍ୱର - ଖଣିଜତୈଳ
(ଗ) ଜୱାର - ରୂପା
(ଘ) ବିକାନୀର - ଜିପ୍ସମ

୧୦. କେଉଁଟି ଜାଳେଣୀ ଖଣିଜ ନୁହେଁ ?
(କ) କୋଇଲା (ଖ) ଜିପ୍ସମ
(ଗ) ୟୁରାନିୟମ (ଘ) ଖଣିଜତୈଳ

୧୧. କେଉଁ ଧାତବ ପିଣ୍ଡରୁ ଥୋରିୟମ ନିଷ୍କାସନ କରାଯାଏ ?
(କ) ଇଲେମିନାଇଟ୍ (ଖ) ସଲଟପିଟର
(ଗ) ମୋନାଜାଇଟ୍ (ଘ) ଡୋଲୋମାଇଟ୍

**୧୨. କେଉଁ ଖଣିଜ ପଦାର୍ଥ ଉତ୍ପାଦନରେ ଭାରତ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଛି ?**

(କ) ମାଙ୍ଗାନିଜ (ଖ) ବକ୍‌ସାଇଟ
(ଗ) ଦସ୍ତା (ଘ) ଅଭ୍ର

**୧୩. ଖଣିଜ ଦ୍ରବ୍ୟ ଓ ତାହାର ଉତ୍ପାଦନ ସ୍ଥାନ ସଂଯୋଗ ଦୃଷ୍ଟିରୁ କେଉଁ ସଂଯୋଗଟି ଠିକ୍ ନୁହେଁ ?**

(କ) ମୂଷାବଣୀ - ମାଙ୍ଗାନିଜ
(ଖ) ଝରିଆ - କୋଇଲା
(ଗ) କୋଦର୍ମା - ଅଭ୍ର
(ଘ) କୋସମ୍ବା - ଖଣିଜତୈଳ

**୧୪. କେଉଁ ରାଜ୍ୟରୁ ସର୍ବାଧିକ ପରିମାଣରେ କୋଇଲା ଉତ୍ପାଦନ ହୋଇଥାଏ ?**

(କ) ଓଡ଼ିଶା (ଖ) ଝାଡ଼ଖଣ୍ଡ
(ଗ) ପଶ୍ଚିମବଙ୍ଗ (ଘ) ମଧ୍ୟପ୍ରଦେଶ

**୧୫. ସମୁଦ୍ର ଶଯ୍ୟାରେ କେଉଁ ଖଣିଜ ପ୍ରଚୁର ପରିମାଣରେ ମିଳେ ?**

(କ) ବକ୍‌ସାଇଟ (ଖ) କ୍ରୋମାଇଟ
(ଗ) ଚୂନପଥର (ଘ) ମାଙ୍ଗାନିଜ ଗୁଟିକା

**୧୬. ନିମ୍ନଲିଖିତ ଖଣିଜପଦାର୍ଥଗୁଡ଼ିକ ମଧ୍ୟରୁ କେଉଁଟି ଅବକ୍ଷୟ ପରେ ପଡ଼ି ରହୁଥିବା ଅବକ୍ଷୟିତ ପଦାର୍ଥରୁ ସୃଷ୍ଟି ହୋଇଥାଏ ?**

(କ) ବକ୍‌ସାଇଟ (ଖ) ସୁନା
(ଗ) କୋଇଲା (ଘ) ଦସ୍ତା

**୧୭. ନିମ୍ନଲିଖିତ ଖଣିଜ ପଦାର୍ଥଗୁଡ଼ିକ ମଧ୍ୟରୁ ଝାଡ଼ଖଣ୍ଡର କୋଦର୍ମା ଠାରେ କେଉଁଟି ଅଧିକ ପରିମାଣରେ ଉତ୍ତୋଳିତ ହୋଇଥାଏ ?**

(କ) ବକ୍‌ସାଇଟ (ଖ) ଅଭ୍ର
(ଗ) ତମ୍ବା (ଘ) ଲୁହାପଥର

**୧୮. କେଉଁ ଖଣିଜଟି ପ୍ଲାସର ନିକ୍ଷେପ ଭାବରେ ମିଳିଥାଏ ?**

(କ) ଦସ୍ତା (ଖ) ରୂପା
(ଗ) ଜିପ୍‌ସମ (ଘ) ମ୍ୟାଗ୍ନେସିୟମ

**୧୯. ତମ୍ବା ଉତ୍ପାଦନ ପାଇଁ ପ୍ରସିଦ୍ଧ କ୍ଷେତ୍ରୀ ଖଣି କେଉଁଠାରେ ଅବସ୍ଥିତ ?**

(କ) ବିହାର (ଖ) କର୍ଣ୍ଣାଟକ
(ଗ) ଉତ୍ତରପ୍ରଦେଶ (ଘ) ରାଜସ୍ଥାନ

**୨୦. କେଉଁ ଲୁହାପଥର ବଳୟରୁ ବିଶାଖାପାଟଣା ବନ୍ଦର ଦେଇ ଜାପାନ ଓ ଦକ୍ଷିଣ କୋରିଆକୁ ଲୁହାପଥର ରପ୍ତାନୀ ହୋଇଥାଏ ?**

(କ) ଦୁର୍ଗ - ବସ୍ତର - ଚନ୍ଦ୍ରପୁର
(ଖ) ଓଡ଼ିଶା - ଝାଡ଼ଖଣ୍ଡ
(ଗ) ବେଲ୍ଲାରୀ - ଚିତ୍ରଦୁର୍ଗ - ଟୁମ୍‌କୁର
(ଘ) ମହାରାଷ୍ଟ୍ର - ଗୋଆ

**୨୧. ଭାରତର କେଉଁ ରାଜ୍ୟରେ ପ୍ରଚୁର ପରିମାଣରେ ୟୁରାନିୟମ ଉତ୍ପାଦିତ ହୁଏ ?**

(କ) ରାଜସ୍ଥାନ (ଖ) ବିହାର
(ଗ) କେରଳ (ଘ) ତାମିଲନାଡୁ

**୨୨. କେଉଁ ରାଜ୍ୟ ଖଣିଜ ସମ୍ବଳର ଭଣ୍ଡାର ଅଟେ ?**

(କ) ଝାଡ଼ଖଣ୍ଡ (ଖ) ପଶ୍ଚିମବଙ୍ଗ
(ଗ) ଆନ୍ଧ୍ରପ୍ରଦେଶ (ଘ) ଓଡ଼ିଶା

**୨୩. କେଉଁ ସ୍ଥାନରେ ଆଣବିକ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପିତ ହୋଇଅଛି ?**

(କ) କୋୟନା (ଖ) କୋର୍ବା
(ଗ) କଲ୍ପକମ୍ (ଘ) କୋଥଗୁଡ଼ମ

**୨୪. ନିମ୍ନୋକ୍ତ କେଉଁ ସ୍ଥାନରେ ଉଭୟ ତୈଳକୂପ ଓ ତୈଳ ବିଶୋଧନାଗାର ଅଛି ?**

(କ) କୋଚିନ୍ (ଖ) ବିଶାଖାପତ୍ତନମ୍
(ଗ) କୋୟାଲୀ (ଘ) ଡିଗ୍‌ବୋଇ

**୨୫. କେଉଁଟି ସବୁଠାରୁ ଉନ୍ନତ କୋଇଲା ?**

(କ) ଆନ୍ଥ୍ରାସାଇଟ (ଖ) ଲିଗ୍ନାଇଟ

(ଗ) ପିଟ୍ (ଘ) ବିଟୁମିନସ

**୨୬. କେଉଁଟି ଏକ ଶ୍ରେଣୀର ଲୁହାପଥରକୁ ବୁଝାଏ ?**

(କ) ଇଲେମିନାଇଟ (ଖ) ଆନ୍ଥ୍ରାସାଇଟ

(ଗ) ହାମେଟାଇଟ (ଘ) ବକ୍ସାଇଟ୍

**୨୭. କେଉଁଟିରୁ ଆଲୁମିନିୟମ ଧାତୁ ପ୍ରସ୍ତୁତ ହୋଇଥାଏ ?**

(କ) ମୋନାଜାଇଟ (ଖ) ବକ୍ସାଇଟ

(ଗ) କ୍ରୋମାଇଟ (ଘ) ଲିଗ୍ନାଇଟ

**୨୮. ତମ୍ବା ଓ ଦସ୍ତା ମିଶିଲେ କେଉଁଟି ପ୍ରସ୍ତୁତ ହୋଇଥାଏ ?**

(କ) କଂସା (ଖ) ବ୍ରୋଞ୍ଜ

(ଗ) ଇସ୍ପାତ (ଘ) ପିତ୍ତଳ

**୨୯. ତମ୍ବା ଓ ଟିଣ ଧାତୁର ମିଶ୍ରଣ ହେଲେ କେଉଁ ଧାତୁ ପ୍ରସ୍ତୁତ ହୋଇଥାଏ ?**

(କ) ବ୍ରୋଞ୍ଜ (ଖ) କଂସା

(ଗ) ଇସ୍ପାତ (ଘ) ପିତ୍ତଳ

**୩୦. କେଉଁ ଖଣିଜ ଦ୍ରବ୍ୟଟି ଇସ୍ପାତ ତିଆରି କରିବାରେ ବ୍ୟବହୃତ ହୋଇଥାଏ ?**

(କ) ମାଙ୍ଗାନିଜ୍ (ଖ) ଚୂନପଥର

(ଗ) ବକ୍ସାଇଟ (ଘ) କ୍ରୋମାଇଟ୍

**୩୧. କେଉଁ ଖଣିଜ ଦ୍ରବ୍ୟକୁ ଭାରତ ବିଦେଶରୁ ଆମଦାନୀ କରି ନିଜର ଚାହିଦା ପୂରଣ କରିଥାଏ ?**

(କ) ବକ୍ସାଇଟ (ଖ) ଖଣିଜତୈଳ

(ଗ) କ୍ରୋମାଇଟ୍ (ଘ) ଅଭ୍ର

**୩୨. କେଉଁ ଖଣିଜ ଦ୍ରବ୍ୟ ବୈଦ୍ୟୁତିକ ଶିଳ୍ପରେ ବ୍ୟବହୃତ ହୁଏ ?**

(କ) ଜିପସମ୍ (ଖ) ଡୋଲୋମାଇଟ୍

(ଗ) କ୍ରୋମାଇଟ (ଘ) ଅଭ୍ର

**୩୩. ବଇଲାଡିଲା କେଉଁ ଖଣିଜ ପଦାର୍ଥ ପାଇଁ ପ୍ରସିଦ୍ଧ ?**

(କ) ଲୁହାପଥର (ଖ) ଅଭ୍ର

(ଗ) କୋଇଲା (ଘ) କ୍ରୋମାଇଟ୍

**୩୪. ଭାରତର କେଉଁ ସ୍ଥାନଟି ହୀରା କାଟିବା ଶିଳ୍ପ ପାଇଁ ପ୍ରସିଦ୍ଧ ?**

(କ) ମିର୍ଜାପୁର (ଖ) ସୁରତ

(ଗ) ଗୋପାଳଗଞ୍ଜ (ଘ) ଫରିଦାବାଦ

**୩୫. କେଉଁ ରାଜ୍ୟ କ୍ରୋମାଇଟ୍ ଉତ୍ପାଦନରେ ଅଗ୍ରଣୀ ?**

(କ) ମହାରାଷ୍ଟ୍ର (ଖ) କର୍ଣ୍ଣାଟକ

(ଗ) ଓଡ଼ିଶା (ଘ) ମଧ୍ୟପ୍ରଦେଶ

**୩୬. ଜିପସମ୍ ଉତ୍ପାଦନରେ କେଉଁ ରାଜ୍ୟ ଅଗ୍ରଣୀ ?**

(କ) ମଧ୍ୟପ୍ରଦେଶ (ଖ) ବିହାର

(ଗ) ତାମିଲନାଡୁ (ଘ) ରାଜସ୍ଥାନ

**୩୭. କେଉଁଟି ଭାରତର ଗଭୀରତମ ଖଣି ?**

(କ) ରାଣୀଗଞ୍ଜ (ଖ) କୋଲାର

(ଗ) ଝରିଆ (ଘ) ତାଳଚେର

**୩୮. କେଉଁ କୃତ୍ରିମ ତନ୍ତୁ ଖଣିଜ ତୈଳରୁ ପ୍ରସ୍ତୁତ କରାଯାଏ ?**

(କ) ଟେରିଲିନ (ଖ) ନାଇଲନ

(ଗ) ରେୟନ (ଘ) ପଲିଷ୍ଟର

**୩୯. କେଉଁ ରାଜ୍ୟରେ ସର୍ବାଧିକ ତମ୍ବା ଉତ୍ପାଦନ ହୋଇଥାଏ ?**

(କ) ଓଡ଼ିଶା (ଖ) ବିହାର

(ଗ) ମଧ୍ୟପ୍ରଦେଶ (ଘ) ପଶ୍ଚିମବଙ୍ଗ

**୪୦. କ୍ରୋମାଇଟ୍ ଉତ୍ପାଦନରେ କେଉଁ ରାଜ୍ୟ ଭାରତରେ ଅଗ୍ରଣୀ ?**

(କ) ଆନ୍ଧ୍ରପ୍ରଦେଶ (ଖ) ଓଡ଼ିଶା

(ଗ) ବିହାର (ଘ) ମଧ୍ୟପ୍ରଦେଶ

**୪୧. ବକ୍‌ସାଇଟ୍ ଉତ୍ପାଦନରେ କେଉଁ ରାଜ୍ୟ ଭାରତରେ ଅଗ୍ରଣୀ ?**

(କ) ବିହାର (ଖ) କର୍ଣ୍ଣାଟକ

(ଗ) ଝାଡ଼ଖଣ୍ଡ (ଘ) ଓଡ଼ିଶା

**୪୨. ଭାରତର କେଉଁ ଲୁହାପଥର ଖଣି ସବୁଠାରୁ ବଡ଼ ଲୁହାପଥର ଗଚ୍ଛିତ ଖଣି ଅଟେ ?**

(କ) ଚିରିଆ (ଖ) ଯୋଡ଼ା

(ଗ) ବାଂଶପାଣୀ (ଘ) ବରସୁଆ

**୪୩. ଭାରତରେ କେଉଁ ଦୁଇଟି ରାଜ୍ୟ ସବୁଠାରୁ ଅଧିକ ପେଟ୍ରୋଲିୟମ ଉତ୍ପାଦନ କରନ୍ତି ?**

(କ) ରାଜସ୍ଥାନ ଓ ମହାରାଷ୍ଟ୍ର

(ଖ) ମହାରାଷ୍ଟ୍ର ଓ ଗୁଜୁରାଟ

(ଗ) ଗୁଜୁରାଟ ଓ ଆସାମ

(ଘ) ଆସାମ ଓ ଆନ୍ଧ୍ରପ୍ରଦେଶ

**୪୪. କେଉଁଟି ସିମେଣ୍ଟ ପ୍ରସ୍ତୁତି ନିମନ୍ତେ ଏକ ଉପାଦାନ ନୁହେଁ ?**

(କ) ଡୋଲୋମାଇଟ୍

(ଖ) ଚୂନପଥର

(ଗ) ଜିପସମ୍

(ଘ) ମାଙ୍ଗାନିଜ୍

**୪୫. କେଉଁ ଖଣିଜଟି ସିମେଣ୍ଟ କାରଖାନାରେ ଏକ କଞ୍ଚାମାଲ ରୂପେ ବ୍ୟବହୃତ ହୋଇଥାଏ ?**

(କ) ଚୂନପଥର

(ଖ) ମାଙ୍ଗାନିଜ୍

(ଗ) ବକ୍‌ସାଇଟ୍

(ଘ) କ୍ରୋମାଇଟ

**୪୬. କେଉଁ ତେଜସ୍କ୍ରିୟ ଧାତବ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ମିଳେନାହିଁ ?**

(କ) ବିରଳ ମୃତ୍ତିକା

(ଖ) ୟୁରାନିୟମ

(ଗ) ଇଲେମିନାଇଟ

(ଘ) ମୋନୋଜାଇଟ୍

**୪୭. ଧାତବ ଯୁଗ ମଧ୍ୟରେ କେଉଁ ଯୁଗଟି ସର୍ବପ୍ରଥମେ ଥିଲା ?**

(କ) ପ୍ରସ୍ତର ଯୁଗ (ଖ) ବ୍ରୋଞ୍ଜ ଯୁଗ

(ଗ) ତାମ୍ର ଯୁଗ (ଘ) ଲୌହ ଯୁଗ

**୪୮. କେଉଁ ଖଣିଜ ଦାନ୍ତ ସଫା କରିବାରେ ସାହାଯ୍ୟ କରିଥାଏ ?**

(କ) ଫ୍ଲୁରାଇଡ୍

(ଖ) ରୁଟାଇଲ

(ଗ) ଇଲ୍‌ମେନାଇଟ୍

(ଘ) ଆଲୁମିନିୟମ ଅକ୍ସାଇଡ୍

**୪୯. କେଉଁ ମସିହାରେ ନୂତନ ଖଣିଜ ଆଇନ ପ୍ରବର୍ତ୍ତନ କରାଗଲା ?**

(କ) 2000 (ଖ) 2019

(ଗ) 2020 (ଘ) 2021

**୫୦. ନିମ୍ନଲିଖିତ ମଧ୍ୟରୁ କେଉଁଟି ଟୁଥପେଷ୍ଟର ରଙ୍ଗ ଧୋବଲା କରିଥାଏ ?**

(କ) ଟାଇଟାନିୟମ୍ (ଖ) ଫସ୍‌ଫେଟ୍

(ଗ) ଇଲମେନାଇଟ୍ (ଘ) ରୁଟାଇଲ

**୫୧. ନିମ୍ନଲିଖିତ ମଧ୍ୟରୁ କେଉଁଟି ଭିନ୍ନ ଅଟେ ?**

(କ) ଲୁହାପଥର (ଖ) ଟିଣ

(ଗ) ନିକେଲ (ଘ) ମାଙ୍ଗାନିଜ

୫୨. ସବୁଠାରୁ କୋମଳ ଖଣିଜର ନାମ କ'ଣ ?
(କ) ରୂପା (ଖ) ଟିଣ
(ଗ) ଚୂନପଥର (ଘ) ଟାଲ୍କ

୫୩. ଏ' ପର୍ଯ୍ୟନ୍ତ କେତେରୁ ଅଧିକ ଖଣିଜ ପଦାର୍ଥ ଚିହ୍ନଟ କରାଯାଇଛି ?
(କ) 1000 (ଖ) 2000
(ଗ) 2500 (ଘ) 3000

୫୪. ଶୁଷ୍କ ଅଞ୍ଚଳରେ ବାଷ୍ପୀଭବନ ଫଳରେ କେଉଁ ଖଣିଜ ସୃଷ୍ଟି ହୋଇଥାଏ ?
(କ) ବକ୍ସାଇଟ୍ (ଖ) ଅଭ୍ର
(ଗ) ଜିପ୍ସମ୍ (ଘ) ତମ୍ବା

୫୫. ଭାରତରେ ସମୁଦାୟ ମାଙ୍ଗାନିଜର ଶତକଡ଼ା କେତେ ଭାଗ ଓଡ଼ିଶାରେ ଉତ୍ପାଦିତ ହୋଇଥାଏ ?
(କ) 24 (ଖ) 27
(ଗ) 62 (ଘ) 28

୫୬. କେଉଁ ଖଣିଜ ଦ୍ରବ୍ୟଟି ଟୁଥ୍‌ପେଷ୍ଟର ଚମକ ବଢ଼ାଇଥାଏ ?
(କ) ସୀସା (ଖ) ଫସ୍‌ଫେଟ୍
(ଗ) ରୁଟାଇଲ (ଘ) ଅଭ୍ର

୫୭. କେଉଁଟି ଲୌହ ମିଶ୍ରିତ ଖଣିଜ ଅଟେ ?
(କ) ଜିପ୍ସମ୍ (ଖ) କୋବାଲ୍ଟ
(ଗ) ଅଭ୍ର (ଘ) ଡୋଲୋମାଇଟ୍

୫୮. ମାଙ୍ଗାନିଜ ଉତ୍ପାଦନରେ କେଉଁ ରାଜ୍ୟ ଭାରତରେ ପ୍ରଥମ ?
(କ) ପଞ୍ଜାବ (ଖ) ଓଡ଼ିଶା
(ଗ) ମହାରାଷ୍ଟ୍ର (ଘ) ପଞ୍ଜାବ

୫୯. ମ୍ୟାଗ୍ନେଟାଇଟ୍ ଲୌହପିଣ୍ଡର କେଉଁ ଗୁଣ ଯୋଗୁଁ ଏହା ବିଦ୍ୟୁତ୍ ଶିଳ୍ପରେ ନିୟୋଜିତ ହୋଇଥାଏ ?
(କ) ଚୁମ୍ବକୀୟ ଗୁଣ (ଖ) ଅଚୁମ୍ବକୀୟ ଗୁଣ
(ଗ) ଧାତବୀୟ (ଘ) ଅଧାତବୀୟ

୬୦. ବ୍ଲିଚିଂ ପାଉଡ଼ର, କୀଟନାଶକ ଏବଂ ରଙ୍ଗ ତିଆରିରେ କ'ଣ ବ୍ୟବହୃତ ହୁଏ ?
(କ) ବକ୍ସାଇଟ୍ (ଖ) କ୍ରୋମାଇଟ୍
(ଗ) ଅଭ୍ର (ଘ) ମାଙ୍ଗାନିଜ୍

୬୧. କେଉଁ ଶିଳାରୁ ଚୂନପଥର ମିଳିଥାଏ ?
(କ) ଆଗ୍ନେୟ (ଖ) ଅବକ୍ଷିପ୍ତ
(ଗ) ରୂପାନ୍ତରୀତ (ଘ) ପ୍ରାଥମିକ

୬୨. ଆଗ୍ନେୟ ଓ ରୂପାନ୍ତରୀତ ଶିଳାର ଫାଟରେ ଖଣିଜର ମାତ୍ରା ଅଧିକ ଥିଲେ ତାହାକୁ କ'ଣ କୁହାଯାଏ ?
(କ) ଭେନ୍ (ଖ) ପ୍ଲାସର ନିକ୍ଷେପ
(ଗ) ଧାତୁସ୍ତର (ଘ) ଅବକ୍ଷିପ୍ତ

୬୩. କେଉଁଟି ଏକ ମୂଲ୍ୟବାନ ଖଣିଜ ଅଟେ ?
(କ) ପ୍ଲାଟିନମ୍ (ଖ) ନିକେଲ
(ଗ) ଗ୍ରାନାଇଟ୍ (ଘ) ମାର୍ବଲ

୬୪. ନିମ୍ନୋକ୍ତ କେଉଁଟି ଏକ ମୁଖ୍ୟ ଆଭ ଉତ୍ପାଦନ କେନ୍ଦ୍ର ?
(କ) ଧାନବାଦ (ଖ) କୋଦର୍ମା
(ଗ) ଦୁର୍ଗାପୁର (ଘ) ସିଙ୍ଗ୍ରାଉଲି

୬୫. ଲୁହାପଥର ଉତ୍ପାଦନରେ ଭାରତରେ କେଉଁ ରାଜ୍ୟ ଅଗ୍ରଣୀ ?
(କ) ବିହାର (ଖ) ଝାଡ଼ଖଣ୍ଡ
(ଗ) ଛତିଶଗଡ଼ (ଘ) ଓଡ଼ିଶା

୬୬. ଆଗ୍ନେୟ ଓ ରୂପାନ୍ତରୀତ ଶିଳାର ଫାଟରେ ଖଣିଜର ମାତ୍ରା କମ୍ ଥିଲେ ତାହାକୁ କ'ଣ କୁହାଯାଏ ?
(କ) ପ୍ଲାସର ନିକ୍ଷେପ (ଖ) ଅବକ୍ଷିପ୍ତ
(ଗ) ଭେନ୍ (ଘ) ଲୋଡ୍ ବା ଧାତୁସ୍ତର

୬୭. ପ୍ରଦତ୍ତ ଭାରତ ମାନଚିତ୍ରରେ 'i' ଚିହ୍ନିତ ଅଞ୍ଚଳ କେଉଁ ଖଣିଜ ଅଞ୍ଚଳକୁ ଦର୍ଶାଉଛି ?
(କ) ଲୌହ (ଖ) ମାଙ୍ଗାନିଜ୍
(ଗ) ଅଭ୍ର (ଘ) ତମ୍ବା




**୬୮. ପ୍ରଦତ୍ତ ଭାରତ ମାନଚିତ୍ର 'ii' ଚିହ୍ନିତ ସ୍ଥାନରେ କେଉଁ ଖଣିଜ ମିଳିଥାଏ ?**

(କ) ମାଙ୍ଗାନିଜ (ଖ) କ୍ରୋମାଇଟ

(ଗ) ଲୌହ (ଘ) ଅଭ୍ର

**୬୯. ପ୍ରଦତ୍ତ ଭାରତ ମାନଚିତ୍ରରେ 'iii' ଚିହ୍ନିତ ସ୍ଥାନରେ କେଉଁ ଖଣିଜ ମିଳେ ?**

(କ) କ୍ରୋମାଇଟ (ଖ) ଲୌହ

(ଗ) ଚୁନପଥର (ଘ) ମାଙ୍ଗାନିଜ୍

**୭୦. ପ୍ରଦତ୍ତ ଭାରତ ମାନଚିତ୍ରରେ 'iv' ଚିହ୍ନିତ ସ୍ଥାନରେ କେଉଁ ଖଣିଜ ମିଳିଥାଏ ?**

(କ) ଲୌହ (ଖ) ବକ୍ସାଇଟ

(ଗ) ମାଙ୍ଗାନିଜ (ଘ) ଅଭ୍ର

**୭୧. ପ୍ରଦତ୍ତ ଭାରତ ମାନଚିତ୍ରରେ 'v' ଚିହ୍ନିତ ସ୍ଥାନରେ କେଉଁ ଖଣିଜ ମିଳେ ?**

(କ) ତମ୍ବା (ଖ) ଲୁହା

(ଗ) ମାଙ୍ଗାନିଜ (ଘ) ଅଭ୍ର

**୭୨. ପ୍ରଦତ୍ତ ଭାରତ ମାନଚିତ୍ରରେ 'vi' ଚିହ୍ନିତ ସ୍ଥାନରେ କେଉଁ ଖଣିଜ ମିଳିଥାଏ ?**

(କ) ଅଭ୍ର (ଖ) ଚୁନପଥର

(ଗ) ଲୌହ (ଘ) ମାଙ୍ଗାନିଜ

**୭୩. ପ୍ରଦତ୍ତ ଭାରତ ମାନଚିତ୍ରରେ 'vii' ଚିହ୍ନିତ ସ୍ଥାନରେ କେଉଁ ଖଣିଜ ମିଳେ ?**

(କ) ଲୌହ (ଖ) ତମ୍ବା

(ଗ) ବକ୍ସାଇଟ୍ (ଘ) ମାଙ୍ଗାନିଜ

**୭୪. ପ୍ରଦତ୍ତ ଭାରତ ମାନଚିତ୍ରରେ 'viii' ଚିହ୍ନିତ ସ୍ଥାନରେ କେଉଁ ଖଣିଜ ମିଳେ ?**

(କ) ଲୌହ (ଖ) ତମ୍ବା

(ଗ) ଚୂନପଥର (ଘ) ମାଙ୍ଗାନିଜ

**୭୫. ପ୍ରଦତ୍ତ ଭାରତ ମାନଚିତ୍ରରେ 'ix' ଚିହ୍ନିତ ସ୍ଥାନରେ କେଉଁ ଖଣିଜ ମିଳେ ?**

(କ) ଲୌହ (ଖ) ଅଭ୍ର

(ଗ) ଚୂନପଥର (ଘ) ତମ୍ବା

# ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଗ) କୋଦର୍ମା – ମାଙ୍ଗାନିଜ
୨. (କ) 2
୩. (କ) ସ୍ତରୀଭୂତ ଶିଳା
୪. (ଘ) ଅଭ୍ର
୫. (କ) ମାଙ୍ଗାନିଜ
୬. (ଖ) ହୀରା
୭. (ଘ) 1
୮. (ଗ) ରୂପାନ୍ତରୀତ
୯. (କ) ଛିନ୍ଦୱାରା – ତମ୍ବା
୧୦. (ଖ) ଜିପ୍‌ସମ
୧୧. (ଗ) ମୋନାଜାଇଟ୍
୧୨. (ଘ) ଅଭ୍ର
୧୩. (କ) ମୂଷାବଣୀ – ମାଙ୍ଗାନିଜ
୧୪. (ଖ) ଝାଡ଼ଖଣ୍ଡ
୧୫. (ଘ) ମାଙ୍ଗାନିଜ ଗୁଟିକା
୧୬. (କ) ବକ୍‌ସାଇଟ
୧୭. (ଗ) ତମ୍ବା
୧୮. (ଖ) ରୂପା
୧୯. (ଘ) ରାଜସ୍ଥାନ
୨୦. (କ) ଦୁର୍ଗ-ବସ୍ତର-ଚନ୍ଦ୍ରପୁର
୨୧. (ଖ) ବିହାର
୨୨. (କ) ଝାଡ଼ଖଣ୍ଡ
୨୩. (ଗ) କଙ୍କକମ୍
୨୪. (ଘ) ଦିଗ୍‌ବୋଇ
୨୫. (କ) ଆନ୍ଥ୍ରାସାଇଟ
୨୬. (ଗ) ହାମେଟାଇଟ
୨୭. (ଖ) ବକ୍‌ସାଇଟ
୨୮. (ଘ) ପିତ୍ତଳ
୨୯. (କ) ବ୍ରୋଞ୍ଜ
୩୦. (ଗ) ବକ୍‌ସାଇଟ
୩୧. (ଖ) ଖଣିଜତୈଳ
୩୨. (ଘ) ଅଭ୍ର
୩୩. (କ) ଲୁହାପଥର
୩୪. (ଖ) ସୁରଟ
୩୫. (ଗ) ଓଡ଼ିଶା
୩୬. (ଘ) ରାଜସ୍ଥାନ
୩୭. (ଖ) କୋଲାର
୩୮. (କ) ଟେରିଲିନ
୩୯. (ଗ) ମଧ୍ୟପ୍ରଦେଶ
୪୦. (ଖ) ଓଡ଼ିଶା
୪୧. (ଘ) ଓଡ଼ିଶା
୪୨. (କ) ଚିରିଆ
୪୩. (ଗ) ଗୁଜୁରାଟ ଓ ଆସାମ
୪୪. (ଘ) ମାଙ୍ଗାନିଜ୍
୪୫. (କ) ଚୂନପଥର
୪୬. (ଖ) ୟୁରାନିୟମ
୪୭. (ଗ) ତାମ୍ର ଯୁଗ
୪୮. (ଘ) ଆଲୁମିନିୟମ ଅକ୍ସାଇଡ୍
୪୯. (ଖ) 2019
୫୦. (କ) ଟାଇଟାନିୟମ୍
୫୧. (ଖ) ଟିଣ
୫୨. (ଘ) ଟାଲ୍‌କ
୫୩. (ଖ) 2000
୫୪. (ଗ) ଜିପ୍‌ସମ୍
୫୫. (କ) 24
୫୬. (ଘ) ଅଭ୍ର
୫୭. (ଖ) କୋବାଲ୍ଟ
୫୮. (ଗ) ମହାରାଷ୍ଟ୍ର
୫୯. (କ) ଚୁମ୍ବକୀୟ ଗୁଣ
୬୦. (ଘ) ମାଙ୍ଗାନିଜ୍
୬୧. (ଖ) ଅବକ୍ଷିପ୍ତ
୬୨. (ଗ) ଧାତୁସ୍ତର
୬୩. (କ) ପ୍ଲାଟିନମ୍
୬୪. (ଖ) କୋଦର୍ମା
୬୫. (ଘ) ଓଡ଼ିଶା
୬୬. (ଗ) ଭେନ୍
୬୭. (ଘ) ତମ୍ବା
୬୮. (ଗ) ଲୌହ
୬୯. (ଖ) ଲୌହ
୭୦. (କ) ଲୌହ
୭୧. (ଘ) ଅଭ୍ର
୭୨. (ଖ) ଚୁନପଥର
୭୩. (ଗ) ବକ୍‌ସାଇଟ
୭୪. (କ) ଲୌହ
୭୫. (କ) ଲୌହ

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର ୧. ଭାରତରେ ଲୁହାପଥରର ଆବଣ୍ଟନ ବର୍ଣ୍ଣନା କର ।**

ଉତ୍ତର
- ଭାରତରେ ଲୁହାପଥର ପ୍ରଚୁର ପରିମାଣରେ ଉପଲବ୍ଧ । ଉନ୍ନତ ମାନର ଲୁହାପଥରରେ ମଧ୍ୟ ଭାରତ ଧନୀ ।
- ଭାରତର ମୁଖ୍ୟ ଲୁହାପଥର ବଳୟଗୁଡ଼ିକ ହେଲା ଓଡ଼ିଶା-ଝାଡ଼ଖଣ୍ଡ ଅଞ୍ଚଳ, ଦୁର୍ଗ-ବସ୍ତର-ଚନ୍ଦ୍ରର ଅଞ୍ଚଳ ଏବଂ ବେଲାରୀ-ଚିତ୍ରଦୁର୍ଗ, ଚିକ୍‌ମାଗାଲୁର-ଟୁମ୍‌କୁର ଅଞ୍ଚଳ, ମହାରାଷ୍ଟ୍ର-ଗୋଆ ଅଞ୍ଚଳ ।
- ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାସ୍ଥିତ କୋଇଡ଼ା, ବରସୁଆ ଓ କେନ୍ଦୁଝର ଜିଲ୍ଲାର ଯୋଡ଼ା, ଠାକୁରାଣୀ ବାଂଶପାଣି ଖଣିରେ ଉଚ୍ଚମାନର ଲୁହାପଥର ମିଳେ । ଓଡ଼ିଶା ସୀମାକୁ ଲାଗିଥିବା ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମି ଜିଲ୍ଲାର ଗୁଆ, ଚିରିଆ ଓ ନୂଆମୁଣ୍ଡି ଖଣିରୁ ହେମାଟାଇଟ ଲୁହାପଥର ଉତ୍ତୋଳନ କରାଯାଏ ।
- ଦୁର୍ଗ-ବସ୍ତର-ଚନ୍ଦ୍ରର ଅଞ୍ଚଳ : ଏହି ବଳୟଟି ଛତିଶଗଡ଼ ଏବଂ ମହାରାଷ୍ଟ୍ରରେ ବିସ୍ତୃତ ଛତିଶଗଡ଼ର ବଇଲାଡିଲା ପାହାଡ଼ରେ ଥିବା 14 ଟି ଖଣି ଅଞ୍ଚଳରେ ଅତି ଉଚ୍ଚମାନର ହେମାଟାଇଟ ଲୁହାପଥର ମିଳେ ।
- ବେଲାରୀ-ଚିତ୍ରଦୁର୍ଗ-ଚିକ୍‌ମାଗାଲୁର-ଟୁମ୍‌କୁର ଅଞ୍ଚଳ : କର୍ଣ୍ଣାଟକସ୍ଥିତ ଏହି ବଳୟରେ ଶତ ପ୍ରତିଶତ କେବଳ ରପ୍ତାନି ପାଇଁ ଉଦ୍ଦିଷ୍ଟ ।
- ମହାରାଷ୍ଟ୍ର-ଗୋଆ ଅଞ୍ଚଳ : ଗୋଆ ଏବଂ ମହାରାଷ୍ଟ୍ରର ରତ୍ନଗିରି ଏହି ବଳୟର ଅନ୍ତର୍ଗତ । ମାର୍ମାଗାଓ ବନ୍ଦର ମାଧ୍ୟମରେ ଏଠାକାର ଲୁହାପଥର ରପ୍ତାନି କରାଯାଇଥାଏ ।

**ପ୍ର ୨. ଖଣିଜ ପଦାର୍ଥ ମନୁଷ୍ୟ ଜୀବନର ଏକ ଅପରିହାର୍ଯ୍ୟ ଅଂଶ କିପରି ବୁଝାଅ ?**

ଉତ୍ତର
- ଆମ ଜୀବନଶୈଳୀରେ ବ୍ୟବହୃତ ଛୋଟିଆ ପିନ୍‌କଣ୍ଟା ଠାରୁ ଆରମ୍ଭ କରି ବିଶାଳ ଜାହାଜ ପର୍ଯ୍ୟନ୍ତ ଆମେ ବ୍ୟବହାର କରୁଥିବା ପ୍ରାୟ ସମସ୍ତ ବସ୍ତୁ ଖଣିଜ ପଦାର୍ଥରୁ ତିଆରି ହୋଇଥାଏ ।
- ରେଳ ଧାରଣା, ପିଚୁରାସ୍ତା, କଳକବ୍‌ଜା, ହାତ ହତିଆର, ଚାଷୋପକରଣ ମଧ୍ୟ ଖଣିଜ ପଦାର୍ଥରୁ ତିଆରି ହୋଇଥାଏ ।
- ମଟରଗାଡ଼ି, ବସ୍, ରେଳଗାଡ଼ି, ଉଡ଼ାଜାହାଜ ମଧ୍ୟ ଖଣିଜ ପଦର୍ଥରୁ ନିର୍ମାଣ ହୋଇଥାଏ ।
- ମନୁଷ୍ୟର ପ୍ରତ୍ୟେକ ସ୍ତରରେ ଅର୍ଥାତ୍ ଜୀବିକାର୍ଜନ, ଗୃହସଜ୍ଜା ଭଳି କାର୍ଯ୍ୟକ୍ରମରେ ଖଣିଜ ପଦାର୍ଥ ବ୍ୟବହାର ହୋଇ ଆସୁଛି ।

**ପ୍ର ୩. ଖଣି ବିପତ୍ତି ସମ୍ପର୍କରେ ଆଲୋଚନା କର ।**

ଉତ୍ତର
- ଖଣି କାର୍ଯ୍ୟ, ଖଣି ଶ୍ରମିକ ଓ ପରିବେଶ ଉପରେ କୁ-ପ୍ରଭାବ ପକାଇଥାଏ ।
- ଖଣିରୁ ବାହାରୁଥିବା ଧୂଳି, ଧୂଆଁ ଓ ଦୂଷିତ ଗ୍ୟାସ୍ ସେବନ କରି ଶ୍ରମିକମାନେ ଫୁସ୍‌ଫୁସ୍‌ଜନିତ ରୋଗରେ ପଡ଼ିଥାନ୍ତି ।
- ଖଣି ଛାତ ଭୁଷୁଡ଼ି ପଡ଼ିବା ଆଶଙ୍କା, ଖଣିରେ ନିଆଁ ଲାଗିବା କିମ୍ବା ଧସିଯିବାର ଭୟ ସବୁବେଳେ ରହିଥାଏ ।
- ଖଣି ଅଞ୍ଚଳର ଜଳସ୍ରୋତ ଦୂଷିତ ହୁଏ ।
- ଆବର୍ଜନା ଗଦା, ବର୍ଜ୍ୟବସ୍ତୁ ଆଦି ଗଦା ହେବା ଦ୍ୱାରା ଭୂମି, ମୃତ୍ତିକା ଅବକ୍ଷୟ ହୋଇଥାଏ । ଏଣୁ ଖଣିଖନନକୁ ଏକ ଘାତକ ଶିଳ୍ପ କୁହାଯାଏ ।

**ପ୍ର ୪. ଭାରତରେ ଅଭ୍ରର ବ୍ୟବହାର ଓ ଏହାର ସ୍ଥାନିକ ବିତରଣ ବିଷୟରେ ଲେଖ।**

**ଉତ୍ତର**
- ଅଭ୍ର ବୈଦ୍ୟୁତିକ ଶକ୍ତିର କୁପରିବାହୀ ଓ ବିଦ୍ୟୁତ୍‌ରୋଧକ।
- ଏହାର ଉଚ୍ଚ ବୈଦ୍ୟୁତିକ ଭୋଲଟେଜ୍ ପ୍ରତିରୋଧକ ଶକ୍ତି ଯୋଗୁଁ ବିଦ୍ୟୁତ୍ ଏବଂ ଇଲେକ୍‌ଟ୍ରୋନିକ୍ସ ଶିଳ୍ପ ପାଇଁ ଅପରିହାର୍ଯ୍ୟ।
- ଝାଡ଼ଖଣ୍ଡର କୋଦର୍ମା-ଗୟା-ହଜାରିବାଗ ବଳୟ ଅଭ୍ର ଉତ୍ପାଦନରେ ଅଗ୍ରଣୀ।
- ରାଜସ୍ଥାନର ଆଜମୀର, ଆନ୍ଧ୍ରପ୍ରଦେଶର ନେଲ୍ଲୁର ଅଭ୍ର ବଳୟ ଦେଶର ମୁଖ୍ୟ ଅଭ୍ର ବଳୟ। ଏଗୁଡ଼ିକ ଦେଶର ମୁଖ୍ୟ ଅଭ୍ର ଉତ୍ପାଦନ କେନ୍ଦ୍ର।

**ପ୍ର ୫. ଭାରତରେ ବକ୍‌ସାଇଟ୍‌ର ବ୍ୟବହାର ଓ ଏହାର ସ୍ଥାନିକ ବିତରଣ ବିଷୟରେ ଲେଖ।**

**ଉତ୍ତର**
- ଆଲୁମିନିୟମ ଏକ ହାଲୁକା ଧାତୁ ମାତ୍ର ଲୁହା ଭଳି ଶକ୍ତ।
- ବକ୍‌ସାଇଟ୍ ଖଣିଜପିଣ୍ଡରୁ ପ୍ରଥମେ ଆଲୁମିନା ଏବଂ ପରେ ଏଥିରୁ ଆଲୁମିନିୟମ ପ୍ରସ୍ତୁତ ହୁଏ।
- ଏହା ତାପ ସୁପରିବାହୀ ଏବଂ ପ୍ରସାରଣଶୀଳ।
- ଭାରତର ଅଧିକାଂଶ ଆଲୁମିନିୟମ୍ ନିକ୍ଷେପ ଅମରକଣ୍ଟକ ମାଳଭୂମି, ମଇକାଲ ପାହାଡ଼ ଏବଂ ବିଳାସପୁର-କଟନୀ ମାଳ ଅଞ୍ଚଳରେ ମିଳିଥାଏ। ବକ୍‌ସାଇଟ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ।

**ପ୍ର ୬. ଆମ ଦେଶରେ ଖଣିଜ ପଦାର୍ଥର ଆବଣ୍ଟନ ସମ୍ବନ୍ଧରେ ଲେଖ।**

**ଉତ୍ତର**
- ଭାରତରେ ବିଭିନ୍ନ ପ୍ରକାର ଖଣିଜ ବହୁଳ ପରିମାଣରେ ମିଳିଥାଏ। ମାତ୍ର ଏଗୁଡ଼ିକର ଆବଣ୍ଟନ ଅସମାନ ହୋଇଥାଏ।
- ଉତ୍ତର ଭାରତର ସମତଳ ଅଞ୍ଚଳରେ ଆର୍ଥିକ ଦୃଷ୍ଟିରୁ ପ୍ରାଧାନ୍ୟ ଥିବା ଖଣିଜ ପଦାର୍ଥ ପ୍ରାୟ ମିଳେନାହିଁ।
- ସାଧାରଣତଃ ଭାରତୀୟ ଉପଦ୍ୱୀପୀୟ ଶିଳାରେ କୋଇଲା, ଅଭ୍ର ଏବଂ ଅନ୍ୟାନ୍ୟ ଅଧାତବ ଖଣିଜ ଓ ଧାତବ ଖଣିଜ ପ୍ରଚୁର ପରିମାଣରେ ଗଚ୍ଛିତ ଅଛି।
- ଉପଦ୍ୱୀପର ପୂର୍ବ ଓ ପଶ୍ଚିମ ପାର୍ଶ୍ୱସ୍ଥ ସମତଳ ଭୂମି, ଗୁଜୁରାଟ ଏବଂ ଆସାମରେ ଥିବା ଅବକ୍ଷିପ୍ତ ଶିଳାରେ ଅଧିକାଂଶ ପେଟ୍ରୋଲିୟମ୍ ଭଣ୍ଡାର ରହିଅଛି। ରାଜସ୍ଥାନରେ ଅନେକ ଲୌହବିହୀନ ଖଣିଜ ଭଣ୍ଡାର ଅଛି।

**ପ୍ର ୭. ଖଣିଜ ପଦାର୍ଥ କିପରି ସୃଷ୍ଟି ହୋଇଥାଏ ଆଲୋଚନା କର।**

**ଉତ୍ତର**
- ଖଣିଜ ପଦାର୍ଥ ସାଧାରଣତଃ ଖଣିଜ ପିଣ୍ଡରୁ ମିଳିଥାଏ।
- ଯେତେବେଳେ ଭୂ-ଗର୍ଭସ୍ଥ ଖଣିଜ ଗଳିତ ଏବଂ ଗ୍ୟାସ୍ ଅବସ୍ଥାରେ ଛିଦ୍ର ବାଟ ଦେଇ ଉପରକୁ ଆସେ, ସେହି ସମୟରେ ସେଗୁଡ଼ିକ କ୍ରମଶଃ ଥଣ୍ଡା ହୋଇ କଠିନ ହୋଇଯାଏ।
- ଆଗ୍ନେୟ ଏବଂ ରୂପାନ୍ତରିତ ଶିଳାରେ ଖଣିଜ ପଦାର୍ଥ ଏଥିରେ ଥିବା ଫାଟ, ଛିଦ୍ର, ଭୂଭ୍ରଂଶ ଏବଂ ଖଞ୍ଜା ବା ସନ୍ଧିମାନଙ୍କରେ ମିଳିଥାଏ।

**ପ୍ର ୮. ଖଣିଜ ସଂରକ୍ଷଣର ଆବଶ୍ୟକତା ଓ ଉପାୟ ସମ୍ବନ୍ଧରେ ଆଲୋଚନା କର।**

ଉତ୍ତର
- ଖଣିଜ ପଦାର୍ଥ ଏକ ସୀମିତ ଓ ସରନ୍ତି ସମ୍ବଳ। ଦେଶପାଇଁ ଏହା ବହୁ ମୂଲ୍ୟବାନ।
- ଏହା ବ୍ୟବହାର ଦ୍ୱାରା ଶିଳ୍ପ ଓ କୃଷି ଉତ୍ପାଦ ଏବଂ ଦ୍ରବ୍ୟ ଆମେ ସମସ୍ତେ ଉପଭୋଗ କରୁଥାଉଁ। ଭୂତ୍ୱକ ଆୟତନର ମାତ୍ର 1 ଭାଗ ଖଣି କାର୍ଯ୍ୟ ପାଇଁ ବ୍ୟବହୃତ ହେଉଅଛି।
- ସୃଷ୍ଟି ହେଉଥିବା ଖଣିଜ ସମ୍ବଳର ଯଥେଷ୍ଟ ଅଧିକ ମାତ୍ରାରେ ଆମେ ଉପଯୋଗ କରୁଛୁ। ତେଣୁ ଏହାର ସଂରକ୍ଷଣ ନିହାତି ଆବଶ୍ୟକ।
- ସୁଚିନ୍ତିତ ଓ ଯୋଜନାବଦ୍ଧ ଉପାୟରେ କିପରି ଏଗୁଡ଼ିକ ଭବିଷ୍ୟତ ପାଇଁ ଗଚ୍ଛିତ କରାଯାଇପାରିବ ଏବଂ ନିମ୍ନମାନର ଖଣିଜ ମଧ୍ଯ ଅଳ୍ପ ବ୍ୟୟରେ ବ୍ୟବହାର କରାଯାଇ ପାରିବ ସେଥିପାଇଁ ନୂତନ ଜ୍ଞାନକୌଶଳ ଓ କାରିଗରୀ ବିଦ୍ୟା କ୍ଷେତ୍ରରେ ଗବେଷଣା ଅବ୍ୟାହତ ରହିବା ଆବଶ୍ୟକ।

**ପ୍ର ୯. ତମ୍ବାର ବ୍ୟବହାର ଓ ଏହାର ସ୍ଥାନିକ ବିତରଣ ସମ୍ବନ୍ଧରେ ଉଲ୍ଲେଖ କର।**

ଉତ୍ତର
- ତମ୍ବାର ଗଚ୍ଛିତ ଭଣ୍ଡାର ଏବଂ ଉତ୍ପାଦନ ଦୃଷ୍ଟିରୁ ଭାରତ ଘୋରଅଭାବଗ୍ରସ୍ତ। ତମ୍ବା ପ୍ରସାରଶୀଳ, ତନ୍ୟ ଏବଂ ତାପ ସୁପରିବାହୀ ହୋଇଥିବାରୁ ଏହା ମୁଖ୍ୟତଃ ବିଦ୍ୟୁତ୍ ତାର, ଇଲେକଟ୍ରୋନିକ୍ସ ଏବଂ ରାସାୟନିକ ଶିଳ୍ପରେ ବ୍ୟବହୃତ ହୋଇଥାଏ। ମଧ୍ୟପ୍ରଦେଶର ବାଲାଘାଟ ତମ୍ବା ଖଣିରେ ଭାରତର ମୋଟ ତମ୍ବା ଉତ୍ପାଦନର ଶତକଡ଼ା ପ୍ରାୟ 52 ଭାଗ ଉତ୍ପାଦିତ ହୋଇଥାଏ।
- ରାଜସ୍ଥାନର କ୍ଷେତ୍ରୀ ଓ ଝାଡ଼ଖଣ୍ଡର ସିଂହଭୂମି ତମ୍ବା ଖଣି ଉତ୍ପାଦନ ପାଇଁ ମଧ୍ୟ ବିଖ୍ୟାତ।

**ପ୍ର ୮. ଖଣିଜ ସଂରକ୍ଷଣର ଆବଶ୍ୟକତା ଓ ଉପାୟ ସମ୍ବନ୍ଧରେ ଆଲୋଚନା କର।**

ଉତ୍ତର
- ଖଣିଜ ପଦାର୍ଥ ଏକ ସୀମିତ ଓ ସରନ୍ତି ସମ୍ବଳ। ଦେଶପାଇଁ ଏହା ବହୁ ମୂଲ୍ୟବାନ।
- ଏହା ବ୍ୟବହାର ଦ୍ୱାରା ଶିଳ୍ପ ଓ କୃଷି ଉତ୍ପାଦ ଏବଂ ଦ୍ରବ୍ୟ ଆମେ ସମସ୍ତେ ଉପଭୋଗ କରୁଥାଉଁ। ଭୂତ୍ୱକ ଆୟତନର ମାତ୍ର 1 ଭାଗ ଖଣି କାର୍ଯ୍ୟ ପାଇଁ ବ୍ୟବହୃତ ହେଉଅଛି।
- ସୃଷ୍ଟି ହେଉଥିବା ଖଣିଜ ସମ୍ବଳର ଯଥେଷ୍ଟ ଅଧିକ ମାତ୍ରାରେ ଆମେ ଉପଯୋଗ କରୁଛୁ। ତେଣୁ ଏହାର ସଂରକ୍ଷଣ ନିହାତି ଆବଶ୍ୟକ।
- ସୁଚିନ୍ତିତ ଓ ଯୋଜନାବଦ୍ଧ ଉପାୟରେ କିପରି ଏଗୁଡ଼ିକ ଭବିଷ୍ୟତ ପାଇଁ ଗଚ୍ଛିତ କରାଯାଇପାରିବ ଏବଂ ନିମ୍ନମାନର ଖଣିଜ ମଧ୍ଯ ଅଳ୍ପ ବ୍ୟୟରେ ବ୍ୟବହାର କରାଯାଇ ପାରିବ ସେଥିପାଇଁ ନୂତନ ଜ୍ଞାନକୌଶଳ ଓ କାରିଗରୀ ବିଦ୍ୟା କ୍ଷେତ୍ରରେ ଗବେଷଣା ଅବ୍ୟାହତ ରହିବା ଆବଶ୍ୟକ।

**ପ୍ର ୧୦. ପାର୍ଥକ୍ୟ ଦର୍ଶାଅ :**

- **i) ଲୌହ ମିଶ୍ରିତ ଖଣିଜ ଓ ଲୌହ ବିହୀନ ଖଣିଜ**
- **ii) ଧାତବ ଖଣିଜ ଓ ଅଧାତବ ଖଣିଜ**
- **iii) ବକ୍ସାଇଟ୍ ଓ ଆଲୁମିନିୟମ**
- **iv) ଭେନ୍ ଓ ଲୋଡ୍**
- **v) ହେମାଟାଇଟ୍ ଓ ମ୍ୟାଗ୍ନେଟାଇଟ୍**

**i) ଲୌହ ମିଶ୍ରିତ ଖଣିଜ ଓ ଲୌହ ବିହୀନ ଖଣିଜ**

ଉତ୍ତର
- **ଲୌହ ମିଶ୍ରିତ ଖଣିଜ :** ଲୌହ ଅଂଶ ରହିବା ଖଣିଜକୁ ଲୌହ ମିଶ୍ରିତ ଖଣିଜ କୁହାଯାଏ । ଯଥା- ଲୁହାପଥର, ମାଙ୍ଗାନିଜ୍, ନିକେଲ ଓ କୋବାଲ୍ଟ ।
- **ଲୌହ ବିହୀନ ଖଣିଜ :** ଲୌହ ଅଂଶ ନ ଥିବା ଖଣିଜକୁ ଲୌହ ବିହୀନ ଖଣିଜ କୁହାଯାଏ ।
- ଟିଣ, ତମ୍ବା, ସୀସା, ବକ୍ସାଇଟ ଇତ୍ୟାଦି ଏହାର ଉଦାହରଣ ।

**ii) ଧାତବ ଖଣିଜ ଓ ଅଧାତବ ଖଣିଜ**

ଉତ୍ତର **ଧାତବ ଖଣିଜ :**

- ଧାତବ ଅଂଶ ଅଧିକ ରହିଥିବା ଖଣିଜ ପିଣ୍ଡକୁ ଧାତବ ଖଣିଜ କୁହାଯାଏ । ଧାତବ ଖଣିଜକୁ ତିନି ଭାଗରେ ବିଭକ୍ତ କରାଯାଇଅଛି । ଯଥା- ଲୌହ ମିଶ୍ରିତ ଖଣିଜ ଲୌହ ବିହୀନ ଖଣିଜ ଓ ମୂଲ୍ୟବାନ ଖଣିଜ ।
- ସୁନା, ବକ୍ସାଇଟ ଓ ଲୁହାପଥର ଏହି ଖଣିଜର ଅନ୍ତର୍ଭୁକ୍ତ ।
- ଟିଣ, ତମ୍ବା, ସୀସା, ବକ୍ସାଇଟ ଇତ୍ୟାଦି ଏହାର ଉଦାହରଣ ।

**ଅଧାତବ ଖଣିଜ :**

- ଧାତବ ବିହୀନ ଖଣିଜ ପଦାର୍ଥକୁ ଅଧାତବ ଖଣିଜ କୁହାଯାଏ ।
- ଅଧାତବ ଖଣିଜର ଉଦାହରଣଗୁଡ଼ିକ ହେଲା ଚୂନପଥର ଓ ମାର୍ବଲ ଇତ୍ୟାଦି ।

**iii) ବକ୍ସାଇଟ୍ ଓ ଆଲୁମିନିୟମ**

ଉତ୍ତର **ବକ୍ସାଇଟ୍**

- ଆଲୁମିନିୟମ ସିଲିକେଟ୍ ଯୁକ୍ତ ଶିଳାର ଅବକ୍ଷୟ ଘଟି ବକ୍ସାଇଟ୍ ସୃଷ୍ଟି କରିଥାଏ ।
- ବକ୍ସାଇଟ୍‌ରୁ ପ୍ରଥମେ ଆଲୁମିନା ନିଷ୍କାସନ କରାଯାଏ । ବକ୍ସାଇଟ୍ ଦେଖିବାକୁ ଚିକିଟା ମାଟିପରି ।

**ଆଲୁମିନିୟମ୍**

- ଆଲୁମିନିୟମ ଆଲୁମିନାରୁ ପ୍ରସ୍ତୁତ ହୁଏ ।
- ଏହା ଲୁହା ଭଳି ଶକ୍ତ ମାତ୍ର ହାଲୁକା ହେବା ସଙ୍ଗେ ସଙ୍ଗେ ତାପ ସୁପରୀବାହୀ ଓ ପ୍ରସାରଣଶୀଳ ।

**iv) ଭେନ୍ ଓ ଲୋଡ :**

ଉତ୍ତର **ଭେନ୍**

- ଆଗ୍ନେୟ ଏବଂ ରୂପାନ୍ତରିତ ଶିଳାରେ ଖଣିଜ ପଦାର୍ଥ ସାଧାରଣତଃ ଏଥିରେ ଥିବା ଫାଟ, ଛିଦ୍ର, ଭୂଭ୍ରଂଶ ଏବଂ ଖଞ୍ଜା ବା ସନ୍ଧିମାନଙ୍କରେ ମିଳିଥାଏ ।
- ଏଥିରେ ଖଣିଜ କମ୍ ପରିମାଣରେ ଥିଲେ ତାହାକୁଭେନ୍ ବା ଶିରା କୁହାଯାଏ ।

**ଲୋଡ**

- ଶିଳାମାନଙ୍କର ଫାଟ ବା ଛିଦ୍ରରେ ଖଣିଜ ପଦାର୍ଥ ଅଧିକ ପରିମାଣରେ ଥିଲେ ତାହାକୁ ଲୋଡ଼ କୁହାଯାଏ ।

**v) ହେମାଟାଇଟ୍ ଓ ମ୍ୟାଗ୍ନେଟାଇଟ୍**

**ଉତ୍ତର ହେମାଟାଇଟ୍**

- ଏହି ଖଣିଜ ପିଣ୍ଡରେ ଲୁହାର ପରିମାଣ ଶତକଡ଼ା 50 ଠାରୁ 60 ଭାଗ ରହିଥାଏ ।
- ଶିଳ୍ପ କ୍ଷେତ୍ରରେ ବିନିଯୋଗ ପରିମାଣ ଦୃଷ୍ଟିରୁ ହେମାଟାଇଟ୍ ଖଣିଜପିଣ୍ଡ ସର୍ବାଗ୍ରେ ରହିଥାଏ ।

**ମ୍ୟାଗ୍ନେଟାଇଟ୍**

- ମ୍ୟାଗ୍ନେଟାଇଟ୍ ଲୌହପିଣ୍ଡ ଅତି ଉନ୍ନତ ମାନର ଯେଉଁଥିରେ ଲୁହାର ପରିମାଣ ଶତକଡ଼ା 70 ଭାଗରୁ ଅଧିକ ରହିଥାଏ ।
- ଏହାର ଉତ୍କୃଷ୍ଟ ଚୁମ୍ବକୀୟ ଗୁଣ ଯୋଗୁ ବିଦ୍ୟୁତ୍ ଶିଳ୍ପରେ ନିୟୋଜିତ ହୋଇଥାଏ ।

**ପ୍ର ୧୧. ମାଙ୍ଗାନିଜ ଖଣିଜର ବ୍ୟବହାର ଓ ଏହାର ସ୍ଥାନିକ ବିତରଣ ସମ୍ବନ୍ଧରେ ଲେଖ ।**

**ଉତ୍ତର**
- ଇସ୍ପାତ ଏବଂ ଫେରୋମାଙ୍ଗାନିଜ୍ ମିଶ୍ରଧାତୁ ତିଆରିରେ ମାଙ୍ଗାନିଜ୍ ମୁଖ୍ୟ ପଦାର୍ଥ ରୂପେ ବ୍ୟବହାର କରାଯାଏ । ଗୋଟିଏ ଟନ୍ ଇସ୍ପାତ ତିଆରି ପାଇଁ ପ୍ରାୟ 10 କି.ଗ୍ରା. ମାଙ୍ଗାନିଜ ଆବଶ୍ୟକ ହୋଇଥାଏ ।
- ବ୍ଲିଚିଂ ପାଉଡର, କୀଟନାଶକ ଏବଂ ରଙ୍ଗ ତିଆରିରେ ମଧ୍ୟ ମାଙ୍ଗାନିଜ ବ୍ୟବହୃତ ହୁଏ ।
- ଭାରତରେ ମହାରାଷ୍ଟ୍ର ସର୍ବାଧିକ ମାଙ୍ଗାନିଜ୍ ଉତ୍ପାଦନକାରୀ ରାଜ୍ୟ 2018-19 ମସିହାରେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଓଡ଼ିଶାରେ ସର୍ବାଧିକ ମାଙ୍ଗାନିଜ୍ ଉତ୍ପାଦିତ ହେଉଛି ।

**ପ୍ର ୧୨. ସଂକ୍ଷେପରେ ଉତ୍ତର ଦିଅ :**

**(i) ଚୂନପଥର କେଉଁ ଶିଳାରେ ମିଳିଥାଏ ? ଏହାର ଦୁଇଟି ବ୍ୟବହାର ଲେଖ ।**

**ଉତ୍ତର**
- ଅବକ୍ଷିପ୍ତ ଶିଳାରେ ଚୂନପଥର ମିଳିଥାଏ । କ୍ୟାଲ୍‌ସିୟମ୍ କାର୍ବୋନେଟ କିମ୍ବା କ୍ୟାଲସିୟମ ଓ ମ୍ୟାଗ୍ନେସିୟମ କାର୍ବୋନେଟ୍‌ଯୁକ୍ତ ଶିଳାରେ ଚୂନପଥର ମିଳେ ।
- ଲୁହାପଥର ତରଳାଇବା ପାଇଁ ବ୍ଲାଷ୍ଟ ଫରେନସ୍‌ରେ ଏହାର ପ୍ରୟୋଜନୀୟତା ଅଧିକ ରହିଛି । ସିମେଣ୍ଟ ଶିଳ୍ପ ଏହାର ବହୁଳ ବ୍ୟବହାର ହୁଏ ।

**(ii) ଜଳ କେଉଁ ଖଣିଜ ପଦାର୍ଥକୁ ଅବକ୍ଷୟ କରିପାରେ ନାହିଁ ?**

**ଉତ୍ତର**
- କେତେକ ଖଣିଜ ପଦାର୍ଥ ପ୍ଲାସର ନିକ୍ଷେପ ଦ୍ୱାରା ସୃଷ୍ଟି ହୋଇଥାଏ ତାହାକୁ ଜଳ ଅବକ୍ଷୟ କରିପାରେନାହିଁ ।
- ସାଧାରଣତଃ ଜଳ ଯେଉଁସବୁ ପଦାର୍ଥକୁ ଅବକ୍ଷେପ କରିପାରେ ନାହିଁ । ସେହିଭଳି ଖଣିଜ ପଦାର୍ଥଗୁଡ଼ିକ ହେଲା ସୁନା, ରୂପା, ଟିଣ ଓ ପ୍ଲାଟିନମ୍ ।

**(iii) ସମୁଦ୍ର ଶଯ୍ୟାରେ ଥିବା ଖଣିଜ ପଦାର୍ଥଗୁଡ଼ିକ କ'ଣ କ'ଣ ଲେଖ ?**

**ଉତ୍ତର**
- ସମୁଦ୍ର ଜଳରେ ଅନେକ ଖଣିଜ ପଦାର୍ଥ ଦ୍ରବୀଭୂତ ହୋଇରହିଛି । ମାତ୍ର ଏଗୁଡ଼ିକ ଏପରି ବିକ୍ଷିପ୍ତ ଯେ ଅର୍ଥନୈତିକ ଦୃଷ୍ଟିରୁ ତା'ର କୌଣସି ତାତ୍ପର୍ଯ୍ୟ ନ ଥାଏ ।
- ଲବଣ, ମ୍ୟାଗ୍ନେସିୟମ ଏବଂ ବ୍ରୋମିନ୍ ବିଶେଷ କରି ସମୁଦ୍ର ଜଳରୁ ହିଁ ମିଳିଥାଏ । ସମୁଦ୍ର ଜଳରେ ପ୍ରଚୁର ପରିମାଣରେ ମାଙ୍ଗାନିଜ ଗୁଟିକା ବା ଗ୍ରନ୍ଥିକା (nodules) ମହଜୁଦ୍ ରହିଛି ।

**(iv) ଧାତବ ଖଣିଜ ପଦାର୍ଥକୁ ବର୍ଗୀକରଣ କରି ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ଦିଅ :**

**ଉତ୍ତର**
- ଧାତବ ଖଣିଜ ପଦାର୍ଥ, ଲୌହ ମିଶ୍ରିତ ଖଣିଜ, ଲୌହ ବିହୀନ ଖଣିଜ ଓ ମୂଲ୍ୟବାନ ଖଣିଜରେ ବର୍ଗୀକରଣ କରାଯାଇଥାଏ । ଯଥା-
- ଲୌହ ମିଶ୍ରିତ ଖଣିଜର ଉଦାହରଣ ଲୁହାପଥର ଓ ମାଙ୍ଗାନିଜ୍
- ଲୌହ ବିହୀନ ଖଣିଜ ଯଥା - ବକ୍ସାଇଟ୍ ଓ ତମ୍ବା
- ମୂଲ୍ୟବାନ ଖଣିଜ - ସୁନା ଓ ପ୍ଲାଟିନମ୍

**(v) ଭାରତର ତିନିଗୋଟି ମୁଖ୍ୟ ଲୁହାପଥର ବଳୟଗୁଡ଼ିକ କ'ଣ କ'ଣ ଲେଖ ?**

**ଉତ୍ତର**
- ଓଡ଼ିଶା-ଝାଡ଼ଖଣ୍ଡ ଅଞ୍ଚଳ
- ଦୁର୍ଗ-ବସ୍ତର-ଚନ୍ଦ୍ରପୁର ଅଞ୍ଚଳ
- ମହାରାଷ୍ଟ୍ର ଗୋଆ ଅଞ୍ଚଳ

**(vi) ଲୁହାପଥର ଶିଳ୍ପ ବିକାଶର ମେରୁଦଣ୍ଡ କିପରି ?**

**ଉତ୍ତର** ଲୁହାପଥର ଏକ ମୁଖ୍ୟ ଖଣିଜ ପଦାର୍ଥ । ସମସ୍ତ ଶିଳ୍ପ ଜଗତରେ ଏହା ବ୍ୟତିରେକେ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର କଳ୍ପନା କରାଯାଇ ପାରିବ ନାହିଁ । ତେଣୁ ଲୁହା ପଥର ଶିଳ୍ପ ବିକାଶର ମେରୁଦଣ୍ଡ ।

**(vii) ଜୀବନ ପ୍ରକ୍ରିୟା ଖଣିଜ ପଦାର୍ଥ ବ୍ୟତିରେକେ ଚାଲିପାରିବ ନାହିଁ କାହିଁକି ?**

**ଉତ୍ତର** ସମସ୍ତ ଖଣିଜ ପଦାର୍ଥ ସଜୀବମାନଙ୍କ ପାଇଁ ନିହାତି ଆବଶ୍ୟକ ହୋଇଥାଏ । ଆମେ ପ୍ରତିଦିନ ଯେତେ ପରିମାଣରେ ପୌଷ୍ଟିକତା ଆବଶ୍ୟକ କରୁ ସେ ସବୁରେ ଖଣିଜ ପଦାର୍ଥର ମାତ୍ରା ଶତକଡ଼ା ମାତ୍ର 0.3 ଭାଗ । କିନ୍ତୁ ଏହାର ଅନୁପସ୍ଥିତିରେ ଆମ୍ଭେମାନେ ପୁଷ୍ଟିକର ଖାଦ୍ୟର ସଦୁପଯୋଗ କରିବା ସମ୍ଭବ ନୁହେଁ । ତେଣୁ ଜୀବନ ପ୍ରକ୍ରିୟା ଖଣିଜ ପଦାର୍ଥ ବ୍ୟତିରେକେ ଚାଲି ପାରିବ ନାହିଁ ।

**(viii) ଆଲୁମିନିୟମ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ରୂପେ ବିବେଚିତ ହେବାର କାରଣ କ'ଣ ?**

**ଉତ୍ତର** ଆଲୁମିନିୟମ ଲୁହା ଭଳି ଶକ୍ତ ମାତ୍ର ହାଲୁକା ହୋଇଥାଏ । ଏହା ତାପ ସୁପରିବାହୀ ଏବଂ ପ୍ରସାରଣଶୀଳ ହୋଇଥିବାରୁ ବୈଦ୍ୟୁତିକ ଶିଳ୍ପରେ ଏହାର ଗୁରୁତ୍ୱ ରହିଛି । ତେଣୁ ଆଲୁମିନିୟମ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଅଟେ ।

**(ix) ଖଣି ଖନନକୁ କାହିଁକି ଏକ ଘାତକ ଶିଳ୍ପ କୁହାଯାଏ ?**

**ଉତ୍ତର** ଖଣି ଛାତ ଭୁଶୁଡ଼ିବାର ଆଶଙ୍କା, ଖଣିରେ ନିଆଁ ଲାଗିବା କିମ୍ୱା ଧସିଯିବାର ଭୟ ସବୁବେଳେ ଶ୍ରମିକଙ୍କୁ ଆତଙ୍କିତ କରି ରଖିଥାଏ । ଖଣି ଅଞ୍ଚଳର ଜଳସ୍ରୋତ ମଧ୍ୟ ଦୂଷିତ ହୁଏ । ତେଣୁ ଖଣି ଖନନକୁ ଏକ ଘାତକ ଶିଳ୍ପ କୁହାଯାଏ ।

**(x) ଅଭ୍ର ଏକ ଅପରିହାର୍ଯ୍ୟ ଖଣିଜ ମଧ୍ୟରୁ ଅନ୍ୟତମ କିପରି ହୋଇଥାଏ ?**

**ଉତ୍ତର** ଅଭ୍ର ବୈଦ୍ୟୁତିକ ଶକ୍ତି କୁ-ପରିବାହୀ । ଏହାର ବିଦ୍ୟୁତ୍‌ରୋଧକ ଶକ୍ତି ଯୋଗୁଁ ବିଦ୍ୟୁତ୍ ଓ ଇଲେକ୍ଟ୍ରୋନିକ୍ସ ଶିଳ୍ପ ପାଇଁ ଅପରିହାର୍ଯ୍ୟ । ତେଣୁ ଅଭ୍ର ଏକ ଅପରିହାର୍ଯ୍ୟ ଖଣିଜ ମଧ୍ୟରୁ ଅନ୍ୟତମ ।

**ପ୍ର ୧୩. ସଂକ୍ଷିପ୍ତ ଟିପ୍ପଣୀ ଲେଖ :**

**(i) ଖଣିଜ ପିଣ୍ଡ**

**ଉତ୍ତର** ଖଣିଜ ପଦାର୍ଥ ସାଧାରଣତଃ ଖଣିଜ ପିଣ୍ଡରୁ ମିଳିଥାଏ। ଗୋଟିଏ ମୁଖ୍ୟ ଖଣିଜର ଅନ୍ୟାନ୍ୟ ଖଣିଜ ପଦାର୍ଥ ସହ ମିଶ୍ରିତ ଶିଳାକୁ ଖଣିଜ ପିଣ୍ଡ କୁହାଯାଏ। ଖଣିଜ ପିଣ୍ଡରେ ଗୋଟିଏ ଖଣିଜ ପଦାର୍ଥର ପରିମାଣ ଯଥେଷ୍ଟ ଥିବା ଆବଶ୍ୟକ।

**(ii) ମୂଷାଗାତ ଖନନ**

**ଉତ୍ତର** ଉତ୍ତର ପୂର୍ବ ଭାରତରେ ଅଧିକାଂଶ ଆଦିମ ଅଧିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖଣିଜ ପଦାର୍ଥ କେତେକ ବ୍ୟକ୍ତି କିମ୍ବା ଗୋଷ୍ଠୀ ଅଧୀନରେ ଅଛି। ମାଟି ତଳେ ଏକ ଲମ୍ବା ସୁଡ଼ଙ୍ଗ ଖୋଳି ଖଣିଜ ଉତ୍ତୋଳନ କରାଯାଇଥାଏ। ଏହାକୁ ମୂଷାଗାତ ଖନନ କୁହାଯାଏ।

**(iii) ମାଙ୍ଗାନିଜର ବ୍ୟବହାର**

**ଉତ୍ତର** ଇସ୍ପାତ ଓ ଫେରୋମାଙ୍ଗାନିଜ ମିଶ୍ରଧାତୁ ତିଆରିରେ ମାଙ୍ଗାନିଜ ମୁଖ୍ୟ ରୂପେ ବ୍ୟବହାର କରାଯାଏ। ଗୋଟିଏ ଟନ୍ ଇସ୍ପାତ ତିଆରି ପାଇଁ 10 KG ମାଙ୍ଗାନିଜ୍ ଆବଶ୍ୟକ ହୋଇଥାଏ। ବ୍ଲିଚିଂ ପାଉଡ଼ର କୀଟନାଶକ ଏବଂ ରଙ୍ଗ ତିଆରିରେ ମଧ୍ୟ ମାଙ୍ଗାନିଜ୍ ବ୍ୟବହୃତ ହୋଇଥାଏ।

**(iv) ଶକ୍ତି ଖଣିଜ**

**ଉତ୍ତର** ଶକ୍ତି ଉତ୍ପାଦନ ପାଇଁ ବ୍ୟବହୃତ ଜାଳେଣି ଖଣିଜଗୁଡ଼ିକୁ ଶକ୍ତି ଖଣିଜ କୁହାଯାଏ। କୋଇଲା, ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍ ଆଦି ଶକ୍ତିର ସ୍ରୋତ। ଏହାର ବ୍ୟବହାର ପ୍ରଦୂଷଣ ପ୍ରତି ଅଧିକ ବିପଦ ସୃଷ୍ଟି କରେନାହିଁ।

**(v) ପ୍ଲାସର ନିକ୍ଷେପ**

**ଉତ୍ତର** କେତେକ ଖଣିଜ ପଦାର୍ଥ ନଦୀ ଶଯ୍ୟା ଓ ପାହାଡ଼ର ପାଦଦେଶରେ ପଟୁ ନିକ୍ଷେପ ଦ୍ୱାରା ସୃଷ୍ଟି ହୋଇଥାଏ। ଏଭଳି ନିକ୍ଷେପକୁ ପ୍ଲାସର ନିକ୍ଷେପ କୁହାଯାଏ। ସାଧାରଣତଃ ଜଳ ଯେଉଁସବୁ ପଦାର୍ଥକୁ ଅବକ୍ଷୟ କରିପାରେ ନାହିଁ ଏଥିରେ ସେଭଳି ଖଣିଜ ପଦାର୍ଥ ମିଳେ। ସୁନା, ରୂପା, ଟିଣ ଏବଂ ପ୍ଲାଟିନମ୍ ଆଦି ଏ ପ୍ରକାର ଖଣିଜ ପଦାର୍ଥର ଉଦାହରଣ।

---x---

## ତୃତୀୟ ଅଧ୍ୟାୟ

# ଶକ୍ତି ସମ୍ବଳ

### ବହୁବିକଳ୍ପ ପ୍ରଶ୍ନ

**୧. ଅବସ୍ଥିତି ଦୃଷ୍ଟିରୁ କେଉଁଟି ଅନ୍ୟ ତିନୋଟି ଠାରୁ ଭିନ୍ନ ?**

(କ) ଦିଗ୍‌ବୋଇ (ଖ) ନହରକାଟିୟା

(ଗ) ଦୁଲିଆଜାନ (ଘ) କୋୟାଲି

**୨. ଭାରତର କେଉଁ ତୈଳଖଣିରୁ ସର୍ବାଧିକ ଖଣିଜ ତୈଳ ମିଳିଥାଏ ?**

(କ) ଅଙ୍କଲେଶ୍ୱର (ଖ) ବମ୍ବେହାଇ

(ଗ) କୋୟାଲି (ଘ) ଦିଗ୍‌ବୋଇ

**୩. ଉତ୍ତରପ୍ରଦେଶର କେଉଁଠାରେ ଏକ ଆଣବିକ ଶକ୍ତି କେନ୍ଦ୍ର ସ୍ଥାପିତ ହୋଇଅଛି ?**

(କ) ମଥୁରା (ଖ) ଲକ୍ଷ୍ନୌ

(ଗ) ନାରୋରା (ଘ) କାନପୁର

**୪. କେଉଁଟି ଏକ କୋଇଲା ଖଣି ଅଞ୍ଚଳ ନୁହେଁ ?**

(କ) ବିରମିତ୍ରପୁର (ଖ) ଝରିଆ

(ଗ) ବର୍ଦ୍ଧମାନ (ଘ) ବୋକାରୋ

**୫. କେଉଁଟି ଏକ ନିମ୍ନମାନର ବାଦାମୀ ରଙ୍ଗର କୋଇଲା ?**

(କ) ଆନ୍ଥ୍ରାସାଇଟ୍ (ଖ) ବିଟୁମିନସ୍

(ଗ) ପିଟ୍ (ଘ) ଲିଗ୍‌ନାଇଟ୍

**୬. କେଉଁ ଧରଣର କୋଇଲାରେ 60% ରୁ 80% ଅଙ୍ଗାରକ ଥାଏ ?**

(କ) ଲିଗ୍‌ନାଇଟ୍ (ଖ) ବିଟୁମିନସ୍

(ଗ) ପିଟ୍ (ଘ) ଆନ୍ଥ୍ରାସାଇଟ୍

**୭. ଗଣ୍ଡୱାନା ଯୁଗର କୋଇଲା କେଉଁ କ୍ଷେତ୍ରରେ ଅଧିକ ବ୍ୟବହୃତ ହୁଏ ?**

(କ) ଧାତୁ ନିଷ୍କାସନ

(ଖ) ଘରୋଇ ଇନ୍ଧନ

(ଗ) ତାପଜ ବିଦ୍ୟୁତ୍ ଉତ୍ପାଦନ

(ଘ) ଉଭୟ କ ଓ ଖ

**୮. କାହାକୁ 'ଜୀବାଶ୍ମ ଇନ୍ଧନ' କୁହାଯାଏ ?**

(କ) ୟୁରାନିୟମ୍ (ଖ) ଜଳବିଦ୍ୟୁତ୍

(ଗ) କୋଇଲା (ଘ) ଥୋରିୟମ୍

**୯. କାହାକୁ 'କୃଷ୍ଣହୀରକ' କହନ୍ତି ?**

(କ) ଗୋବର ଘସି (ଖ) ପେଟ୍ରୋଲିୟମ୍

(ଗ) ପ୍ରାକୃତିକ ଗ୍ୟାସ୍ (ଘ) କୋଇଲା

**୧୦. ଟର୍ସିଆରୀ ଯୁଗର କୋଇଲା କେତେ ବର୍ଷର ପୁରୁଣା ?**

(କ) 50 ନିୟୁତ (ଖ) 100 ନିୟୁତ

(ଗ) 150 ନିୟୁତ (ଘ) 200 ନିୟୁତ

**୧୧. ନିମ୍ନୋକ୍ତ ମଧ୍ୟରୁ କେଉଁଟି କୋଇଲାର ଉପ-ଉତ୍ପାଦ ନୁହେଁ ?**

(କ) ସାର (ଖ) ସଲଫର

(ଗ) ବେଞ୍ଜିନ (ଘ) ନାଫ୍‌ଥା

**୧୨. କେଉଁ କୋଇଲା ଖଣିଟି ଓଡ଼ିଶାରେ ଅବସ୍ଥିତ ନୁହେଁ ?**

(କ) ରାମପୁର (ଖ) ଗିରିଡିହ

(ଗ) ଇବ୍ ଉପତ୍ୟକା (ଘ) ତାଳଚେର

**୧୩. ସମୁଦ୍ରର କେଉଁ ଅଂଶରେ ଖଣିଜ ତୈଳ ଗଚ୍ଛିତ ଥିବାର ଦେଖାଯାଏ ?**

(କ) ମହୀଢାଲୁ

(ଖ) ମହାସାଗର ସମତଳ

(ଗ) ମହୀସୋପାନ

(ଘ) ଗଭୀର ସାଗରତଳ

**୧୪. କେଉଁ ରାଜ୍ୟଟି ପେଟ୍ରୋଲିୟମ୍ ଉତ୍ପାଦନ କ୍ଷେତ୍ରରେ ସର୍ବ ପୁରାତନ ?**

(କ) ମହାରାଷ୍ଟ୍ର (ଖ) ଗୁଜୁରାଟ

(ଗ) ଆନ୍ଧ୍ରପ୍ରଦେଶ (ଘ) ଆସାମ

**୧୫. କେଉଁଟି ପାରମ୍ପରିକ ଶକ୍ତି ସମ୍ବଳର ଉତ୍ସ ?**

(କ) ଜଳବିଦ୍ୟୁତ୍ (ଖ) ଜୈବବସ୍ତୁ

(ଗ) ସୂର୍ଯ୍ୟକିରଣ (ଘ) ଜୁଆର

**୧୬. କେଉଁଟି ଅଣପାରମ୍ପରିକ ଶକ୍ତି ସମ୍ବଳର ଉତ୍ସ ନୁହେଁ ?**

(କ) ପରମାଣୁ (ଖ) ସୌରଶକ୍ତି

(ଗ) ପ୍ରାକୃତିକ ଗ୍ୟାସ୍ (ଘ) ପବନ

**୧୭. କେଉଁଟି ନିକୃଷ୍ଟ ଧରଣର କୋଇଲା ?**

(କ) ଆନ୍ଥ୍ରାସାଇଟ (ଖ) ପିଟ୍

(ଗ) ଲିଗ୍ନାଇଟ୍ (ଘ) ବିଟୁମିନସ

**୧୮. କେଉଁଟି ସର୍ବୋତ୍କୃଷ୍ଟ କୋଇଲା ?**

(କ) ଲିଗ୍ନାଇଟ (ଖ) ବିଟୁମିନସ

(ଗ) ପିଟ୍ (ଘ) ଆନ୍ଥ୍ରାସାଇଟ

**୧୯. ଭାରତରେ ଉତ୍ପାଦିତ ଖଣିଜ ତୈଳର ଶତକଡ଼ା କେତେ ଭାଗ ବମ୍ବେହାଇରୁ ଉତ୍ପାଦିତ ହୋଇଥାଏ ?**

(କ) 16 (ଖ) 24

(ଗ) 36 (ଘ) 44

**୨୦. ମଥୁରା ତୈଳ ବିଶୋଧନାଗାର କେଉଁ ରାଜ୍ୟରେ ଅବସ୍ଥିତ ?**

(କ) ଗୁଜୁରାଟ (ଖ) ମହାରାଷ୍ଟ୍ର

(ଗ) ଉତ୍ତରପ୍ରଦେଶ (ଘ) ହରିୟାଣା

**୨୧. ତୈଳ ବିଶୋଧନାଗାର ଦୃଷ୍ଟିରୁ କେଉଁଟି ବିଷମ ଯୋଡ଼ି ?**

(କ) ଟ୍ରମ୍ବେ - ଗୁଜୁରାଟ

(ଖ) ଓଡ଼ିଶା - ପାରାଦ୍ୱୀପ

(ଗ) ତାମିଲନାଡୁ - ଚେନ୍ନାଇ

(ଘ) ଉତ୍ତରପ୍ରଦେଶ - ମଥୁରା

**୨୨. ନିମ୍ନୋକ୍ତ ମଧ୍ୟରୁ କେଉଁ ଶକ୍ତି ଉତ୍ସଟି ଚଳିତ ଶତାବ୍ଦୀର ମୁଖ୍ୟ ଇନ୍ଧନ କୁହାଯାଇପାରେ ?**

(କ) ପ୍ରାକୃତିକ ଗ୍ୟାସ୍ (ଖ) ଆଣବିକ ଶକ୍ତି

(ଗ) ଜୁଆର ଶକ୍ତି (ଘ) ସୌର ଶକ୍ତି

**୨୩. ରାଜସ୍ଥାନର କେଉଁଠାରେ ପରମାଣୁ ଶକ୍ତି କେନ୍ଦ୍ର ଅଛି ?**

(କ) ଆଜମୀର (ଖ) ରାୟତଭଟ୍ଟା

(ଗ) ମିୱାର (ଘ) ଜୟପୁର

**୨୪. ଆମ ରାଜ୍ୟରେ କେଉଁଠାରେ ଏକ ତାପଜ ବିଦ୍ୟୁତ୍ କେନ୍ଦ୍ର ରହିଛି ?**

(କ) ପାରାଦ୍ୱୀପ (ଖ) ଝାରସୁଗୁଡ଼ା

(ଗ) ତାଳଚେର (ଘ) ସୁନାବେଡ଼ା

**୨୫. କେଉଁ ରାଜ୍ୟରେ ୟୁରାନିୟମ ମିଳିଥାଏ ?**

(କ) ରାଜସ୍ଥାନ (ଖ) ତାମିଲନାଡୁ

(ଗ) କେରଳ (ଘ) ଝାଡ଼ଖଣ୍ଡ

**୨୬. ନିମ୍ନୋକ୍ତ କେଉଁ ଖଣିଜଟି ମୋନାଜାଇଟ୍ ବାଲିରୁ ମିଳିଥାଏ ?**

(କ) ଥୋରିୟମ୍ (ଖ) ୟୁରାନିୟମ୍

(ଗ) ଟାଇଟାନିୟମ (ଘ) ବେରିୟମ୍

**୨୭. ଭାରତରେ କେତେଗୋଟି ପରମାଣୁ ଶକ୍ତି କେନ୍ଦ୍ର ରହିଛି ?**

(କ) 5 (ଖ) 6

(ଗ) 8 (ଘ) 12

**୨୮. ତାମିଲନାଡୁ ରାଜ୍ୟର ନଗର କୋଏଲ ଠାରୁ ମଦୁରାଇ ପର୍ଯ୍ୟନ୍ତ କେଉଁ ଶକ୍ତି ଉତ୍ପାଦନ ପାଇଁ ପ୍ରସିଦ୍ଧ ?**

(କ) ତାପଜ ବିଦ୍ୟୁତ୍ (ଖ) ପବନ ଶକ୍ତି

(ଗ) ସୌର ଶକ୍ତି (ଘ) ଭୂ-ତାପଜ ଶକ୍ତି

**୨୯. ଗୋବର ଗ୍ୟାସ୍ ପ୍ଲାଣ୍ଟ୍‌ରୁ କେଉଁ ଗ୍ୟାସ୍ ମିଳେ ?**

(କ) ଅଙ୍ଗାରକାମ୍ଳ (ଖ) ପ୍ରାକୃତିକ ଗ୍ୟାସ୍

(ଗ) ଜୈବ ଗ୍ୟାସ୍ (ଘ) ଉଭୟ କ ଓ ଖ

**୩୦. ସୌରଶକ୍ତି କେଉଁ ସ୍ଥାନରେ ବେଶ୍ ଜନପ୍ରିୟ ହୋଇପାରିଛି ?**

(କ) ଦୁର୍ଗମ ସ୍ଥାନ ଓ ଗ୍ରାମାଞ୍ଚଳ

(ଖ) ନଗର

(ଗ) ସହର

(ଘ) ଉପକୂଳବର୍ତ୍ତୀ ଅଞ୍ଚଳ

**୩୧. ଉଷ୍ଣପ୍ରସ୍ରବଣକୁ ବ୍ୟବହାର କରାଯାଇ କେଉଁ ଶକ୍ତି ଉତ୍ପାଦନ କରାଯାଏ ?**

(କ) ଜୈବ ଶକ୍ତି (ଖ) ଜୁଆର ଶକ୍ତି

(ଗ) ସୌର ଶକ୍ତି (ଘ) ଭୁ-ତାପଜ ଶକ୍ତି

**୩୨. କେଉଁଟି ଅକ୍ଷୟ ଶକ୍ତି ସମ୍ବଳ ?**

(କ) ପ୍ରାକୃତିକ ବାଷ୍ପ (ଖ) ଜୁଆର

(ଗ) କୋଇଲା (ଘ) ୟୁରାନିୟମ

**୩୩. କେଉଁଠାରେ ପ୍ରାକୃତିକ ଗ୍ୟାସ୍ ବହୁଳ ପରିମାଣରେ ଗଚ୍ଛିତ ରହିଛି ?**

(କ) ଲାକ୍ଷାଦ୍ୱୀପ

(ଖ) ମାଳଦ୍ୱୀପ

(ଗ) ଆଣ୍ଡାମାନ ଓ ନିକୋବର

(ଘ) ମିନିକଏ ଦ୍ୱୀପ

**୩୪. କେଉଁଟି ଏକ ଅପତଟ ତୈଳ ଖଣି ?**

(କ) ବାସେଇନ (ଖ) ହୁଗ୍ରିଜାନ

(ଗ) କୋୟାଲି (ଘ) ନୁନାମାଟି

**୩୫. ଜାତୀୟ ଜଳଶକ୍ତି ନିଗମ କେଉଁଠାରେ ଏକ ମେଗାୱାଟ୍ ଜୁଆର ଶକ୍ତି ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଛି ?**

(କ) କାମ୍ବେ ଉପସାଗର

(ଖ) କଚ୍ଛ ଉପସାଗର

(ଗ) ବଙ୍ଗୋପ ସାଗର

(ଘ) କେଉଁଟି ନୁହେଁ

**୩୬. କୋର୍ବା ତାପଜ ବିଦ୍ୟୁତ୍ କେନ୍ଦ୍ର କେଉଁ ରାଜ୍ୟରେ ଅବସ୍ଥିତ ?**

(କ) ଝାଡ଼ଖଣ୍ଡ (ଖ) ବିହାର

(ଗ) ମଧ୍ୟପ୍ରଦେଶ (ଘ) ଛତିଶଗଡ଼

**୩୭. ଭାରତରେ ସର୍ବପ୍ରଥମେ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ର କେଉଁଠାରେ ସ୍ଥାପିତ ହୋଇଥିଲା ?**

(କ) ମେଟୁର (ଖ) ଶିବ ସମୁଦ୍ରମ୍

(ଗ) ଦାର୍ଜିଲିଂ (ଘ) ମୋହରା

**୩୮. କେଉଁ ତାପଜ ବିଦ୍ୟୁତ୍ ଶକ୍ତିକେନ୍ଦ୍ରଟି ଅବସ୍ଥାନ ଦୃଷ୍ଟିରୁ ଅନ୍ୟ ତିନୋଟି ଠାରୁ ଭିନ୍ନ ?**

(କ) ନେଲୋର (ଖ) ଏନୋର

(ଗ) ନଏଭେଲି (ଘ) ତୁତିକୋରିନ୍

**୩୯. କୁଦାଙ୍କୁଲମ୍ ଆଣବିକ ଶକ୍ତି ନିମ୍ନୋକ୍ତ କେଉଁ ରାଜ୍ୟରେ ଅବସ୍ଥିତ ?**

(କ) ମହାରାଷ୍ଟ୍ର

(ଖ) ତାମିଲନାଡୁ

(ଗ) ରାଜସ୍ଥାନ

(ଘ) କର୍ଣ୍ଣାଟକ




୪୦. ପ୍ରଦତ୍ତ ଭାରତ ମାନଚିତ୍ରରେ **'I'** ଚିହ୍ନିତ ଆଣବିକ କେନ୍ଦ୍ରର ନାମ କ'ଣ ?

(କ) ଜଇତାପୁର (ଖ) ତାରାପୁର

(ଗ) ନରୋରା (ଘ) କାକ୍ରାପରା

୪୧. ପ୍ରଦତ୍ତ ଭାରତ ମାନଚିତ୍ରରେ **'II'** ଚିହ୍ନିତ ତାପଜ ବିଦ୍ୟୁତ୍ କେନ୍ଦ୍ରର ନାମ କ'ଣ ?

(କ) ତାଳଚେର (ଖ) ଏନ୍ନୋର

(ଗ) ରାମଗୁଣ୍ଡମ୍ (ଘ) କୋଥାଗୁଡମ

୪୨. ପ୍ରଦତ୍ତ ଭାରତ ମାନଚିତ୍ରରେ **'III'** ଚିହ୍ନିତ ଆଣବିକ କେନ୍ଦ୍ର କେଉଁ ରାଜ୍ୟରେ ଅବସ୍ଥିତ ?

(କ) ତାମିଲନାଡୁ (ଖ) କର୍ଣ୍ଣାଟକ

(ଗ) ମହାରାଷ୍ଟ୍ର (ଘ) ଉତ୍ତରପ୍ରଦେଶ

୪୩. ପ୍ରଦତ୍ତ ଭାରତ ମାନଚିତ୍ରରେ **'IV'** ଚିହ୍ନିତ ତାପଜ ବିଦ୍ୟୁତ୍ କେନ୍ଦ୍ରର ନାମ କ'ଣ ?

(କ) କୋଥାଗୁଡ଼ମ (ଖ) ବାଲିମେଳା

(ଗ) ନାସିକ୍ (ଘ) ତୁତିକୋରିନ୍

୪୪. ପ୍ରଦତ୍ତ ଭାରତ ମାନଚିତ୍ରରେ **'V'** ଚିହ୍ନିତ ଆଣବିକ କେନ୍ଦ୍ର କେଉଁ ରାଜ୍ୟରେ ଅବସ୍ଥିତ ?

(କ) କର୍ଣ୍ଣାଟକ (ଖ) ମହାରାଷ୍ଟ୍ର

(ଗ) ତାମିଲନାଡୁ (ଘ) ଗୁଜୁରାଟ

୪୫. ପ୍ରଦତ୍ତ ଭାରତ ମାନଚିତ୍ରରେ **'VI'** ଚିହ୍ନିତ କୋଇଲା ଖଣିର ନାମ କ'ଣ ?

(କ) ସିଙ୍ଗାରେଣୀ (ଖ) କୋର୍ବା

(ଗ) ସିଙ୍ଗ୍ରାଉଲି (ଘ) ଝରିଆ

୪୬. ପ୍ରଦତ୍ତ ଭାରତ ମାନଚିତ୍ରରେ **'VII'** ଚିହ୍ନିତ ତୈଳଖଣି କେଉଁ ରାଜ୍ୟରେ ଅବସ୍ଥିତ ?

(କ) ଆନ୍ଧ୍ରପ୍ରଦେଶ (ଖ) ତାମିଲନାଡୁ

(ଗ) ଆସାମ (ଘ) ଉତ୍ତରପ୍ରଦେଶ

# ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଘ) କୋୟାଲି
୨. (ଖ) ବମ୍ବେହାଇ
୩. (ଗ) ନାରୋରା
୪. (କ) ବିରମିତ୍ରପୁର
୫. (ଘ) ଲିଗ୍‌ନାଇଟ୍
୬. (ଖ) ବିଟୁମିନସ୍
୭. (କ) ଧାତୁ ନିଷ୍କାସନ
୮. (ଗ) କୋଇଲା
୯. (ଘ) କୋଇଲା
୧୦. (କ) 50 ନିୟୁତ
୧୧. (କ) ସାର
୧୨. (ଖ) ଗିରିଡିହ
୧୩. (ଗ) ମହୀସୋପାନ
୧୪. (ଘ) ଆସାମ
୧୫. (କ) ଜଳବିଦ୍ୟୁତ୍
୧୬. (ଗ) ପ୍ରାକୃତିକ ଗ୍ୟାସ୍
୧୭. (ଖ) ପିଟ୍
୧୮. (ଘ) ଆନ୍ଥ୍ରାସାଇଟ
୧୯. (ଘ) 44
୨୦. (ଗ) ଉତ୍ତରପ୍ରଦେଶ
୨୧. (କ) ଟ୍ରମ୍ବେ – ଗୁଜୁରାଟ
୨୨. (କ) ପ୍ରାକୃତିକ ଗ୍ୟାସ୍
୨୩. (ଖ) ରାୟତଭଙ୍ଗା
୨୪. (ଗ) ତାଳଚେର
୨୫. (ଘ) ଝାଡ଼ଖଣ୍ଡ
୨୬. (କ) ଥୋରିୟମ୍
୨୭. (ଗ) 8
୨୮. (ଖ) ପବନ ଶକ୍ତି
୨୯. (ଗ) ଜୈବ ଗ୍ୟାସ୍
୩୦. (କ) ଦୁର୍ଗମ ସ୍ଥାନ ଓ ଗ୍ରାମାଞ୍ଚଳ
୩୧. (ଘ) ଭୂ-ତାପଜ ଶକ୍ତି
୩୨. (ଖ) ଜୁଆର
୩୩. (ଗ) ଆଣ୍ଡାମାନ ଓ ନିକୋବର
୩୪. (କ) ବାସେଇନ
୩୫. (ଖ) କଚ୍ଛ ଉପସାଗର
୩୬. (ଘ) ଛତିଶଗଡ଼
୩୭. (ଗ) ଦାର୍ଜିଲିଂ
୩୮. (କ) ନେଲୋର
୩୯. (ଖ) ତାମିଲନାଡୁ
୪୦. (ଗ) ନରୋରା
୪୧. (କ) ତାଳଚେର
୪୨. (ଖ) କର୍ଣ୍ଣାଟକ
୪୩. (ଘ) ତୁତିକୋରିନ୍
୪୪. (ଗ) ତାମିଲନାଡୁ
୪୫. (ଖ) କୋର୍ବା
୪୬. (କ) ଆନ୍ଧ୍ରପ୍ରଦେଶ

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର ୧. ଭାରତରେ ସୌରଶକ୍ତି ଉତ୍ପାଦନ ବିଷୟରେ ଲେଖ।**

**ଉତ୍ତର**
- ଭାରତ ଏକ ଗ୍ରୀଷ୍ମପ୍ରଧାନ ଦେଶ। ଏଠାରେ ସୌରଶକ୍ତି ବ୍ୟବହାର କ୍ଷେତ୍ରରେ ଅନେକ ସମ୍ଭାବନା ଅଛି। ଫଟୋଭୋଲଟାଇକ୍ କାରିଗରୀ କୌଶଳ ଦ୍ୱାରା ସୂର୍ଯ୍ୟ କିରଣରୁ ପ୍ରତ୍ୟକ୍ଷ ଭାବରେ ବିଜୁଳି ଶକ୍ତି ସଂଗୃହୀତ ହୋଇଥାଏ।
- ସୌରଶକ୍ତି ଗ୍ରାମ ଓ ଦୁର୍ଗମ ସ୍ଥାନମାନଙ୍କରେ ମଧ୍ୟ ବେଶ ଜନପ୍ରିୟ ହୋଇପାରିଛି। ରୋଷେଇ କରିବା, ପାଣି ଗରମ କରିବା, ସୌର ଲଣ୍ଠନ, ଫ୍ରିଜ୍ ଚଳାଇବା ଏବଂ ରାସ୍ତାରେ ଆଲୋକ ବ୍ୟବସ୍ଥା ଆଦି କାର୍ଯ୍ୟ ସୌରଶକ୍ତି ଦ୍ୱାରା ସମ୍ଭବ ହୋଇପାରୁଛି।
- ଏହି ସୌରଶକ୍ତି ଶୀତଦିନରେ ଗୃହକୁ ଉଷୁମ ରଖିବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। ଆମ ଦେଶର ମରୁଭୂମି ଅଞ୍ଚଳ ସୌରଶକ୍ତିରୁ ବିଜୁଳି ଉତ୍ପାଦନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।
- ପଶ୍ଚିମ ବଙ୍ଗର ସୁନ୍ଦରବନ ତ୍ରିକୋଣଭୂମିରେ ଅବସ୍ଥିତ ସାଗରଦ୍ୱୀପ ଏକ ମୁଖ୍ୟ ସୌରଶକ୍ତି ଉତ୍ପାଦନ କେନ୍ଦ୍ର।
- ଭାରତରେ ସର୍ବବୃହତ ସୌରତାପ ଶକ୍ତି କେନ୍ଦ୍ର ଗୁଜୁରାଟର ମାଧପୁରଠାରେ ଏବଂ ରାଜସ୍ଥାନର ଯୋଧପୁରଠାରେ ଅବସ୍ଥିତ। ଉତ୍ତରପ୍ରଦେଶର ଆଲିଗଡ଼ ଓ ତାମିଲନାଡୁର କୋଏମ୍ବାଟୁରଠାରେ ମଧ୍ୟ ସୌରଶକ୍ତି କେନ୍ଦ୍ର ଅବସ୍ଥିତ।
- ମହାରାଷ୍ଟ୍ର-ଗୋଆ ଅଞ୍ଚଳ : ଗୋଆ ଏବଂ ମହାରାଷ୍ଟ୍ରର ରତ୍ନଗିରି ଏହି ବଳୟର ଅନ୍ତର୍ଗତ। ମାର୍ମାଗାଓ ବନ୍ଦର ମାଧ୍ୟମରେ ଏଠାକାର ଲୁହାପଥର ରପ୍ତାନି କରାଯାଇଥାଏ।

**ପ୍ର ୨. ଭାରତରେ ଭୂ-ତାପଜ ଶକ୍ତି ଉତ୍ପାଦନ ବିଷୟରେ ଉଲ୍ଲେଖ କର।**

**ଉତ୍ତର**
- ଭୂ-ଅଭ୍ୟନ୍ତରରୁ ମିଳୁଥିବା ଭୂ-ତାପକୁ ବ୍ୟବହାର କରି ଯେଉଁ ତାପ ଏବଂ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ ତାହାକୁ ଭୂ-ତାପଜ ଶକ୍ତି କୁହାଯାଏ।
- ଯେଉଁ ଅଞ୍ଚଳରେ ଭୂ-ଅଭ୍ୟନ୍ତରର ତାପମାତ୍ରା ଖୁବ୍ ଅଧିକ। ସେଠାରେ ଭୂ-ଗର୍ଭଜଳ ଉତ୍ତପ୍ତ ଶିଳା ସଂସ୍ପର୍ଶରେ ଆସି ଗରମ ହୋଇଯାଏ ଅଧିକ ମାତ୍ରାରେ ଗରମ ହେବା ଯୋଗୁଁ ତାହା ଉପରକୁ ବହୁତ ଜୋରରେ ନିର୍ଗତ ହୁଏ, ଏହାଦ୍ୱାରା ଟରବାଇନକୁ ଘୁରାଇ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ।
- ଭାରତରେ ଶହଶହ ଉଷ୍ଣପ୍ରସ୍ରବଣ ଅଛି ଯାହାକୁ ବ୍ୟବହାର କରାଯାଇ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇପାରିବ।
- ହିମାଚଳପ୍ରଦେଶର ମଣିକର୍ଣ୍ଣ ଠାରେ ଏବଂ ଲାଦାଖର ପୁଗା ଉପତ୍ୟକା ଠାରେ ଭୂ-ତାପଜ ଉତ୍ପାଦନ ଶକ୍ତିକେନ୍ଦ୍ର ସ୍ଥାପିତ ହୋଇଅଛି।

**ପ୍ର ୩. ଭାରତରେ ଜୁଆର ଶକ୍ତି ଉତ୍ପାଦନ ବିଷୟରେ ସଂକ୍ଷେପରେ ଲେଖ।**

**ଉତ୍ତର**
- ସମୁଦ୍ର ଜୁଆରରୁ ମଧ୍ୟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇପାରିବ।
- ଜୁଆରିଆ ନଦୀ କିମ୍ବା ସମୁଦ୍ର ମଧ୍ୟରେ ବନ୍ଧ ବାନ୍ଧି ଜୁଆର ଜଳକୁ ଭିତରକୁ ଆସିବାକୁ ଦିଆଯାଏ ଏବଂ ଜୁଆର ଭଟ୍ଟା ଆରମ୍ଭ ହେବାମାତ୍ରେ ପ୍ରବେଶ ପଥରେ କବାଟ ପକାଇ ଜଳକୁ ଫେରିବାକୁ ଦିଆଯାଏ ନାହିଁ।
- ଭଟ୍ଟା ସମୟରେ ଏହି ଆବଦ୍ଧ ଜଳକୁ ପାଇପ୍ ସାହାଯ୍ୟରେ ଟରବାଇନ୍ ମଧ୍ୟ ଦେଇ ଛଡ଼ାଯାଏ। ଫଳରେ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୁଏ।
- ଭାରତର ଗୁଜୁରାଟର କଚ୍ଛ ଉପସାଗର କୂଳରେ ଜୁଆର ଶକ୍ତି ବିନିଯୋଗ କରିବା ପାଇଁ ଅନୁକୂଳ ପରିସ୍ଥିତି ଅଛି।

**ପ୍ର ୪. ଭାରତରେ ପବନ ଶକ୍ତି ଉତ୍ପାଦନ ସମ୍ବନ୍ଧରେ ଲେଖ ।**

**ଉତ୍ତର**
- ପବନ ଶକ୍ତି ଅଣପାରମ୍ପରିକ ଶକ୍ତିର ଅନ୍ତର୍ଭୁକ୍ତ । ଏହା ଏକ ଅସରନ୍ତି ଓ ଅକ୍ଷୟ ସମ୍ବଳ । ଭାରତ ବର୍ଷ ପବନ ଶକ୍ତି ଉପଯୋଗ କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ।
- ଦେଶର ସର୍ବବୃହତ୍ ପବନ ଶକ୍ତି ବିନିଯୋଗ କ୍ଷେତ୍ର ତାମିଲନାଡୁ ରାଜ୍ୟର ନଗରକୋଏଲରୁ ମଦୁରାଇ ପର୍ଯ୍ୟନ୍ତ ବିସ୍ତୃତ ।
- ପବନ ଶକ୍ତିଚାଳିତ ବିଦ୍ୟୁତ୍ କେନ୍ଦ୍ରମାନ ସ୍ଥାପନର ସୁବିଧା ପାଇଁ ପୁରୀ ସମୁଦ୍ରକୂଳରେ ପବନ ଚକ ବସାଯାଇଛି ।
- ଭାରତର ସବୁଠାରୁ ବଡ଼ ପବନ ଚକ ଜୟସାଲମିର ଠାରେ ଅବସ୍ଥିତ ।
- ନଗରକୋଏଲ ଓ ଜୟସାଲମିରଠାରେ ସର୍ବବୃହତ୍ ପବନ ଶକ୍ତି କେନ୍ଦ୍ର ଦେଶରେ ରହିଛି ।

**ପ୍ର ୫. କୋଇଲାର ଶ୍ରେଣୀବିଭାଗ କରି ସେଥିରେ ଥିବା ଅଙ୍ଗାରକର ଶତକଡ଼ା ପରିମାଣ ଉଲ୍ଲେଖ କର ।**

**ଉତ୍ତର**
- କୋଇଲା ସାଧାରଣତଃ ଚାରି ପ୍ରକାରର । ଆନ୍ଥ୍ରାସାଇଟ୍, ବିଟୁମିନସ୍, ଲିଗ୍ନାଇଟ୍ ଓ ପିଟ୍ ।
- ଆନ୍ଥ୍ରାସାଇଟ୍ କୋଇଲା ସର୍ବୋତ୍କୃଷ୍ଟ । ଏଥିରେ ଅଙ୍ଗାରକର ପରିମାଣ 90-95 ପ୍ରତିଶତ ରହିଥାଏ ।
- ବିଟୁମିନସ୍‌ରେ ଅଙ୍ଗାରକର ପରିମାଣ 60-80 ପ୍ରତିଶତ ରହିଥାଏ । ଏହା ବହୁଳ ଭାବରେ ବ୍ୟବହୃତ ହୋଇଥାଏ ।
- ଲିଗନାଇଟ୍ କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା 60 ରହିଥାଏ । ଏହା ନିମ୍ନମାନର ବାଦାମୀ ରଙ୍ଗର କୋଇଲା ।
- ପିଟ୍ ନିକୃଷ୍ଟତମ କୋଇଲା ଏଥିରେ ଅଙ୍ଗାରକର ପରିମାଣ 50 ପ୍ରତିଶତରୁ କମ୍ ରହିଥାଏ । ଏଥିରେ ଅଧିକ ମାତ୍ରାରେ ଜଳୀୟବାଷ୍ପ ଥାଏ ।

**ପ୍ର ୬. ଶକ୍ତି ସଂରକ୍ଷଣର ଉପାୟଗୁଡ଼ିକ କ'ଣ ?**

**ଉତ୍ତର**
- ଭାରତ ସରକାରଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ଆଇନ ପ୍ରଣୟନ କରାଯାଇ ଶକ୍ତି ବିନିଯୋଗ ଓ ସଂରକ୍ଷଣ ନିମନ୍ତେ ପଦକ୍ଷେପମାନ ନିଆଯାଉଛି ।
- ବ୍ୟକ୍ତିଗତ ଯାନବାହାନ ପରିବର୍ତ୍ତେ ସରକାରୀ ବା ସାମୁହିକ ଯାନବାହାନ ବ୍ୟବହାର କରିବା, କମ୍ ଶକ୍ତିରେ ଚାଲୁଥିବା ଉପକରଣ ବ୍ୟବହାର କରିବା ।
- ଆବଶ୍ୟକ ନ ଥିବାବେଳେ ପ୍ରକୋଷ୍ଠ ବା ଶ୍ରେଣୀରେ ପଙ୍ଖା ବା ଆଲୁଅର ସୁଇଚ ବନ୍ଦ କରିବା ।
- ଶକ୍ତି ଚାଳିତ ଯନ୍ତ୍ର ଯାନବାହନକୁ ନିୟମିତ ପରୀକ୍ଷା କରିବା ଓ ଅଣପାରମ୍ପରିକ ଶକ୍ତି ଅଧିକରୁ ଅଧିକ ବିନିଯୋଗ କରିବା ।

**ପ୍ର ୭. ଭାରତରେ ଆଣବିକ ଶକ୍ତିର ଉତ୍ପାଦନ ବିଷୟରେ ଏକ ବିବରଣୀ ଦିଅ ।**

**ଉତ୍ତର**
- ଭାରତର ଝାଡ଼ଖଣ୍ଡରେ ମିଳୁଥିବା ୟୁରାନିୟମ ଓ ରାଜସ୍ଥାନର ଆରାବଳୀ ପର୍ବତମାଳାରେ ଥୋରିୟମ ମିଳେ । କେରଳ ସମୁଦ୍ରବେଳା ଭୂମିରେ ମିଳୁଥିବା ମୋନାଜାଇଟ୍ ବାଲିରୁ ଥୋରିୟମ ମିଳେ ।
- ଭାରତରେ ଆଠଗୋଟି ପରମାଣୁ ଶକ୍ତିକେନ୍ଦ୍ର ଅଛି ।
- ୟୁରାନିୟମ ଓ ଥୋରିୟମ ଆଦି ତେଜସ୍କ୍ରିୟ ଖଣିଜ ପଦାର୍ଥରୁ ଆଣବିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ ।
- ଅଣୁ ସରଞ୍ଜନାରେ ପରିବର୍ତ୍ତନ କରାଯାଇ ଅଣୁ ଶକ୍ତି ଉତ୍ପାଦନ କରାଯାଏ । ଯେତେବେଳେ ଏପରି ପରିବର୍ତ୍ତନ ଘଟେ, ସେଥିରୁ ବହୁ ପରିମାଣରେ ଶକ୍ତି ଉତ୍ପାଦନ ହୁଏ ଏବଂ ଏହି ତାପଶକ୍ତିକୁ ବିନିଯୋଗ କରାଯାଇ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇଥାଏ ।

**ପ୍ର ୮. ଭାରତରେ ପ୍ରାକୃତିକ ଗ୍ୟାସ୍‌ର ଉତ୍ପାଦନ ଓ ବିତରଣ ବିଷୟରେ ଉଲ୍ଲେଖ କର ।**

ଉତ୍ତର
- ପ୍ରାକୃତିକ ଗ୍ୟାସ୍, ଶକ୍ତିର ଉତ୍ସ ଏବଂ ପେଟ୍ରୋଲିୟମ ଶିଳ୍ପରେ ଔଦ୍ୟୋଗିକ କଞ୍ଚାମାଲ ରୂପେ ବ୍ୟବହୃତ ହୋଇଥାଏ ।
- ଏଥିରୁ କମ୍ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ ବାହାରୁଥିବାରୁ ପରିବେଶ ପ୍ରଦୂଷଣ ପ୍ରତି ଅଧିକ ବିପଦ ସୃଷ୍ଟି କରେନାହିଁ । ତେଣୁ ଏହାକୁ ଚଳିତ ଶତାବ୍ଦୀର ମୁଖ୍ୟ ଇନ୍ଧନ ବୋଲି କୁହାଯାଏ ।
- କୃଷ୍ଣା ଗୋଦାବରୀ ଉପତ୍ୟକାରେ ବହୁଳ ପରିମାଣରେ ଗ୍ୟାସ୍ ଭଣ୍ଡାର ଆବିଷ୍କୃତ ହୋଇଛି ।
- ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ମଧ୍ୟ ପ୍ରାକୃତିକ ଗ୍ୟାସ୍ ବହୁଳ ପରିମାଣରେ ଗଚ୍ଛିତ ଅଛି ।
- ସାର ଏବଂ ଶକ୍ତି କେନ୍ଦ୍ରଗୁଡ଼ିକ ପ୍ରାକୃତିକ ଗ୍ୟାସ୍‌ର ମୁଖ୍ୟ ବ୍ୟବହାରକାରୀ । ପରିବହନ କ୍ଷେତ୍ରରେ ପେଟ୍ରୋଲିୟମ୍ ବଦଳରେ CNG କ୍ରମଶଃ ଲୋକପ୍ରିୟ ହେବାରେ ଲାଗିଛି ।

**ପ୍ର ୯. ପାର୍ଥକ୍ୟ ଦର୍ଶାଅ :**

**(i) ପାରମ୍ପରିକ ଶକ୍ତି ଓ ଅଣପାରମ୍ପରିକ ଶକ୍ତି**

ଉତ୍ତର **ପାରମ୍ପରିକ ଶକ୍ତି :**
- ଏଗୁଡ଼ିକୁ ବହୁ ପୁରାକାଳରୁ ଆମର ଶକ୍ତି ଚାହିଦା ପୂରଣ କରି ଆସୁଅଛି ।
- ପାରମ୍ପରିକ ଶକ୍ତି କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପରୁ ଉତ୍ପାଦିତ ହୋଇଥାଏ । ଏହା ଏକ ଅପୂରଣୀୟ ପ୍ରାକୃତିକ ସମ୍ବଳ ।
- ଏଥିରୁ ବିଦ୍ୟୁତ୍ ଉତ୍ପାଦନ ବ୍ୟୟସାପେକ୍ଷ । ଏଥିରେ ପରିବେଶ ବହୁଳ ଭାବେ ପ୍ରଦୂଷିତ ହୁଏ ।

**ଅଣପାରମ୍ପରିକ ଶକ୍ତି :**
- ଅଣପାରମ୍ପରିକ ଶକ୍ତିର ଉତ୍ସଗୁଡ଼ିକ ହେଲା - ସୌରତାପ, ପବନ, ଭୂ-ତାପଜ ଓ ଜୈବ ବାଷ୍ପରୁ ଉତ୍ପାଦିତ ଶକ୍ତି । ଏହା ଅସରନ୍ତି ଓ ଅକ୍ଷୟ ସମ୍ବଳ ।
- ଏଥିରୁ ବିଦ୍ୟୁତ୍ ଉତ୍ପାଦନ ଶସ୍ତା ଓ ଏଥିରେ ପରିବେଶ ପ୍ରଦୂଷଣ ହୋଇନଥାଏ ।

**(ii) ଜଳବିଦ୍ୟୁତ୍ ଶକ୍ତି ଓ ତାପଜ ବିଦ୍ୟୁତ୍ ଶକ୍ତି**

ଉତ୍ତର **ଜଳବିଦ୍ୟୁତ୍ ଶକ୍ତି**
- ଜଳର ଗତିଜ ଶକ୍ତିକୁ ଉପଯୋଗ କରି ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ ।
- ଏହା ଅକ୍ଷୟ ସମ୍ବଳ, ଶସ୍ତା ଓ ଏହାଦ୍ୱାରା ପରିବେଶ ପ୍ରଦୂଷଣ ହୁଏନାହିଁ ।

**ତାପଜ ବିଦ୍ୟୁତ୍ ଶକ୍ତି**
- କୋଇଲା ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍‌କୁ ଜାଳେଣୀ ଭାବେ ବ୍ୟବହାର କରାଯାଇ, ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରାଯାଏ ।
- ଏହା କ୍ଷୟଶୀଳ ସମ୍ବଳ, ବ୍ୟୟସାପେକ୍ଷ ଏବଂ ଏହାଦ୍ୱାରା ପରିବେଶ ପ୍ରଦୂଷଣ ହୋଇଥାଏ ।

**(iii) ଆନ୍ଥ୍ରାସାଇଟ୍ ଓ ପିଟ୍ :**

**ଉତ୍ତର ଆନ୍ଥ୍ରାସାଇଟ୍**

- ଆନ୍ଥ୍ରାସାଇଟ୍ ସବୁଠାରୁ ଉତ୍କୃଷ୍ଟ ଧରଣର କୋଇଲା। ଏହା ଚିକ୍କଣ ଗାଢ଼ ରଙ୍ଗର ଓ ଅଧିକ ତାପ ପ୍ରଦାନ କରେ।
- ଏଥିରେ ଅଙ୍ଗାରକ ପରିମାଣ ଶତକଡ଼ା 90-95 ଭାଗ ହୋଇଥାଏ।

**ପିଟ୍**

- ପିଟ୍ କୋଇଲା ସବୁଠାରୁ ନିକୃଷ୍ଟ କୋଇଲା। ଏହାର ତାପ ପ୍ରଦାନକାରୀ ଶକ୍ତି କମ୍ ଓ ଏଥିରେ ଜଳୀୟ ଅଂଶ ଅଧିକ ଥାଏ।
- ପିଟ୍ କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା 50 ଭାଗରୁ କମ୍।

**(iv) ବିଟୁମିନସ୍ ଓ ଲିଗ୍ନାଇଟ୍**

**ଉତ୍ତର ବିଟୁମିନସ୍ :**

- ଏହି କୋଇଲା ଘରୋଇ ଇନ୍ଧନ, ଇଟା ତିଆରି କାରଖାନା ଓ ଲୌହ, ଇସ୍ପାତ କାରଖାନାମାନଙ୍କରେ ବ୍ଲାଷ୍ଟ ଫରନେସ୍‌ରେ ଲୁହାପଥର ଗଳନ ପାଇଁ ବ୍ୟବହୃତ ହୁଏ।
- ଏଥିରେ ଅଙ୍ଗାରକର ପରିମାଣ 60-80 ପ୍ରତିଶତ ହୋଇଥାଏ।

**ଲିଗ୍ନାଇଟ୍ :**

- ଏହା ଏକ ନିମ୍ନମାନର  ବାଦାମୀ ରଙ୍ଗର କୋଇଲା। ଏହା ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୁଏ।
- ଏଥିରେ ପ୍ରାୟ 60 ପ୍ରତିଶତ ଅଙ୍ଗାରକ ଥାଏ। ଏହା କୋମଳ ଏବଂ ଏଥିରେ ଜଳୀୟ ଅଂଶ ଅଧିକ ଥାଏ।

**ପ୍ର ୧୦. ଭାରତରେ ଥିବା ଆଣବିକ ଶକ୍ତି କେନ୍ଦ୍ରଗୁଡ଼ିକର ଏକ ବିବରଣୀ ଦିଅ।**

ଉତ୍ତର
- ଭାରତରେ ସମୁଦାୟ ୫ ଟି ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପିତ ହୋଇଛି।
- ସେହି ଆଣବିକ ଶକ୍ତି କେନ୍ଦ୍ରଗୁଡ଼ିକ ହେଲା ମହାରାଷ୍ଟ୍ରର ଟ୍ରମ୍ବେ (ତାରାପୁର), ରାଜସ୍ଥାନର ରାୟତଭଟ୍ଟା, ତାମିଲନାଡୁର କଳ୍ପକମ୍, ଉତ୍ତରପ୍ରଦେଶର ନରୋରା, ଗୁଜୁରାଟର କାକ୍ରାପରା, କର୍ଣ୍ଣାଟକର କାଇଗା, ତାମିଲନାଡୁର କୁଦାଙ୍କୁଲମ୍ ଓ ମହାରାଷ୍ଟ୍ରର ଜଇତାପୁର।

**ପ୍ର ୧୧. କାରଣ ଦର୍ଶାଅ :**

**(i) କୋଇଲାକୁ ଜୀବାଶ୍ମ ଇନ୍ଧନ କୁହାଯାଏ।**

ଉତ୍ତର
- ପ୍ରାଣୀ ଓ ଉଦ୍ଭିଦଗୁଡ଼ିକ ନିୟୁତ ନିୟୁତ ବର୍ଷ ଧରି ବିଭିନ୍ନ କାରଣରୁ ମାଟି ତଳେ ଚାପି ହୋଇ ରହିବା ଫଳରେ ସଙ୍କୁଚିତ ହୋଇ ବାୟୁର ଅନୁପସ୍ଥିତିରେ ରାସାୟନିକ ବିଘଟନ ହେବା ଦ୍ୱାରା କୋଇଲାରେ ପରିଣତ ହୋଇଥାଏ।
- ତେଣୁ କୋଇଲାକୁ ଜୀବାଶ୍ମ ଇନ୍ଧନ କୁହାଯାଏ।

**(ii) କୋଇଲାକୁ କୃଷ୍ଣହୀରକ କୁହାଯାଏ।**

ଉତ୍ତର • କୋଇଲାକୁ ଜାଳେଣୀ ଶକ୍ତି ହିସାବରେ ବ୍ୟବହାର କରାଯାଏ। ରାସାୟନିକ ପଦାର୍ଥ, ରଙ୍ଗ, ସାର, ସିନ୍ଥେଟିକ୍ସ, ବିସ୍ଫୋରକ ଆଦି ଉତ୍ପାଦନ ପାଇଁ କୋଇଲାକୁ କଞ୍ଚାମାଲ ରୂପେ ବ୍ୟବହାର କରାଯାଏ।

- କୋଇଲାରୁ ଅନେକ ଦରକାରୀ ଜିନିଷ ମିଳୁଥିବାରୁ ଏହାକୁ କୃଷ୍ଣହୀରକ କୁହାଯାଏ।

**(iii) ଅଣପାରମ୍ପରିକ ଶକ୍ତିର ଭବିଷ୍ୟତ ଉଜ୍ଜ୍ୱଳ।**

ଉତ୍ତର • ଅଣପାରମ୍ପରିକ ଶକ୍ତିଗୁଡ଼ିକ ଅସରନ୍ତି ଓ ଅକ୍ଷୟ ସମ୍ବଳର ଅନ୍ତର୍ଗତ।

- ଏହି ସମ୍ବଳଗୁଡ଼ିକ ଅମାପ, ପୁନଃଚକ୍ରଣ ଯୋଗ୍ୟ ଓ ଏହା ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି କରେ।
- ସୂର୍ଯ୍ୟକିରଣ, ପବନ, ଜୁଆର, ଭୂତାପ ଶକ୍ତି ଆଦି ଏହାର ଅନ୍ତର୍ଭୁକ୍ତ।
- ଆମ ଦେଶରେ ଅଣପାରମ୍ପରିକ ଶକ୍ତିର ବ୍ୟବହାର ଆଦୃତି ଲାଭ କରିଥିବାରୁ ଏଗୁଡ଼ିକର ଭବିଷ୍ୟତ ଉଜ୍ଜ୍ୱଳ।

**(iv) ଜଳ ବିଦ୍ୟୁତ୍ ଶକ୍ତିକୁ ଏକ ପୁନଃନବୀକରଣ ଯୋଗ୍ୟ ସମ୍ବଳ କୁହାଯାଏ।**

ଉତ୍ତର • ଋତୁକାଳୀନ ବୃଷ୍ଟିପାତ ଯୋଗୁଁ ଆମ ଦେଶରେ ନଦୀ ଉପରେ ଡ୍ୟାମ୍ ନିୟନ୍ତ୍ରିତ ଉପାୟରେ ପାଇପ ଦ୍ୱାରା ଉଚ୍ଚ ସ୍ଥାନରୁ ପକାଯାଇ ଟରବାଇନ୍ ଘୁରାଇବା ଦ୍ୱାରା ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୁଏ।

- ଏହା ବର୍ଷ ବର୍ଷ ଧରି ସମ୍ଭବ ହେଉଥିବାରୁ ଜଳବିଦ୍ୟୁତ୍ ଶକ୍ତିକୁ ଏକ ପୁନଃନବୀକରଣ ଯୋଗ୍ୟ ସମ୍ବଳ କୁହାଯାଏ।

**(v) ଅଣପାରମ୍ପରିକ ଶକ୍ତିର ବ୍ୟବହାର ଶକ୍ତି ସଂରକ୍ଷଣରେ ସହାୟକ ହୁଏ।**

ଉତ୍ତର • ଅଣପାରମ୍ପରିକ ଶକ୍ତିଗୁଡ଼ିକ ଅସରନ୍ତି ସମ୍ବଳର ଅନ୍ତର୍ଗତ। ସୌରଶକ୍ତି ପବନ ଶକ୍ତି, ଜୁଆର ଶକ୍ତି ଯେତେ ବ୍ୟବହାର କଲେ ମଧ୍ୟ ଏଗୁଡ଼ିକ କ୍ଷୟ ହୁଏନାହିଁ। ତେଣୁ ଏଗୁଡ଼ିକ କ୍ଷୟଶୀଳ ଶକ୍ତିର ବିକଳ୍ପ ଶକ୍ତି ରୂପେ ବ୍ୟବହାର କରାଯାଉଛି।

**ପ୍ର ୧୨. ଜୈବ ବାଷ୍ପର ଉତ୍ପାଦନ ଓ ବ୍ୟବହାର ବିଷୟରେ ଲେଖ।**

ଉତ୍ତର • ଗୁଳ୍ମ, କାଠିକୁଟା, କୃଷିକ୍ଷେତ୍ରରେ ଆବର୍ଜନା, ରଦ୍ଦି କାଗଜ, ପ୍ରାଣୀ ଓ ମନୁଷ୍ୟମାନଙ୍କର ମଳମୂତ୍ର ଆଦି ବର୍ଜ୍ୟବସ୍ତୁଗୁଡ଼ିକ ଜୈବ ବାଷ୍ପ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ। ଏହି ଜୈବ ଗ୍ୟାସ୍ ପରିବାରର ରନ୍ଧନ କାର୍ଯ୍ୟରେ ଲାଗିଥାଏ।

- ଜୈବ ବସ୍ତୁତ୍ୱର ଅପଘଟନ ପ୍ରକ୍ରିୟାରୁ ମିଳୁଥିବା ଗ୍ୟାସ୍‌ର ତାପ ପ୍ରଦାନକାରୀ ଶକ୍ତି କିରୋସିନି, ଘସି ଏବଂ କାଠ କୋଇଲାଠାରୁ ଅଧିକ।
- ଜୈବ ଗ୍ୟାସ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକ ମ୍ୟୁନିସିପାଲିଟି, ସମବାୟ ଗୋଷ୍ଠୀ ଏବଂ ବ୍ୟକ୍ତିଗତ ପ୍ରଚେଷ୍ଟାରେ ପ୍ରତିଷ୍ଠା କରାଯାଇଥାଏ।
- ଗ୍ରାମମାନଙ୍କରେ ଜୈବ ଗ୍ୟାସ୍‌ରେ ଗୋବର ଗ୍ୟାସ୍ ପ୍ଲାଣ୍ଟ ଚାଲିଥାଏ।
- ଅଧୁନା ମହାରାଷ୍ଟ୍ର ଓ ଗୁଜୁରାଟରେ ସର୍ବାଧିକ ଜୈବବାଷ୍ପ ଉତ୍ପାଦିତ ହେଉଛି।

**ପ୍ର ୧୩. ଜାତୀୟ ଜଳଶକ୍ତି ନିଗମ ବିଷୟରେ ସଂକ୍ଷେପରେ ଲେଖ।**

ଉତ୍ତର ଭାରତରେ ଗୁଜୁରାଟର କଚ୍ଛ ଉପସାଗରରେ ଜୁଆର ଶକ୍ତି ଉତ୍ପାଦନ କରିବା ପାଇଁ ଅନୁକୂଳ ପରିସ୍ଥିତି ରହିଛି। ଜାତୀୟ ଜଳଶକ୍ତି ନିଗମ ଦ୍ୱାରା ଏଠାରେ ଏକ ମେଗାୱାଟ୍ ଜୁଆର ଶକ୍ତି ଉତ୍ପାଦନ ପାଇଁ କେନ୍ଦ୍ର ସ୍ଥାପିତ ହୋଇଛି।

**ପ୍ର ୧୪. ପେଟ୍ରୋଲିୟମ ପଦାର୍ଥଗୁଡ଼ିକର ବ୍ୟବହାର ସମ୍ବନ୍ଧରେ ଏକ ବିବରଣୀ ଦିଅ।**

ଉତ୍ତର
- ଇନ୍ଧନ ହିସାବରେ ପେଟ୍ରୋଲିୟମ ଉଭୟ ତାପ ଓ ଆଲୋକ ଦେଇଥାଏ।
- ଏହା ଏକ ଉତ୍ତମ ଘର୍ଷଣ ହ୍ରାସକ ଭାବରେ କଳକବ୍‌ଜାରେ ବ୍ୟବହୃତ ହୁଏ।
- ପେଟ୍ରୋଲିୟମ ବ୍ୟତିରେକ କୌଣସି ଶିଳ୍ପର ବିକାଶ କଳ୍ପନା କରାଯାଇପାରିନାହିଁ।
- ପେଟ୍ରୋଲିୟମ ବିଶୋଧନାଗାର, କୃତ୍ରିମ ବସ୍ତ୍ର, ସାର ଏବଂ ଅନେକ ରାସାୟନିକ ଶିଳ୍ପ ପାଇଁ କଞ୍ଚାମାଲ ଯୋଗାଇଥାଏ।

**ପ୍ର ୧୫. ଭାରତରେ ଗଚ୍ଛିତ ପେଟ୍ରୋଲିୟମ ପଦାର୍ଥ ଓ ଏହାର ଖଣିମାନଙ୍କ ବିଷୟରେ ସୂଚନା ଦିଅ।**

ଉତ୍ତର
- ଭାରତରେ ଉତ୍ପାଦିତ ଖଣିଜ ତୈଳର ଶତକଡ଼ା 44 ଭାଗ ବମ୍ବେ ହାଇରୁ, 18 ପ୍ରତିଶତ ଗୁଜୁରାଟ ଏବଂ 16 ପ୍ରତିଶତ ଆସାମରୁ ମିଳିଥାଏ।
- ଗୁଜୁରାଟର ଆଙ୍କଲେଶ୍ୱର, କୋୟାଲିରେ ତୈଳଖଣି ଅବସ୍ଥିତ।
- ଆସାମର ଦିଗ୍‌ବୋଇ, ନହରକାଟିୟା, ମୋରାନ୍, ଦୁଲିଆଜାନ ଓ ହୁଗ୍ରିଜାନ ଆଦି ସ୍ଥାନରେ ତୈଳ ଉତ୍ପାଦନ କରାଯାଏ।
- ବାସାଇନ୍ ଏବଂ ଆଲିଆବେଟ ଦୁଇଟି ଅପତଟ ତୈଳଖଣି ରହିଛି।
- ଖଣିଜତୈଳ ଉତ୍ପାଦନ କରୁଥିବା ରାଜ୍ୟମାନଙ୍କ ମଧ୍ୟରେ ଆସାମ ସର୍ବପୁରାତନ ରାଜ୍ୟ।

**ପ୍ର ୧୬. ଭାରତରେ କୋଇଲା ଖଣିଗୁଡ଼ିକର ଅବସ୍ଥିତି ଏବଂ କୋଇଲାର ବ୍ୟବହାର ସମ୍ବନ୍ଧରେ ଉଲ୍ଲେଖ କର।**

ଉତ୍ତର
- ଆମ ଦେଶରେ ଶକ୍ତି କ୍ଷେତ୍ରରେ କୋଇଲାର ସ୍ଥାନ ଏବେବି ସର୍ବୋପରି। ଜାଳେଣି ଶକ୍ତି ହିସାବରେ କୋଇଲାର ବ୍ୟବହାର ସର୍ବାଧିକ। ରାସାୟନିକ ଶିଳ୍ପ କ୍ଷେତ୍ରରେ କୋଇଲା ମୁଖ୍ୟ କଞ୍ଚାମାଲ ରୂପେ ବ୍ୟବହୃତ ହୁଏ।
- ରାସାୟନିକ ପଦାର୍ଥ, ରଙ୍ଗ, ସାର, ସିନ୍ଥେଟିକ୍‌ସ, ବିସ୍ଫୋରକ ଆଦି ଉତ୍ପାଦକ ପାଇଁ କୋଇଲା କଞ୍ଚାମାଲ ରୂପେ ବ୍ୟବହୃତ ହୁଏ। ଏଥିରୁ ଉପ-ଉତ୍ପାଦ ଭାବରେ ଆଲକାତରା, ସଲଫର୍, ବେଞ୍ଜିନ୍, ଆମୋନିଆ ବାଷ୍ପ ନାଫ୍‌ଥା ଆଦି ମିଳିଥାଏ। କୋଇଲାରୁ ଅନେକ ଦରକାରୀ ଜିନିଷ ମିଳୁଥିବାରୁ ଏହାକୁ କୃଷ୍ଣହୀରକ କୁହାଯାଏ।
- ପ୍ରାୟ ଦୁଇ-ତୃତୀୟାଂଶ କୋଇଲା ଝାଡ଼ଖଣ୍ଡ, ଛତିଶଗଡ଼, ଓଡ଼ିଶା ଓ ମଧ୍ୟପ୍ରଦେଶରେ ଉତ୍ପାଦିତ ହୁଏ। ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶରେ ପ୍ରାୟ ଏକ-ତୃତୀୟାଂଶ କୋଇଲା ଉତ୍ପାଦନ ହୋଇଥାଏ। ମୁଖ୍ୟ କୋଇଲାଖଣିଗୁଡ଼ିକ ହେଲା, ଝରିଆ, ବୋକାରୋ, ଗିରିଡିହ, ରାଣୀଗଞ୍ଜ, କୋର୍ବା, ତାଳଚେର, ରାମପୁର ଓ ଇବ୍ ଉପତ୍ୟକା ଏବଂ ସିଙ୍ଗ୍ରଉଲି।
- ଦେଶରେ ଉତ୍ପାଦିତ ଦୁଇ-ତୃତୀୟାଂଶ କୋଇଲା କେବଳ ତାପଜ ବିଦ୍ୟୁତ୍‌ଶକ୍ତି ଉତ୍ପାଦନରେ ଓ ଅବଶିଷ୍ଟ ଏକ ତୃତୀୟାଂଶ ଲୌହ, ଇସ୍ପାତ, ସିମେଣ୍ଟ, ସାର, ରାସାୟନିକ ପଦାର୍ଥ ଓ ଜାଳେଣି ହିସାବରେ ବ୍ୟବହୃତ ହୋଇଥାଏ।

**ପ୍ର ୧୭. ଭାରତର ପେଟ୍ରୋଲିୟମ୍ ଖଣିମାନଙ୍କର ଅବସ୍ଥିତି ଓ ଏହାର ଗଚ୍ଛିତ ପରିମାଣ ସମ୍ବନ୍ଧରେ ଏକ ବିବରଣୀ ଦିଅ।**

ଉତ୍ତର
- ଭାରତର ଗୁଜୁରାଟ ରାଜ୍ୟର ଅଙ୍କଲେଶ୍ୱର ଓ କୋୟାଲିରେ ପେଟ୍ରୋଲିୟମ୍ ଖଣିମାନ ରହିଅଛି।
- ଆସାମର ଦିଗ୍‌ବୋଇ, ନହରକାଟିୟା, ମୋରାନ, ଦୁଲିଆଜାନ, ହୁଗ୍ରିଜାନ ଆଦି ସ୍ଥାନରେ ତୈଳ ଉତ୍ପାଦନ କରାଯାଏ।

- ବାଇସେନ ଏବଂ ଆଲିଆବେଟ୍ ଦୁଇଟି ଭାରତର ଅପତଟ ତୈଳଖଣି, ଖଣିଜତୈଳ ଉତ୍ପାଦନ କରୁଥିବା ରାଜ୍ୟମାନଙ୍କ ମଧ୍ୟରେ ଆସାମ ସର୍ବପୁରାତନ ରାଜ୍ୟ ।
- ଭାରତରେ ଉତ୍ପାଦିତ ଖଣିଜତୈଳର ଶତକଡ଼ା 44 ଭାଗ ବମ୍ବେ ହାଇରୁ 18 ପ୍ରତିଶତ ଗୁଜୁରାଟ ଏବଂ 16 ପ୍ରତିଶତ ଆସାମରୁ ମିଳିଥାଏ ।

**ପ୍ର ୧୮. ଭାରତରେ ଗଚ୍ଛିତ ତୈଳଭଣ୍ଡାର ସମ୍ବନ୍ଧରେ ଏକ ବିବରଣୀ ଲେଖ ।**

ଉତ୍ତର
- ଆମ ଦେଶର ଗୁଜୁରାଟ, ମହାରାଷ୍ଟ୍ର, ଆସାମ ଆଦି ରାଜ୍ୟମାନଙ୍କରେ ଖଣିଜ ତୈଳ ଉତ୍ପାଦନ କ୍ଷେତ୍ର ଅଛି ।
- ଏହା ବ୍ୟତୀତ ଭାରତର ପୂର୍ବ-ଉପକୂଳରେ ଅବସ୍ଥିତ ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀ ତ୍ରିକୋଣ ଭୂମିରେ ତୈଳ ଭଣ୍ଡାର ରହିଛି ।
- ଗୋଦାବରୀ ଓ କୃଷ୍ଣା ନଦୀମୁହାଣ ନିକଟବର୍ତ୍ତୀ ରାଓ୍ୱା, ଉତ୍ତରପ୍ରଦେଶର ରାମପୁର, ପଞ୍ଜାବର ଜ୍ୱାଳାମୁଖୀ ଓ ରାଜସ୍ଥାନର ବାରମେରରେ କିଛି ତୈଳ ଭଣ୍ଡାର ରହିଛି ।
- ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ମାନ୍ନାର ଉପସାଗର, ଓଡ଼ିଶାର ବାଲେଶ୍ୱର ଉପକୂଳ, ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶର କେତେକ ଅଞ୍ଚଳରେ ଖଣିଜ ତୈଳର ଭଣ୍ଡାର ରହିଅଛି ।

**ପ୍ର ୧୯. ଭାରତ ସ୍ୱାଧୀନତା ପାଇବା ପର୍ଯ୍ୟନ୍ତ କେଉଁ ସ୍ଥାନମାନଙ୍କରେ ଜଳବିଦ୍ୟୁତ ଶକ୍ତି କେନ୍ଦ୍ରମାନ ସ୍ଥାପିତ ହୋଇଥିଲା ?**

ଉତ୍ତର
- ଭାରତର ସର୍ବପ୍ରଥମ ଜଳବିଦ୍ୟୁତ୍ କେନ୍ଦ୍ର ପଶ୍ଚିମବଙ୍ଗର ଦାର୍ଜିଲିଂ ଠାରେ 1898 ମସିହାରେ ସ୍ଥାପିତ ହୋଇଥିଲା ।
- ପରବର୍ତ୍ତୀ ସମୟରେ ତାମିଲନାଡୁର ମେଟୁରଠାରେ 1899 ମସିହାରେ ସ୍ଥାପିତ ହୋଇଥିଲା ।
- ତୃତୀୟ ଥର ପାଇଁ କର୍ଣ୍ଣାଟକର ଶିବସମୁଦ୍ରମଠାରେ ଜଳବିଦ୍ୟୁତ୍ ଶକ୍ତିକେନ୍ଦ୍ର 1902 ମସିହାରେ ସ୍ଥାପିତ ହୋଇଥିଲା ।
- 1909 ମସିହାରେ ପଞ୍ଜାବର ଝେଲମ୍ ନଦୀ ଉପରେ ମୋହରାଠାରେ ଚତୁର୍ଥ ଜଳବିଦ୍ୟୁତ୍ ଶକ୍ତିକେନ୍ଦ୍ର ସ୍ଥାପିତ ହୋଇଥିଲା ।

**ପ୍ର ୨୦. ଶକ୍ତି ସମ୍ବଳର ଉତ୍ସଗୁଡ଼ିକ ସମ୍ବନ୍ଧରେ ଲେଖ ।**

ଉତ୍ତର
- ଜାଳେଣୀ କାଠ ଓ ଗୋବର ଘସି ଗ୍ରାମାଞ୍ଚଳରେ ଶକ୍ତି ସମ୍ବଳର ମୁଖ୍ୟ ଉତ୍ସ ।
- କୋଇଲା, ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍ ଏବଂ ବିଦ୍ୟୁତ୍ ଶକ୍ତି ଆଦି ଦେଶର ମୁଖ୍ୟ ଶକ୍ତିର ଉତ୍ସ ।
- ଆଜିକାଲି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତିର ଉତ୍ସଗୁଡ଼ିକ ହେଲା ସୂର୍ଯ୍ୟକିରଣ, ପବନ, ଜୁଆର, ଭୂ-ତାପ, ଜୈବବାଷ୍ପ ବସ୍ତୁ ଏବଂ ପରମାଣୁ ।

**ପ୍ର ୨୧. କୋଇଲାର ସ୍ଥାନ ଶିଳ୍ପ କ୍ଷେତ୍ରରେ କିପରି ସର୍ବୋପରି ହୋଇଥାଏ ?**

ଉତ୍ତର
- ରାସାୟନିକ ଶିଳ୍ପ କ୍ଷେତ୍ରରେ କୋଇଲା ମୁଖ୍ୟ କଞ୍ଚାମାଲ ରୂପେ ବ୍ୟବହୃତ ହୁଏ ।
- ରାସାୟନିକ ପଦାର୍ଥ, ରଙ୍ଗ, ସାର, ସିନ୍ଥେଟିକସ୍, ବିସ୍ଫୋରକ ଆଦି ଉତ୍ପାଦନ ପାଇଁ କୋଇଲା କଞ୍ଚାମାଲ ରୂପେ ବ୍ୟବହୃତ ହୁଏ ।
- ଏଥିରୁ ଉପଉତ୍ପାଦ ଭାବରେ ଆଲକାତରା, ସଲଫର, ବେଞ୍ଜିନ, ଆମୋନିଆ ବାଷ୍ପ, ନାଫଥା ଆଦି ମିଳିଥାଏ ।

**ପ୍ର ୨୨. ପେଟ୍ରୋଲିୟମ୍‌ର ଗୁରୁତ୍ୱ ସମ୍ପର୍କରେ ଲେଖ।**

**ଉତ୍ତର** ● ପେଟ୍ରୋଲିୟମ୍ ଉଭୟ ତାପ ଓ ଆଲୋକ ଦେଇଥାଏ।

● ଏହା ଏକ ଉତ୍ତମ ଘର୍ଷଣ ହ୍ରାସକ ଭାବରେ କଳକବ୍‌ଜାରେ ବ୍ୟବହୃତ ହୁଏ।

● ଏହା କୃତ୍ରିମ ବସ୍ତ୍ର, ସାର ଏବଂ ଅନେକ ରାସାୟନିକ ଶିଳ୍ପ ପାଇଁ କଞ୍ଚାମାଲ ଯୋଗାଇଥାଏ।

**ପ୍ର ୨୩. ଭାରତରେ ପରମାଣୁ ଓ ଅଣୁଶକ୍ତି ଉତ୍ସର ବିତରଣ ସମ୍ବନ୍ଧରେ ଲେଖ।**

**ଉତ୍ତର** ● ଝାଡ଼ଖଣ୍ଡ ରାଜ୍ୟରେ ୟୁରାନିୟମ ଉପଲବ୍ଧ ହେଉଛି।

● ରାଜସ୍ଥାନର ଆରାବଳୀ ପର୍ବତ ଶ୍ରେଣୀରେ ଥୋରିୟମ ମିଳୁଛି।

● କେରଳ ଉପକୂଳରେ ମିଳୁଥିବା ମୋନାଜାଇଟ ବାଲିରୁ ମଧ୍ୟ ଥୋରିୟମ୍ ମିଳେ।

**ପ୍ର ୨୪. ପ୍ରାକୃତିକ ଗ୍ୟାସ୍‌କୁ ଚଳିତ ଶତାବ୍ଦୀର ମୁଖ୍ୟ ଇନ୍ଧନ କୁହାଯାଏ କାହିଁକି ?**

**ଉତ୍ତର** ● ପ୍ରାକୃତିକ ଗ୍ୟାସ୍, ଶକ୍ତିର ଏକ ଉତ୍ସ ଏବଂ ପେଟ୍ରୋଲିୟମ୍ ଶିଳ୍ପରେ ଔଦ୍ୟୋଗିକ କଞ୍ଚାମାଲ ରୂପେ ବ୍ୟବହୃତ ହୋଇଥାଏ।

● ଏଥିରୁ କମ୍ କାର୍ବନ୍ ଡାଇଅକ୍ସାଇଡ୍ ଗ୍ୟାସ୍ ବାହାରୁ ଥିବାରୁ ପରିବେଶ ପ୍ରଦୂଷଣ ପ୍ରତି ଅଧିକ ବିପଦ ନ ଥାଏ। ତେଣୁ ଏହାକୁ ଚଳିତ ଶତାବ୍ଦୀର ମୁଖ୍ୟ ଇନ୍ଧନ ବୋଲି କୁହାଯାଏ।

**ପ୍ର ୨୫. ଆମ ଦେଶର ସୌରଶକ୍ତିରୁ ବିଜୁଳି ଉତ୍ପାଦନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା କିପରି ଗ୍ରହଣ କରିଥାଏ ?**

**ଉତ୍ତର** ● ଭାରତ ଏକ ଗ୍ରୀଷ୍ମ ପ୍ରଧାନ ଦେଶ। ଏଠାରେ ସୌରଶକ୍ତି ବ୍ୟବହାର କ୍ଷେତ୍ରରେ ଅନେକ ସମ୍ଭାବନା ଅଛି।

● ଏହା ଗ୍ରାମ ଏବଂ ଦୁର୍ଗମ ସ୍ଥାନମାନଙ୍କରେ ମଧ୍ୟ ଉପଲବ୍ଧ। ଦେଶରେ ମରୁଅଞ୍ଚଳରୁ ସୌରଶକ୍ତି ଅନାୟାସରେ ସଂଗୃହୀତ ହୋଇପାରିବ। ତେଣୁ ଆମ ଦେଶ ସୌରଶକ୍ତିରୁ ବିଜୁଳି ଉତ୍ପାଦନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

**ପ୍ର ୨୬. ସଂକ୍ଷିପ୍ତ ଟିପ୍ପଣୀ ଲେଖ :**

**(i) ଭୂ-ତାପୀୟ ଶକ୍ତି :**

**ଉତ୍ତର** ଭୂ-ଅଭ୍ୟନ୍ତରରୁ ମିଳୁଥିବା ଭୂ-ତାପକୁ ବ୍ୟବହାର କରି ଶକ୍ତି ଉତ୍ପାଦନ କରାଯାଉଛି। ଭୂ-ଅଭ୍ୟନ୍ତରର ଜଳ ଉତ୍ତପ୍ତ ଶିଳା ସଂସ୍ପର୍ଶରେ ଆସି ଗରମ ହୋଇଥାଏ। ଯେତେବେଳେ ତାହା ଉପରକୁ ଜୋର୍‌ରେ ଆସେ, ସେତେବେଳେ ଟର୍ବାଇନ୍ ଘୂରାଇ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ। ହିମାଚଳପ୍ରଦେଶର ପାର୍ବତ୍ୟ ଉପତ୍ୟକା ନିକଟସ୍ଥ ମଣିକର୍ଣ୍ଣ ଠାରେ ଓ ରାଜସ୍ଥାନର ପୁଗାଠାରେ ଏହି ଯୋଜନାମାନ କାର୍ଯ୍ୟକାରୀ ହେଉଛି।

**(ii) ପାରମ୍ପରିକ ଶକ୍ତିର ଉତ୍ସ :**

**ଉତ୍ତର** ଭାରତରେ ଉପଲବ୍ଧ ଜୀବାଶ୍ମ ଇନ୍ଧନଗୁଡ଼ିକ ମଧ୍ୟରେ କୋଇଲା ସବୁଠାରୁ ଅଧିକ ପରିମାଣରେ ମିଳେ। ଶକ୍ତିର ଚାହିଦା କୋଇଲା ଦ୍ୱାରା ପୂରଣ ହୋଇଥାଏ। ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ଶିଳ୍ପାନୁଷ୍ଠାନ ଓ ଘରୋଇ ବ୍ୟବହାର ପାଇଁ କୋଇଲାର ବ୍ୟବହାର ସର୍ବାଗ୍ରେ। କୋଇଲା, ବାଣିଜ୍ୟିକ ଶକ୍ତିର ଆବଶ୍ୟକତା ମେଣ୍ଟାଇଥାଏ।

**(iii) ଟର୍ସିଆରୀ ଯୁଗର କୋଇଲା :**

**ଉତ୍ତର** ଟର୍ସିୟାରୀ କାଳ କୋଇଲା 50 ନିୟୁତ ବର୍ଷ ପୁରୁଣା । ଏହି ପ୍ରକାର କୋଇଲା ପୂର୍ବଭାରତର ମେଘାଳୟ, ଆସାମ, ଅରୁଣାଚଳପ୍ରଦେଶ ଏବଂ ନାଗାଲାଣ୍ଡରେ ମିଳେ । ଟର୍ସିୟାରୀ ଯୁଗରେ ସୃଷ୍ଟ ଶିଳାରେ ଭୂ-ଭ୍ରଂଶ ଓ ବୃହଦାକାର ଭାଙ୍ଗୁଡ଼ିକରେ ପେଟ୍ରୋଲିୟମ୍ ମିଳିଥାଏ ।

**(iv) ଜୈବ ବାଷ୍ପ :**

**ଉତ୍ତର** ଗୁଳ୍ମ, କାଠିକୁଟା, କୃଷି କ୍ଷେତ୍ରରେ ଆବର୍ଜନା, ରଦ୍ଦି କାଗଜ, ପ୍ରାଣୀ ଓ ମନୁଷ୍ୟମାନଙ୍କର ମଳମୂତ୍ର ଆଦି ବର୍ଜ୍ୟବସ୍ତୁଗୁଡ଼ିକ ଜୈବ ବାଷ୍ପ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ । ଏହା ଇନ୍ଧନ କାର୍ଯ୍ୟରେ ଲଗିଥାଏ ।

**(v) ଉପକୂଳୀୟ ଖଣିଜତୈଳ ଭଣ୍ଡାର :**

**ଉତ୍ତର** ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀ ତ୍ରିକୋଣଭୂମିରେ ଖଣିଜ ତୈଳର ଭଣ୍ଡାର ରହିଛି । ଗୋଦାବରୀ-କୃଷ୍ଣା ନଦୀ ମୁହାଣ ନିକଟବର୍ତ୍ତୀ ରାୱା କ୍ଷେତ୍ରରେ ପ୍ରାୟ 3 ନିୟୁତ ମେଟ୍ରିକ୍ ଟନ୍‌ରୁ ଅଧିକ ପରିମାଣରେ ତୈଳ ସଞ୍ଚିତ ହୋଇ ରହିଛି । ଏହା ବ୍ୟତୀତ ରାଜସ୍ଥାନର ବାରମେରା, ପଞ୍ଜାବର ଜ୍ୱାଳାମୁଖୀ, ଉତ୍ତରପ୍ରଦେଶର ରାମପୁର, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ମାନ୍ନାର ଉପସାଗର, ଓଡ଼ିଶାର ବାଲେଶ୍ୱର ଉପକୂଳରେ ତୈଳ ଭଣ୍ଡାର ରହିଛି ।

---x---

# ଚତୁର୍ଥ ଅଧ୍ୟାୟ

# କୃଷି

## ବହୁବିକଳ୍ପ ପ୍ରଶ୍ନ

**୧. ନିମ୍ନୋକ୍ତ କେଉଁ ଧରଣର ଭୂମିରେ କୃଷିକାର୍ଯ୍ୟ କରାଯାଇ ପାରିବ ?**

(କ) ପତିତ ଓ ଅବ୍ୟବହୃତ
(ଖ) କୃଷି ଯୋଗ୍ୟ ପତିତ
(ଗ) ଅଣକୃଷି
(ଘ) ଗୋଚର ଓ ଚରଣ

**୨. ନିମ୍ନୋକ୍ତ ରାଜ୍ୟଗୁଡ଼ିକ ମଧ୍ୟରୁ କେଉଁଟିରେ ପ୍ରତିଶତ ହିସାବରେ ଅରଣ୍ୟଭୂମି ସବୁଠାରୁ କମ୍ ?**

(କ) ଉତ୍ତରପ୍ରଦେଶ (ଖ) ହିମାଚଳପ୍ରଦେଶ
(ଗ) ବିହାର (ଘ) ମଧ୍ୟପ୍ରଦେଶ

**୩. କେଉଁ ଯୋଜନାକୁ ସବୁଜ ବିପ୍ଳବ କୁହାଯାଏ ?**

(କ) ଅଧିକ ଦୁଗ୍ଧ (ଖ) ଅଧିକ ଅଣ୍ଡା
(ଗ) ଅଧିକ ଗହମ (ଘ) ଅଧିକ କପା

**୪. କେଉଁ ଯୋଜନାକୁ ଶ୍ୱେତ ବିପ୍ଳବ କୁହାଯାଏ ?**

(କ) ଅଧିକ କପା (ଖ) ଅଧିକ ମତ୍ସ୍ୟ
(ଗ) ଅଧିକ ଅଣ୍ଡା (ଘ) ଅଧିକ ଦୁଗ୍ଧ ଉତ୍ପାଦନ

**୫. କେଉଁଟି ଭାରତର ବୃହତ୍ତମ କୃଷିଭିତ୍ତିକ ଶିଳ୍ପ ?**

(କ) ବୟନ ଶିଳ୍ପ (ଖ) ଝୋଟ ଶିଳ୍ପ
(ଗ) କତା ଶିଳ୍ପ (ଘ) ଚିନି କଳ

**୬. ଭାରତର ଉଭୟ ଚାହା ଓ କଫି ଅଧିକ ମାତ୍ରାରେ ଉତ୍ପାଦିତ ହେଉଥିବା ଅଞ୍ଚଳ ।**

(କ) ଉତ୍ତରପୂର୍ବାଞ୍ଚଳ (ଖ) ଦକ୍ଷିଣାଞ୍ଚଳ
(ଗ) ଉତ୍ତରପଶ୍ଚିମାଞ୍ଚଳ (ଘ) ପୂର୍ବାଞ୍ଚଳ

**୭. ସାଧାରଣତଃ କଞ୍ଚାମାଲ ମିଳୁଥିବା ଅଞ୍ଚଳରେ କେଉଁ ଶିଳ୍ପ ସ୍ଥାପିତ ହୋଇଥାଏ ?**

(କ) କାଗଜ (ଖ) ଇସ୍ପାତ
(ଗ) ସିମେଣ୍ଟ (ଘ) କାର୍ପାସ ବୟନ

**୮. ଝାଡ଼ଖଣ୍ଡରେ କରାଯାଉଥିବା ସ୍ଥାନାନ୍ତରୀତ କୃଷିକୁ କ'ଣ କହନ୍ତି ?**

(କ) କୁମୁରୀ (ଖ) ପେଣ୍ଡା
(ଗ) ପୋଡୁ (ଘ) କୁରୁଓ୍ୱା

**୯. ମେକ୍ସିକୋରେ କରାଯାଉଥିବା ସ୍ଥାନାନ୍ତରୀତ କୃଷିକୁ କ'ଣ କହନ୍ତି ?**

(କ) ରୋକା (ଖ) ରେ
(ଗ) ମିଲ୍‌ପା (ଘ) କୁରୁଓ୍ୱା

**୧୦. କାହାକୁ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ରୂପେ ଗ୍ରହଣ କରାଯାଇଛି ?**

(କ) କୃଷି (ଖ) ଶିଳ୍ପ
(ଗ) ବାଣିଜ୍ୟ (ଘ) ପରିବହନ

**୧୧. ଭାରତର କେଉଁ ରାଜ୍ୟରେ ସର୍ବାଧିକ ଭୂମି କୃଷି ପାଇଁ ବ୍ୟବହୃତ ହୁଏ ?**

(କ) ହରିୟାଣା (ଖ) ପଞ୍ଜାବ
(ଗ) ଉତ୍ତରପ୍ରଦେଶ (ଘ) ବିହାର

୧୨. କମ୍ ବୃଷ୍ଟି ପାଉଥିବା ଅଞ୍ଚଳର କୃଷି କାର୍ଯ୍ୟକୁ କେଉଁ କୃଷି କୁହାଯାଏ ?

(କ) ଆର୍ଦ୍ର (ଖ) ସେଚିତ

(ଗ) ଶୁଷ୍କ (ଘ) ଅର୍ଦ୍ଧଶୁଷ୍କ

୧୩. ଅନ୍ଧ୍ରପ୍ରଦେଶରେ ସ୍ଥାନାନ୍ତରିତ କୃଷିକୁ କ'ଣ କୁହାଯାଏ ?

(କ) ଝୁମ୍ (ଖ) ପୋଡୁ

(ଗ) କୁରୁଓ୍ୱା (ଘ) ପେଣ୍ଡା

୧୪. ଖରିଫ ଋତୁ କେଉଁ ମାସରେ ଆରମ୍ଭ ହୋଇଥାଏ ?

(କ) ଜୁନ୍ ଓ ଜୁଲାଇ

(ଖ) ମେ ଓ ଜୁନ୍

(ଗ) ଜୁଲାଇ ଓ ଅଗଷ୍ଟ

(ଘ) ଅକ୍ଟୋବର ଓ ନଭେମ୍ବର

୧୫. ଅଧିକ ଯାନ୍ତ୍ରିକ ଉପକରଣ କେଉଁ କୃଷି ପଦ୍ଧତିରେ ବ୍ୟବହାର କରାଯାଇଥାଏ ?

(କ) ସଘନ (ଖ) ବ୍ୟାପକ

(ଗ) ବାଣିଜ୍ୟ (ଘ) ପୋଡୁ

୧୬. ଆମ ଦେଶର ମୋଟ କୃଷିଭୂମିର ଶତକଡ଼ା କେତେ ଭାଗ ଭୂମି ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ ?

(କ) 55 (ଖ) 65

(ଗ) 75 (ଘ) 85

୧୭. ଧାନ ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ କେତେ ?

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

୧୮. ଗହମ ଭାରତର କେଉଁ ଅଞ୍ଚଳର ମୁଖ୍ୟ ଖାଦ୍ୟଦ୍ରବ୍ୟ ?

(କ) ଉତ୍ତର ଭାରତ ଓ ଉତ୍ତର ପଶ୍ଚିମ ଭାରତ

(ଖ) ପୂର୍ବ ଭାରତ

(ଗ) ପଶ୍ଚିମ ଭାରତ

(ଘ) ଦକ୍ଷିଣ ଭାରତ

୧୯. କେଉଁ ରାଜ୍ୟରେ ସର୍ବାଧିକ ଯଅ ଉତ୍ପାଦିତ ହୁଏ ?

(କ) କର୍ଣ୍ଣାଟକ (ଖ) ମଧ୍ୟପ୍ରଦେଶ

(ଗ) ତାମିଲନାଡୁ (ଘ) ମହାରାଷ୍ଟ୍ର

୨୦. ରାଶି ଉତ୍ପାଦନରେ ଭାରତରେ କେଉଁ ରାଜ୍ୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ?

(କ) ମହାରାଷ୍ଟ୍ର (ଖ) ଓଡ଼ିଶା

(ଗ) ପଶ୍ଚିମବଙ୍ଗ (ଘ) ବିହାର

୨୧. ନିମ୍ନୋକ୍ତ କେଉଁ ରାଜ୍ୟରେ ସର୍ବାଧିକ ସପୁରୀ ଚାଷ କରାଯାଏ ?

(କ) ଆସାମ (ଖ) ମେଘାଳୟ

(ଗ) ମଣିପୁର (ଘ) ସିକିମ୍

୨୨. ନିମ୍ନୋକ୍ତ କେଉଁ ଫସଲ ଯବକ୍ଷାରଜାନ ନିବନ୍ଧନ ମାଧ୍ୟମରେ ମୃତ୍ତିକାର ଉର୍ବରତା ବୃଦ୍ଧି କରନ୍ତି ?

(କ) ତୈଳବୀଜ (ଖ) ଖାଦ୍ୟଶସ୍ୟ

(ଗ) ତନ୍ତୁଜାତୀୟ (ଘ) ଡାଲିଜାତୀୟ

୨୩. ଆଖୁଚାଷ ପାଇଁ କେତେ ପରିମାଣର ବୃଷ୍ଟିପାତ ଆବଶ୍ୟକ ?

(କ) 50-75 cm (ଖ) 75-100 cm

(ଗ) 100-150 cm (ଘ) 100-200 cm

୨୪. ଭାରତରେ ସର୍ବାଧିକ କେତେ ପ୍ରତିଶତ ଭୂମିରେ ତୈଳବୀଜ ଉତ୍ପନ୍ନ ହୁଏ ?

(କ) 12% (ଖ) 16%

(ଗ) 18% (ଘ) 21%

**୨୫. ଭାରତରେ ଚାହା ଚାଷ କେଉଁମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ?**

(କ) ପର୍ତ୍ତୁଗୀଜ (ଖ) ଫରାସୀ

(ଗ) ଇଂରେଜ (ଘ) ମୋଗଲ

**୨୬. ପଶ୍ଚିମବଙ୍ଗର ଦାର୍ଜିଲିଂ ଓ ଜଳପାଇଗୁଡ଼ି ଅଞ୍ଚଳ କେଉଁ ଚାଷ ପାଇଁ ସର୍ବୋତ୍କୃଷ୍ଟ ?**

(କ) ସୂର୍ଯ୍ୟମୁଖୀ (ଖ) କଫି

(ଗ) କପା (ଘ) ଚାହା

**୨୭. କର୍ଣ୍ଣାଟକ, କେରଳ ଓ ତାମିଲନାଡୁ ନୀଳଗିରି ପାର୍ବତ୍ୟାଞ୍ଚଳ କେଉଁ ଚାଷ ପାଇଁ ପ୍ରସିଦ୍ଧ ?**

(କ) ଚାହା (ଖ) କଫି

(ଗ) ସୂର୍ଯ୍ୟମୁଖୀ (ଘ) ରାଶି

**୨୮. ରବର ଚାଷ ମୁଖ୍ୟତଃ କେଉଁ ଜଳବାୟୁ ଅଞ୍ଚଳରେ ହୋଇ ନ ଥାଏ ?**

(କ) କ୍ରାନ୍ତୀୟ (ଖ) ଉପକ୍ରାନ୍ତୀୟ

(ଗ) ମରୁ (ଘ) ବିଷୁବମଣ୍ଡଳୀୟ

**୨୯. ରବର ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ କେତେ ?**

(କ) 2 (ଖ) 3

(ଗ) 4 (ଘ) 5

**୩୦. କେଉଁ ଚାଷକୁ 'Sericulture' କୁହାଯାଏ ?**

(କ) ଟସର ପୋକ (ଖ) ରବର

(ଗ) ରେଶମ (ଘ) ପଶମ

**୩୧. ଭାରତର କେଉଁ ଅଞ୍ଚଳରେ କପାଚାଷ କରାଯାଏ ?**

(କ) ଉତ୍ତରପୂର୍ବ

(ଖ) ଦକ୍ଷିଣପୂର୍ବ

(ଗ) ଦାକ୍ଷିଣାତ୍ୟ ମାଳଭୂମି

(ଘ) କେନ୍ଦ୍ରୀୟ

**୩୨. କପା ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ କେତେ ?**

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

**୩୩. କେଉଁଟି ଏକ ତନ୍ତୁଜାତୀୟ ଫସଲ ନୁହେଁ ?**

(କ) କପା (ଖ) ଝୋଟ

(ଗ) ଛଣ (ଘ) ମକା

**୩୪. କାହାକୁ ସ୍ୱର୍ଣ୍ଣ ତନ୍ତୁ କହନ୍ତି ?**

(କ) କପା (ଖ) ଝୋଟ

(ଗ) ଛଣ (ଘ) କଫି

**୩୫. କୃଷି ଆମ ଦେଶର କେତେ ପ୍ରତିଶତ ଲୋକଙ୍କ ଜୀବିକା ଅଟେ ?**

(କ) 50 (ଖ) 60

(ଗ) 65 (ଘ) 70

**୩୬. କୃଷିର ଉନ୍ନତି ପାଇଁ ଜାତୀୟ ସ୍ତରରେ କ'ଣ ଗଢ଼ି ଉଠିଛି ?**

(କ) ଗ୍ରାମ୍ୟ ବ୍ୟାଙ୍କ (ଖ) ବ୍ୟବସାୟିକ ବ୍ୟାଙ୍କ

(ଗ) ସମବାୟ ବ୍ୟାଙ୍କ (ଘ) ନାବାର୍ଡ

**୩୭. କେଉଁ ସଂସ୍ଥାକୁ ଖାଦ୍ୟଶସ୍ୟ ସଂଗ୍ରହର ଦାୟିତ୍ୱ ପ୍ରଦାନ କରାଯାଇଛି ?**

(କ) FCI (ଖ) PDS

(ଗ) MSP (ଘ) IIF

**୩୮. କେଉଁ ଚାଷଟି ପ୍ଲାବନ ଭୂମି ଅଞ୍ଚଳରେ ଚାଷ କରାଯାଇଥାଏ ?**

(କ) ପନିପରିବା (ଖ) ଫଳଚାଷ

(ଗ) ଧାନ (ଘ) ଝୋଟ

**୩୯. ଖାଉଟିମାନଙ୍କୁ କେତେ ଭାଗରେ ବିଭକ୍ତ କରାଯାଇଛି ?**

(କ) 1 (ଖ) 2

(ଗ) 3 (ଘ) 4

**୪୦. ଥରେ ବୃକ୍ଷରୋପଣ କରି ଅନେକ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନ ହେଉଥିବା କୃଷିକୁ କ'ଣ କୁହାଯାଏ ?**

(କ) ରୋପଣ କୃଷି

(ଖ) ସଘନ କୃଷି

(ଗ) ପ୍ରୟୋଜନଭିତ୍ତିକ କୃଷି

(ଘ) ସ୍ଥାନାନ୍ତରିତ କୃଷି

**୪୧. କମ୍ ସୁଧରେ କୃଷି ଋଣ ଯୋଗାଇବା ପାଇଁ କେଉଁ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଅଛି ?**

(କ) ଗ୍ରାମ୍ୟ (ଖ) BOB

(ଗ) SBI (ଘ) ସମବାୟ

**୪୨. କେବେ ଜଗତୀକରଣ ପ୍ରକ୍ରିୟା ଆରମ୍ଭ ହେଲା ?**

(କ) 1951 (ଖ) 1965

(ଗ) 1971 (ଘ) 1990

**୪୩. ସର୍ବାଧିକ ଝୋଟକଳ କେଉଁ ନଦୀକୂଳରେ ଅବସ୍ଥିତ ?**

(କ) ମହାନଦୀ (ଖ) କାବେରୀ

(ଗ) ହୁଗୁଳୀ (ଘ) ବ୍ରହ୍ମପୁତ୍ର

**୪୪. ଭାରତର କୃଷି ଏବେ ମଧ୍ୟ କାହା ଉପରେ ନିର୍ଭରଶୀଳ ?**

(କ) ବୃଷ୍ଟିପାତ

(ଖ) କେନାଲ ଜଳସେଚନ

(ଗ) ଉଠା ଜଳସେଚନ

(ଘ) କୂପ ଜଳସେଚନ

**୪୫. ଭାରତର ଅଧିକାଂଶ ଲୋକ କେଉଁ ବୃତ୍ତିଗତ କ୍ଷେତ୍ରରେ ନିୟୋଜିତ ହୋଇଥାନ୍ତି ?**

(କ) ଶିଳ୍ପ (ଖ) କୃଷି

(ଗ) ବାଣିଜ୍ୟ (ଘ) ସରକାରୀ ଚାକିରି

**୪୬. କୃଷିଜାତ ଦ୍ରବ୍ୟ ଓ ତାହାର ସର୍ବାଧିକ ଉତ୍ପାଦନକାରୀ ରାଜ୍ୟର ସଂଯୋଗ ଦୃଷ୍ଟିରୁ କେଉଁ ସଂଯୋଗଟି ଠିକ୍ ନୁହେଁ ?**

(କ) କପା – ଗୁଜୁରାଟ

(ଖ) ଆଖୁ – ଉତ୍ତରପ୍ରଦେଶ

(ଗ) ଚାହା – ଆସାମ

(ଘ) ଚିନାବାଦାମ – ଆନ୍ଧ୍ରପ୍ରଦେଶ

**୪୭. ଝୋଟ ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ କେତେ ?**

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

**୪୮. ଭାରତର କେଉଁ ରାଜ୍ୟରେ ଅଧିକ ଲବଙ୍ଗ ଉତ୍ପାଦିତ ହୋଇଥାଏ ?**

(କ) ତାମିଲନାଡୁ (ଖ) ସିକିମ୍

(ଗ) କେରଳ (ଘ) କର୍ଣ୍ଣାଟକ

**୪୯. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଅର୍ଥକରୀ ଫସଲ ନୁହେଁ ?**

(କ) ଗହମ (ଖ) ରବର

(ଗ) କପା (ଘ) ଝୋଟ

**୫୦. ଭାରତର କେଉଁ ରାଜ୍ୟରେ ସବୁଠାରୁ ଅଧିକ ଲାଖ ଉତ୍ପାଦନ କରାଯାଏ ?**

(କ) ଆସାମ (ଖ) ବିହାର

(ଗ) ମଧ୍ୟପ୍ରଦେଶ (ଘ) ଓଡ଼ିଶା




**୫୧. କେଉଁ ରାଜ୍ୟଦ୍ୱୟ ଗହମ ବିପ୍ଳବର ସଫଳତା ପାଇଁ ପ୍ରସିଦ୍ଧ ?**

(କ) ପଞ୍ଜାବ ଓ ହରିୟାଣା
(ଖ) ଗୁଜୁରାଟ ଓ ମହାରାଷ୍ଟ୍ର
(ଗ) ରାଜସ୍ଥାନ ଓ ପଞ୍ଜାବ
(ଘ) ରାଜସ୍ଥାନ ଓ ହରିୟାଣା

**୫୨. କେଉଁ ମସଲା ଜାତୀୟ ଫସଲ ଉତ୍ପାଦନରେ ଭାରତ ପୃଥିବୀରେ ଅଗ୍ରଣୀ ?**

(କ) ଲବଙ୍ଗ ଓ ଅଳେଇଚ
(ଖ) ହଳଦୀ ଓ ଲବଙ୍ଗ
(ଗ) ଗୋଲମରିଚ ଓ ହଳଦୀ
(ଘ) ଅଦା ଓ ହଳଦୀ

**୫୩. ପ୍ରଦତ୍ତ ଭାରତ ମାନଚିତ୍ରରେ 'I' ଚିହ୍ନିତ ଧାନ ଚାଷ ଅଞ୍ଚଳଟି କେଉଁ ରାଜ୍ୟରେ ଅବସ୍ଥିତ ?**

(କ) ପଶ୍ଚିମବଙ୍ଗ (ଖ) କେରଳ
(ଗ) ତାମିଲନାଡୁ (ଘ) ବିହାର

**୫୪. ପ୍ରଦତ୍ତ ଭାରତ ମାନଚିତ୍ରରେ 'II' ଚିହ୍ନିତ ମୁଖ୍ୟ ଗହମ ଚାଷ ଅଞ୍ଚଳଟି କେଉଁ ରାଜ୍ୟରେ ଅବସ୍ଥିତ ?**

(କ) ପଞ୍ଜାବ (ଖ) ରାଜସ୍ଥାନ
(ଗ) ହରିୟାଣା (ଘ) ହିମାଚଳପ୍ରଦେଶ

**୫୫. ପ୍ରଦତ୍ତ ଭାରତ ମାନଚିତ୍ରରେ 'III' ଚିହ୍ନିତ ମୁଖ୍ୟ ଧାନଚାଷ ଅଞ୍ଚଳଟି କେଉଁ ରାଜ୍ୟଦ୍ୱୟରେ ଅବସ୍ଥିତ ?**

(କ) ବିହାର ଓ ଉତ୍ତରପ୍ରଦେଶ
(ଖ) ତାମିଲନାଡୁ ଓ ମହାରାଷ୍ଟ୍ର
(ଗ) ଉତ୍ତରପ୍ରଦେଶ ଓ ରାଜସ୍ଥାନ
(ଘ) ପଶ୍ଚିମବଙ୍ଗ ଓ ବିହାର

**୫୬. ପ୍ରଦତ୍ତ ଭାରତ ମାନଚିତ୍ରରେ 'IV' ଚିହ୍ନିତ ମୁଖ୍ୟ ଗହମ ଚାଷ ଅଞ୍ଚଳଟି କେଉଁ ରାଜ୍ୟରେ ଅବସ୍ଥିତ ?**

(କ) ଉତ୍ତରପ୍ରଦେଶ (ଖ) ହିମାଚଳପ୍ରଦେଶ
(ଗ) ହରିୟାଣା (ଘ) ଉତ୍ତରାଖଣ୍ଡ

**୫୭. ପ୍ରଦତ୍ତ ଭାରତ ମାନଚିତ୍ରରେ 'V' ଚିହ୍ନିତ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ କେଉଁ ଚାଷ ପାଇଁ ପ୍ରସିଦ୍ଧ ?**

(କ) ଗହମ (ଖ) ମକା
(ଗ) ଧାନ (ଘ) ବାଜରା

**୫୮. ପଶ୍ଚିମ ଉପକୂଳରେ କେରଳ ରାଜ୍ୟରେ ଥିବା 'VI' ଚିହ୍ନିତ ଅଂଶ କେଉଁ ଚାଷ ପାଇଁ ପ୍ରସିଦ୍ଧ ?**

(କ) ବାଜରା (ଖ) ଧାନ
(ଗ) ଗହମ (ଘ) ମକା

# ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଖ) କୃଷି ଯୋଗ୍ୟ ପତିତ
୨. (କ) ଉତ୍ତରପ୍ରଦେଶ
୩. (ଗ) ଅଧିକ ଗହମ
୪. (ଘ) ଅଧିକ ଦୁଗ୍ଧ ଉତ୍ପାଦନ
୫. (କ) ବୟନ ଶିଳ୍ପ
୬. (ଖ) ଦକ୍ଷିଣାଞ୍ଚଳ
୭. (ଗ) ସିମେଣ୍ଟ
୮. (ଘ) କୁରୁଓ୍ୱା
୯. (ଗ) ମିଲ୍‌ପା
୧୦. (କ) କୃଷି
୧୧. (ଖ) ପଞ୍ଜାବ
୧୨. (ଗ) ଶୁଷ୍କ
୧୩. (ଘ) ପେଣ୍ଡା
୧୪. (କ) ଜୁନ୍ ଓ ଜୁଲାଇ
୧୫. (ଖ) ବ୍ୟାପକ
୧୬. (ଗ) 75
୧୭. (ଖ) ଦ୍ୱିତୀୟ
୧୮. (କ) ଉତ୍ତର ଭାରତ ଓ ଉତ୍ତର ପଶ୍ଚିମ ଭାରତ
୧୯. (ଘ) ମହାରାଷ୍ଟ୍ର
୨୦. (ଗ) ପଶ୍ଚିମବଙ୍ଗ
୨୧. (ଖ) ମେଘାଳୟ
୨୨. (ଘ) ଡାଲିଜାତୀୟ
୨୩. (ଖ) 75-100 cm
୨୪. (କ) 12%
୨୫. (ଗ) ଇଂରେଜ
୨୬. (ଘ) ଗହ୍ମା
୨୭. (ଖ) କଫି
୨୮. (ଗ) ମରୁ
୨୯. (ଘ) 5
୩୦. (କ) ଟସର ପୋକ
୩୧. (ଗ) ଦାକ୍ଷିଣାତ୍ୟ ମାଳଭୂମି
୩୨. (ଗ) ତୃତୀୟ
୩୩. (ଘ) ମକା
୩୪. (ଖ) ଝୋଟ
୩୫. (ଖ) 60
୩୬. (ଘ) ନାବାର୍ଡ
୩୭. (କ) FCI
୩୮. (ଘ) ଝୋଟ
୩୯. (ଖ) 2
୪୦. (କ) ରୋପଣ କୃଷି
୪୧. (କ) ଗ୍ରାମ୍ୟ
୪୨. (ଘ) 1990
୪୩. (ଗ) ହୁଗୁଳୀ
୪୪. (କ) ବୃଷ୍ଟିପାତ
୪୫. (ଖ) କୃଷି
୪୬. (ଘ) ଚିନାବାଦାମ - ଆନ୍ଧ୍ରପ୍ରଦେଶ
୪୭. (ଖ) ଦ୍ୱିତୀୟ
୪୮. (ଗ) କେରଳ
୪୯. (କ) ଗହମ
୫୦. (ଖ) ବିହାର
୫୧. (କ) ପଞ୍ଜାବ ଓ ହରିୟାଣା
୫୨. (ଘ) ଅଦା ଓ ହଳଦୀ
୫୩. (ଗ) ତାମିଲନାଡୁ
୫୪. (ଖ) ରାଜସ୍ଥାନ
୫୫. (କ) ବିହାର ଓ ଉତ୍ତରପ୍ରଦେଶ
୫୬. (ଘ) ଉତ୍ତରାଖଣ୍ଡ
୫୭. (ଗ) ଧାନ
୫୮. (ଖ) ଧାନ

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର ୧. ଗହମ ଚାଷ ପାଇଁ କେଉଁ ସମସ୍ତ ଭୌଗୋଳିକ ଅବସ୍ଥା ଆବଶ୍ୟକ ? ଭାରତର କେଉଁ ଅଞ୍ଚଳରେ ଅଧିକ ଗହମ ଚାଷ ହୋଇଥାଏ ?**

ଉତ୍ତର
- ଗହମ ଭାରତର ଦ୍ୱିତୀୟ ସର୍ବାଧିକ ଚାଷ କରାଯାଉଥିବା ଶସ୍ୟ ।
- ଉତ୍ତର ଭାରତ ଓ ଉତ୍ତର ପଶ୍ଚିମ ଭାରତର ମୁଖ୍ୟ ଶସ୍ୟ ରୂପେ ଲୋକମାନଙ୍କ ପାଖରେ ଆଦୃତ । ଏହାକୁ ମୁଖ୍ୟତଃ ରବି ଋତୁରେ ଚାଷ କରାଯାଏ ।
- ନାତିଶୀତୋଷ୍ଣ ଅଞ୍ଚଳ ଗହମ ଚାଷ ପାଇଁ ଅଧିକ ଉପଯୋଗୀ ।
- ଗହମ ଚାଷ ପାଇଁ ଶୀତଳ ଜଳବାୟୁ ଏବଂ ବାର୍ଷିକ 50 ରୁ 75 cm ବୃଷ୍ଟିପାତ ଆବଶ୍ୟକ କରିଥାଏ ।
- ଦେଶର ପ୍ରାୟ ଏକ ଷଷ୍ଠାଂଶ ଜମିରେ ଗହମ ଚାଷ କରାଯାଇଥାଏ । ଉତ୍ତରପ୍ରଦେଶ ଗହମ ଉତ୍ପାଦନରେ ଅଗ୍ରଣୀ ରାଜ୍ୟ ।

**ପ୍ର ୨. ଧାନଚାଷ ପାଇଁ କେଉଁ ସମସ୍ତ ଭୌଗୋଳିକ ଅବସ୍ଥା ଆବଶ୍ୟକ ?**

ଉତ୍ତର
- ଧାନ ଭାରତର ଅଧିକାଂଶ ଅଧିବାସୀଙ୍କ ପ୍ରଧାନ ଖାଦ୍ୟ । ଧାନ ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ ଦ୍ୱିତୀୟ ।
- ଭାରତ କ୍ରାନ୍ତୀମଣ୍ଡଳୀୟ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ଅଧିକ ଆର୍ଦ୍ର ଜଳବାୟୁ ଯୋଗୁଁ ଧାନଚାଷ ପାଇଁ ଅନୁକୂଳ ହୋଇଥାଏ ।
- ଧାନଚାଷ ପାଇଁ 100-200 ସେ.ମି. ବୃଷ୍ଟିପାତ, 80 ଭାଗ ଆର୍ଦ୍ରତା ଓ $25^0$ ସେଲ୍‌ସିୟସ୍ ତାପମାତ୍ରା ଆବଶ୍ୟକ ।
- ଧାନ ମୁଖ୍ୟତଃ ଉତ୍ତର ଭାରତର ସମତଳ ଅଞ୍ଚଳ, ଉତ୍ତର-ପୂର୍ବ ଭାରତ, ଉପକୂଳବର୍ତ୍ତୀ ଅଞ୍ଚଳ ଓ ତ୍ରିକୋଣଭୂମି ଅଞ୍ଚଳରେ ଅଧିକ ହୋଇଥାଏ ।
- ଧାନ ଚାଷ ପାଇଁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ତାମିଲନାଡୁ ଆଦି ରାଜ୍ୟ ପ୍ରାଧାନ୍ୟ ଲାଭ କରିଛନ୍ତି ।

**ପ୍ର ୩. ଭାରତରେ ଖରିଫ ଫସଲର ବିଶେଷତ୍ୱ ଓ ବଣ୍ଟନ ସମ୍ବନ୍ଧରେ ଲେଖ ।**

ଉତ୍ତର
- ଭାରତରେ ଖରିଫ ଫସଲ ମୌସୁମୀ ବାୟୁ ଆଗମନ ସହିତ ଜୁନ୍ ଓ ଜୁଲାଇ ମାସରେ ଆରମ୍ଭ ହୋଇ ଅକ୍ଟୋବର ଓ ନଭେମ୍ବର ପର୍ଯ୍ୟନ୍ତ ଚାଲିଥାଏ ।
- ଧାନ, ଆଖୁ, ଝୋଟ, ମକା, ଜଡ଼ା ଆଦି ଖରିଫ ଫସଲର ଅନ୍ତର୍ଭୁକ୍ତ ।
- ଅଧିକ ଉତ୍ତାପ ଓ ଅଧିକ ବୃଷ୍ଟିପାତ ଆବଶ୍ୟକ କରୁଥିବା ଶସ୍ୟ ଏହି ଋତୁରେ ଚାଷ କରାଯାଏ ।
- ଏହି ପ୍ରକାର ଚାଷ ବନ୍ୟାପ୍ଲାବିତ ଅଞ୍ଚଳ, ସମତଳ ଭୂମି ଓ ଜଳସେଚିତ ଅଞ୍ଚଳରେ କରାଯାଏ ।

**ପ୍ର ୪. ଭାରତରେ କପା ଚାଷ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।**

ଉତ୍ତର
- କପା ଚାଷ ମୁଖ୍ୟତଃ ଦାକ୍ଷିଣାତ୍ୟ ମାଳଭୂମିରେ ଦେଖା ଯାଉଥିବା କୃଷ୍ଣକାର୍ପାସ ମୃତ୍ତିକାରେ ଅଧିକ ପରିମାଣରେ ଉତ୍ପନ୍ନ ହୁଏ ।
- ଏହି ଚାଷ ପାଇଁ ଅଧିକ ତାପମାତ୍ରା ଓ ଅଳ୍ପ ପରିମାଣର ବୃଷ୍ଟିପାତ, ଜଳସେଚନ ଓ ଅଧିକ ସୂର୍ଯ୍ୟକିରଣ ଆବଶ୍ୟକ ହୁଏ ।

- କପା ଖରିଫ ଋତୁରେ ଉତ୍ପନ୍ନ ହୁଏ ଓ ଅମଳ ହେବା ପାଇଁ 6-8 ମାସ ସମୟ ନେଇଥାଏ।
- ମହାରାଷ୍ଟ୍ର, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ତାମିଲନାଡ୍ରୁ, ହରିୟାଣା, ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ଅଧିକ ପରିମାଣରେ କପା ଉତ୍ପନ୍ନ ହୁଏ।

**ପ୍ର ୫. ଭାରତୀୟ କୃଷିରେ ଜଗତୀକରଣର ପ୍ରଭାବ ସମ୍ପର୍କରେ ଲେଖ।**

ଉତ୍ତର
- 1990 ମସିହାରେ ଜଗତୀକରଣ ପ୍ରକ୍ରିୟା ଭାରତୀୟ କୃଷକମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ କରାଇଛି।
- ଭାରତରେ ଉତ୍ପାଦନ ଧାନ, ତୁଳା, ରବର, କଫି, ଚା, ମସଲା ଆଦି ପଦାର୍ଥର ଉତ୍ପାଦନର ଗୁରୁତ୍ୱ ରହିଥିଲେ ସୁଦ୍ଧା ଉନ୍ନତ ରାଷ୍ଟ୍ରମାନଙ୍କ ତୁଳନାରେ ପ୍ରଭାବଶାଳୀ ହୋଇପାରୁନାହିଁ।
- ରାସାୟନିକ ସାର ଓ ଔଷଧର ବ୍ୟବହାର ଯୋଗୁଁ ଭୂମିର ଉତ୍ପାଦନ କ୍ଷମତା ହ୍ରାସ ପାଉଛି।
- ଏହାଦ୍ୱାରା ଜୈବ ବିବିଧତା ଉପରେ ପ୍ରଭାବ, ଜେନେଟିକ୍ ଇଞ୍ଜିନିୟରିଂ ଦ୍ୱାରା ନୂତନ ଧରଣର ଅଧିକ ଅମଳକ୍ଷମ ବିହନ ଉତ୍ପାଦିତ ହେଉଛି।

**ପ୍ର ୬. ଖାଦ୍ୟ ସୁରକ୍ଷା କ'ଣ ? ଏହାର ଆବଶ୍ୟକତା କାହିଁକି ରହିଛି ?**

ଉତ୍ତର
- ଦେଶରେ ପ୍ରତ୍ୟେକ ନାଗରିକଙ୍କୁ ସର୍ବନିମ୍ନ ପୁଷ୍ଟିସାରଯୁକ୍ତ ଖାଦ୍ୟ ଯୋଗାଇଦେବା ବ୍ୟବସ୍ଥାକୁ 'ଖାଦ୍ୟ ସୁରକ୍ଷା' କୁହାଯାଏ।
- ଖାଦ୍ୟ ସୁରକ୍ଷାର ଅଭାବ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନଗ୍ରସର ରାଜ୍ୟଗୁଡ଼ିକରେ ଦୃଷ୍ଟିଗୋଚର ହୁଏ। ତେଣୁ ଆମ ଦେଶରେ ଖାଦ୍ୟ ସୁରକ୍ଷାର ଆବଶ୍ୟକତା ରହିଛି।
- କୃଷିଜାତ ପଦାର୍ଥର ଉତ୍ପାଦନରେ ବୃଦ୍ଧି ଏବଂ ଧାନ ତଥା ଗହମ ସଂଗ୍ରହ ଓ ସେଗୁଡ଼ିକର ସମର୍ଥିତ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଏହି ଯୋଜନାର ଆବଶ୍ୟକତା ରହିଛି।
- ସାଧାରଣ ବର୍ଗର ଜନସାଧାରଣଙ୍କୁ ସର୍ବନିମ୍ନ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଦେବା ପାଇଁ ଏହି ଯୋଜନାର ଆବଶ୍ୟକତା ରହିଛି।

ଖାଦ୍ୟ ସୁରକ୍ଷାର ପ୍ରାଥମିକ ଲକ୍ଷ ହେଉଛି, ସାଧାରଣ ବର୍ଗର ଜନସାଧାରଣଙ୍କୁ ସର୍ବନିମ୍ନ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇଦେବା।

**ପ୍ର ୭. ଭାରତରେ ହେଉଥିବା ରୋପଣ କୃଷିର ବିଶେଷତ୍ୱ ଓ ବଣ୍ଟନ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର।**

ଉତ୍ତର
- ବ୍ରିଟିଶମାନଙ୍କ ଦ୍ୱାରା ପ୍ରଥମେ ଆମ ଦେଶରେ ରୋପଣ କୃଷିର ପ୍ରଚଳନ ହୋଇଥିଲା। ଏହି କୃଷି ପ୍ରଣାଳୀରେ ଥରେ ବୃକ୍ଷରୋପଣ ଦ୍ୱାରା ଅନେକ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନ କରିହୁଏ।
- ରବର, ଚାହା, କଫି, ମସଲା, ନଡ଼ିଆ ବୃକ୍ଷ ଆଦି ଏହି କୃଷିର ଅନ୍ତର୍ଗତ।
- ଏଥିରେ କମଳା, ସେଓ, ଅଙ୍ଗୁର ପ୍ରଭୃତି ଫଳବୃକ୍ଷ ମଧ୍ୟ କରାଯାଏ।
- ଏପରି କୃଷି କାର୍ଯ୍ୟ ପାଇଁ ଅଧିକ ଅର୍ଥ, ଦକ୍ଷଶ୍ରମିକ, ଜ୍ଞାନକୌଶଳ, ଅତ୍ୟାଧୁନିକ ଯନ୍ତ୍ରପାତି, ସାର, ଜଳସେଚନ, ପରିବହନ ବ୍ୟବସ୍ଥା ଏକାନ୍ତ ଜରୁରୀ।
- ଚା ଚାଷ ପାଇଁ ଆସାମ, ପଶ୍ଚିମବଙ୍ଗର ଉତ୍ତରାଂଶ, ତାମିଲନାଡୁ କେରଳ ଅଞ୍ଚଳ ଉପଯୁକ୍ତ କ୍ଷେତ୍ର ହୋଇଥିବାବେଳେ କଫି ଉତ୍ପାଦନ ପାଇଁ କେରଳ, କର୍ଣ୍ଣାଟକ ଓ ତାମିଲନାଡୁର ନୀଳଗିରି ଅଞ୍ଚଳ ପ୍ରସିଦ୍ଧ।

**ପ୍ର ୮.  ସଘନ କୃଷି କ'ଣ ? ଏହାର ଆବଶ୍ୟକତା କାହିଁକି ?**

ଉତ୍ତର
- ସଘନ କୃଷି ସାଧାରଣତଃ ଘନ ଜନବସତି ଅଞ୍ଚଳରେ କରାଯାଇଥାଏ । ଏହା ମୁଖ୍ୟତଃ ଭାରତ, ଚୀନ୍, ଦକ୍ଷିଣ-ପୂର୍ବ-ଏସୀୟ ରାଷ୍ଟ୍ର ସମୂହ ଓ ଅନ୍ୟାନ୍ୟ ଜନବହୁଳ ରାଷ୍ଟ୍ରମାନଙ୍କରେ କାର୍ଯ୍ୟକାରୀ ହୋଇଥାଏ ।
- ଏହି କୃଷି ପ୍ରଣାଳୀରେ ବର୍ଷକୁ ତିନି, ଚାରି ପ୍ରକାର ଶସ୍ୟ ଉତ୍ପାଦନ କରାଯାଏ ।
- ଏକାଧିକ ବାର କୃଷି ହେଉଥିବାରୁ ଏହାକୁ ସଘନ କୃଷି କୁହାଯାଏ ।
- ଚାଷ ଜମିରେ ଅଧିକ ଚାପ ପଡ଼ିଥାଏ । ଏହା ସାଧାରଣତଃ ସମତଳ ଅଞ୍ଚଳ, ଉପକୂଳ ଅଞ୍ଚଳ ଓ ଜଳସେଚିତ ଅଞ୍ଚଳରେ ଅଧିକ ହୋଇଥାଏ ।
- ଏହି କୃଷିରେ ରାସାୟନିକ କୀଟନାଶକ ପ୍ରୟୋଗ କରି ଜମିର ଉତ୍ପାଦନ କ୍ଷମତା ବୃଦ୍ଧି କରାଇ ଅଧିକ ଶସ୍ୟ ଉତ୍ପାଦିତ ହୋଇଥାଏ ।

**ପ୍ର ୯.  ଭାରତରେ ଆଖୁଚାଷ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।**

ଉତ୍ତର
- ଏହା ଏକ କ୍ରାନ୍ତୀୟ ତଥା ଉପକ୍ରାନ୍ତୀୟ କୃଷି । ଆଖୁ ଚାଷ ଉଷ୍ଣ ଓ ଆର୍ଦ୍ର ଜଳବାୟୁ ଅଞ୍ଚଳରେ ଭଲ ହୁଏ ।
- ଏହି ଚାଷ ପାଇଁ $21^0$ ରୁ $27^0$ ସେଲ୍‌ସିୟସ୍ ମଧ୍ୟରେ ତାପମାତ୍ରା ଓ 75 ସେ.ମି. ରୁ 100 ସେ.ମି. ମଧ୍ୟରେ ବୃଷ୍ଟିପାତ ଆବଶ୍ୟକ ହୋଇଥାଏ ।
- ଏହା ବିଭିନ୍ନ ମୃତ୍ତିକାରେ କରାଯାଇପାରେ । ଏଥିରେ ରୋପଣ ଠାରୁ ଅମଳ ପର୍ଯ୍ୟନ୍ତ ଏକ ବର୍ଷର ଶ୍ରମ ଆବଶ୍ୟକ ହୋଇଥାଏ ।
- ଭାରତ ଆଖୁ ଉତ୍ପାଦନରେ ବ୍ରାଜିଲ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ।
- ଦେଶରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ତାମିଲନାଡୁ ଆଦି ରାଜ୍ୟରେ ଆଖୁ ଉତ୍ପାଦନ କରାଯାଏ ।

**ପ୍ର ୧୦. ଦେଶରେ କଫି ଚାଷ ସମ୍ବନ୍ଧରେ ଏକ ବିବରଣୀ ଦିଅ ।**

ଉତ୍ତର
- ପୃଥିବୀରେ ଉତ୍ପାଦିତ ମୋଟ କଫିର 4 ପ୍ରତିଶତ ଭାରତରେ ଉତ୍ପାଦିତ ହୋଇଥାଏ ।
- ଭାରତୀୟ କଫିର ଉତ୍ତମ ଗୁଣବତ୍ତା ଯୋଗୁ ସାରା ପୃଥିବୀରେ ତା'ର ଆଦର ଅଧିକ ।
- ଆରବିକା ଶ୍ରେଣୀର କଫି ୟେମେନ୍‌ରୁ ଆଣି ଭାରତରେ ଚାଷ କରାଯାଇଛି । ଏ ପ୍ରକାର କଫିର ଆଦର ସମଗ୍ର ପୃଥିବୀରେ ରହିଛି ।
- କଫି ଚାଷ ପ୍ରଥମ କରି ବାବାବୁଦାନ ପାହାଡ଼ରେ ଆରମ୍ଭ କରାଯାଇଥିଲା ।
- ବର୍ତ୍ତମାନ ଆମ ଦେଶରେ କଫି ଚାଷ ମୁଖ୍ୟତଃ କର୍ଣ୍ଣାଟକ, କେରଳ ଓ ତାମିଲନାଡୁ ରାଜ୍ୟର ନୀଳଗିରି ପାର୍ବତ୍ୟାଞ୍ଚଳରେ କରାଯାଉଅଛି ।

**ପ୍ର ୧୧. କାରଣ ଦର୍ଶାଅ :**

**(i) ଦିନକୁ ଦିନ ଜମିର ଉତ୍ପାଦିକା ଶକ୍ତି କମିବାରେ ଲାଗିଛି ।**

**ଉତ୍ତର** ଅଧିକ ଶସ୍ୟ ଉତ୍ପାଦନ ଲକ୍ଷ୍ୟ ନେଇ କୃଷି କ୍ଷେତ୍ରରେ ରାସାୟନିକ ସାର ଓ ଔଷଧ ବ୍ୟବହାର ବୃଦ୍ଧି ପାଉଛି । ତେଣୁ ଦିନକୁ ଦିନ ଜମିର ଉତ୍ପାଦିକା ଶକ୍ତି କମିବାରେ ଲାଗିଛି ।

**(ii) ରୋପଣ କୃଷିକୁ ବାଣିଜ୍ୟିକ କୃଷି ମଧ୍ୟ କୁହାଯାଏ ।**

**ଉତ୍ତର** ରୋପଣ କୃଷି ପ୍ରଣାଳୀରେ ଥରେ ବୃକ୍ଷରୋପଣ କରି ଅନେକ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନ କରାଯାଏ । ଏଥିରେ ଉତ୍ପାଦିତ ଅଧିକାଂଶ ଦ୍ରବ୍ୟକୁ କଞ୍ଚାମାଲ ରୂପେ ବ୍ୟବହାର କରି ବିଭିନ୍ନ ସଂସାଧନ ଶିଳ୍ପ ଗଢ଼ି ଉଠିଥାଏ । ଉଦାହରଣ - ଚା, କଫି, ରବର, ବାଣିଜ୍ୟ ଉଦ୍ଦେଶ୍ୟରେ କରାଯାଉଥିବାରୁ ଏହାକୁ ବାଣିଜ୍ୟିକ କୃଷି ମଧ୍ୟ କୁହାଯାଏ ।

**(iii) ଖାଦ୍ୟ ସୁରକ୍ଷାର ଆବଶ୍ୟକତା ରହିଛି ।**

**ଉତ୍ତର**
- ଖାଦ୍ୟ ସୁରକ୍ଷାର ଦୁଇଗୋଟି ବ୍ୟବସ୍ଥା ରହିଛି । ପ୍ରଥମଟି ହେଲା ଯଥେଷ୍ଟ ଖାଦ୍ୟଶସ୍ୟ ସଂଗ୍ରହ ଓ ଦ୍ୱିତୀୟଟି ସାଧାରଣ ବଣ୍ଟନ ବ୍ୟବସ୍ଥା ।
- ଦେଶର ଜରୁରୀକାଳୀନ ପରିସ୍ଥିତିରେ ଖାଦ୍ୟାଭାବକୁ ଆଭ୍ୟନ୍ତରୀଣ ବ୍ୟବସ୍ଥା ଦ୍ୱାରା ମୁକାବିଲା କରିବା ପ୍ରକ୍ରିୟା ହେଉଛି ଖାଦ୍ୟ ସୁରକ୍ଷା । ଦେଶରେ ଦାରିଦ୍ର୍ୟ ଶ୍ରେଣୀର ଜନସାଧାରଣମାନଙ୍କୁ ଅନିଶ୍ଚିତ ଖାଦ୍ୟ ଯୋଗାଣରୁ ରକ୍ଷା କରିବା ପାଇଁ ଏହି ବ୍ୟବସ୍ଥାର ଆବଶ୍ୟକତା ରହିଅଛି ।

**(iv) ଭାରତରେ ରବି ଋତୁରେ ଗହମ ଚାଷ କରାଯାଏ ।**

**ଉତ୍ତର** ଗହମ ଶୀତଳ ଜଳବାୟୁରେ ଭଲ ହୁଏ ଓ ଅମଳ ସମୟରେ ପ୍ରଖର ସୂର୍ଯ୍ୟକିରଣ ଆବଶ୍ୟକ ହୋଇଥାଏ । ଭାରତରେ ନାତିଶୀତୋଷ୍ଣ ଅଞ୍ଚଳ, ଉତ୍ତର ଭାରତ ଓ ଉତ୍ତର-ପଶ୍ଚିମ ଭାରତରେ ଶୀତଦିନେ ଏ ପ୍ରକାର ଜଳବାୟୁ ଅନୁଭୂତ ହେଉଥିବାରୁ ଗହମ ଚାଷ ରବି ଋତୁରେ ହୁଏ ।

**(v) ଡେକାନ୍ ମାଳଭୂମିରେ ଅଧିକ କପା ଚାଷ କରାଯାଏ ।**

**ଉତ୍ତର** କପା ଚାଷ ପାଇଁ ଅଧିକ ତାପମାତ୍ରା ଓ କମ୍ ବୃଷ୍ଟିପାତ ଆବଶ୍ୟକ । ଡେକାନ୍ ମାଳଭୂମିରେ ଥିବା କାର୍ପାସ ମୃତ୍ତିକାର ଉତ୍ତାପ ଓ ଜଳ ଧାରଣ କ୍ଷମତା ଅଧିକ ଥିବାରୁ ଏହା କପା ଚାଷ ପାଇଁ ଉପଯୋଗୀ ।

**ପ୍ର ୧୨. ପାର୍ଥକ୍ୟ ଦର୍ଶାଅ**

**(i) ପୋଡୁଚାଷ ଓ ଝୁମ୍ ଚାଷ**

**ଉତ୍ତର** **ପୋଡୁଚାଷ :** ଓଡ଼ିଶାରେ ଆଦିବାସୀ ଓ ପାହାଡ଼ିଆ ଅଞ୍ଚଳରେ ହେଉଥିବା ସ୍ଥାନାନ୍ତରିତ କୃଷିକୁ ପୋଡୁଚାଷ କୁହାଯାଏ ।

**ଝୁମଚାଷ :** ଉତ୍ତର-ପୂର୍ବ ରାଜ୍ୟ ଯଥା : ଆସାମ, ମେଘାଳୟ, ମିଜୋରାମ ଓ ନାଗାଲାଣ୍ଡରେ କରାଯାଉଥିବା ସ୍ଥାନାନ୍ତରିତ କୃଷିକୁ ଝୁମ୍‌ଚାଷ କୁହାଯାଏ ।

**(ii) ପ୍ରୟୋଜନଭିତ୍ତିକ କୃଷି ଓ ସ୍ଥାନାନ୍ତରିତ କୃଷି**

ଉତ୍ତର **ପ୍ରୟୋଜନଭିତ୍ତିକ କୃଷି**

- ନାମମାତ୍ର ଓ କ୍ଷୁଦ୍ରଚାଷୀମାନଙ୍କ ଦ୍ୱାରା ଛୋଟଛୋଟ ଚାଷଭୂମି ଓ ବିକ୍ଷିପ୍ତ ଚାଷ ଜମିମାନଙ୍କରେ ଏହି କୃଷିକାର୍ଯ୍ୟ ପାରମ୍ପରିକ ଉପାୟରେ କରାଯାଏ ।
- ଏହି ଶ୍ରେଣୀର କୃଷକ ଗରିବ ହୋଇଥିବାରୁ ସେମାନେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ନ ପାରିବାରୁ କୃଷି ଉତ୍ପାଦନ କମ୍ ହେବା ଫଳରେ ଚାଷୀର ପରିବାର ଭରଣ ପୋଷଣ ପାଇଁ ଯଥେଷ୍ଟ ହୋଇ ନ ଥାଏ । ଏହି ପ୍ରକାର କୃଷିକୁ ପ୍ରୟୋଜନଭିତ୍ତିକ କୃଷି କୁହାଯାଏ ।

**ସ୍ଥାନାନ୍ତରୀତ କୃଷି**

- ଏହି କୃଷି ପଦ୍ଧତିରେ ଜଙ୍ଗଲର କିଛି ଅଂଶ ପୋଡ଼ି ସଫା କରି କ୍ରମାଗତ ଭାବରେ ଚାଷ କରାଯାଏ ଓ ଉର୍ବରତା କମିଗଲେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଏ ।
- ଏହା ପ୍ରାଚୀନ କୃଷିର ଏକ ଉଦାହରଣ ।

**(iii) ତନ୍ତୁଜାତୀୟ ଫସଲ ଓ ପାନୀୟ ଫସଲ**

ଉତ୍ତର **ତନ୍ତୁଜାତୀୟ ଫସଲ :** କପା ଝୋଟ, ଛଣପଟ, ରେଶମ ଆଦି ଫସଲକୁ ତନ୍ତୁଜାତୀୟ ଫସଲ କୁହାଯାଏ ।

**ପାନୀୟ ଫସଲ :** ଚାହା, କଫି ଆଦିକୁ ପାନୀୟ ଫସଲ ବୋଲି କୁହାଯାଏ ।

**(iv) ଶୁଷ୍କ କୃଷି ଓ ଆର୍ଦ୍ର କୃଷି :**

ଉତ୍ତର **ଶୁଷ୍କ କୃଷି :**

- କମ୍ ବୃଷ୍ଟିପାତ ଅଞ୍ଚଳରେ ଏହି କୃଷିକାର୍ଯ୍ୟ ହୋଇଥାଏ ।
- ମକା ବାଜରା ତୈଳବୀଜ ଆଦି ଏହି ପ୍ରକାର କୃଷିର ଅନ୍ତର୍ଗତ ।

**ଆର୍ଦ୍ର କୃଷି :**

- ବୃଷ୍ଟିବହୁଳ ଅଞ୍ଚଳରେ କରାଯାଉଥିବା କୃଷିକୁ ଆର୍ଦ୍ରକୃଷି କୁହାଯାଏ ।
- ଏହି କୃଷିରେ ଧାନ, ନଳିତା, ଆଖୁ ଓ ବିଭିନ୍ନ ପନିପରିବା ଆଦି ଚାଷ କରାଯାଏ ।

**(v) ଖରିଫ ଫସଲ ଓ ରବି ଫସଲ :**

ଉତ୍ତର **ଖରିଫ ଫସଲ :**

- ମୌସୁମୀ ବାୟୁର ଆଗମନ ସହିତ ଜୁନ୍ ଓ ଜୁଲାଇ ମାସରେ ଆରମ୍ଭ ହୋଇ ଅକ୍ଟୋବର ଓ ନଭେମ୍ବର ମାସ ପର୍ଯ୍ୟନ୍ତ ଚାଲିଥାଏ ।
- ଧାନ, ଆଖୁ, ଝୋଟ, ଜଡ଼ା, କପା, ବାଜରା, ମୁଗ ଓ ବିରି ଆଦି ମୁଖ୍ୟ ଫସଲ । ଏହି ଫସଲ ପାଇଁ ଅଧିକ ଉତ୍ତାପ ଓ ବୃଷ୍ଟିପାତ ଆବଶ୍ୟକ ।

**ରବି ଫସଲ :**

- ଅକ୍ଟୋବର ଓ ନଭେମ୍ବର ମାସରେ ଆରମ୍ଭ ହୋଇ ମାର୍ଚ୍ଚ ଓ ଏପ୍ରିଲ ମାସରେ ଶେଷ ହୁଏ ।
- ଗହମ, ବାର୍ଲି, ସୋରିଷ, ମୁଗ, ବିରି, ପେଶି, ରାଶି ଆଦି ମୁଖ୍ୟ ଫସଲ । ଏହି ଫସଲ ପାଇଁ ଜଳସେଚନର ଆବଶ୍ୟକତା ପଡ଼ିଥାଏ ।

**ପ୍ର ୧୩. ସଂକ୍ଷିପ୍ତ ଟିପ୍ପଣୀ ଲେଖ :**

**(i) ପ୍ରୟୋଜନଭିତ୍ତିକ କୃଷି :**

**ଉତ୍ତର** ଭାରତର ଅଧିକାଂଶ କୃଷକ ଏହି ପ୍ରକାର କୃଷି କରିଥାନ୍ତି । ଏହା ଏକ ପୁରାତନ କୃଷି ପଦ୍ଧତି ଓ ମୁଖ୍ୟତଃ ପାରମ୍ପରିକ ଉପାୟରେ କୃଷିକାର୍ଯ୍ୟ କରାଯାଏ । କୃଷକମାନେ ଛୋଟଛୋଟ ଚାଷ ଜମିରେ ଏହି କୃଷି କାର୍ଯ୍ୟ କରନ୍ତି । ଶୁଷ୍କ ଓ ଆର୍ଦ୍ରକୃଷି ଏହି କୃଷିର ଅନ୍ତର୍ଗତ ।

**(ii) ବାଣିଜ୍ୟିକ କୃଷି :**

**ଉତ୍ତର** ବାଣିଜ୍ୟିକ କୃଷି ଅଞ୍ଚଳ ଭିତ୍ତିରେ ଭିନ୍ନଭିନ୍ନ ହୋଇଥାଏ । ରୋପଣ କୃଷି ମଧ୍ୟ ଏକ ପ୍ରକାର ବାଣିଜ୍ୟିକ କୃଷି । ଓଡ଼ିଶାର ଧାନ ପ୍ରୟୋଜନଭିତ୍ତିକ କୃଷି ହୋଇଥିବା ବେଳେ ପଞ୍ଜାବ ଓ ହରିୟାଣାରେ ବାଣିଜ୍ୟିକ କୃଷିର ମାନ୍ୟତା ପାଇଥାଏ । ସେଓ, କମଳା, ଅଙ୍ଗୁର ଆଦି ଫଳ ଚାଷକୁ ବାଣିଜ୍ୟିକ କୃଷିର ଅନ୍ତର୍ଭୁକ୍ତ କରାଯାଇଛି ।

**(iii) ସ୍ୱର୍ଣ୍ଣତନ୍ତୁ :**

**ଉତ୍ତର** ଝୋଟକୁ ସ୍ୱର୍ଣ୍ଣତନ୍ତୁ ଆଖ୍ୟା ଦିଆଯାଇଛି । ଝୋଟକୁ ଅଖା, ଆସନ, ଦଉଡ଼ି, କାର୍ପେଟ ଓ ଅନ୍ୟାନ୍ୟ ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ବ୍ୟବହାର କରାଯାଏ । ଝୋଟଜାତ ଦ୍ରବ୍ୟର ମୂଲ୍ୟ ଅଧିକ ହେତୁ ଏଭଳି କୁହାଯାଇଥାଏ ।

**(iv) ରୋପଣ କୃଷି :**

**ଉତ୍ତର** ଏ ପ୍ରକାର କୃଷିରେ ଗୋଟିଏ କିସମର ଶସ୍ୟକୁ ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ଚାଷ କରାଯାଇଥାଏ । ଏଥିରେ ଥରେ ବୃକ୍ଷରୋପଣ କରି ଅନେକ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନ କରିହୁଏ । ଚା, କଫି, ରବର, କଦଳୀ, ନଡ଼ିଆ, ମସଲା ଆଦି ରୋପଣ କୃଷିର ଅନ୍ତର୍ଭୁକ୍ତ ।

**(v) ଯେଦ୍ :**

**ଉତ୍ତର**
- ଖରିଫ ଓ ରବି ଋତୁର ମଧ୍ୟବର୍ତ୍ତୀ ଗ୍ରୀଷ୍ମମାସରେ ଏକ ସ୍ୱଳ୍ପକାଳୀନ କୃଷି ଋତୁ ଥାଏ । ଏହାକୁ ଯେଦ୍ କୁହାଯାଏ ।
- ଏହି ଋତୁରେ ଖରଭୁଜ, କାକୁଡ଼ି ଓ ପନିପରିବା ଆଦି ଚାଷ କରାଯାଏ ।

**(vi) ସବୁଜ ବିପ୍ଳବ :**

**ଉତ୍ତର**
- ଷାଠିଏ ଦଶକରେ ଭାରତରେ କୃଷିକ୍ଷେତ୍ରରେ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ ହୋଇଥିବା ବୈପ୍ଳବିକ ପରିବର୍ତ୍ତନକୁ ସବୁଜ ବିପ୍ଳବ କୁହାଯାଏ । ଅଧିକ ଗହମ ଉତ୍ପାଦନ ଏହାଦ୍ୱାରା ହୋଇଥାଏ ।
- ଉନ୍ନତ କୃଷି ପ୍ରଣାଳୀ, ରାସାୟନିକ ସାର ପ୍ରୟୋଗ, ଔଷଧ ଓ ଉନ୍ନତ କିସମର ବିହନ ପ୍ରୟୋଗ ସବୁଜ ବିପ୍ଳବର ବିଶେଷତ୍ୱ ହୋଇଥାଏ ।

**(vii) ଜୀନୀୟ ବିବର୍ତ୍ତନ :**

**ଉତ୍ତର** ରାସାୟନିକ ସାର ଓ ଔଷଧର ବ୍ୟବହାର ଯୋଗୁଁ ଭୂମିର ଉତ୍ପାଦନ କ୍ଷମତା ହ୍ରାସ ପାଉଛି । ବର୍ତ୍ତମାନ ଏହି କ୍ଷେତ୍ରରେ ଜୀନୀୟ ବିବର୍ତ୍ତନ ଅଣାଯାଇଛି । ଜେନେଟିକ୍ ଇଞ୍ଜିନିୟରିଂ ଏହି ପ୍ରକ୍ରିୟାର ଅନ୍ତର୍ଭୁକ୍ତ । ଏହାଦ୍ୱାରା ନୂତନ ଧରଣର ଅମଳକ୍ଷମ ବିହନ ଉତ୍ପାଦିତ ହେଉଛି ।

**(viii) ଉଦ୍ୟାନ କୃଷି :**

**ଉତ୍ତର** ପ୍ରାୟତଃ କ୍ରାନ୍ତୀୟ ଓ ଶୁଷ୍କ ଅଞ୍ଚଳମାନଙ୍କରେ ଫଳଚାଷ କରାଯାଏ । ଆମ୍ବ, କଦଳୀ, ଲିଚୁ, ପିଜୁଳି, ସପୁରୀ, ନାସପାତି, ବାଦାମ, ଆକ୍ରୋଟ ଆଦି ଉଦ୍ୟାନ କୃଷିର ଅନ୍ତର୍ଗତ ।

**(ix) ସଘନ କୃଷି :**

**ଉତ୍ତର** ଏହି କୃଷି ପ୍ରଣାଳୀରେ ବର୍ଷକୁ ତିନି, ଚାରି ପ୍ରକାର ଶସ୍ୟ ଉତ୍ପାଦନ କରାଯାଏ । ଏକାଧିକବାର କୃଷି ହେଉଥିବାରୁ ଏହାକୁ ସଘନ କୃଷି କୁହାଯାଏ । ଏହା ସାଧାରଣତଃ ସମତଳ ଅଞ୍ଚଳ, ଉପକୂଳ ଅଞ୍ଚଳ ଓ ଜଳସେଚିତ ଅଞ୍ଚଳରେ ଅଧିକ ହୋଇଥାଏ ।

**(x) କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ସମସ୍ୟା :**

**ଉତ୍ତର** ଶସ୍ୟ ସଂଗ୍ରହ ପାଇଁ ସ୍ଥାନାଭାବ ଓ ବଜାରରେ ଅଭାବ କୃଷି କାର୍ଯ୍ୟରେ କୃଷକମାନଙ୍କୁ ଦୂରେଇ ରଖୁଛି । ଅଧିକ ଅମଳକ୍ଷମ ବିହନ ପାଇଁ କୃଷକମାନଙ୍କୁ ଅଧିକ ଅର୍ଥ ବିନିଯୋଗ କରିବା ପାଇଁ ପଡୁଛି । ରାସାୟନିକ ସାର ଅଧିକ ଦରରେ କ୍ରୟ କରୁଛନ୍ତି, କିନ୍ତୁ ଉତ୍ପାଦିତ ଦ୍ରବ୍ୟକୁ ଉଚ୍ଚ ଦରରେ ବିକିବା ପାଇଁ ସମର୍ଥ ହୋଇପାରୁ ନାହାଁନ୍ତି ।

**(xi) ତୈଳବୀଜ :**

**ଉତ୍ତର** ଅଧିକାଂଶ ତୈଳବୀଜ ତେଲ ଓ ସାବୁନ ପ୍ରସାଧାନ ସାମଗ୍ରୀ ତିଆରି ପାଇଁ କଞ୍ଚାମାଲ ରୂପେ ବ୍ୟବହୃତ ହୋଇଥାଏ । ଚିନାବାଦାମ, କପାମଞ୍ଜି, ସୂର୍ଯ୍ୟମୁଖୀ, ସୋରିଷ ଓ ନଡ଼ିଆ ତୈଳବୀଜଗୁଡ଼ିକ ମଧ୍ୟରେ ମୁଖ୍ୟ ।

**(xii) ରବର ଚାଷ ପାଇଁ ଆବଶ୍ୟକୀୟ ଜଳବାୟୁ :**

**ଉତ୍ତର** ରବର ଚାଷ ପାଇଁ ବିଷୁବମଣ୍ଡଳୀୟ ଜଳବାୟୁ ଆବଶ୍ୟକ । ଏଥିପାଇଁ $25^0$ ତାପମାତ୍ରା ସେଲ୍‌ସିଅସ୍‌ରୁ ଅଧିକ ତାପମାତ୍ରା ଜରୁରୀ ହୋଇଥାଏ ଏବଂ ବୃଷ୍ଟିପାତ 200 ସେ.ମି. ରୁ ଅଧିକ ଆବଶ୍ୟକ ହୋଇଥାଏ ।

**(xiii) ଶ୍ୱେତ ବିପ୍ଳବ :**

**ଉତ୍ତର** ଦୁଗ୍ଧ ଉତ୍ପାଦନରେ ଅହେତୁକ ବୃଦ୍ଧି ହେଲେ, ତାହାକୁ ଶ୍ୱେତବିପ୍ଳବ କୁହାଯାଏ ।

**(xiv) ନୀଳ ବିପ୍ଳବ :**

**ଉତ୍ତର** ଯେଉଁ ରାଜ୍ୟମାନଙ୍କରେ ଅଧିକ ମତ୍ସ୍ୟଚାଷ କରାଯାଇଥାଏ ତାହାକୁ ନୀଳ ବିପ୍ଳବ ବୋଲି କୁହାଯାଏ ।

**(xv) ପୀତ ବିପ୍ଳବ :**

**ଉତ୍ତର** ଯେଉଁଠାରେ ତୈଳବୀଜ ଯଥା – ଚିନାବାଦାମ, କପାମଞ୍ଜି, ସୂର୍ଯ୍ୟମୁଖୀ, ସୋରିଷ ଓ ନଡ଼ିଆ ଆଦି ଅତ୍ୟଧିକ ପରିମାଣରେ ଚାଷ କରାଯାଏ ତାହାକୁ ପୀତ ବିପ୍ଳବ ବୋଲି କୁହାଯାଏ ।

**(xvi) ଲୋହିତ ବିପ୍ଳବ :**

**ଉତ୍ତର** ମାଂସ ଓ ବିଲାତି ବାଇଗଣ ଚାଷରେ ଅଗ୍ରଣୀ ଥିବା ରାଜ୍ୟରେ ଲୋହିତ ବିପ୍ଳବ ଦେଖାଯାଏ।

**(xvii) ସ୍ୱର୍ଣ୍ଣ ବିପ୍ଳବ :**

**ଉତ୍ତର** ଅଧିକ ପରିମାଣରେ ଫୁଲ ଓ ଫଳ ଚାଷ କରୁଥିବା ରାଜ୍ୟମାନଙ୍କରେ ସ୍ୱର୍ଣ୍ଣ ବିପ୍ଳବ ଦେଖାଯାଏ ବୋଲି କୁହାଯାଏ।

**(xviii) କୃଷ୍ଣ ବିପ୍ଳବ :**

**ଉତ୍ତର** ଯେଉଁ ରାଜ୍ୟଗୁଡ଼ିକ ଗୃହ ଉନ୍ନୟନ ଓ ଖଣିଜତୈଳ ଉତ୍ପାଦନରେ ଅଗ୍ରଣୀ ତାହାକୁ କୃଷ୍ଣ ବିପ୍ଳବ କୁହାଯାଏ।

**(xix) ବାଦାମୀ ବିପ୍ଳବ :**

**ଉତ୍ତର** ଅଧିକ ମହୁଚାଷ ହେଉଥିବା ରାଜ୍ୟ ବାଦାମୀ ବିପ୍ଳବର ଅନ୍ତର୍ଗତ।

**(xx) ଗୋଲାପୀ ବିପ୍ଳବ :**

**ଉତ୍ତର** ଚିଙ୍ଗୁଡ଼ି ଚାଷ ଓ ପିଆଜ ଚାଷ କରାଯାଉଥିବା ରାଜ୍ୟ।

**(xxi) ଉଦ୍ୟାନ ବିପ୍ଳବ :**

**ଉତ୍ତର** ଫଳ ଓ ପନିପରିବା ଅଧିକ ପରିମାଣରେ ଉତ୍ପାଦନ ହେଉଥିବା ରାଜ୍ୟ ଏହାର ଅନ୍ତର୍ଗତ।

**(xxii) ସେରିକଲ୍‌ଚର :**

**ଉତ୍ତର** ଟସର ପୋକ ଚାଷକୁ ସେରିକଲଚର କୁହାଯାଏ।

**(xxiii) ନାବାର୍ଡ :**

**ଉତ୍ତର** କୃଷିର ଉନ୍ନତି ପାଇଁ ଜାତୀୟ ସ୍ତରରେ ଥିବା ବ୍ୟାଙ୍କ୍‌କୁ ନାବାର୍ଡ କୁହାଯାଏ।

---x---

**ପଞ୍ଚମ ଅଧ୍ୟାୟ**

# ପରିବହନ ଯୋଗାଯୋଗ ଏବଂ ବାଣିଜ୍ୟ

## ବହୁବିକଳ୍ପ ପ୍ରଶ୍ନ

**୧. ଗ୍ରାଣ୍ଡଟ୍ରଙ୍କ ରୋଡ୍ ଦ୍ୱାରା ନିମ୍ନୋକ୍ତ କେଉଁ ନଗରଦ୍ୱୟ ପରସ୍ପର ସହ ସଂଯୁକ୍ତ ?**

(କ) ମୁମ୍ବାଇ ଓ ଚେନ୍ନାଇ

(ଖ) ମୁମ୍ବାଇ ଓ ଦିଲ୍ଲୀ

(ଗ) କୋଲକାତା ଓ ଅମୃତସର

(ଘ) ମୁମ୍ବାଇ ଓ ଦିଲ୍ଲୀ

**୨. ଶ୍ରୀନଗର ଓ ଲେହକୁ ସଂଯୁକ୍ତ କରୁଥିବା ରାଜପଥ କେଉଁ ଗିରିପଥ ଦେଇ ଯାଇଛି ?**

(କ) ଯୋଜିଲା (ଖ) ସିପ୍‌କଲା

(ଗ) ଜେଲେପ୍‌ଲା (ଘ) ନାଥୁଲା

**୩. କେଉଁଟି ଭାରତର ସବୁ ଋତୁ ଉପଯୋଗୀ ଗଭୀରତମ ବନ୍ଦର ?**

(କ) ବିଶାଖାପଟ୍ଟନମ୍ (ଖ) ପାରାଦ୍ୱୀପ

(ଗ) ମର୍ମାଗୋଆ (ଘ) କାଣ୍ଡଲା

**୪. ନିମ୍ନୋକ୍ତ କେଉଁଟି ଭାରତର ପୂର୍ବଉପକୂଳ ବନ୍ଦର ନୁହେଁ ?**

(କ) ହଳଦିଆ (ଖ) ଚେନ୍ନାଇ

(ଗ) ତୁତକୋରିନ୍ (ଘ) ମାଙ୍ଗାଲୋର

**୫. ଭାରତର କେଉଁ ନଗରରେ ପ୍ରଥମେ ମେଟ୍ରୋ ଟ୍ରେନ୍‌ର ପ୍ରଚଳନ କରାଯାଇଥିଲା ?**

(କ) କୋଲକାତା (ଖ) ମୁମ୍ବାଇ

(ଗ) ଚେନ୍ନାଇ (ଘ) ଦିଲ୍ଲୀ

**୬. ବକିଙ୍ଗହାମ୍ କେନାଲ ଦ୍ୱାରା ପରିବହନ କ୍ଷେତ୍ରରେ କେଉଁ ରାଜ୍ୟଦ୍ୱୟ ଉପକୃତ ?**

(କ) ଓଡ଼ିଶା - ପଶ୍ଚିମବଙ୍ଗ

(ଖ) କେରଳ - ତାମିଲନାଡୁ

(ଗ) ଆନ୍ଧ୍ରପ୍ରଦେଶ - ତାମିଲନାଡୁ

(ଘ) ଆନ୍ଧ୍ରପ୍ରଦେଶ - କେରଳ

**୭. ଆମ ଦେଶରେ କେଉଁ ସଂସ୍ଥା ଆନ୍ତର୍ଜାତିକ ବିମାନ ଚଳାଚଳ ଦାୟିତ୍ୱ ନିର୍ବାହ କରିଥାଏ ?**

(କ) ବାୟୁଦୂତ

(ଖ) ଏୟାରଇଣ୍ଡିଆ

(ଗ) ପବନହଂସ

(ଘ) ଇଣ୍ଡିଆନ ଏୟାରଲାଇନସ୍

**୮. ହିମାଚଳପ୍ରଦେଶର ମାନାଲି ଠାରୁ ଲାଦାଖର ଲେହ ପର୍ଯ୍ୟନ୍ତ ଯାଇଥିବା ସଡ଼କ କେଉଁ ଶ୍ରେଣୀଭୁକ୍ତ ଅଟେ ?**

(କ) ସୀମାନ୍ତ ସଡ଼କ (ଖ) ଜାତୀୟ ରାଜପଥ

(ଗ) ତ୍ୱରିତ ରାଜପଥ (ଘ) ରାଜ୍ୟ ରାଜପଥ

**୯. ନିମ୍ନୋକ୍ତ କେଉଁଟି ପଶ୍ଚିମ ଉପକୂଳର ଏକ ବନ୍ଦର ?**

(କ) ହଳଦିଆ (ଖ) ପାରାଦ୍ୱୀପ

(ଗ) ତୁତକୋରିନ୍ (ଘ) କାଣ୍ଡଲା

**୧୦. ମିନାମ୍ବକମ୍ ବିମାନବନ୍ଦର କେଉଁଠାରେ ଅବସ୍ଥିତ ?**

(କ) କୋଲକାତା (ଖ) ମୁମ୍ବାଇ

(ଗ) ଚେନ୍ନାଇ (ଘ) ଥିରୁ ଅନନ୍ତପୁରମ୍

**୧୧. କେଉଁଟି ଭାରତର ଏକ ପ୍ରାକୃତିକ ବନ୍ଦର ନୁହେଁ ?**

(କ) ମୁମ୍ବାଇ (ଖ) ଚେନ୍ନାଇ

(ଗ) କୋଲକାତା (ଘ) ବିଶାଖାପଟ୍ଟନମ୍

**୧୨. କୋଲକାତାରେ କେଉଁ ଦୁଇଟି ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ ?**

(କ) ପୂର୍ବ ରେଳପଥ ଓ ଦକ୍ଷିଣ ପୂର୍ବ ରେଳପଥ

(ଖ) ଉତ୍ତର ରେଳପଥ ଓ ଉତ୍ତର ପୂର୍ବ ରେଳପଥ

(ଗ) ପୂର୍ବ ରେଳପଥ ଓ ଉତ୍ତର ପୂର୍ବ ରେଳପଥ

(ଘ) ଦକ୍ଷିଣ ରେଳପଥ ଓ ପୂର୍ବ ରେଳପଥ

**୧୩. ବ୍ରଡଗେଜ ରେଳପଥରେ ଦୁଇ ରେଳଧାରଣା ମଧ୍ୟରେ ବ୍ୟବଧାନ କେତେ ?**

(କ) 1.76 ମିଟର (ଖ) 1.71 ମିଟର

(ଗ) 1.67 ମିଟର (ଘ) 1 ମିଟର

**୧୪. ଭାରତ ଇଉରୋପୀୟ ଦେଶଗୁଡ଼ିକ ସହିତ କେଉଁ ବାଟ ଦେଇ ସମୁଦ୍ର ପଥରେ ବାଣିଜ୍ୟ କାରବାର କରିଥାଏ ?**

(କ) ସିଙ୍ଗାପୁର (ଖ) ଉତ୍ତମାଶା ଅନ୍ତରୀପ

(ଗ) ଅଷ୍ଟ୍ରେଲିଆ (ଘ) ସୁଏଜ

**୧୫. ବିଜୁପଟ୍ଟନାୟକ : ଭୁବନେଶ୍ୱର ବିମାନ ବନ୍ଦର :: ନେତାଜୀ ସୁଭାଷ ଚନ୍ଦ୍ର ବୋଷ : __________**

(କ) କୋଲକାତା (ଖ) ହାଇଦ୍ରାବାଦ

(ଗ) ଚେନ୍ନାଇ (ଘ) ମାର୍ମାଗୋଆ

**୧୬. କେଉଁ ବନ୍ଦରଟି ଅବସ୍ଥିତି ଦୃଷ୍ଟିରୁ ଅନ୍ୟ ତିନୋଟି ଠାରୁ ଭିନ୍ନ ?**

(କ) ପାରାଦ୍ୱୀପ (ଖ) ବିଶାଖାପଟ୍ଟନମ୍

(ଗ) ଚେନ୍ନାଇ (ଘ) କୋଲକାତା

**୧୭. କେଉଁ ବନ୍ଦର ଦୁଇଟି ପାରାଦ୍ୱୀପ ବନ୍ଦରର ଉଭୟ ପାର୍ଶ୍ୱସ୍ଥ ନିକଟତମ ବନ୍ଦର ?**

(କ) ହଳଦିଆ ଓ କୋଲକାତା

(ଖ) ହଳଦିଆ ଓ ବିଶାଖାପଟ୍ଟନମ୍

(ଗ) ବିଶାଖାପଟ୍ଟନମ୍ ଓ କୋଲକାତା

(ଘ) ବିଶାଖାପଟ୍ଟନମ୍ ଓ ତୁତିକୋରିନ

**୧୮. ଦକ୍ଷିଣ କେନ୍ଦ୍ର ରେଳପଥ : ସିକନ୍ଦରାବାଦ :: ________________ : ଗୋରଖପୁର**

(କ) ଉତ୍ତର ପୂର୍ବ ସୀମାନ୍ତ

(ଖ) ଉତ୍ତର

(ଗ) ଉତ୍ତର ପୂର୍ବ

(ଘ) ଦକ୍ଷିଣ ପୂର୍ବ

**୧୯. କେଉଁଟି ଭାରତର ପଶ୍ଚିମ ଉପକୂଳରେ ଥିବା ଏକ ଅତ୍ୟାଧୁନିକ ବନ୍ଦର ?**

(କ) ନାଭାସେଭା (ଖ) ମାର୍ମାଗୋଆ

(ଗ) କୋଚିନ୍ (ଘ) କାଣ୍ଡଲା

**୨୦. ନିମ୍ନୋକ୍ତ କେଉଁଟି ଯୋଗାଯୋଗ ବ୍ୟବସ୍ଥାର ଅନ୍ତର୍ଗତ ନୁହେଁ ?**

(କ) ଡାକ ଓ ତାର ସେବା

(ଖ) ବେତାର ଓ ଦୂରଦର୍ଶନ

(ଗ) ଟେଲିଫୋନ୍ ଓ ଟେଲିଗ୍ରାଫ୍

(ଘ) ବେସାମରିକ ବିମାନ ଚଳାଚଳ

**୨୧. ଭାରତରେ କେତେ ପ୍ରକାର ପରିବହନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ?**

(କ) 3 (ଖ) 4

(ଗ) 5 (ଘ) 6

**୨୨. ବର୍ତ୍ତମାନ ଭାରତର ଅଧିକାଂଶ ସଡ଼କପଥ କେଉଁ ସମୟର ସଡ଼କ ପଥକୁ ଅନୁସରଣ କରି ନିର୍ମିତ ହୋଇଛି ?**

(କ) ମୋଗଲ (ଖ) ହରପ୍ପା

(ଗ) ମହେଞ୍ଜୋଦାର (ଘ) ଅଶୋକ

**୨୩. କୋଲକାତାରୁ ଚେନ୍ନାଇ ଯାଇଥିବା ରାଜପଥ କେତେ ନମ୍ବର ?**

(କ) NH-16 (ଖ) NH-05

(ଗ) NH-44 (ଘ) NH-06

**୨୪. କେଉଁ ରାଜ୍ୟର ରାଜପଥର ପରିମାଣ ସର୍ବାଧିକ ?**

(କ) ମହାରାଷ୍ଟ୍ର (ଖ) କର୍ଣ୍ଣାଟକ

(ଗ) ମଧ୍ୟପ୍ରଦେଶ (ଘ) ଉତ୍ତରପ୍ରଦେଶ

**୨୫. ସଡ଼କପଥ ପରିବହନ ବ୍ୟବସ୍ଥାରେ ଭାରତର ସ୍ଥାନ ପୃଥିବୀରେ କେତେ ?**

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

**୨୬. ଜିଲ୍ଲା ସଡ଼କ ପଥର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ?**

(କ) ବ୍ଲକ୍ (ଖ) ତହସିଲ୍

(ଗ) ଜିଲ୍ଲାପରିଷଦ (ଘ) ପୌରପାଳିକା

**୨୭. କୌଣସି ଦେଶର ବର୍ଷକ ମଧ୍ୟରେ ଉତ୍ପାଦିତ ହୋଇଥିବା ସମସ୍ତ ଦ୍ରବ୍ୟ ଓ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ବିଦେଶରୁ ଆସୁଥିବା ଆୟର ସମଷ୍ଟିକୁ କ'ଣ କୁହାଯାଏ ?**

(କ) ମୋଟ ଜାତୀୟ ଆୟ

(ଖ) ବାର୍ଷିକ ଆୟ

(ଗ) ମୁଣ୍ଡପିଛା ଆୟ

(ଘ) ମାସିକ ଆୟ

**୨୮. ସୀମାନ୍ତ ସଡ଼କ ସଂସ୍ଥା କେବେଠାରୁ ପ୍ରତିଷ୍ଠା କରାଯାଇଛି ?**

(କ) 1900 (ଖ) 1940

(ଗ) 1950 (ଘ) 1960

**୨୯. ସୀମାନ୍ତ ସଡ଼କ ସଂସ୍ଥା ଦ୍ୱାରା ନିର୍ମିତ କେଉଁ ରାସ୍ତା ପୃଥିବୀର ସର୍ବୋଚ୍ଚ ସଡ଼କ ଅଟେ ?**

(କ) ଦିଲ୍ଲୀରୁ ମିରଟ୍

(ଖ) ମୁମ୍ବାଇରୁ ପୁଣେ

(ଗ) ମାନାଲିରୁ ଲେହ

(ଘ) କାଶ୍ମୀରରୁ କନ୍ୟାକୁମାରୀ

**୩୦. ଆନ୍ତର୍ଜାତୀୟ ରାଜମାର୍ଗ କାହା ସହାୟତାରେ ନିର୍ମିତ ହୋଇଛି ?**

(କ) ରିଜର୍ଭ ବ୍ୟାଙ୍କ (ଖ) ବିଶ୍ୱ ବ୍ୟାଙ୍କ

(ଗ) ଷ୍ଟେଟ୍ ବ୍ୟାଙ୍କ (ଘ) ବରୋଦା ବ୍ୟାଙ୍କ

**୩୧. ଆନ୍ତର୍ଜାତୀୟ ରାଜମାର୍ଗ ଦ୍ୱାରା ଭାରତର ସଡ଼କ ନିମ୍ନଲିଖିତ କେଉଁ ଦେଶର ରାସ୍ତା ସହିତ ସଂଯୋଗ କରାଯାଇଅଛି ?**

(କ) ଭୁଟାନ (ଖ) ଶ୍ରୀଲଙ୍କା

(ଗ) ଆଫଗାନିସ୍ଥାନ (ଘ) ଚୀନ

**୩୨. ଭାରତର ରେଳପଥର ସ୍ଥାନ ପୃଥିବୀରେ କେତେ ?**

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

**୩୩. ରେଳପଥ ଦ୍ୱାରା କେତେ ଶତାଂଶ ଧାତବ ପଥର ପରିବହନ ହୋଇଥାଏ ?**

(କ) 50 (ଖ) 70

(ଗ) 80 (ଘ) 90

**୩୪. ଭାରତର ରେଳପଥକୁ କେତେଗୋଟି ଜୋନରେ ବିଭକ୍ତ କରାଯାଇଅଛି ?**

(କ) 16 (ଖ) 18

(ଗ) 20 (ଘ) 22

**୩୫. କେଉଁଟି ଭାରତର ଦୀର୍ଘତମ ରେଳପଥ ?**

(କ) ଡିବ୍ରୁଗଡ଼ରୁ କନ୍ୟାକୁମାରୀ

(ଖ) ମୁମ୍ବାଇରୁ ଦିଲ୍ଲୀ

(ଗ) ଚେନ୍ନାଇରୁ ମୁମ୍ବାଇ

(ଘ) ଗୋରଖପୁରରୁ ଗୌହାଟୀ

**୩୬. କେଉଁଟି ଭାରତର ଦୀର୍ଘତମ ରେଳଷ୍ଟେସନ ?**

(କ) ଦିଲ୍ଲୀ (ଖ) ମୁମ୍ବାଇ

(ଗ) ଗୋରଖପୁର (ଘ) କାନପୁର

**୩୭. ପୂର୍ବ ଉପକୂଳ ରେଳପଥର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?**

(କ) ବିଶାଖାପଟ୍ଟନମ୍ (ଖ) ଭୁବନେଶ୍ୱର

(ଗ) ଗୌହାଟୀ (ଘ) ଚେନ୍ନାଇ

**୩୮. ଆରବ ଓ ବଙ୍ଗୋପସାଗରକୁ ସଂଯୋଗ କରିବା ପାଇଁ କାହା ମଧ୍ୟ ଦେଇ ରାମସେତୁ ଯୋଜନା କରାଯାଇଅଛି ?**

(କ) କାଣ୍ଡଲା (ଖ) କୋୟାଲୀ

(ଗ) ମଲ୍ଲକାପ୍ରଣଳୀ (ଘ) ପକ୍‌ପ୍ରଣାଳୀ

**୩୯. ଭାରତ ତଟ ରେଖାରେ କେତୋଟି ପ୍ରଧାନ ବନ୍ଦର ଅଛି ?**

(କ) 10 (ଖ) 11

(ଗ) 12 (ଘ) 13

**୪୦. ଭାରତରେ କେଉଁ ଭାଷାରେ ସର୍ବାଧିକ ସମ୍ବାଦପତ୍ର ପ୍ରକାଶ ପାଏ ?**

(କ) ହିନ୍ଦୀ (ଖ) ମରାଠୀ

(ଗ) ଉର୍ଦ୍ଦୁ (ଘ) ଇଂରାଜୀ

**୪୧. ଚଳଚ୍ଚିତ୍ର ନିର୍ମାଣରେ ପୃଥିବୀରେ ଭାରତର ସ୍ଥାନ କେତେ ?**

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

**୪୨. ରପ୍ତାନୀ ଓ ଆମଦାନୀ ମଧ୍ୟରେ ଥିବା ବ୍ୟବଧାନକୁ କ'ଣ କହନ୍ତି ?**

(କ) ଅନ୍ତଃବାଣିଜ୍ୟ

(ଖ) ବର୍ହିବାଣିଜ୍ୟ

(ଗ) ବାଣିଜ୍ୟକ ଉଦ୍‌ବୃତ୍ତି

(ଘ) ରପ୍ତାନୀ

**୪୩. ଭାରତ କେଉଁ ସମୁଦ୍ରପଥ ଦେଇ ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ା ସହିତ ବାଣିଜ୍ୟ କାରବାର କରିଥାଏ ?**

(କ) ଉତ୍ତମାଶାଅନ୍ତରୀପ

(ଖ) ସିଙ୍ଗାପୁର

(ଗ) ସୁଏଜକେନାଲ

(ଘ) ମଲ୍ଲକାପ୍ରଣାଳୀ

**୪୪. ଭାରତ ମୂଳ ଭୂଖଣ୍ଡ ଉପକୂଳ ରେଖାର ଦୈର୍ଘ୍ୟ କେତେ ?**

(କ) 5516 କି.ମି. (ଖ) 6100 କି.ମି.

(ଗ) 7516 କି.ମି. (ଘ) 8000 କି.ମି.

୪୫. ଭାରତର ଦୀର୍ଘତମ ଜାତୀୟ ରାଜପଥ କେଉଁଟି ?

(କ) NH-16 (ଖ) NH-05

(ଗ) NH-44 (ଘ) NH-06

୪୬. ସ୍ୱର୍ଣ୍ଣଚତୁର୍ଭୁଜ ମହାରାଜ ମାର୍ଗର ଦୈର୍ଘ୍ୟ ପ୍ରାୟ କେତେ କି.ମି. ?

(କ) 4850 (ଖ) 5840

(ଗ) 7052 (ଘ) 8050

୪୭. ଆମ ଦେଶରେ ପ୍ରାୟ କେତୋଟି ଭାଷାରେ ଓ ଉପଭାଷାରେ ସମ୍ବାଦପତ୍ର ପ୍ରକାଶ ପାଇଥାଏ ?

(କ) 100 (ଖ) 101

(ଗ) 102 (ଘ) 103

୪୮. ପ୍ରଦତ୍ତ ଭାରତ ମାନଚିତ୍ରରେ **(i)** ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?

(କ) ଦିଲ୍ଲୀ (ଖ) ମୁମ୍ବାଇ

(ଗ) କୋଲକାତା (ଘ) ଚେନ୍ନାଇ

୪୯. ପ୍ରଦତ୍ତ ଭାରତ ମାନଚିତ୍ରରେ **(ii)** ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?

(କ) ହାଇଦ୍ରାବାଦ (ଖ) ବେଙ୍ଗାଲୁର

(ଗ) ଚେନ୍ନାଇ (ଘ) ଭୁବନେଶ୍ୱର

୫୦. ପ୍ରଦତ୍ତ ଭାରତ ମାନଚିତ୍ରରେ **(iii)** ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?

(କ) ଦିଲ୍ଲୀ (ଖ) ଜୟପୁର

(ଗ) ଅମୃତସର (ଘ) ଅହମଦାବାଦ



**୫୧. ପ୍ରଦତ୍ତ ଭାରତ ମାନଚିତ୍ରରେ (iv) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦର ଅଟେ ?**

(କ) ଚେନ୍ନାଇ (ଖ) କୋଚି

(ଗ) ହାଇଦ୍ରାବାଦ (ଘ) ବେଙ୍ଗାଲୁର

**୫୨. ପ୍ରଦତ୍ତ ଭାରତ ମାନଚିତ୍ରରେ (v) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦର ଅଟେ ?**

(କ) ଦିଲ୍ଲୀ (ଖ) ମୁମ୍ବାଇ

(ଗ) ଅହମଦାବାଦ (ଘ) ଜୟପୁର

**୫୩. ପ୍ରଦତ୍ତ ଭାରତ ମାନଚିତ୍ରରେ (vi) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?**

(କ) ଚେନ୍ନାଇ (ଖ) ନିଉମାଙ୍ଗାଲୋର

(ଗ) ତୁତିକୋରିନ (ଘ) କୋଚି

**୫୪. ପ୍ରଦତ୍ତ ଭାରତ ମାନଚିତ୍ରରେ (vii) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?**

(କ) ଚେନ୍ନାଇ (ଖ) ପାରାଦ୍ୱୀପ

(ଗ) କୋଚି (ଘ) ନିଉମାଙ୍ଗାଲୋର

**୫୫. ପ୍ରଦତ୍ତ ଭାରତ ମାନଚିତ୍ରରେ (viii) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?**

(କ) ଦିଲ୍ଲୀ (ଖ) ଅହମଦାବାଦ

(ଗ) ଭୁବନେଶ୍ୱର (ଘ) ଚଣ୍ଡୀଗଡ଼

**୫୬. ପ୍ରଦତ୍ତ ଭାରତ ମାନଚିତ୍ରରେ (ix) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?**

(କ) ପାରାଦ୍ୱୀପ (ଖ) ତୁତକୋରିନ

(ଗ) ବିଶାଖାପତ୍ତନମ୍ (ଘ) ହଳଦିଆ

**୫୭. ପ୍ରଦତ୍ତ ଭାରତ ମାନଚିତ୍ରରେ (x) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?**

(କ) ଶ୍ରୀନଗର (ଖ) ଚଣ୍ଡୀଗଡ଼

(ଗ) ଜୟପୁର (ଘ) ଦିଲ୍ଲୀ

**୫୮. ପ୍ରଦତ୍ତ ଭାରତ ମାନଚିତ୍ରରେ (xi) ଚିହ୍ନିତ ସ୍ଥାନଟି କେଉଁ ବିମାନ ବନ୍ଦରକୁ ଦର୍ଶାଉଛି ?**

(କ) ଭୁବନେଶ୍ୱର (ଖ) ଗୌହାଟୀ

(ଗ) ପାଟନା (ଘ) ଅମୃତସର

**୫୯. ପ୍ରଦତ୍ତ ଭାରତ ମାନଚିତ୍ରରେ (xii) ଚିହ୍ନିତ ସ୍ଥାନଟି କେଉଁ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଅଟେ ?**

(କ) ଦକ୍ଷିଣ (ଖ) ଉତ୍ତର

(ଗ) ପୂର୍ବକେନ୍ଦ୍ର (ଘ) ପୂର୍ବ

**୬୦. ପ୍ରଦତ୍ତ ଭାରତ ମାନଚିତ୍ରରେ (xiii) ଚିହ୍ନିତ ସ୍ଥାନଟି କେଉଁ ବନ୍ଦରକୁ ଦର୍ଶାଉଛି ?**

(କ) ମୁମ୍ବାଇ (ଖ) ଚେନ୍ନାଇ

(ଗ) କୋଚି (ଘ) କାଣ୍ଡଲା

# ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଗ) କୋଲକାତା ଓ ଅମୃତସର
୨. (କ) ଯୋଜିଲା
୩. (ଖ) ପାରାଦ୍ୱୀପ
୪. (ଘ) ମାଙ୍ଗାଲୋର
୫. (କ) କୋଲକାତା
୬. (ଗ) ଆନ୍ଧ୍ରପ୍ରଦେଶ - ତାମିଲନାଡୁ
୭. (ଖ) ଏୟାରଇଣ୍ଡିଆ
୮. (କ) ସୀମାନ୍ତ ସଡ଼କ
୯. (ଘ) କାଣ୍ଡଲା
୧୦. (ଗ) ଚେନ୍ନାଇ
୧୧. (ଖ) ଚେନ୍ନାଇ
୧୨. (କ) ପୂର୍ବ ରେଳପଥ ଓ ଦକ୍ଷିଣ ପୂର୍ବ ରେଳପଥ
୧୩. (ଗ) 1.67 ମିଟର
୧୪. (ଘ) ସୁଏଜ
୧୫. (କ) କୋଲକାତା
୧୬. (ଘ) କୋଲକାତା
୧୭. (ଖ) ହଳଦିଆ ଓ ବିଶାଖାପଟ୍ଟନମ୍
୧୮. (ଗ) ଉତ୍ତର ପୂର୍ବ
୧୯. (କ) ନାଭାସେଭା
୨୦. (ଘ) ବେସାମରିକ ବିମାନ ଚଳାଚଳ
୨୧. (ଗ) 5
୨୨. (କ) ମୋଗଲ
୨୩. (କ) NH-16
୨୪. (କ) ମହାରାଷ୍ଟ୍ର
୨୫. (ଖ) ଦ୍ୱିତୀୟ
୨୬. (ଗ) ଜିଲ୍ଲାପରିଷଦ
୨୭. (କ) ମୋଟ ଜାତୀୟ ଆୟ
୨୮. (ଘ) 1960
୨୯. (ଗ) ମାନାଲିରୁ ଲେହ
୩୦. (ଖ) ବିଶ୍ୱ ବ୍ୟାଙ୍କ
୩୧. (କ) ଭୁଟାନ
୩୨. (ଗ) ତୃତୀୟ
୩୩. (ଘ) 90
୩୪. (ଖ) 18
୩୫. (କ) ଦିବ୍ରୁଗଡ଼ରୁ କନ୍ୟାକୁମାରୀ
୩୬. (ଗ) ଗୋରଖପୁର
୩୭. (ଖ) ଭୁବନେଶ୍ୱର
୩୮. (ଘ) ପକ୍‌ପ୍ରଣାଳୀ
୩୯. (ଗ) 12
୪୦. (କ) ହିନ୍ଦୀ
୪୧. (କ) ପ୍ରଥମ
୪୨. (ଗ) ବାଣିଜ୍ୟକ ଉଦ୍‌ବୃତ୍ତି
୪୩. (ଖ) ସିଙ୍ଗାପୁର
୪୪. (ଖ) 6100 କି.ମି.
୪୫. (ଖ) NH-05
୪୬. (ଖ) 5840
୪୭. (କ) 100
୪୮. (ଗ) କୋଲକାତା
୪୯. (କ) ହାଇଦ୍ରାବାଦ
୫୦. (ଖ) ଜୟପୁର
୫୧. (ଘ) ବେଙ୍ଗାଲୁରୁ
୫୨. (ଗ) ଅହମଦାବାଦ
୫୩. (ଘ) କୋଚି
୫୪. (ଘ) ନିଉମାଙ୍ଗାଲୋର
୫୫. (ଖ) ଅହମଦାବାଦ
୫୬. (ଗ) ବିଶାଖାପଟ୍ଟନମ୍
୫୭. (କ) ଶ୍ରୀନଗର
୫୮. (ଖ) ଗୌହାଟୀ
୫୯. (ଗ) ପୂର୍ବକେନ୍ଦ୍ର
୬୦. (ଘ) କାଣ୍ଡଲା

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର ୧. ପରିବହନ ଦ୍ୱାରା ଆମର କି କି ଉପକାର ହେଉଛି ବର୍ଣ୍ଣନା କର।**

ଉତ୍ତର
- ପରିବହନ ବ୍ୟବସ୍ଥା ମନୁଷ୍ୟ ଶରୀରର ରକ୍ତ ସଞ୍ଚାଳନ ସହ ତୁଳନୀୟ। ପରିବହନ ଦ୍ୱାରା ଉତ୍ପାଦନ ଓ ଉପଭୋକ୍ତାମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପିତ ହୁଏ।
- ଜିନିଷପତ୍ର ନେବା ଆଣିବା ଆଜିର ଦ୍ରୁତ ପରିବହନ ବ୍ୟବସ୍ଥା ଦ୍ୱାରା ଅଧିକ ସୁବିଧାରେ ହୋଇପାରୁଛି।
- ପରିବହନ ବ୍ୟବସ୍ଥା ଦ୍ୱାରା ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହୋଇ ଭେଦଭାବ ଦୂର ଓ ଏକତାଭାବ ସୁଦୃଢ଼ ହେଉଛି।
- ରାସ୍ତାଘାଟର ଉନ୍ନତି ଫଳରେ ପାହାଡ଼, ପର୍ବତ, ଜଙ୍ଗଲ ଓ ଖଣିଖାଦାନରେ ଅବ୍ୟବହୃତ ହୋଇ ପଡ଼ିଥିବା ପ୍ରାକୃତିକ ସମ୍ପଦଗୁଡ଼ିକୁ ଉତ୍ପାଦନ କାର୍ଯ୍ୟରେ ଲଗାଯାଇପାରୁଛି।
- ପରିବହନ ବ୍ୟବସ୍ଥା ଦ୍ୱାରା ଶିଳ୍ପକ୍ଷେତ୍ରକୁ କଞ୍ଚାମାଲ ଜାଳେଣୀ ଓ ଯନ୍ତ୍ରପାତି ଯୋଗାଣ ହେଉଛି ଏବଂ ଉତ୍ପାଦିତ ଦ୍ରବ୍ୟକୁ ବଜାରରେ ପହଞ୍ଚାଇ ଦିଆଯାଇପାରୁଛି। ପରିବହନ ବ୍ୟବସ୍ଥା ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ଆପଦକାଳୀନ ପରିସ୍ଥିତିରେ ସଂଯୋଗ ସ୍ଥାପନ, ମାଲପରିବହନ ବଣ୍ଟନରେ ସାହାଯ୍ୟ କରେ।

**ପ୍ର ୨. ସଡ଼କ ପଥର ଉପକାରୀତା ସମ୍ପର୍କରେ ବର୍ଣ୍ଣନା କର।**

ଉତ୍ତର
- ସଡ଼କ ପଥ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ। ଭାରତର ସଡ଼କପଥ, ପୃଥିବୀର ବୃହତ୍ ପରିବହନ ସଂସ୍ଥା ମଧ୍ୟରୁ ଅନ୍ୟତମ।
- ସଡ଼କ ପଥ ଦ୍ୱାରା ଅଳ୍ପ ଓ ମଧ୍ୟମ ଦୂରତ୍ୱ ପାଇଁ ଯାତ୍ରୀ ଓ ଜିନିଷପତ୍ର ପରିବହନ ସୁବିଧାଜନକ।
- ସଡ଼କ ପରିବହନ ଦ୍ୱାରା ଘରକୁ ଘର ସେବା ଯୋଗାଇ ଦିଆଯାଇଥାଏ।
- କ୍ଷୟଶୀଳ ବା ଶୀଘ୍ର ପଚିସଢ଼ି ଯାଉଥିବା ଦ୍ରବ୍ୟ, ଯଥା - ପନିପରିବାଗୁଡ଼ିକ ଠାରୁ ଅଧିକ କାର୍ଯ୍ୟକ୍ଷମ।
- ଧାନ ଚଷ ପାଇଁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ତାମିଲନାଡୁ ଆଦି ରାଜ୍ୟ ପ୍ରାଧାନ୍ୟ ଲାଭ କରିଛନ୍ତି।

**ପ୍ର ୩. ଭାରତୀୟ ସୀମାନ୍ତ ସଡ଼କ ସମ୍ବନ୍ଧରେ ବର୍ଣ୍ଣନା କର।**

ଉତ୍ତର
- 1960 ମସିହା ପରଠାରୁ ସୀମାନ୍ତ ସଡ଼କ ସଂସ୍ଥା ପ୍ରତିଷ୍ଠା କରାଯାଇଛି।
- ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ରାସ୍ତା ନିର୍ମାଣ କରାଯାଇଛି।
- ସୀମାନ୍ତ ସଡ଼କ ମଧ୍ୟରେ ଏହି ସଂସ୍ଥା ଦ୍ୱାରା ନିର୍ମିତ ହିମାଚଳପ୍ରଦେଶର ମାନାଲିଠାରୁ ଲାଦାଖର ସଦର ମହକୁମା ଲେହ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପୃଥିବୀର ସର୍ବୋଚ୍ଚ ସଡ଼କ ପଥ।
- ଦେଶର ସୁରକ୍ଷା ଦୃଷ୍ଟିକୋଣରୁ ରାଜଧାନୀ ଦିଲ୍ଲୀରୁ ଚଣ୍ଡୀଗଡ଼କୁ ସଂଯୁକ୍ତ କରି ଭାରତ ଓ ଚୀନ୍ ସୀମାନ୍ତବର୍ତ୍ତୀ ସିପ୍‌କିଲ୍ଲା ଗିରିପଥ ଦେଇ ଶିମଳାର ଉତ୍ତର ପଟେ ଏହି ସଂସ୍ଥା ଏକ ରାଜମାର୍ଗ ନିର୍ମିତ କରିଛି।
- ଅତ୍ୟନ୍ତ ବିପଦ ସଙ୍କୁଳ ପାର୍ବତ୍ୟାଞ୍ଚଳ, ଘଞ୍ଚ ଅରଣ୍ୟ, ଅସହ୍ୟ ପ୍ରତିକୂଳ ପରିସ୍ଥିତିରେ ଅସ୍ୱାସ୍ଥ୍ୟକର ଅଞ୍ଚଳରେ ସୀମାନ୍ତ ସଡ଼କ ସଂସ୍ଥା ଏହିସବୁ ସୀମାନ୍ତ ସଡ଼କ ନିର୍ମାଣ କରିଛି।

**ପ୍ର ୪. ଭାରତରେ ପାଇପ୍ ଲାଇନ୍ ପରିବହନ ସମ୍ବନ୍ଧରେ ଉଲ୍ଲେଖ କର ।**

ଉତ୍ତର
- ଭାରତରେ ପାଇପ୍ ଲାଇନ୍ ଦ୍ୱାରା ଅଶୋଧିତ ଖଣିଜତୈଳ ପେଟ୍ରୋଲିୟମ୍ ଉତ୍ପାଦ, ଖଣିଜ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କ୍ଷେତ୍ର ବିଶୋଧନାଗାର ଏବଂ ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଉଛି ।
- ଏହା ବ୍ୟତୀତ କଠିନ ପଦାର୍ଥ, କୋଇଲା, ଖଣିଜପଦାର୍ଥ ପ୍ରଭୃତି ମଧ୍ୟ ପରିବହନ କରାଯାଉଅଛି । ଏହାଦ୍ୱାରା ଖର୍ଚ୍ଚ କମ୍ ପଡୁଛି । ରନ୍ଧନ ଗ୍ୟାସ୍ ମଧ୍ୟ ପାଇପ୍ ଲାଇନ୍ ଦ୍ୱାରା ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯାଉଛି ।
- ଆମ ଦେଶରେ ନହରକାଟିଆ - ନୁନାମାଟୀ - ବରାଉଣୀ ପାଇପ୍ ଲାଇନ୍, ସାଲଓ୍ୱା - କୋୟାଲି - ମଥୁରା ପାଇପ୍ ଲାଇନ୍, ଜାଜରା ଜଗଦୀଶପୁର ପାଇପ୍ ଲାଇନ୍, ମୁମ୍ବାଇ ହାଇ - ଆଙ୍କଲେଶ୍ୱର - କୋୟାଲି ପାଇପ୍ ଲାଇନ୍ କାଣ୍ଡଲା - ଭାଟିଣ୍ଡା ପାଇପ୍ ଲାଇନ୍, ବିଶାଖାପାଟଣା ଠାରୁ 'ବିଜୟଓ୍ୱାଡ଼ା' ପାଇପ୍ ଲାଇନ୍ ଆଦି ରହିଛି ।
- ଛତିଶଗଡ଼ରୁ ବଇଲାଡିଲା ଓ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ମଧ୍ୟରେ ଓ କର୍ଣ୍ଣାଟକର ଦରମୁଖରୁ ମାଙ୍ଗାଲୋର ବନ୍ଦରକୁ ଲୁହାପଥର ପରିବହନ ଏବଂ ରାଜସ୍ଥାନର ଉଦୟପୁର ପାଇପ ଲାଇନ୍ ସାହାଯ୍ୟରେ ଜିଙ୍କ୍ ଖଣିଜ ପଦାର୍ଥ ଓ ଜିଙ୍କ୍ ଉତ୍ପାଦ ପରିବହନ କରାଯାଉଅଛି ।

**ପ୍ର ୫. ଭାରତୀୟ ବାଣିଜ୍ୟ ପଥର ଏକ ବିବରଣୀ ଦିଅ ।**

ଉତ୍ତର
- ଭାରତରେ ବର୍ହିବାଣିଜ୍ୟ ଓ ଉପକୂଳବର୍ତ୍ତୀ ବାଣିଜ୍ୟ କାରବାର ସମୁଦ୍ର ପଥ ଦେଇ ହୋଇଥାଏ । ସାମୁଦ୍ରିକ ବାଣିଜ୍ୟ କାରବାର ମୁଖ୍ୟତଃ ଚାରିଗୋଟି ସମୁଦ୍ର ପଥ ଦେଇ ହୋଇଥାଏ ।
- ଇଉରୋପ ମହାଦେଶର ଦେଶଗୁଡ଼ିକ ସହ ଭାରତ ସୁଏଜ୍ କେନାଲ୍ ପଥଦେଇ ବାଣିଜ୍ୟ କାରବାର କରିଥାଏ ।
- ପଶ୍ଚିମ ଆଫ୍ରିକୀୟ ଦେଶ ଓ ଦକ୍ଷିଣ ଆମେରିକୀୟ ଦେଶ ସମୂହ ସହିତ ଉତ୍ତମାଶା ଅନ୍ତରୀପ ପଥ ଦେଇ ବାଣିଜ୍ୟ କାରବାର କରାଯାଇଥାଏ ।
- ସିଙ୍ଗାପୁର ସମୁଦ୍ରପଥ ଦେଇ ଭାରତ ଦକ୍ଷିଣ-ପୂର୍ବ ଏସିଆ ଜାପାନ ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ା ସହିତ ବାଣିଜ୍ୟ କାରବାର କରିଥାଏ ।
- ମଲ୍ଲକା ପ୍ରଣାଳୀ ପଥ ଦେଇ ଅଷ୍ଟ୍ରେଲିଆ ଓ ନିଉଜିଲ୍ୟାଣ୍ଡ ସହିତ ବାଣିଜ୍ୟ କାରବାର କରିଥାଏ ।

**ପ୍ର ୬. ଭାରତୀୟ ଆକାଶ ପଥରେ ବାୟୁସେବା ସମ୍ବନ୍ଧରେ ଉଲ୍ଲେଖ କର ।**

ଉତ୍ତର
- 1953 ମସିହାରେ ବେସାମରିକ ବାୟୁ ପରିବହନ ଜାତୀୟକରଣ କରାଯାଇ ଏୟାର ଇଣ୍ଡିଆ ଏବଂ ଇଣ୍ଡିଆନ୍ ଏୟାରଲାଇନ୍ସ ନାମରେ ଦୁଇଟି ନିଗମ ସ୍ଥାପିତ ହେଲା ।
- ବର୍ତ୍ତମାନ ଏହି ଦୁଇଟି ସଂସ୍ଥା ମିଳିତ ଭାବେ ଏୟାର ଇଣ୍ଡିଆ ଭାବେ କାର୍ଯ୍ୟ କରୁଛି ।
- ସାଧାରଣ ଯାତ୍ରୀ ଓ ମାଲ ସରବରାହ କାମ ବେସାମରିକ ବିମାନ ଚଳାଚଳ ନିଗମ ଦାୟିତ୍ୱରେ ଓ ଆନ୍ତର୍ଜାତୀୟ ବେସାମରିକ ବିମାନ ସେବା ଏୟାର ଇଣ୍ଡିଆ ଦ୍ୱାରା ନିର୍ବାହ ହୋଇଥାଏ ।
- ବର୍ତ୍ତମାନ ଭାରତର ଆକାଶ ପଥରେ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲା ଯାଇଥିବାରୁ ଅନେକ କମ୍ପାନୀ ଯଥା- ସାହାରା ଏୟାର ଲାଇନ୍ସ, ଡେକାନ୍ ଚାର୍ଟର, ବିସ୍ତାରା, ଏୟାର ଏସିଆ, ଜେଟ୍ ଏୟାର ଲାଇନ୍ସ, ଇଣ୍ଡିଗୋ, ଗୋ ଏୟାର ବ୍ୟବସାୟ ଆରମ୍ଭ କରିଛନ୍ତି ।
- ବେସାମରିକ ବିମାନ ସେବା କ୍ଷେତ୍ରରେ ଦୁଇ ପ୍ରକାର ବିମାନ ବନ୍ଦର କାର୍ଯ୍ୟ କରୁଛି । ଯଥା - ଆନ୍ତର୍ଜାତୀୟ ବିମାନ ବନ୍ଦର ଓ ଘରୋଇ ବିମାନ ବନ୍ଦର ।

**ପ୍ର ୭. ଭାରତରେ ଥିବା ରେଳପଥ ବିଷୟରେ ଆଲୋଚନା କର ।**

ଉତ୍ତର
- 1853 ମସିହାରେ ରେଳ ଚଳାଚଳର ଶୁଭାରମ୍ଭ ହୋଇଥିଲା । ଭାରତୀୟ ରେଳବାଇ 150 ବର୍ଷରୁ ଅଧିକ ସମୟ ଧରି ଦେଶର ରେଳସେବା ପ୍ରଦାନ କରି ଆସୁଅଛି ।
- ଭାରତୀୟ ରେଳପଥର ସ୍ଥାନ ଏସିଆ ମହାଦେଶରେ ଦ୍ୱିତୀୟ ଏବଂ ପୃଥିବୀରେ ତୃତୀୟ । ଏହାର ଦୈର୍ଘ୍ୟ ପ୍ରାୟ 67368 କି.ମି. । ଏଥି ମଧ୍ୟରୁ ପ୍ରାୟ 22224 କି.ମି. ବିଦ୍ୟୁତ୍ କରଣ ହୋଇଅଛି ।
- ଏହା ଭାରତର ବୃହତ୍ତମ ରାଷ୍ଟ୍ରାୟତ ସଂସ୍ଥା ଯେଉଁଥିରେ ସର୍ବାଧିକ କର୍ମଚାରୀ କାମ କରନ୍ତି । ପ୍ରାୟ 1800 ଟ୍ରେନ୍ ଦ୍ୱାରା ପ୍ରତିଦିନ ପ୍ରାୟ ଦୁଇକୋଟି ଯାତ୍ରୀ ଯାତାୟାତ କରିଥାନ୍ତି ।
- ରେଳପଥ ଦ୍ୱାରା ପ୍ରାୟ 100 ଶତାଂଶ ଲୁହାପଥର, ଲୁହା ଓ ଇସ୍ପାତ, ଖଣିଜତୈଳ, ମାଙ୍ଗାନିଜ୍, ସିମେଣ୍ଟ, ଧାତବ ପଥର ଓ ଖାଦ୍ୟଶସ୍ୟ ପରିବହନ ହୋଇଥାଏ ।

**ପ୍ର ୮. ଭାରତରେ ସମ୍ବାଦ ସରବରାହ ସଂସ୍ଥା କିପରି କାର୍ଯ୍ୟ କରୁଛି ଉଲ୍ଲେଖ କର ।**

ଉତ୍ତର
- ଆମ ଦେଶରେ ପ୍ରାୟ 100 ଟି ଭାଷାରେ ଓ ଉପଭାଷାରେ ସମ୍ବାଦପତ୍ର ପ୍ରକାଶ ପାଇଥାଏ । ହିନ୍ଦୀ ଭାଷାରେ ସବୁଠାରୁ ଅଧିକ ସଂଖ୍ୟାରେ ସମ୍ବାଦପତ୍ର ପ୍ରକାଶ ପାଏ ।
- ଭାରତରେ ଚାରୋଟି ସମ୍ବାଦ ସରବରାହ ସଂସ୍ଥା କାର୍ଯ୍ୟ କରୁଛି । ସେଗୁଡ଼ିକ ହେଲା ପ୍ରେସଟ୍ରଷ୍ଟ ଅଫ୍ ଇଣ୍ଡିଆ, ୟୁନାଇଟେଡ୍ ନିଉଜ୍ ଅଫ୍ ଇଣ୍ଡିଆ, ସମାଚାର ଭାରତୀ ଏବଂ ହିନ୍ଦୁସ୍ଥାନ ସମାଚାର ।
- ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଓ ୟୁନାଇଟେଡ୍ ନିଉଜ୍ ଅଫ ଇଣ୍ଡିଆ ଇଂରାଜୀ ଭାଷାରେ ଓ ସମାଚାର ଭାରତୀ ଏବଂ ହିନ୍ଦୁସ୍ଥାନ ସମାଚାର ହିନ୍ଦୀ ଭାଷାରେ ସମ୍ବାଦ ସରବରାହ କରିଥାନ୍ତି ।

**ପ୍ର ୯. ପାର୍ଥକ୍ୟ ଦର୍ଶାଅ**

**(i) ପରିବହନ ଓ ଯୋଗାଯୋଗ**

ଉତ୍ତର **ପରିବହନ :**
- ଯାତ୍ରୀ ବା ଜିନିଷପତ୍ରଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହନ କରିନେବା ପ୍ରକ୍ରିୟାକୁ ପରିବହନ କୁହାଯାଏ ।
- ପରିବହନ ତିନିଭାଗରେ ବିଭକ୍ତ ଯଥା - ସ୍ଥଳ ପରିବହନ, ଜଳ ପରିବହନ, ଆକାଶ ପରବହନ ।

**ଯୋଗାଯୋଗ :**
- ମନୁଷ୍ୟ ପରସ୍ପର ମଧ୍ୟରେ ବିଭିନ୍ନ ମାଧ୍ୟମରେ ସମ୍ପର୍କ ରକ୍ଷା କରିବାକୁ ଯୋଗାଯୋଗ କୁହାଯାଏ ।
- ଯୋଗାଯୋଗ ଦୁଇ ଭାଗରେ ବିଭକ୍ତ ଯଥା - ବ୍ୟକ୍ତିଗତ ଯୋଗାଯୋଗ ଓ ଗଣ ଯୋଗାଯୋଗ ।

**(ii) ରେଳପଥ ଓ ସଡ଼କ ପଥ :**

ଉତ୍ତର **ରେଳପଥ :**
- ରେଳପଥ ଦୂର ସ୍ଥାନକୁ ସ୍ଥଳ ପଥରେ ଯାତ୍ରୀ ଓ ମାଲ ପରିବହନର ଏକ ମୁଖ୍ୟ ମାଧ୍ୟମ
- ଭାରତୀୟ ରେଳପଥର ସ୍ଥାନ ଏସିଆ ମହାଦେଶରେ ଦ୍ୱିତୀୟ ଏବଂ ପୃଥିବୀରେ ତୃତୀୟ ।

**ସଡ଼କ ପଥ :**
- ସଡ଼କ ପଥ ସମଗ୍ର ପରିବହନ ବ୍ୟବସ୍ଥା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ଅଳ୍ପ ଓ ମଧ୍ୟମ ଦୂରତ୍ୱ ପାଇଁ ଯାତ୍ରୀ ଓ ଜିନିଷପତ୍ର ପରିବହନ ସୁବିଧାଜନକ ।
- ଭାରତର ସଡ଼କ ପଥ, ପୃଥିବୀର ବୃହତ୍ ପରିବହନ ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ । ସଡ଼କ ପଥ ପରିବହନ ବ୍ୟବସ୍ଥାରେ ଭାରତର ସ୍ଥାନ ପୃଥିବୀରେ ଦ୍ୱିତୀୟ ।

**(iii) ଆମଦାନୀ ଓ ରପ୍ତାନୀ :**

**ଉତ୍ତର ଆମଦାନୀ :**

- ଦେଶର ଆବଶ୍ୟକତା ପୂରଣ ପାଇଁ ଅନ୍ୟ ଦେଶରୁ ଆସୁଥିବା ବାଣିଜ୍ୟିକ ଦ୍ରବ୍ୟକୁ ଆମଦାନୀ କୁହାଯାଏ।
- ଭାରତକୁ ଆମଦାନୀ ହେଉଥିବା ପଣ୍ୟ ଦ୍ରବ୍ୟଗୁଡ଼ିକ ମଧ୍ୟରେ ପେଟ୍ରୋଲିୟମ, ପେଟ୍ରୋଲ ଜାତ ଦ୍ରବ୍ୟ, ମୁକ୍ତା ଏବଂ ମୂଲ୍ୟବାନ ଖଣିଜ ପଦାର୍ଥ, ସୁନା, ରୁପା, ରସାୟନ ପଦାର୍ଥ ଆଦି ପ୍ରଧାନ।

**ରପ୍ତାନୀ :**

- ଦେଶର ଆବଶ୍ୟକତା ବ୍ୟତୀତ ବଳକା ଦ୍ରବ୍ୟ ଓ ସେବାକୁ ଅନ୍ୟ ଦେଶକୁ ପଠାଯିବାକୁ ରପ୍ତାନୀ କୁହାଯାଏ।
- ଭାରତରୁ ରପ୍ତାନୀ ହେଉଥିବା ଦ୍ରବ୍ୟ ମଧ୍ୟରେ ଶିଳ୍ପଜାତ ଦ୍ରବ୍ୟ, କୃଷିଭିତ୍ତିକ ପ୍ରଣ୍ୟଦ୍ରବ୍ୟ କୁଟୀର ଶିଳ୍ପଜାତ ଖଣିଜ ପିଣ୍ଡ, ଇଞ୍ଜିନିୟରିଂ ଦ୍ରବ୍ୟ, ଶସ୍ୟ ଓ ମସଲା, ଚମଡ଼ାଜାତ ଦ୍ରବ୍ୟ, ଝୋଟଜାତ ଦ୍ରବ୍ୟ, ଧୂଆଁପତ୍ର ଓ କାଜୁବାଦାମ ଆଦି ପ୍ରଧାନ।

**(iv) ଅନ୍ତଃବାଣିଜ୍ୟ ଓ ବର୍ହିବାଣିଜ୍ୟ :**

**ଉତ୍ତର ଅନ୍ତଃବାଣିଜ୍ୟ :**

- କୌଣସି ଦେଶର ବିଭିନ୍ନ ଅଞ୍ଚଳ ମଧ୍ୟରେ ହେଉଥିବା ବାଣିଜ୍ୟକୁ ଅନ୍ତଃବାଣିଜ୍ୟ କୁହାଯାଏ।
- ଅନ୍ତଃବାଣିଜ୍ୟ ଦେଶରେ ପ୍ରଚଳିତ ମୁଦ୍ରା ମାଧ୍ୟମରେ ହୋଇଥାଏ।

**ବର୍ହିବାଣିଜ୍ୟ :**

- ଦେଶ ଦେଶ ମଧ୍ୟରେ ବାଣିଜ୍ୟ ବ୍ୟବସାୟକୁ ବର୍ହିବାଣିଜ୍ୟ କୁହାଯାଏ।
- ବର୍ହିବାଣିଜ୍ୟ ଗୋଟିଏ ଦେଶର, ମୁଦ୍ରା ସହ ଅନ୍ୟ ଦେଶର ପ୍ରଚଳିତ ମୁଦ୍ରାର ବିନିମୟ, ମୂଲ୍ୟରେ ଚୁକ୍ତି ହୁଏ।

**(v) ବ୍ରଡଗେଜ ଓ ମିଟରଗେଜ :**

ଉତ୍ତର **ବ୍ରଡଗେଜ୍ :** ଦୁଇ ରେଳ ଧାରଣା ମଧ୍ୟରେ ବ୍ୟବଧାନ 1.672 ମିଟର ଥିଲେ ତାହାକୁ ବ୍ରଡଗେଜ କୁହାଯାଏ।

**ମିଟରଗେଜ୍ :** ଦୁଇ ରେଳଧାରଣା ମଧ୍ୟରେ ବ୍ୟବଧାନ 1 ମିଟର ଥିଲେ ତାହାକୁ ମିଟରଗେଜ୍ କୁହାଯାଏ।

**(vi) ପୂର୍ବ ରେଳପଥ ଓ ଦକ୍ଷିଣ ରେଳପଥ :**

**ଉତ୍ତର ପୂର୍ବ ରେଳପଥ :**

- ପୂର୍ବ ରେଳପଥର ଦୈର୍ଘ୍ୟ 2914 କି.ମି.।
- ଏହାର ମୁଖ୍ୟ କାର୍ଯ୍ୟାଳୟ କୋଲକାତା ଠାରେ ଅବସ୍ଥିତ।

**ଦକ୍ଷିଣ ରେଳପଥ :**

- ଦକ୍ଷିଣ ରେଳପଥର ଦୈର୍ଘ୍ୟ 5098 କି.ମି.।
- ଏହାର ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇ ଠାରେ ଅବସ୍ଥିତ।

**(vii) ବକିଂହାମ କେନାଲ ଓ ବଦାରନିୟମ କେନାଲ :**

ଉତ୍ତର **ବକିଂହାମ କେନାଲ :** କୋମାନୁର କେନାଲ ଠାରୁ କୃଷ୍ଣା ନଦୀ ତ୍ରିକୋଣଭୂମିରେ ଅବସ୍ଥିତ । ମୀରାକାନମ ପର୍ଯ୍ୟନ୍ତ ବିସ୍ତୃତ ଅଂଶକୁ ବକିଂହାମ କେନାଲ କୁହାଯାଏ ।

**ବଦାରନିୟମ କେନାଲ :** ବଦାରନିୟମ କେନାଲ ନାଗାପଟ୍ଟିନମ ବନ୍ଦରକୁ ବଦାର ନିୟମ ସହିତ ସଂଯୋଗ କରେ ।

**ପ୍ର ୧୦. କାରଣ ଦର୍ଶାଅ :**

**(i) ପରିବହନ ବ୍ୟବସ୍ଥାକୁ ଦେଶର ଜୀବନରେଖା କୁହାଯାଏ ?**

ଉତ୍ତର
- ପରିବହନ ବ୍ୟବସ୍ଥା ଦ୍ୱାରା ପାହାଡ଼ ଜଙ୍ଗଲ ଓ ଖଣିଖାଦାନରେ ଅବ୍ୟବହୃତ ହୋଇ ପଡ଼ିଥିବା ପ୍ରାକୃତିକ ସମ୍ବଳଗୁଡ଼ିକୁ ଉତ୍ପାଦନ କାର୍ଯ୍ୟରେ ଲଗା ଯାଇପାରୁଛି ।
- ଏହା ଦ୍ୱାରା ଶିଳ୍ପ କ୍ଷେତ୍ରକୁ କଞ୍ଚାମାଲ, ଜାଳେଣି ଓ ଯନ୍ତ୍ରପାତି ଯୋଗାଇ ହେଉଛି । ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ବଜାରରେ ପହଞ୍ଚାଇ ଦିଆଯାଉଛି । ତତ୍‌ସହିତ ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ଆପଦକାଳୀନ ପରିସ୍ଥିତିରେ ସଂଯୋଗ ସ୍ଥାପନ, ମାଲପରିବହନ ଓ ବଣ୍ଟନ କରାଯାଇପାରୁଛି ।
- ରକ୍ତ ସଞ୍ଚାଳନ ମନୁଷ୍ୟ ଜୀବନ ପାଇଁ ଯେପରି ଗୁରୁତ୍ୱପୂର୍ଣ୍ଣ ଦେଶର ଅର୍ଥନୀତି ସୁପରିଚାଳନା ପାଇଁ ପରିବହନ ବ୍ୟବସ୍ଥା ସେହିପରି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାକୁ ଦେଶର ଜୀବନରେଖା କୁହାଯାଏ ।

**(ii) ଅଗମ୍ୟ ଅଞ୍ଚଳରେ ବାୟୁ ପରିବହନ ଗୁରୁତ୍ୱପୂର୍ଣ୍ଣ ।**

ଉତ୍ତର
- ଅଗମ୍ୟ, ଦୂରଦୂରାନ୍ତର ଏବଂ ବିପଦଶଙ୍କୁଳ ସ୍ଥାନମାନଙ୍କୁ ସ୍ଥଳ ପରିବହନର ସୁବିଧା ନ ଥିବାରୁ, ସେଠାରେ ପହଞ୍ଚିବା କଷ୍ଟକର ହୋଇପଡୁଛି ।
- ଏହି ସବୁ ସ୍ଥାନମାନଙ୍କୁ ଆକାଶ ପଥରେ ପହଞ୍ଚିବା ସୁବିଧାଜନକ । ସେଥିପାଇଁ ଏହିସବୁ ଅଞ୍ଚଳ ପାଇଁ ବାୟୁ ପରିବହନ ଗୁରୁତ୍ୱପୂର୍ଣ୍ଣ ।

**(iii) ସଡ଼କ ପଥ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ।**

ଉତ୍ତର
- ସଡ଼କ ପଥ ଦ୍ୱାରା ଅଳ୍ପ ଓ ମଧ୍ୟମ ଦୂରତ୍ୱ ପାଇଁ ଯାତ୍ରୀ ଓ ଜିନିଷପତ୍ର ପରିବହନ ସୁବିଧାଜନକ ।
- ସଡ଼କ ପରିବହନ ଦ୍ୱାରା ଘରକୁ ଘର ସେବା ଯୋଗାଇ ଦିଆଯାଇପାରେ । କ୍ଷୟଶୀଳ ବା ଶୀଘ୍ର ପଚିସଢ଼ି ଯାଉଥିବା ଦ୍ରବ୍ୟର ପରିବହନ ସଡ଼କ ପଥରେ କରାଯିବା ଅନ୍ୟ ମାଧ୍ୟମଗୁଡ଼ିକ ଠାରୁ ଅଧିକ କାର୍ଯ୍ୟକ୍ଷମ ।
- ସେଥିପାଇଁ ସଡ଼କ ପଥ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ।

**(iv) ପୃଥିବୀ ସଙ୍କୁଚିତ ହେବାରେ ଲାଗିଛି ।**

ଉତ୍ତର
- ବର୍ତ୍ତମାନ ଆମେ ଟେଲିଫୋନ୍, ଟେଲିକମ୍ (ମୋବାଇଲ ଇଣ୍ଟରନେଟ୍), ଟେଲିଭିଜନ୍, ରେଡ଼ିଓ ଇତ୍ୟାଦି ମାଧ୍ୟମରେ ପୃଥିବୀର ଯେ କୌଣସି ସ୍ଥାନରେ ଘଟୁଥିବା ଘଟଣାବଳୀର ସୂଚନା ମୁହୂର୍ତ୍ତକ ମଧ୍ୟରେ ପାଇପାରୁଛେ ।
- ପରିବହନ ଓ ଯୋଗାଯୋଗର ଉନ୍ନତି ଯୋଗୁଁ ଆଜି ଏ ଦୂରତ୍ୱ ହ୍ରାସ ପାଇଛି ।
- ସେଥିପାଇଁ କୁହାଯାଇଛି ପୃଥିବୀ ସଙ୍କୁଚିତ ହେବାରେ ଲାଗିଛି ।

**(v) ପାଇପ୍‌ଲାଇନ୍ ଦ୍ୱାରା ପେଟ୍ରୋଲିୟମ୍ ପରିବହନ ସୁବିଧାଜନକ।**

ଉତ୍ତର
- ପାଇପ୍ ଲାଇନ୍ ଦ୍ୱାରା ତରଳ ଓ ବାଷ୍ପୀୟ ପଦାର୍ଥ ପରିବହନ ସମ୍ଭବ। ସାଧାରଣତଃ ପାଇପ୍ ଲାଇନ୍ ଦ୍ୱାରା ସହର ଓ ଶିଳ୍ପକେନ୍ଦ୍ରଗୁଡ଼ିକୁ ଜଳଯୋଗାଣ କରିଥାଏ।
- ମାତ୍ର ଏବେ ପାଇପ୍ ଲାଇନ୍ ଦ୍ୱାରା ଅଶୋଧିତ ଖଣିଜତୈଳ, ପେଟ୍ରୋଲିୟମ୍ ଉତ୍ପାଦ, ଖଣିଜତୈଳ ଓ ପ୍ରାକୃତିକ ଗ୍ୟାସ୍, ଉତ୍ପାଦନ କ୍ଷେତ୍ର ବିଶୋଧନାଗାର ଏବଂ ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଉଛି।

**(vi) ମୁମ୍ବାଇକୁ ଭାରତର ପ୍ରବେଶ ଦ୍ୱାର କୁହାଯାଏ।**

ଉତ୍ତର
- ମୁମ୍ବାଇ ବନ୍ଦର ଦେଇ ସବୁଠାରୁ ଅଧିକ ଯାତ୍ରୀ ଓ ପଣ୍ୟଦ୍ରବ୍ୟ ଆମ ଦେଶକୁ ଯିବା ଆସିବା ହୋଇଥାଏ।
- ସେଥିପାଇଁ ମୁମ୍ବାଇକୁ ଭାରତର ପ୍ରବେଶ ଦ୍ୱାର କୁହାଯାଏ।

**ପ୍ର ୧୧. ସଂକ୍ଷିପ୍ତ ଟିପ୍ପଣୀ ଲେଖ :**

**(i) ଗ୍ରାଣ୍ଡଟ୍ରଙ୍କ ରୋଡ :**

ଉତ୍ତର
- ଗ୍ରାଣ୍ଡଟ୍ରଙ୍କ ରୋଡ଼ ଶେରଶାହାଙ୍କ ଅମଳରେ ନିର୍ମାଣ କରାଯାଇଥିଲା।
- ଏହି ସଡ଼କ ପୂର୍ବରେ କୋଲକାତାଠାରୁ ଗାଙ୍ଗେୟ ସମତଳ ମଧ୍ୟ ଦେଇ ପଶ୍ଚିମରେ ପେଶୱାର (ଅଧୁନା ପାକିସ୍ତାନ) ପର୍ଯ୍ୟନ୍ତ ଯାଇଛି।
- ଏହା ଦେଶର ସର୍ବପୁରାତନ ଜାତୀୟ ରାଜପଥ।

**(ii) ଆନ୍ତର୍ଜାତୀୟ ରାଜମାର୍ଗ :**

ଉତ୍ତର
- ଦେଶରେ ଦ୍ରୁତଗାମୀ ଜାନବାହନର ସଂଖ୍ୟାବୃଦ୍ଧି ଏବଂ ଯାତ୍ରୀ ଓ ମାଲ ସରବରାହକୁ ଆଖି ଆଗରେ ରଖି ଆନ୍ତର୍ଜାତୀୟ ରାଜମାର୍ଗ ନିର୍ମାଣ କରାଯାଇଅଛି।
- ଏହା ବିଶ୍ୱ ବ୍ୟାଙ୍କର ସହାୟତାରେ ନିର୍ମାଣ କରାଯାଇଛି।
- ଏହା ଦ୍ୱାରା ଭାରତର ସଡ଼କଗୁଡ଼ିକ ପଡ଼ୋଶୀ ଦେଶ ଯଥା - ପାକିସ୍ତାନ, ନେପାଳ, ଭୂଟାନ, ବଙ୍ଗଳାଦେଶ ଓ ମିଆଁମାରର ରାସ୍ତା ସହିତ ସଂଯୋଗ କରାଯାଇପାରିଛି।

**(iii) ଜାତୀୟ ରାଜପଥ :**

ଉତ୍ତର
- ଜାତୀୟ ରାଜପଥଗୁଡ଼ିକ ରାଜ୍ୟଗୁଡ଼ିକର ରାଜଧାନୀ, ପ୍ରଧାନ ସହର ଶିଳ୍ପ ଓ ଖଣି ଅଞ୍ଚଳ ଏବଂ ବନ୍ଦରଗୁଡ଼ିକୁ ସଂଯୋଗ କରିଥାଏ।
- ଏହି ସଡ଼କ ପଥର ନିର୍ମାଣ ଓ ରକ୍ଷଣାବେକ୍ଷଣ କେନ୍ଦ୍ର ସରକାରଙ୍କର କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗ ଉପରେ ନ୍ୟସ୍ତ ଥାଏ।
- ଆମ ଦେଶରେ ପ୍ରାୟ ଏକ ଲକ୍ଷ ବୟାଳିଶ ହଜାର କି.ମି. ଦୈର୍ଘ୍ୟର ଜାତୀୟ ରାଜପଥ ଅଛି।

**(iv) ସ୍ୱର୍ଣ୍ଣ ଚତୁର୍ଭୁଜ ମହରାଜ ମାର୍ଗ :**

**ଉତ୍ତର**
- ସ୍ୱର୍ଣ୍ଣ ଚତୁର୍ଭୁଜ ମହାରାଜ ମାର୍ଗ ଦ୍ୱାରା ଦିଲ୍ଲୀ, କୋଲକାତା, ଚେନ୍ନାଇ ଓ ମୁମ୍ବାଇ ସହରଗୁଡ଼ିକୁ ପରସ୍ପର ସହିତ ସଂଯୁକ୍ତ କରାଯାଇଛି ।
- ଏହାର ଦୈର୍ଘ୍ୟ 5840 କିଲୋମିଟର ରହିଛି ।
- ଏହି ସ୍ୱର୍ଣ୍ଣ ଚତୁର୍ଭୁଜ ମହାରାଜ ମାର୍ଗ ଦ୍ୱାରା ଦେଶର ଦିଲ୍ଲୀ-କୋଲକାତା, ଚେନ୍ନାଇ - ମୁମ୍ବାଇର ଗମନାଗମନ ଓ ପରିବହନ ପାଇଁ ସମୟ ଓ ଦୂରତା ହ୍ରାସ ପାଇଛି ।

**(v) ତ୍ୱରିତ ରାଜମାର୍ଗ :**

**ଉତ୍ତର**
- ବହୁଦୂର ପର୍ଯ୍ୟନ୍ତ 6 ଲେନ୍ ବିଶିଷ୍ଟ ରାସ୍ତା ନିର୍ମାରକୁ ତ୍ୱରିତ ରାଜମାର୍ଗ କୁହାଯାଏ ।
- ଭାରତରେ ନିର୍ମିତ ତ୍ୱରିତ ରାଜମାର୍ଗର ଦୈର୍ଘ୍ୟ ପ୍ରାୟ 1583.4 କି.ମି. ।
- ମୁଖ୍ୟତଃ ସେଗୁଡ଼ିକ ହେଲା ଆଗ୍ରା-ଲକ୍ଷ୍ନୌ, ଦିଲ୍ଲୀ-ମିରଟ, ମୁମ୍ବାଇ-ପୁଣେ, କୋଲକାତା-ଦମ୍‌ଦମ୍, ଚଣ୍ଡୀଖୋଲ-ସୁକିନ୍ଦା, ଦିଲ୍ଲୀ-ଆଗ୍ରା ତ୍ୱରିତ ରାଜମାର୍ଗ ।

**(vi) ପରିବହନ :**

**ଉତ୍ତର** ସାମାଜିକ ସମ୍ବଳ ବୃଦ୍ଧି, ତ୍ୱରାନ୍ୱିତ ଆର୍ଥିକ ପ୍ରଗତି ତଥା ଆଞ୍ଚଳିକ ସଂହତି ରକ୍ଷା ପାଇଁ ପରିବହନ ଏକାନ୍ତ ଆବଶ୍ୟକ । ଯାତ୍ରୀ ବା ଜିନିଷପତ୍ରଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହନ କରି ନେବା ପ୍ରକ୍ରିୟାକୁ ପରିବହନ କୁହାଯାଏ । ଅତୀତରେ ମନୁଷ୍ୟ ପରିବହନ କାର୍ଯ୍ୟ ନିଜ ହାତରେ, ପଶୁମାନଙ୍କ ସାହାଯ୍ୟରେ ବଦଳଗାଡ଼ିମାନଙ୍କରେ ପରିବହନ କରୁଥିଲା । କିନ୍ତୁ ଏବେ ପରିବହନ ଯାନ୍ତ୍ରିକ ଶକ୍ତି ଉପରେ ନିର୍ଭରଶୀଳ ।

**(vii) ଯୋଗାଯୋଗ :**

**ଉତ୍ତର** ଗଣଯୋଗାଯୋଗ ଜନସାଧାରଣଙ୍କୁ ଦେଶର ବିଭିନ୍ନ ନୀତି ଓ ଯୋଜନା ସମ୍ବନ୍ଧରେ ଅବଗତ କରାଇବା ଦିଗରେ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସମ୍ବାଦ ପରିବେଷଣ ସହ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥାଏ । ରେଡ଼ିଓ, ଟିଭି, ସମ୍ବାଦପତ୍ର, ମାଗାଜିନ୍, ବହି ଏବଂ ଫିଲ୍ମ ଗଣଯୋଗାଯୋଗର ପ୍ରଧାନ ମାଧ୍ୟମ ।

**(viii) ଦୂରଦର୍ଶନ :**

**ଉତ୍ତର** ଏହା ପୃଥିବୀର ଏକ ବୃହତ୍ ଗଣମାଧ୍ୟମ ସଂସ୍ଥା । ଏହା ଦୃଶ୍ୟମାନ ମାଧ୍ୟମ ହୋଇଥିବାରୁ ଲୋକମାନଙ୍କ ମଧ୍ୟରେ ବହୁତ ପ୍ରଭାବ ପକାଇଥାଏ । ଦେଶର ଶତକଡ଼ା ପ୍ରାୟ 90 ଭାଗ ଜନସାଧାରଣଙ୍କ ନିକଟରେ ଦୂରଦର୍ଶନ ସେବା ଉପଲବ୍ଧ ହେଉଅଛି ।

**(ix) ରେଳବାଇ ବୋର୍ଡ :**

**ଉତ୍ତର** ସ୍ୱାଧୀନତା ପରେ ରେଳ ବିଭାଗକୁ ଜାତୀୟକରଣ କରାଯାଇ ଏହାର ପରିଚାଳନା ଦାୟିତ୍ୱ ରେଳବାଇ ବୋର୍ଡ ଉପରେ ନ୍ୟସ୍ତ କରାଯାଇଛି । ପରିଚାଳନା ସୁବିଧା ପାଇ ଦେଶର ସମସ୍ତ ରେଳପଥକୁ ଅଠରଗୋଟି ମଣ୍ଡଳରେ ବିଭକ୍ତ କରାଯାଇଛି । 2019 ମସିହାରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଠାରେ 18 ତମ ରେଳପଥମଣ୍ଡଳ ସ୍ଥାପନ ପାଇଁ ଘୋଷଣା କରାଯାଇଛି ।

**(x) ଗ୍ରାମ୍ୟସଡ଼କ :**

**ଉତ୍ତର** ଗ୍ରାମ୍ୟ ସଡ଼କଗୁଡ଼ିକ ନିକଟବର୍ତ୍ତୀ ସହର ଓ ବଜାରଗୁଡ଼ିକୁ ସଂଯୋଗ କରିଥାଏ । ଏହାକୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି । ଏହି ସଡ଼କ ନିର୍ମାଣ ଅଧୀନରେ 5000 ଜନସଂଖ୍ୟା ବିଶିଷ୍ଟ ଗ୍ରାମଗୁଡ଼ିକୁ ତା'ର ପ୍ରଧାନ ସହର ସହିତ କଂକ୍ରିଟ ରାସ୍ତା ଦ୍ୱାରା ସଂଯୁକ୍ତ କରାଯାଇଛି ।

**(xi) ବାଣିଜ୍ୟ :**

**ଉତ୍ତର** ବ୍ୟବସାୟୀମାନଙ୍କର କିଣାବିକା କରୁଥିବା କାର୍ଯ୍ୟକୁ ବାଣିଜ୍ୟ କୁହାଯାଏ । ବାଣିଜ୍ୟ ଏକ ମଧ୍ୟସ୍ଥ କାର୍ଯ୍ୟ । ବାଣିଜ୍ୟ କାରବାର ଦେଶର ଭୌଗୋଳିକ ସୀମା ମଧ୍ୟରେ ଓ ଦେଶ ଦେଶ ମଧ୍ୟରେ ହୋଇଥାଏ । ରପ୍ତାନି ଓ ଆମଦାନି ଆନ୍ତର୍ଜାତୀୟ ବାଣିଜ୍ୟର ପ୍ରଧାନ ଉପାଦାନ ।

**ପ୍ର ୧୨. ସଂକ୍ଷେପରେ ଉତ୍ତର ଦିଅ ।**

**(i) ଆଧାରିକ ସଂରଚନା କାହାକୁ କୁହାଯାଏ ? ଚାରିଗୋଟି ଉତ୍ତମ ଆଧାରିକ ସଂରଚନାର ଉଦାହରଣ ଦିଅ ।**

**ଉତ୍ତର** ଦେଶର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହେଉଥିବା ସମସ୍ତ ସମ୍ବଳକୁ "ଆଧାରିକ ସଂରଚନା' କୁହାଯାଏ । ଉତ୍ତମ ଆଧାରିକ ସଂରଚନାଗୁଡ଼ିକ ହେଲା ରେଳପଥ, ସଡ଼କପଥ, ବନ୍ଦର, ବିମାନ ଚଳାଚଳ, ପରିବହନ ଇତ୍ୟାଦି ।

**(ii) ଭାରତର ବିଭିନ୍ନ ଶ୍ରେଣୀର ସଡ଼କ ପଥର ନାମ ଲେଖ ।**

**ଉତ୍ତର** ଭାରତରେ ଛଅଗୋଟି ଶ୍ରେଣୀର ସଡ଼କ ପଥ ରହିଅଛି । ସେଗୁଡ଼ିକ ହେଲା (କ) ଜାତୀୟ ରାଜପଥ, (ଖ) ରାଜ୍ୟ ରାଜପଥ, (ଗ) ମୁଖ୍ୟ ଜିଲ୍ଲା ସଡ଼କ, (ଘ) ଗ୍ରାମ୍ୟ ସଡ଼କ ପଥ, (ଙ) ସୀମାନ୍ତ ସଡ଼କ ପଥ ଓ (ଚ) ସ୍ୱର୍ଣ୍ଣ ଚତୁର୍ଭୁଜ ମାର୍ଗ ।

**(iii) ଭାରତୀୟ ରେଳପଥରେ ଚଳାଚଳ କରୁଥିବା ଦ୍ରୁତଗାମୀ ଟ୍ରେନର ନାମ ଲେଖ ।**

**ଉତ୍ତର** ଭାରତୀୟ ରେଳପଥର ମୁଖ୍ୟ ଟ୍ରେନଗୁଡ଼ିକ ହେଲା - (କ) ରାଜଧାନୀ ଏକ୍ସପ୍ରେସ୍, (ଖ) ହମସଫର ଏକ୍ସପ୍ରେସ୍, (ଗ) ବନ୍ଦେ ଭାରତ ଟ୍ରେନ୍, (ଘ) ଗତି ମାନ ଟ୍ରେନ୍, (ଙ) ସଂପର୍କକ୍ରାନ୍ତୀ ଏକ୍ସପ୍ରେସ୍ ଏବଂ (ଚ) ଡବଲଡେକର ଏକ୍ସପ୍ରେସ୍, (ଛ) ତେଜସ ଟ୍ରେନ୍, ଅନ୍ତୋଦୟ ଟ୍ରେନ୍ ଓ ଯୁଦ୍ଧ ଟ୍ରେନ୍ ଇତ୍ୟାଦି ।

**(iv) ଆନ୍ତର୍ଜାତୀୟ ରାଜମାର୍ଗ କିପରି କାର୍ଯ୍ୟ କରୁଛି ?**

**ଉତ୍ତର**
- ଆନ୍ତର୍ଜାତୀୟ ରାଜମାର୍ଗ ଦ୍ୱାରା ଭାରତର ସଡ଼କଗୁଡ଼ିକୁ ପଡ଼ୋଶୀ ଦେଶର ରାସ୍ତା ସହିତ ସଂଯୋଗ କରାଯାଇ ପାରିଛି ।
- ଏହି ସଡ଼କ ଦ୍ୱାରା ସଂଯୋଗ କରାଯାଇଥିବା ଦେଶଗୁଡ଼କ ହେଉଛି, ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ, ମିଆଁମାର ଓ ଭୁଟାନ ।

**(v) ଭାରତରେ କେଉଁ ଭାଷାମାନଙ୍କରେ ସମ୍ବାଦ ପତ୍ର ପ୍ରକାଶ ପାଇଥାଏ ?**

**ଉତ୍ତର** ଆମ ଦେଶରେ ପ୍ରାୟ 100 ଗୋଟି ଭାଷା ଓ ଉପଭାଷାରେ ସମ୍ବାଦପତ୍ର ପ୍ରକାଶ ପାଇଥାଏ । ହିନ୍ଦୀ ଭାଷାରେ ସବୁଠାରୁ ଅଧିକ ସଂଖ୍ୟାରେ ସମ୍ବାଦପତ୍ର ପ୍ରକାଶ ପାଏ । ଏହା ପଛକୁ ଇଂରାଜୀ ଏବଂ ଉର୍ଦ୍ଦୁଭାଷାର ସ୍ଥାନ ରହିଛି ।

**(vi) ଭାରତର ଘରୋଇ ବିମାନ ବନ୍ଦର ସମ୍ବନ୍ଧରେ ବିମାନ ରହିଛି ।**

**ଉତ୍ତର**
- ଦେଶରେ ସମୁଦାୟ 63 ଟି ଘରୋଇ ବିମାନ ରହିଛି ।
- ଏଗୁଡ଼ିକର ପରିଚାଳନା ଦାୟିତ୍ୱ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ସଂସ୍ଥା ଉପରେ ନ୍ୟସ୍ତ ।
- ଏହି ବିମାନଗୁଡ଼ିକୁ ବେସାମରିକ ବିମାନ ସେବା କୁହାଯାଏ ।

---x---

# ଅର୍ଥନୀତି

## ପ୍ରଥମ ଅଧ୍ୟାୟ

# ଆର୍ଥନୀତିକ ବିକାଶ

### ବହୁବିକଳ୍ପ ପ୍ରଶ୍ନ

**୧. କେଉଁ ଅର୍ଥ ବ୍ୟବସ୍ଥାରେ ଲାଭ ପାଇବାର ଲକ୍ଷ୍ୟ ରଖି କାର୍ଯ୍ୟ କରାଯାଇଥାଏ ।**

(କ) ସମାଜବାଦୀ (ଖ) ଉଦାରବାଦୀ

(ଗ) ମିଶ୍ର (ଘ) ପୁଞ୍ଜିବାଦୀ

**୨. ନୂତନ ଆର୍ଥିକ ନୀତି ଭାରତରେ କେବେ ହେଲା ?**

(କ) 1980 (ଖ) 1985

(ଗ) 1990 (ଘ) 1991

**୩. ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ ପାଇଁ କୃଷକମାନଙ୍କୁ କେଉଁ ସ୍ତରରେ ତାଲିମ୍ ଦେବାର ବ୍ୟବସ୍ଥା ରହିଛି ?**

(କ) ଗ୍ରାମ ପଞ୍ଚାୟତ (ଖ) ରାଜ୍ୟ

(ଗ) ବ୍ଲକ୍ (ଘ) ଜିଲ୍ଲା

**୪. ନିମ୍ନଲିଖିତ ମଧ୍ୟରୁ କେଉଁଟି ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଏକ ଉତ୍ପାଦନକାରୀ ବ୍ୟବସ୍ଥା :**

(କ) ବଜାଜ୍ (ଖ) ଟାଟା

(ଗ) ରେଳବିଭାଗ (ଘ) ରିଲାଏନ୍ସ

**୫. କେଉଁଠାରେ ବିଶ୍ୱ ବାଣିଜ୍ୟ ସଙ୍ଗଠନର ମୁଖ୍ୟ କାର୍ଯ୍ୟାଳୟ ରହିଛି ?**

(କ) ଲଣ୍ଡନ (ଖ) ଜେନିଭା

(ଗ) ବେଜିଂ (ଘ) ପ୍ୟାରିସ୍

**୬. କେଉଁ ମସିହା ପରଠାରୁ ଭାରତରେ ଦ୍ରୁତ ଶିଳ୍ପାୟନ ପାଇଁ ଶିଳ୍ପନୀତି କାର୍ଯ୍ୟକାରୀ କରାଯାଇଅଛି ?**

(କ) 1948 (ଖ) 1950

(ଗ) 1956 (ଘ) 1960

**୭. କେଉଁ କ୍ଷେତ୍ରରେ ନୂତନ ଅର୍ଥନୀତି ଦେଶ ପାଇଁ ଆଶାନୁରୂପ ଭାବେ ସହାୟକ ହୋଇ ପାରିନାହିଁ ?**

(କ) ନିଯୋଜନ (ଖ) ଶିଳ୍ପ

(ଗ) ବାଣିଜ୍ୟ (ଘ) କୃଷି

**୮. ନିମ୍ନଲିଖିତ ମଧ୍ୟରୁ କେଉଁଟି ବିକଶିତ ଦେଶଗୁଡ଼ିକରେ ନିୟନ୍ତ୍ରିତ ଅବସ୍ଥାରେ ରହିଥାଏ ?**

(କ) ମୁଣ୍ଡପିଛା ଆୟ (ଖ) ଜନସଂଖ୍ୟା

(ଗ) ଜାତୀୟ ଆୟ (ଘ) ଶିଳ୍ପ ଅଭିବୃଦ୍ଧି

**୯. ସ୍ୱାଧୀନତା ପରଠାରୁ ଭାରତ କେଉଁ ଅର୍ଥନୀତି ବ୍ୟବସ୍ଥାକୁ ଅନୁସରଣ କରିଥିଲା ?**

(କ) ପୁଞ୍ଜିବାଦୀ (ଖ) ସମାଜବାଦୀ

(ଗ) ମିଶ୍ର (ଘ) ଉଦାରବାଦୀ

**୧୦. ଜଗତୀକରଣ ବ୍ୟବସ୍ଥାକୁ କେଉଁ ପ୍ରକାରର ଅର୍ଥନୀତି କୁହାଯାଏ ?**

(କ) ବଜାର ଭିତ୍ତିକ (ଖ) ସମାଜବାଦୀ

(ଗ) ମିଶ୍ର ଅର୍ଥବ୍ୟବସ୍ଥା (ଘ) ପୁଞ୍ଜିବାଦୀ

**୧୧. ଜାତୀୟ ଆୟକୁ ଦେଶର ମୋଟ ଜନସଂଖ୍ୟା ଦ୍ୱାରା ଭାଗକଲେ ଦେଶର କେଉଁ ଆୟ ନିରୂପିତ ହୋଇଥାଏ ?**

(କ) ଜାତୀୟ (ଖ) ମାସିକ ଆୟ

(ଗ) ବାର୍ଷିକ ଆୟ (ଘ) ମୁଣ୍ଡପିଛା ଆୟ

**୧୨. କେଉଁ ନୀତି ଫଳରେ ବିଶ୍ୱରେ ଗୋଟିଏ ବଜାର ହୋଇଛି ?**

(କ) ଉଦାରୀକରଣ (ଖ) ଜଗତୀକରଣ

(ଗ) ଘରୋଇକରଣ (ଘ) ଜାତୀୟକରଣ

**୧୩. କେତୋଟି କ୍ଷେତ୍ରରେ ଏଯାବତ୍ ସରକାରୀ ଉଦ୍ୟୋଗର ଏକଚାଟିଆ ବ୍ୟବସ୍ଥା ରହିଛି ?**

(କ) 14 (ଖ) 16

(ଗ) 18 (ଘ) 20

**୧୪. ମୁଣ୍ଡ ପିଛା ଆୟ ନିରୂପଣ କାହା ଦ୍ୱାରା ହୁଏ ?**

(କ) ଜନସଂଖ୍ୟା (ଖ) ଆଭ୍ୟନ୍ତରୀଣ ଆୟ

(ଗ) ପାରିବାରିକ ଆୟ (ଘ) ବ୍ୟକ୍ତିର ମୋଟ ଆୟ

**୧୫. କେଉଁ ଅର୍ଥ ବ୍ୟବସ୍ଥାରେ ଜନକଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଥାଏ ?**

(କ) ମିଶ୍ର (ଖ) ଉଦାରବାଦୀ

(ଗ) ସମାଜବାଦୀ (ଘ) ପୁଞ୍ଜିବାଦୀ

**୧୬. ସରକାରୀ ଉଦ୍ୟୋଗଗୁଡ଼ିକର ବିଫଳତା ଯୋଗୁଁ କେଉଁ ନୀତି ପ୍ରଣୟନ କରାଯାଇଅଛି ?**

(କ) ଉଦାରୀକରଣ (ଖ) ଘରୋଇକରଣ

(ଗ) ଜଗତୀକରଣ (ଘ) ନୂତନ ଶିଳ୍ପ

**୧୭. ଆମେରିକୀୟ ବଜାରରେ ଭାରତ ପ୍ରସ୍ତୁତି କେଉଁ ଦ୍ରବ୍ୟର ଆଦର ଅଧିକ ?**

(କ) ମସଲା (ଖ) ଖେଳନା

(ଗ) ଗହଣା (ଘ) ଲୁଗାପଟା

**୧୮. କେଉଁ ଅର୍ଥନୀତିରେ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଉତ୍ପାଦନ କ୍ଷେତ୍ରରେ ସ୍ୱାଧୀନତା ପ୍ରଦାନ କରାଯାଇଛି ?**

(କ) ଘରୋଇକରଣ (ଖ) ଜଗତୀକରଣ

(ଗ) ଉଦାରୀକରଣ (ଘ) ସମାଜବାଦୀ

**୧୯. ବହୁରାଷ୍ଟ୍ରୀୟ-କମ୍ପାନୀମାନଙ୍କର ନିର୍ମିତ ଯନ୍ତ୍ରପାତି ଡିଜାଇନ୍ ପ୍ରଭୃତିର ମୁଖ୍ୟ କାର୍ଯ୍ୟକ୍ରମ କେଉଁଠାରେ ଅବସ୍ଥିତ ?**

(କ) ଆମେରିକା (ଖ) ଫ୍ରାନ୍ସ

(ଗ) ଇଂଲଣ୍ଡ (ଘ) ଚୀନ

**୨୦. କୌଣସି ଦେଶର ବର୍ଷକ ମଧ୍ୟରେ ଉତ୍ପାଦିତ ସମସ୍ତ ଦ୍ରବ୍ୟ ଓ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ବିଦେଶରୁ ଆସୁଥିବା ଆୟର ସମଷ୍ଟିକୁ କ'ଣ କୁହାଯାଏ ?**

(କ) ବାର୍ଷିକ ଆୟ

(ଖ) ମୋଟ ଜାତୀୟ ଆୟ

(ଗ) ମୁଣ୍ଡପିଛା ଆୟ

(ଘ) ମାସିକ ଆୟ

**୨୧. ବହୁରାଷ୍ଟ୍ରୀୟ କମ୍ପାନୀ ତା'ର ଯନ୍ତ୍ରପାତିଗୁଡ଼ିକର ବିଭିନ୍ନ ଅଂଶ କେଉଁ ଦେଶରେ ତିଆରି କରାଇଥାଏ ?**

(କ) ବ୍ରାଜିଲ (ଖ) ମେକ୍ସିକୋ

(ଗ) ଜାପାନ (ଘ) ଚୀନ୍

**୨୨. କେଉଁ ଦେଶର ଶ୍ରମିକମାନେ ଅପେକ୍ଷାକୃତ କମ୍ ଖର୍ଚ୍ଚରେ କାମ କରୁଥିବା ହେତୁ ବହୁରାଷ୍ଟ୍ରୀୟ କମ୍ପାନୀ ସେଠାରେ ତାଙ୍କର ଜିନିଷ ଉତ୍ପାଦନ କରାଇଥାନ୍ତି ?**

(କ) ବ୍ରାଜିଲ (ଖ) ଆମେରିକା

(ଗ) ଚୀନ (ଘ) ଜାପନ

**୨୩. 1950-51 ମସିହାରେ ଭାରତର ଜାତୀୟ ଆୟ କେତେ କୋଟି ଟଙ୍କା ଥିଲା ?**

(କ) 123262 (ଖ) 130123

(ଗ) 131235 (ଘ) 132367

୨୪. ଆର୍ଥନୀତିକ ବିକାଶ କହିଲେ ମୁଖ୍ୟତଃ କେଉଁ ଅଭିବୃଦ୍ଧିକୁ ବୁଝାଇଥାଏ ?
(କ) ସାମାଜିକ (ଖ) ଆର୍ଥନୀତିକ
(ଗ) ରାଜନୈତିକ (ଘ) ନୈତିକ

୨୫. କେଉଁ ଦେଶ ଏକ ବିକାଶୋନ୍ମୁଖୀ ଦେଶ ଅଟେ ?
(କ) ଫ୍ରାନ୍ସ (ଖ) ଇଂଲଣ୍ଡ
(ଗ) ଭାରତ (ଘ) ଜାପାନ

୨୬. ୨୦୧୬ ମସିହା ସୁଦ୍ଧ ପୃଥିବୀର କେତୋଟି ଦେଶ ବିଶ୍ୱ ବାଣିଜ୍ୟ ସଙ୍ଗଠନର ସଦସ୍ୟତା ଲାଭ କରିଅଛି ?
(କ) 164 (ଖ) 184
(ଗ) 190 (ଘ) 215

୨୭. କେଉଁ ମସିହାରେ ଭାରତ ବିଶ୍ୱ ବାଣିଜ୍ୟ ସଙ୍ଗଠନର ସଦସ୍ୟତା ଲାଭ କରିଅଛି ?
(କ) 2000 (ଖ) 2001
(ଗ) 2004 (ଘ) 2005

୨୮. କେଉଁ ମସିହା ପରଠାରୁ ଭାରତରେ ଦ୍ରୁତ ଶିଳ୍ପାୟନ ପାଇଁ ଶିଳ୍ପନୀତି କାର୍ଯ୍ୟକାରୀ କରାଯାଇଅଛି ?
(କ) 1994 (ଖ) 1946
(ଗ) 1947 (ଘ) 1948

୨୯. କେଉଁ ଦଶକରେ ଭାରତରେ ହୋଇଥିବା ସବୁଜ ବିପ୍ଳବ ପରେ ଆମ ଦେଶ ଖାଦ୍ୟଶସ୍ୟରେ ଅଗ୍ରଗତି ହାସଲ କରିଥିଲେ ?
(କ) 60 (ଖ) 70
(ଗ) 80 (ଘ) 90

୩୦. କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ କେଉଁଟି ଏକ ଭୂ-ସଂସ୍କାର ଆଇନ ନୁହେଁ ?
(କ) ଭୂମିହୀନ କୃଷି ଶ୍ରମିକଙ୍କୁ ସରକାରୀ ଜମି ପ୍ରଦାନ
(ଖ) ଜମିଦାରୀ ଉଚ୍ଛେଦ
(ଗ) ସରକାରୀ ଋଣ ଛାଡ଼
(ଘ) ଜୋତର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ

୩୧. ନିମ୍ନୋକ୍ତ ମଧ୍ୟରୁ କେଉଁ ଦେଶଗୁଡ଼ିକର ମୁଣ୍ଡପିଛା ଆୟ ଅଧିକ ହୋଇଥାଏ ?
(କ) ଉନ୍ନତ (ଖ) ବିକଶିତ
(ଗ) ବିକାଶୋନ୍ମୁଖୀ (ଘ) ବିକାଶଶୀଳ

୩୨. କେଉଁ ଦେଶଗୁଡ଼ିକର ଜୀବନଧାରଣର ମାନ ନିମ୍ନ ଧରଣର ?
(କ) ଉନ୍ନତ (ଖ) ବିକଶିତ
(ଗ) ବିକାଶୋନ୍ମୁଖୀ (ଘ) ବିକାଶଶୀଳ

୩୩. ଭାରତର ଆର୍ଥୀକ ଉନ୍ନତି କ୍ଷେତ୍ରରେ କେଉଁଟି ଏକ ପ୍ରତିବନ୍ଧକ ?
(କ) ଦାରିଦ୍ର୍ୟ (ଖ) ବେକାରୀ
(ଗ) ଜନସଂଖ୍ୟା ବୃଦ୍ଧି (ଘ) ଦୁର୍ନୀତି

୩୪. ଭାରତ କେଉଁ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିଛି ?
(କ) ଯନ୍ତ୍ରପାତି (ଖ) ଖାଦ୍ୟଶସ୍ୟ
(ଗ) ତୈଳବୀଜ (ଘ) ଖଣିଜତୈଳ

୩୫. ଦେଶର ଶିଳ୍ପ କ୍ଷେତ୍ରରେ କେଉଁ ମସିହା ମଧ୍ୟରେ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ ହୋଇଛି ?
(କ) 1947 - 80 (ଖ) 1948 - 85
(ଗ) 1950 - 90 (ଘ) 1948 - 90

୩୬. ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଖାଉଟି ସେବା କାହା ମାଧ୍ୟମରେ ସମ୍ପାଦିତ ହୋଇଥାଏ ?
(କ) କାଉଣ୍ଟର (ଖ) ସେଣ୍ଟର
(ଗ) କଲସେଣ୍ଟର (ଘ) ସେଲସେଣ୍ଟର

୩୭. ବିଶ୍ୱ ବାଣିଜ୍ୟ ସଂଗଠନ ବାଣିଜ୍ୟ କାରବାର କ୍ଷେତ୍ରରେ କେତୋଟି ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ?
(କ) 2 (ଖ) 3
(ଗ) 4 (ଘ) 5

୩୮. ବିଶ୍ୱ ବାଣିଜ୍ୟ କାରବାରରେ ଭାରତର ଅଂଶ କେତେ ପ୍ରତିଶତରୁ କମ୍ ରହିଛି ?
(କ) 1 (ଖ) 2
(ଗ) 3 (ଘ) 4

୩୯. ଭାରତ କେଉଁ ଅର୍ଥନୀତିରୁ ବିଶେଷ ଉପକୃତ ହୋଇ ପାରି ନାହିଁ ?
(କ) ଜଗତୀକରଣ (ଖ) ଘରୋଇକରଣ
(ଗ) ଉଦାରୀକରଣ (ଘ) ଜାତୀୟକରଣ

୪୦. ଭାରତୀୟ କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତୁତ କେଉଁ ଦ୍ରବ୍ୟ ଆମେରିକୀୟମାନଙ୍କ ମୁଖ୍ୟ ପସନ୍ଦ ?
(କ) ସାର୍ଟ (ଖ) ଜିନ୍ସ
(ଗ) ବେଲ୍ଟ (ଘ) ଜିନ୍ସ ଓ ସାର୍ଟ

୪୧. ନିମ୍ନୋକ୍ତ କେଉଁ ଶାସନ ସମୟରେ ଭାରତର ଅର୍ଥବ୍ୟବସ୍ଥା ଶୋଚନୀୟ ?
(କ) ଫରାସୀ (ଖ) ଡଚ୍
(ଗ) ଇଂରେଜ (ଘ) ପର୍ତ୍ତୁଗୀଜ

୪୨. ଭାରତର ଅର୍ଥନୀତିରେ କେତେଗୋଟି ବୈଶିଷ୍ଟ୍ୟ ରହିଛି ?
(କ) 2 (ଖ) 3
(ଗ) 4 (ଘ) 5

୪୩. ବ୍ୟକ୍ତିବିଶେଷଙ୍କ ଉଦ୍ୟମରେ ପ୍ରତିଷ୍ଠା କରାଯାଇଥିବା ଉଦ୍ୟୋଗ ନିମ୍ନୋକ୍ତ କେଉଁ ଶ୍ରେଣୀର ଅନ୍ତର୍ଗତ ?
(କ) ବହୁରାଷ୍ଟ୍ରୀୟ କମ୍ପାନୀ
(ଖ) ଘରୋଇ ମାଲିକାନା
(ଗ) ବିଦେଶୀ ଶିଳ୍ପପତି
(ଘ) ଏକଚାଟିଆ ଅଧିକାର ଭୁକ୍ତ

୪୪. ଜମିଦାରୀ ଉଚ୍ଛେଦ, ଭୂମିହୀନ କୃଷି ଶ୍ରମିକଙ୍କୁ ସରକାରୀ ଜମି ପ୍ରଦାନ, ଜୋତର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଇତ୍ୟାଦି କେଉଁ ଆଇନ ଅନ୍ତର୍ଗତ ?
(କ) ଗୋଡିପ୍ରଥା (ଖ) ଭୂ-ସଂସ୍କାର
(ଗ) ସ୍ୱଳ୍ପମିଆଦୀ (ଘ) ଦୀର୍ଘମିଆଦୀ

୪୫. ଭାରତ ସମଗ୍ର ବିଶ୍ୱ ସହିତ ଉତ୍ପାଦନ, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ସାମିଲ ହେବାକୁ କ'ଣ କୁହାଯାଏ ?
(କ) ବିନିଯୋଗୀକରଣ (ଖ) ଉଦାରୀକରଣ
(ଗ) ଘରୋଇକରଣ (ଘ) ଜଗତୀକରଣ

୪୬. ବିକାଶକୁ ଆଧାର କରି ଅର୍ଥଶାସ୍ତ୍ରୀମାନେ ପୃଥିବୀର ସମସ୍ତ ଦେଶକୁ କେତେଗୋଟି ମୁଖ୍ୟ ଶ୍ରେଣୀରେ ବିଭକ୍ତ କରିଛନ୍ତି ?
(କ) 2 (ଖ) 3
(ଗ) 5 (ଘ) 6

୪୭. ଭାରତରେ କେଉଁ ଅର୍ଥ ବ୍ୟବସ୍ଥାର ମିଶ୍ରଣ ଦେଖାଯାଏ ?
(କ) ମୌଳିକ (ଖ) ପୁଞ୍ଜିବାଦୀ
(ଗ) ସାମ୍ୟବାଦୀ (ଘ) ଜାତୀୟ

୪୮. କେଉଁ ନୀତିରେ ଘରୋଇ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ ?
(କ) ଉଦ୍ୟୋଗୀକରଣ (ଖ) ଉଦାରୀକରଣ
(ଗ) ଘରୋଇକରଣ (ଘ) ଜଗତୀକରଣ

୪୯. ଆମ ଦେଶରେ କ୍ଷୁଦ୍ରଶିଳ୍ପ ସଂସ୍ଥାରେ ପ୍ରାୟ କେତେ ଶ୍ରମିକ କାର୍ଯ୍ୟରତ ?
(କ) 2 କୋଟି (ଖ) 3 କୋଟି
(ଗ) 4 କୋଟି (ଘ) 5 କୋଟି

୫୦. ଉପଭୋକ୍ତାମାନଙ୍କୁ ଉପଦେଶ ଦିଆଯାଉଥିବା ମାଧ୍ୟମ କେଉଁଟି ?
(କ) କଲ୍‌ସେଣ୍ଟର (ଖ) ଗ୍ରାହକ ସେବା କେନ୍ଦ୍ର
(ଗ) ସୂଚନା କେନ୍ଦ୍ର (ଘ) ଉପଯୋଜନା କେନ୍ଦ୍ର

୫୧. ଭାରତୀୟ କୃଷି ନିମ୍ନୋକ୍ତ କେଉଁ ମାଲିକାନାର ଅନ୍ତର୍ଭୁକ୍ତ ?
(କ) ଘରୋଇ (ଖ) ସରକାରୀ
(ଗ) ବେସରକାରୀ (ଘ) ଶିଳ୍ପୋଦ୍ୟୋଗୀ

# ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଘ) ପୁଞ୍ଜିବାଦୀ
୨. (ଘ) 1991
୩. (କ) ଗ୍ରାମ ପଞ୍ଚାୟତ
୪. (ଗ) ରେଳବିଭାଗ
୫. (ଖ) ଜେନିଭା
୬. (କ) 1948
୭. (କ) ନିୟୋଜନ
୮. (ଖ) ଜନସଂଖ୍ୟା
୯. (ଗ) ମିଶ୍ର
୧୦. (କ) ବଜାର ଭିତ୍ତିକ
୧୧. (ଘ) ମୁଣ୍ଡପିଛା ଆୟ
୧୨. (ଖ) ଜଗତୀକରଣ
୧୩. (ଗ) 18
୧୪. (କ) ଜନସଂଖ୍ୟା
୧୫. (ଗ) ସମାଜବାଦୀ
୧୬. (ଖ) ଘରୋଇକରଣ
୧୭. (ଘ) ଲୁଗାପଟା
୧୮. (ଗ) ଉଦାରୀକରଣ
୧୯. (କ) ଆମେରିକା
୨୦. (ଖ) ମୋଟ ଜାତୀୟ ଆୟ
୨୧. (ଘ) ଚୀନ୍
୨୨. (ଗ) ଚୀନ
୨୩. (ଘ) 132367
୨୪. (ଖ) ଆର୍ଥନୀତିକ
୨୫. (ଗ) ଭାରତ
୨୬. (କ) 164
୨୭. (ଖ) 2001
୨୮. (ଘ) 1948
୨୯. (କ) 60
୩୦. (ଗ) ସରକାରୀ ଋଣ ଛାଡ଼
୩୧. (ଖ) ବିକଶିତ
୩୨. (ଗ) ବିକାଶୋନ୍ମୁଖୀ
୩୩. (ଗ) ଜନସଂଖ୍ୟା ବୃଦ୍ଧି
୩୪. (ଖ) ଖାଦ୍ୟଶସ୍ୟ
୩୫. (ଘ) 1948 - 90
୩୬. (ଗ) କଲସେଣ୍ଟର
୩୭. (ଖ) 3
୩୮. (କ) 1
୩୯. (କ) ଜଗତୀକରଣ
୪୦. (ଖ) ଜିନ୍ସ
୪୧. (ଗ) ଇଂରେଜ
୪୨. (ଖ) 3
୪୩. (ଖ) ଘରୋଇ ମାଲିକାନା
୪୪. (ଖ) ଭୂ-ସଂସ୍କାର
୪୫. (ଘ) ଜଗତୀକରଣ
୪୬. (କ) 2
୪୭. (ଖ) ପୁଞ୍ଜିବାଦୀ
୪୮. (ଗ) ଘରୋଇକରଣ
୪୯. (କ) 2 କୋଟି
୫୦. (କ) କଲ୍‌ସେଣ୍ଟର
୫୧. (କ) ଘରୋଇ

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର ୧. ଆର୍ଥନୀତିକ ବିକାଶ କହିଲେ କ'ଣ ବୁଝାଏ ଓ ଏହା କିପରି ନିରୂପଣ କରାଯାଏ ?**

ଉତ୍ତର
- ଆର୍ଥନୀତିକ ବିକାଶ କହିଲେ ସାଧାରଣତଃ ଆର୍ଥନୀତିକ ଅଭିବୃଦ୍ଧିକୁ ବୁଝାଏ। ଏହି ଅଭିବୃଦ୍ଧି ଦ୍ୱାରା ଆର୍ଥନୀତିକ ବିକାଶ ସମ୍ଭବ ହୋଇଥାଏ। କିନ୍ତୁ ଏହି ଆର୍ଥିକ ଅଭିବୃଦ୍ଧି ସହ ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିକୁ ନେଇ ଆର୍ଥିକ ବିକାଶ ନିରୂପଣ କରାଯାଏ।
- କୌଣସି ଦେଶର ମୋଟ ଜାତୀୟ ଆୟ ଓ ମୁଣ୍ଡପିଛା ଆୟରେ କ୍ରମାଗତ ବୃଦ୍ଧିଦ୍ୱାରା ଦେଶର ଆର୍ଥିକ ଅଭିବୃଦ୍ଧି ହୋଇଥାଏ ଏବଂ ଆର୍ଥିକ ଅଭିବୃଦ୍ଧି ହେଲେ ହେଁ ଆର୍ଥନୀତିକ ବିକାଶ ସମ୍ଭବ ହୋଇଥାଏ।
- ବର୍ଷକ ମଧ୍ୟରେ ଉତ୍ପାଦିତ ହୋଇଥିବା ସମସ୍ତ ଦ୍ରବ୍ୟ ଏବଂ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ତତ୍‌ସହିତ ବହିରାଗତ ଆୟର ସମଷ୍ଟିକୁ ନେଇ ଜାତୀୟ ଆୟ ସ୍ଥିର କରାଯାଏ। ଜାତୀୟ ଆୟକୁ ଦେଶର ମୋଟ ଜନସଂଖ୍ୟା ଦ୍ୱାରା ଭାଗ କରି ମୁଣ୍ଡପିଛା ଆୟ ନିର୍ଣ୍ଣୟ କରାଯାଏ। ଏହି ଉଭୟ ଆୟର ବର୍ଷକୁ ବର୍ଷ ଅନୁଶୀଳନରୁ ଅଭିବୃଦ୍ଧି ହାର ଜଣାପଡ଼େ।

**ପ୍ର ୨. 1991 ମସିହା ପୂର୍ବରୁ ଭାରତୀୟ ଅର୍ଥନୀତିରେ ଏକ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା କାହିଁକି ?**

ଉତ୍ତର
- ଘରୋଇ ଉଦ୍ୟୋଗ କ୍ଷେତ୍ରଗୁଡ଼ିକର ଅତି ମାତ୍ରାରେ ସରକାରୀ ନିୟନ୍ତ୍ରଣ ଯୋଗୁଁ ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ଉନ୍ନତି ହୋଇପାରି ନ ଥିଲା।
- ସରକାରୀ ଉଦ୍ୟୋଗର ଦକ୍ଷତା କମିବା ସହିତ କ୍ଷତର ପରିମାଣ ବୃଦ୍ଧି ପାଇବାକୁ ଲାଗିଲା।
- ଦେଶର ଗଚ୍ଛିତ ବୈଦେଶିକ ମୁଦ୍ରାର ପରିମାଣ କ୍ଷିପ୍ର ଗତିରେ ହ୍ରାସ ପାଇବାକୁ ଲାଗିଲା। ଫଳରେ ଭାରତୀୟ ଅର୍ଥନୀତିରେ ଏକ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା।

**ପ୍ର ୩. ବିଶ୍ୱବାଣିଜ୍ୟ ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ଲେଖ।**

ଉତ୍ତର
- ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ଦ୍ରବ୍ୟ ଓ ସେବା ବିନିମୟ କରି ବାଣିଜ୍ୟ କାରବାର ବୃଦ୍ଧି କରିବା।
- ବିଶ୍ୱ ଅର୍ଥନୀତିକୁ ସୁଦୃଢ଼ ଏବଂ ସମୃଦ୍ଧ କରି ଗଢ଼ି ତୋଳିବା।
- ବିଶେଷ କରି ବିକଶୋନ୍ମୁଖୀ ଦେଶମାନଙ୍କରେ ଆର୍ଥିକ ସ୍ଥିତିରେ ସୁଧାର ଆଣିବା।

**ପ୍ର ୪. ଉଦାରୀକରଣ ନୀତି ଦେଶର ଅର୍ଥବ୍ୟବସ୍ଥା ପାଇଁ କିପରି ସହାୟକ ହୋଇଥାଏ ?**

ଉତ୍ତର
- ଉଦାରୀକରଣ ନୀତି ଦ୍ୱାରା ପୃଥିବୀର ପ୍ରତ୍ୟେକ ଭଲ ଜିନିଷ ବା ଦାମୀ ବ୍ରାଣ୍ଡର ଉତ୍ପାଦନ ପ୍ରାୟ ସମସ୍ତ ଦେଶରେ ଉପଲବ୍ଧ ହୋଇପାରୁଛି।
- ଦେଶର ନିଅଣ୍ଟିଆ ପଦାର୍ଥ ଓ ବଳକା ପଦାର୍ଥ ଯଥାକ୍ରମେ ଆମଦାନୀ ଓ ରପ୍ତାନୀ କରିବାରେ ପୂର୍ବରୁ ପ୍ରଚଳିତ ଥିବା ସରକାରୀ କଟକଣା ସବୁ ଉଠାଇ ଦିଆଯାଇଛି।
- ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ କରିବା ଫଳରେ ସେମାନେ ଆମ ଦେଶରେ ଶିଳ୍ପ ସ୍ଥାପନ କରି ଉତ୍ପାଦନ କରୁଛନ୍ତି।

**ପ୍ର ୫. ପୃଥିବୀର କେଉଁ ଦେଶଗୁଡ଼ିକ ବିକାଶୋନ୍ମୁଖୀ ଦେଶ ରୂପେ ବିବେଚିତ ଓ ସେମାନଙ୍କର ଲକ୍ଷଣଗୁଡ଼ିକ ଲେଖ ।**

ଉତ୍ତର
- ଭାରତ, ପାକିସ୍ଥାନ, ଶ୍ରୀଲଙ୍କା, ବାଲାଂଦେଶ ଆଦି ଦେଶଗୁଡ଼ିକୁ ବିକାଶୋନ୍ମୁଖୀ ଦେଶ ରୂପେ ବିବେଚନା କରାଯାଏ ।
- ଏହି ଦେଶଗୁଡ଼ିକର ମୁଖ୍ୟ ସମସ୍ୟା ହେଉଛି ଜନସଂଖ୍ୟା ବୃଦ୍ଧି ।
- ବିକାଶୋନ୍ମୁଖୀ ଦେଶମାନଙ୍କରେ ବସବାସ କରୁଥିବା ଅଧିକାଂଶ ଲୋକ ଗରିବ ହୋଇଥାନ୍ତି । ସେମାନଙ୍କର ମୁଣ୍ଡପିଛା ଆୟ କମ୍ ଏବଂ ଜୀବନଯାପନର ମାନ ଅତି ନିମ୍ନ ଧରଣର ହୋଇଥାଏ ।

**ପ୍ର ୬. 2001-02 ମସିହାରେ ଭାରତର ନୂତନ ଆମଦାନୀ ଓ ରପ୍ତାନୀ ନୀତି ବର୍ଣ୍ଣନା କର ।**

ଉତ୍ତର
- ବିଶ୍ୱବାଣିଜ୍ୟ ସଙ୍ଗଠନର ସର୍ତ୍ତାବଳୀ ଅନୁସାରେ 2001-02 ମସିହାରେ ଭାରତ ତାହାର ବାଣିଜ୍ୟ ନୀତିର ବିଶେଷ ପରିବର୍ତ୍ତନ କରି ନୂତନ ଆମଦାନୀ ଓ ରପ୍ତାନୀ ନୀତି ଘୋଷଣା କରିଛି ।
- ଏହି ନୀତି ଅନୁସାରେ 215 ଟି ପଣ୍ୟଦ୍ରବ୍ୟ ଆମଦାନୀ ଉପରେ ଥିବା କଟକଣା ଉଠାଇ ଦିଆଯାଇଛି ।
- କୃଷିଜାତ ଦ୍ରବ୍ୟ ଓ ସାମଗ୍ରୀର ଅଧିକ ରପ୍ତାନୀ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ।

**ପ୍ର ୭. ଜଗତୀକରଣ ନୀତି ପ୍ରଣୟନ ହେତୁ ଦେଶର ଶିଳ୍ପ କ୍ଷେତ୍ରରେ କି କି ପରିବର୍ତ୍ତନ ଘଟିଛି ?**

ଉତ୍ତର
- ଏହା ଏକ ପ୍ରକାର ବଜାରଭିତ୍ତିକ ଅର୍ଥନୀତି । ଏହା ଭାରତରେ କାର୍ଯ୍ୟକାରୀ ହେବା ପରେ ଆମ ଦେଶ ସମଗ୍ର ବିଶ୍ୱ ସହିତ ଉତ୍ପାଦନ, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ସାମିଲ ହୋଇପାରିଛି ।
- ବିଦେଶୀ ଶିଳ୍ପପତିମାନେ ଆମ ଦେଶରେ ଅଧିକ ପୁଞ୍ଜି ବିନିଯୋଗ କରିପାରିବେ ।
- ସେହିପରି ଆମ ଦେଶର ଶିଳ୍ପପତିମାନେ ମଧ୍ୟ ଅନ୍ୟ ଦେଶରେ ବିଭିନ୍ନ ପ୍ରକାର କଳକାରଖାନା ସ୍ଥାପନ କରି ପୁଞ୍ଜି ବିନିଯୋଗ କରିପାରିବେ । ଟିକସ ଓ ଶୁଳ୍କହାର ହ୍ରାସ ସହିତ ଅନେକ କଟକଣାର କୋହଳ କରିବା ଭଳି ପଦକ୍ଷେପମାନ ନେଇଛନ୍ତି ।

**ପ୍ର ୮. ସଂକ୍ଷିପ୍ତ ଟିପ୍ପଣୀ ଲେଖ :**

**(i) ମିଶ୍ର ଅର୍ଥନୀତି :**

ଉତ୍ତର
- ଭାରତରେ ସ୍ୱାଧୀନତା ପରଠାରୁ ମିଶ୍ର ଅର୍ଥନୀତି ଅନୁସରଣ କରାଯାଇଥିଲା ।
- ଏହି ଅର୍ଥନୀତି ଉଭୟ ପୁଞ୍ଜିବାଦ ଓ ସମାଜବାଦ ବ୍ୟବସ୍ଥାର ମିଶ୍ରଣ ଅଟେ ।
- ଭାରତରେ ରେଳସେବା, ଡାକସେବା ଓ ଅନ୍ୟାନ୍ୟ ସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଓ ପରିଚାଳିତ ସଂସ୍ଥାଗୁଡ଼ିକ ଜନକଲ୍ୟାଣ ନିମନ୍ତେ କାର୍ଯ୍ୟ କରିଥାନ୍ତି ।

**(ii) ଆର୍ଥିକ ବିକାଶ :**

ଉତ୍ତର
- ଆର୍ଥିକ ବିକାଶ କହିଲେ ଆମେ ସାଧାରଣତଃ ଆର୍ଥିକ ଅଭିବୃଦ୍ଧିକୁ ବୁଝୁ ।
- ଆର୍ଥିକ ଅଭିବୃଦ୍ଧି ଦେଶର ଜାତୀୟ ଆୟ ତଥା ବ୍ୟକ୍ତିଗତ ଆୟ ଅଭିବୃଦ୍ଧି ଦ୍ୱାରା ସମ୍ଭବ ହୋଇଥାଏ ।
- କୌଣସି ଦେଶର ତଥା ବ୍ୟକ୍ତିବିଶେଷଙ୍କର ଆର୍ଥିକ ଅଭିବୃଦ୍ଧି ସହିତ ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିକୁ ଆର୍ଥିକ ବିକାଶ କୁହାଯାଏ ।

**(iii) 1991 ମସିହା ନୂତନ ଆର୍ଥିକ ନୀତିର ବୈଶିଷ୍ଟ୍ୟ ।**

ଉତ୍ତର
- ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ ନୂତନ ଆର୍ଥିକ ନୀତିର ବୈଶିଷ୍ଟ୍ୟ ।

- ଉଦାରୀକରଣ ଅନୁସାରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ପୂର୍ବରୁ ପ୍ରଚଳିତ ଥିବା ସରକାରୀ କଟକଣା । ଯଥା - ଲାଇସେନ୍ସ ଫି, ଟ୍ୟାକ୍ସ ଇତ୍ୟାଦି ଉଠାଇ ଦିଆଯାଇ ଶିଳ୍ପୋଦ୍ୟୋଗୀମାନଙ୍କୁ ଦ୍ରବ୍ୟ ଉତ୍ପାଦନରେ ସ୍ୱାଧୀନତା ପ୍ରଦାନ ।
- ଘରୋଇକରଣ ଅନୁସାରେ ଅଧିକରୁ ଅଧିକ ଘରୋଇ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଅଛି ଏବଂ ଘରୋଇ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଇ ସରକାରୀ ଉଦ୍ୟୋଗ ସହିତ ପ୍ରତିଯୋଗିତା କରିବା ପାଇଁ ଏହି ନୀତିରେ ପ୍ରୋତ୍ସାହିତ କରାଯାଇଥାଏ ।
- ଜଗତୀକରଣ ମାଧ୍ୟମରେ ଉତ୍ପାଦନ, ବାଣିଜ୍ୟ, ପୁଞ୍ଜିବିନିଯୋଗ ଇତ୍ୟାଦି କ୍ଷେତ୍ରରେ ଦେଶର ଅର୍ଥନୀତିକୁ ବିଶ୍ୱ ଅର୍ଥନୀତି ସହିତ ଏକତ୍ରୀକରଣ କରାଯିବାକୁ ବ୍ୟବସ୍ଥା କରାଯାଇଛି ।

**(iv) ବହୁରାଷ୍ଟ୍ରୀୟକମ୍ପାନୀ**

**ଉତ୍ତର**
- ବିଦେଶୀ ଶିଳ୍ପପତି ତଥା ବହୁରାଷ୍ଟ୍ରୀୟ କମ୍ପାନୀମାନେ ଆମ ଦେଶର କଳକାରଖାନାମାନଙ୍କରେ ଯେପରି ଅଧିକ ପୁଞ୍ଜି ବିନିଯୋଗ କରିପାରିବା ସହିତ ନୂଆ କଳକାରଖାନମାନ ସ୍ଥାପନ କରିପାରିବେ ତାହା ଜଗତୀକରଣ ପ୍ରକ୍ରିୟା ମାଧ୍ୟମରେ ସମ୍ଭବ ହୋଇପାରିଛି ।
- ନୂତନ କଳକାରଖାନା ସ୍ଥାପନ କରିବା ସହିତ ସେମାନଙ୍କର ବିଭିନ୍ନ ଦ୍ରବ୍ୟ ଓ ସେବା ଆମ ଦେଶରେ ଯୋଗାଇ ପାରିବେ, ସେଥିପାଇଁ ସରକାରୀ କଟକଣାକୁ ବହୁଳ ମାତ୍ରାରେ କୋହଳ କରାଯାଇଅଛି ।

**ପ୍ର ୯. ପାର୍ଥକ୍ୟ ଦର୍ଶାଅ**

**(i) ବିକଶିତ ଦେଶ ଓ ବିକାଶୋନ୍ମୁଖୀ ଦେଶ**

**ଉତ୍ତର ବିକଶିତ ଦେଶ :**
- ଏହି ଦେଶମାନଙ୍କରେ ଜନସାଧାରଣଙ୍କର ମୁଣ୍ଡପିଛା ଆୟ ଅଧିକ ଥାଏ ଓ ଜୀବନଯାପନ ପ୍ରଣାଳୀ ଅତି ଉନ୍ନତ ।
- ଯୁକ୍ତରାଷ୍ଟ୍ର, ଇଂଲଣ୍ଡ, ଜାପାନ, ଫ୍ରାନ୍ସ ଆଦି ଦେଶ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

**ବିକାଶୋନ୍ମୁଖୀ ଦେଶ :**
- ବିକାଶୋନ୍ମୁଖୀ ଦେଶର ଅଧିବାସୀମାନେ ସାଧାରଣତଃ ଗରିବ । ସେମାନଙ୍କର ମୁଣ୍ଡପିଛା ଆୟ କମ୍ ଓ ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ ନିମ୍ନମାନର ।
- ଶ୍ରୀଲଙ୍କା, ପାକିସ୍ତାନ, ବାଙ୍ଗଲାଦେଶ, ଭାରତ ଆଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

**(ii) ଜଗତୀକରଣ ଓ ଘରୋଇକରଣ :**

**ଉତ୍ତର ଜଗତୀକରଣ :** ଉତ୍ପାଦନ, ବାଣିଜ୍ୟ, ପୁଞ୍ଜିବିନିଯୋଗ ଇତ୍ୟାଦି କ୍ଷେତ୍ରରେ ଦେଶର ଅର୍ଥନୀତିକୁ ବିଶ୍ୱ ଅର୍ଥନୀତି ସହିତ ଏକତ୍ରୀକରଣ ପ୍ରକ୍ରିୟାକୁ ଜଗତୀକରଣ କୁହାଯାଏ ।

**ଘରୋଇକରଣ :** କ୍ଷତିରେ ଚାଲୁଥିବା ସରକାରୀ ଉଦ୍ୟୋଗଗୁଡ଼ିକୁ ସରକାର ଘରୋଇ ବ୍ୟକ୍ତିବିଶେଷ ବା କମ୍ପାନୀକୁ ବିକ୍ରି କରିଦେବାର ବା ଘରୋଇ କମ୍ପାନୀ ସହ ମିଳିମିଶି ଚଳାଇବାର ବ୍ୟବସ୍ଥାକୁ ଘରୋଇକରଣ କୁହାଯାଏ ।

**(iii) ଜାତୀୟ ଆୟ ଓ ମୁଣ୍ଡପିଛା ଆୟ :**

**ଉତ୍ତର ଜାତୀୟ ଆୟ :** ଦେଶର ବର୍ଷକ ମଧ୍ୟରେ ଉତ୍ପାଦିତ ବିଭିନ୍ନ ଦ୍ରବ୍ୟ ଓ ସେବାର ମୁଦ୍ରା ମୂଲ୍ୟ ଓ ଏଥିସହିତ ବିଦେଶରୁ ଆସୁଥିବା ଆୟକୁ ମିଶାଇ ଜାତୀୟ ଆୟ ସ୍ଥିର କରାଯାଏ ।

**ମୁଣ୍ଡପିଛା ଆୟ:**ଜାତୀୟ ଆୟକୁ ଦେଶର ସମୁଦାୟ ଜନସଂଖ୍ୟା ଦ୍ୱାରା ଭାଗ କରାଯାଇ ମୁଣ୍ଡପିଛା ଆୟ ନିରୂପଣ କରାଯାଏ ।

ପ୍ର ୧୦.ସଂକ୍ଷେପରେ ଉତ୍ତର ଦିଅ।

**(i) ଉଦାରୀକରଣ ଅର୍ଥନୀତି :**

**ଉତ୍ତର** ଆର୍ଥିକ ବ୍ୟବସ୍ଥା କ୍ଷେତ୍ରରେ ପୂର୍ବ ପ୍ରଚଳିତ ଆମଦାନୀ ଓ ରପ୍ତାନୀ କଟକଣା। ଯଥା - ଲାଇସେନ୍ସ ଫି, ଟ୍ୟାକ୍ସ ଆଦିର କୋହଳ ବା ଉଚ୍ଛେଦ, ଘରୋଇ ଉଦ୍ୟୋଗପ୍ରତି ଓ ବହୁରାଷ୍ଟ୍ରୀୟ କମ୍ପାନୀକୁ ବିଭିନ୍ନ ପ୍ରକାର ସ୍ୱାଧୀନତା ପ୍ରଦାନକୁ ଉଦାରୀକରଣ ଅର୍ଥନୀତି କୁହାଯାଏ।

**(ii) ସରକାରୀ ମାଲିକାନା :**

**ଉତ୍ତର** ସରକାରଙ୍କ ଦ୍ୱାରା ସ୍ଥାପିତ ଓ ପରିଚାଳିତ ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନକାରୀ ସଂସ୍ଥା। ଯଥା - ରେଳ, ଡାକ ବିଭାଗର ମାଲିକାନାକୁ ସରକାରୀ ମାଲିକାନା କୁହାଯାଏ।

**(iii) ବିଶ୍ୱ ବାଣିଜ୍ୟ ସଙ୍ଗଠନ :**

**ଉତ୍ତର** 1995 ମସିହାରେ ଜାତିସଂଘର ବିଭିନ୍ନ ସଦସ୍ୟ ରାଷ୍ଟ୍ରମାନଙ୍କୁ ନେଇ ବିଶ୍ୱବାଣିଜ୍ୟ ସଙ୍ଗନ ସୃଷ୍ଟି କରାଯାଇଅଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ଜେନିଭା ଠାରେ ଅବସ୍ଥିତ। ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ଦ୍ରବ୍ୟ ଓ ସେବା ବିନିମୟ କରି ବାଣିଜ୍ୟ କାରବାର ବୃଦ୍ଧି କରିବା ଓ ବିଶ୍ୱ ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ବିକାଶୋନ୍ମୁଖୀ ଦେଶମାନଙ୍କରେ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଏହି ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ।

**(iv) ଆର୍ଥିକ ବିକାଶ କହିଲେ କ'ଣ ବୁଝାଏ ?**

**ଉତ୍ତର** କୌଣସି ଦେଶର ଓ ବ୍ୟକ୍ତିବିଶେଷଙ୍କର ଆର୍ଥିକ ଅଭିବୃଦ୍ଧି ସହିତ ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିକୁ ଆର୍ଥିକ ବିକାଶ କୁହାଯାଏ। ଆର୍ଥିକ ଅଭିବୃଦ୍ଧି ହେଲେ ଆର୍ଥିକ ବିକାଶ ସମ୍ଭବ ହୋଇଥାଏ।

**(v) କେଉଁ ଦୁଇଗୋଟି ମୁଖ୍ୟ କାରଣ ଯୋଗୁଁ ଭାରତରେ ନୂତନ ଆର୍ଥିକ ନୀତି ପ୍ରବର୍ତ୍ତନ କରାଗଲା ?**

**ଉତ୍ତର** 1991 ମସିହାରେ ଅର୍ଥନୀତିରେ ଏକ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦେଶରେ ଗଚ୍ଛିତ ବୈଦେଶିକ ମୁଦ୍ରାର ହ୍ରାସ କ୍ଷିପ୍ର ହେଲା। ଫଳରେ ବିଦେଶରୁ ଦ୍ରବ୍ୟ ଆମଦାନୀ କରାଯାଇ ପାରିଲା ନାହିଁ। ଦେଶ ଉପରେ ଘରୋଇ ଓ ବୈଦେଶିକ ଋଣ ଭାର ବୃଦ୍ଧି ପାଇଲା।

**(vi) ଅର୍ଥନୀତିରେ ଉଦାରୀକରଣ ନୀତି କ'ଣ ?**

**ଉତ୍ତର** ଉଦାରୀକରଣ ନୀତିରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ପୂର୍ବରୁ ପ୍ରଚଳିତ ସରକାରୀ କଟକଣା ଉଠାଇ ଦିଆଯାଇଛି। ଘରୋଇ ଶିଳ୍ପୋଦ୍ୟୋଗୀମାନେ କେଉଁ ପ୍ରକାର ଦ୍ରବ୍ୟ ଉତ୍ପାଦନ କରିବେ ଓ ଏହାର ପରିମାଣ ପାଇଁ ସେମାନଙ୍କୁ ସ୍ୱାଧୀନତା ଦିଆଯାଇଛି। ଏଥିରେ କ୍ଷୁଦ୍ରଶିଳ୍ପ ସଂସ୍ଥାଗୁଡ଼ିକର ପୁଞ୍ଜିନିବେଶ ସୀମା 70 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

**(vii) ଘରୋଇକରଣ କହିଲେ କ'ଣ ବୁଝାଏ ?**

**ଉତ୍ତର** ସରକାରୀ ଉଦ୍ୟୋଗ ପାଇଁ ସଂରକ୍ଷିତ ଥିବା କ୍ଷେତ୍ରଗୁଡ଼ିକରେ ଅଧିକରୁ ଅଧିକ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉତ୍ସାହିତ କରାଯାଉଥିବା ପଦକ୍ଷେପକୁ 'ଘରୋଇକରଣ' କୁହାଯାଏ।

**(viii) ବିଶ୍ୱବାଣିଜ୍ୟ ସଙ୍ଗଠନ ଗୁରୁତ୍ୱ ଦେଉଥିବା ପ୍ରସଙ୍ଗଗୁଡ଼ିକ କ'ଣ ?**

**ଉତ୍ତର** ବିଶ୍ୱ ବାଣିଜ୍ୟ ସଙ୍ଗଠନର ତିନିଗୋଟି ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଛି, ଯଥା : (କ) ବହୁପାକ୍ଷିକ ରାଜିନାମା ପ୍ରବର୍ତ୍ତନ, (ଖ) ପୃଥିବୀର ବିଭିନ୍ନ ଦେଶ ମଧ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ।

**(ix) ଆମ ଦେଶରେ ନୂତନ ଆର୍ଥିକ ନୀତି କେବେ ପ୍ରବର୍ତ୍ତନ କରାଯାଇଛି ଓ ଏହାର ବୈଶିଷ୍ଟ୍ୟଗୁଡ଼ିକ ଉଲ୍ଲେଖ କର ।**

**ଉତ୍ତର** 1991 ମସିହାଠାରୁ ଭାରତରେ ନୂତନ ଆର୍ଥିକ ନୀତି ପ୍ରବର୍ତ୍ତନ କରାଯାଇଛି । ଏହି ଆର୍ଥିକ ନୀତିର ତିନିଗୋଟି ମୁଖ୍ୟ ବୈଶିଷ୍ଟ୍ୟ ହେଲା (କ) ଉଦାରୀକରଣ, (ଖ) ଘରୋଇକରଣ ଓ (ଗ) ଜଗତୀକରଣ ।

**(x) ବିକଶିତ ଦେଶର ଲକ୍ଷଣମାନ ଲେଖ ।**

**ଉତ୍ତର** ବିକଶିତ ଦେଶମାନଙ୍କରେ ଜନସାଧାରଣଙ୍କର ଆୟ ଅଧିକ ହୋଇଥାଏ । ସେମାନଙ୍କର ଦୈନିକ ଜୀବନଯାପନ ପ୍ରଣାଳୀ ଅତି ଉନ୍ନତ ମାନର ହୋଇଥାଏ ।

**(xi) ପରାଧୀନ ଭାରତରେ ଏହାର ଆର୍ଥିକ ଅବସ୍ଥା କିପରି ଥିଲା ?**

**ଉତ୍ତର** ଦୀର୍ଘକାଳର ଇଂରେଜ ଶାସନ ଭାରତର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରି ପକାଇଥିଲା । ଇଂରେଜ ଶାସନ ସମୟରେ ଏହାର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଇଂରେଜ ସରକାର ଭାରତର ଆର୍ଥିକ ବିକାଶ ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ ।

**(xii) ବିଶ୍ୱ ବାଣିଜ୍ୟ ସଙ୍ଗଠନର ଉଦ୍ଦେଶ୍ୟ କ'ଣ ?**

**ଉତ୍ତର** ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ବାଣିଜ୍ୟ କାରବାର ବୃଦ୍ଧି କରି ବିଶ୍ୱ ଅର୍ଥନୀତିକୁ ସମୃଦ୍ଧିଶାଳୀ କରିବା । ଅନ୍ୟ ପକ୍ଷରେ ବିକାଶୋନ୍ମୁଖୀ ଦେଶମାନଙ୍କର ଆର୍ଥିକ ପ୍ରଗତିରେ ଉନ୍ନତି ଆଣିବା ବିଶ୍ୱ ବାଣିଜ୍ୟ ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ ।

**(xiii) ବହୁରାଷ୍ଟ୍ରୀୟ କମ୍ପାନୀର କାର୍ଯ୍ୟଧାରା କ'ଣ ଉଲ୍ଲେଖ କର ।**

**ଉତ୍ତର**
- ବହୁରାଷ୍ଟ୍ରୀୟ କମ୍ପାନୀ ତା'ର ଦ୍ରବ୍ୟ ପୃଥିବୀ ସାରା ବିକ୍ରୟ ନିମନ୍ତେ ଉପଲବ୍ଧ କରାଇଥାଏ ଏବଂ ପଦାର୍ଥ ତିଆରି କରିବା ପାଇଁ ମଧ୍ୟ ପୃଥିବୀର ବିଭିନ୍ନ ଦେଶର ସହାୟତା ନେଇଥାଏ ।
- ଏମାନେ ପ୍ରାୟ ଶତକଡ଼ା 50-60 ଭାଗ ଉତ୍ପାଦନ ମୂଲ୍ୟ ହ୍ରାସ କରିବାରେ ସକ୍ଷମ ହୁଅନ୍ତି ।

**(xiv) ଭାରତର ଦେଶୀୟ କମ୍ପାନୀର ଗୁରୁତ୍ୱ ଲେଖ ।**

**ଉତ୍ତର**
- ଭାରତର ଦେଶୀୟ କମ୍ପାନୀ ନିଜ ଦେଶରେ ଶିଳ୍ପ ସ୍ଥାପନ କରି ଦ୍ରବ୍ୟ ଉତ୍ପାଦନ କରୁଥିବା ସଂସ୍ଥାଗୁଡ଼ିକୁ ଦେଶୀୟ କମ୍ପାନୀ କୁହାଯାଏ ।
- ଦେଶରେ ଉପଲବ୍ଧ କାରିଗରୀ ଜ୍ଞାନ କୌଶଳ ଓ ପ୍ରଯୁକ୍ତି ବିଦ୍ୟାରେ ପରିଚାଳନା କରାଯାଇଥାଏ । ଏମାନଙ୍କର ଉତ୍ପାଦନ ମୂଲ୍ୟ ହ୍ରାସ କରି ପ୍ରତିଯୋଗୀ ହୋଇପାରି ନ ଥାନ୍ତି ।

**(xv) ଘରୋଇ ମାଲିକାନା ଓ ସରକାରୀ ମାଲିକାନା ମଧ୍ୟରେ ପ୍ରଭେଦ ଦର୍ଶାଅ ।**

**ଉତ୍ତର**
- ଯେଉଁ କ୍ଷେତ୍ରର ମାଲିକାନା, ଜଣେ ବ୍ୟକ୍ତି ବା ବ୍ୟକ୍ତି ବିଶେଷମାନଙ୍କ ଉପରେ ନ୍ୟସ୍ତ ଥାଏ; ତାହାକୁ ଘରୋଇ ମାଲିକାନା କୁହାଯାଏ । ଉଦାହରଣ : ଭାରତରେ କୃଷି ଓ ଘରୋଇ ଉଦ୍ୟୋଗର ପ୍ରତିଷ୍ଠା କରାଯାଇଥିବା ଶିଳ୍ପ
- ସରକାରୀ ମାଲିକାନା କ୍ଷେତ୍ର ବା ଉଦ୍ୟୋଗ ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ, ତାହାକୁ ସରକାରୀ ମାଲିକାନା କୁହାଯାଏ ।

---x---

**ଦ୍ୱିତୀୟ ଅଧ୍ୟାୟ**

# ଉଦ୍ୟୋଗ ବିକାଶ

## ବହୁବିକଳ୍ପ ପ୍ରଶ୍ନ

**୧. ନିମ୍ନୋକ୍ତ କେଉଁଟି ଔଦ୍ୟୋଗିକି ଉତ୍ପାଦନର ଏକ ନିୟାମକ ନୁହେଁ ?**

(କ) ଭୂମି (ଖ) ଶ୍ରମ

(ଗ) ପୁଞ୍ଜି (ଘ) ଜଳ

**୨. ଫରାସୀ ଅର୍ଥନୀତଜ୍ଞ ରିଚାର୍ଡ଼ କାଣ୍ଟଲିନ୍ କେଉଁ ଶତାବ୍ଦୀରେ ଉଦ୍ୟୋଗି ଶବ୍ଦକୁ ପ୍ରଥମ କରି ଅର୍ଥନୀତିରେ ପ୍ରଚଳିତ କରିଥିଲେ ?**

(କ) ଶୋଡ଼ଶ (ଖ) ଅଷ୍ଟାଦଶ

(ଗ) ଊନବିଂଶ (ଘ) ବିଂଶ

**୩. ନିମ୍ନୋକ୍ତ କେଉଁଟି ଉଦ୍ୟୋଗୀୟ ଦକ୍ଷତା ନୁହେଁ ?**

(କ) ବ୍ୟକ୍ତିର ଜ୍ଞାନ

(ଖ) ସୁ-ଅଭ୍ୟାସ

(ଗ) ଖାଦ୍ୟ ସୁରକ୍ଷା

(ଘ) ବୈଷୟିକ କୌଶଳ

**୪. ନିମ୍ନୋକ୍ତ କେଉଁଟିକୁ ଉଦ୍ୟୋଗୀ ସମ୍ବନ୍ଧୀୟ ଜ୍ଞାନ ଦକ୍ଷତା କୁହାଯାଏ ନାହିଁ ?**

(କ) ବିଚାରଧାରା (ଖ) କାର୍ଯ୍ୟଧାରା

(ଗ) ବୃତ୍ତି (ଘ) ପ୍ରାଦ୍ୟୋଗିକୀ

**୫. ଔଦ୍ୟୋଗିକୀ ବିକାଶ ସଂସ୍ଥା ଉଦ୍ୟୋଗୀମାନଙ୍କର ପ୍ରଦର୍ଶନ ଓ ଉତ୍କର୍ଷତା ବୃଦ୍ଧି ପାଇଁ କେତେଗୋଟି ଦକ୍ଷତା ଗୁଣର ଅବତାରଣା କରିଛନ୍ତି ?**

(କ) 5 (ଖ) 10

(ଗ) 12 (ଘ) 15

**୬. କେଉଁ ଅର୍ଥନୀତିରେ ଉଦ୍ୟୋଗ ବିକାଶ ପାଇଁ ପରିସ୍ଥିତି ଅନୁକୂଳ ରହିଥାଏ ?**

(କ) ସମାଜବାଦୀ (ଖ) ପୁଞ୍ଜିବାଦୀ

(ଗ) ମିଶ୍ର (ଘ) କୌଣସିଟି ନୁହେଁ

**୭. ପ୍ରଫେସର ଡାଭିଡ଼ ମାକେଲଲାଣ୍ଡ କେବେ ଦକ୍ଷତା କାରକଗୁଡ଼ିକର ସଜ୍ଞା ପ୍ରଦାନ କରିଥିଲେ ?**

(କ) 1950 (ଖ) 1955

(ଗ) 1970 (ଘ) 1980

**୮. କେଉଁ ସଫଳ ଉଦ୍ୟୋଗୀ 'ନିର୍ମା' ଲୁଗା ସଫା ପାଉଡ଼ରର ନିର୍ମାତା ?**

(କ) କର୍ଷଣ ଭାଇ (ଖ) ରତନ ଟାଟା

(ଗ) ମୁକେଶ ଅମ୍ବାନୀ (ଘ) ଓ. ପି. ଜିନ୍ଦଲ

**୯. ଆର୍ଥିକ ବିକାଶରେ ଉଦ୍ୟୋଗୀଙ୍କ କେଉଁ ଭୂମିକା 'ଲଗାନ' ଚଳଚିତ୍ରରେ ଥିବା ଏକ ଉଦାହରଣ ?**

(କ) ସ୍ଥାନୀୟ ସମ୍ପ୍ରଦାୟଙ୍କ ଉପରେ ପ୍ରଭାବ

(ଖ) ଅନୁସନ୍ଧାନ, ପରୀକ୍ଷାନୀରିକ୍ଷା ଓ ସାହସୀ ହେବାକୁ ଉତ୍ସାହିତ କରିବା

(ଗ) ଆର୍ଥିକ ଦକ୍ଷତା ବିକାଶ

(ଘ) ଆର୍ଥିକ କାର୍ଯ୍ୟକଳାପର ବିବିଧତା ଓ ପରିସର ବୃଦ୍ଧି

**୧୦. ସୁଯୋଗର ଅବଲୋକନ ଓ କାର୍ଯ୍ୟାନ୍ୱୟନ କେଉଁ ଅନୁଭୂତିକୁ ନେଇ ସମ୍ଭବ ?**

(କ) ଦୈନନ୍ଦିନ (ଖ) ସାପ୍ତାହିକ

(ଗ) ମାସିକ (ଘ) ବାର୍ଷିକ

**୧୧. ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟରେ କେବେ ଶୁଭାରମ୍ଭ ଭାରତ ଯୋଜନାର ଶୁଭାରମ୍ଭ ହୋଇଥିଲା ?**

(କ) 2010 (ଖ) 2013

(ଗ) 2015 (ଘ) 2018

**୧୨. କେଉଁ ମସିହାରେ ଶୁଭାରମ୍ଭ ଓଡ଼ିଶା ଯୋଜନା କାର୍ଯ୍ୟକାରୀ ହୋଇଅଛି ?**

(କ) 2012 (ଖ) 2015

(ଗ) 2016 (ଘ) 2018

**୧୩. କେତୋଗୋଟି ଶୁଭାରମ୍ଭ ପ୍ରକଳ୍ପକୁ ଓଡ଼ିଶା ସରକାର 2021 ସୁଦ୍ଧା ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ସ୍ଥିର କରିଛନ୍ତି ?**

(କ) ୫00 (ଖ) 1000

(ଗ) 1500 (ଘ) 2000

**୧୪. କେଉଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ସତ୍ତ୍ୱେ ଦେଶର ସାର୍ବଜନୀନ ବିକାଶରେ ଖୁବ୍ କମ୍ ବ୍ୟକ୍ତି ଉଦ୍ୟୋଗକୁ ବୃତ୍ତି ଭାବେ ବାଛିଥାନ୍ତି ?**

(କ) ଉଦ୍ୟୋଗୀ (ଖ) ଔଦ୍ୟୋଗିକୀ

(ଗ) ଉଦ୍ୟୋଗ (ଘ) ଔଦ୍ୟୋଗୀକରଣ

**୧୫. ବୃତ୍ତି ପାଇଁ କାହାର ଦ୍ୱାରସ୍ଥ ନ ହୋଇ ଅନ୍ୟମାନଙ୍କୁ ବୃତ୍ତି ଯୋଗାଇବା ସହ ବିଭିନ୍ନ ଆର୍ଥିକ ଓ ମନସ୍ତାତ୍ତ୍ୱିକ ସୁବିଧା ଲାଭ କରାଉଥିବା ବୃତ୍ତି ଚୟନକାରୀ ବ୍ୟକ୍ତି ନିମ୍ନୋକ୍ତ ମଧ୍ୟରୁ କେଉଁଟି ?**

(କ) ଉଦ୍ୟୋଗୀ (ଖ) ଔଦ୍ୟୋଗିକୀ

(ଗ) ଉଦ୍ୟୋଗ (ଘ) ଔଦ୍ୟୋଗୀ କରଣ

**୧୬. ନିମ୍ନଲିଖିତ ମଧ୍ୟରୁ କାହାକୁ ଔଦ୍ୟୋଗିକୀ କୁହାଯାଏ ?**

(କ) ବ୍ୟକ୍ତି (ଖ) ଉଦ୍ୟମୀ

(ଗ) ପରିମାଣ (ଘ) ପ୍ରକ୍ରିୟା / କାର୍ଯ୍ୟକ୍ରମ

**୧୭. କିଏ ନିମ୍ନଲିଖିତ ମଧ୍ୟରୁ କର୍ତ୍ତା ?**

(କ) ଉଦ୍ୟୋଗ (ଖ) ଉଦ୍ୟୋଗିକୀ

(ଗ) ଉଦ୍ୟୋଗୀ (ଘ) ଔଦ୍ୟୋଗୀକରଣ

**୧୮. ନିମ୍ନଲିଖିତ ମଧ୍ୟରୁ କେଉଁଟି ଔଦ୍ୟୋଗିକୀ ଶବ୍ଦକୁ ବୁଝାଉଛି ?**

(କ) ଲାଟିନ (ଖ) ଫରାସୀ

(ଗ) ଇଂରାଜୀ (ଘ) ଗ୍ରୀକ୍

**୧୯. ନିମ୍ନୋକ୍ତ କେଉଁ ଶବ୍ଦର ଅର୍ଥ ହେଉଛି ସୈନ୍ୟ ଅଭିଯାନ ଉପକ୍ରମ ?**

(କ) ଉଦ୍ୟୋଗ (ଖ) ଉଦ୍ୟୋଗୀ

(ଗ) ଔଦ୍ୟୋଗୀକରଣ (ଘ) ଔଦ୍ୟୋଗିକୀ

**୨୦. ନିମ୍ନଲିଖିତ ମଧ୍ୟରୁ କେଉଁଟି ଔଦ୍ୟୋଗିକୀର ଏକ ବୈଶିଷ୍ଟ୍ୟ ନୁହେଁ ?**

(କ) ସୃଜନଶୀଳତା

(ଖ) ଉତ୍ପାଦନ ବ୍ୟବସ୍ଥାପନ

(ଗ) ପୁଞ୍ଜିର ଅନାବଶ୍ୟକତା

(ଘ) ଆଶଙ୍କା ମୁକାବିଲା

**୨୧. ନିମ୍ନୋକ୍ତ କାହା ବିନା ଜଡ଼ ପଦାର୍ଥ ସମ୍ବଳ ପଦବାଚ୍ୟ ହୁଏ ନାହିଁ ?**

(କ) ଶିକ୍ଷା (ଖ) ପ୍ରକଳ୍ପ

(ଗ) ଔଦ୍ୟୋଗିକୀ (ଘ) ବିପ୍ଳବ

**୨୨. ପ୍ରକୃତ ପକ୍ଷେ କେଉଁ ଶବ୍ଦଟି 'ବ୍ୟବହାର ଗତ ପ୍ରକୃତି' ଗୁଡ଼ିକର ସୂଚନା ଦେଉଛି ?**

(କ) ପ୍ରଯୁକ୍ତି ବିଦ୍ୟା (ଖ) ସମ୍ବଳ

(ଗ) ଔଦ୍ୟୋଗିକୀ (ଘ) ପ୍ରକଳ୍ପ

୨୩. ଔଦ୍ୟୋଗିକୀର କେଉଁ ବୈଶିଷ୍ଟ୍ୟ ଯୋଗୁଁ ପଚଶ ପ୍ରତିଶତ ସମ୍ଭାବନା ଥିବା ପ୍ରକଳ୍ପକୁ ଶହେ ପ୍ରତିଶତରେ ପରିଣତ କରିଥାନ୍ତି ?

(କ) ଆଶଙ୍କା ମୁକାବିଲା

(ଖ) ସୁବ୍ୟବସ୍ଥିତ କାର୍ଯ୍ୟକ୍ରମ

(ଗ) ସୃଜନଶୀଳତା

(ଘ) ଉତ୍ପାଦନ ବ୍ୟବସ୍ଥାପକ

୨୪. ନିମ୍ନୋକ୍ତ କେଉଁଟିକୁ ସୁବ୍ୟବସ୍ଥିତ ଭାବେ ନିୟୋଜିତ କରି ବାଣିଜ୍ୟକ ଭିତ୍ତିରେ ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରାଯାଏ ?

(କ) ଭୂମି

(ଖ) ଶ୍ରମ

(ଗ) ପୁଞ୍ଜି

(ଘ) ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା

୨୫. କେଉଁଟିର ବୃଦ୍ଧି ଘଟିଲେ ଆର୍ଥିକ ଅଭିବୃଦ୍ଧି ଘଟିଥାଏ ?

(କ) ମୋଟ ଘରୋଇ ଉତ୍ପାଦନ

(ଖ) ପୁଞ୍ଜି ନିର୍ମାଣ

(ଗ) ଉଦ୍ୟୋଗ

(ଘ) ଆର୍ଥିକ ଦକ୍ଷତା

୨୬. ଉଦ୍ୟୋଗୀମାନେ କାହା ମାଧ୍ୟମରେ ଆର୍ଥିକ ବିକାଶ ପ୍ରକ୍ରିୟାକୁ ପରିଚାଳିତ କରିଥାନ୍ତି ?

(କ) କମ୍ପାନୀ (ଖ) ଭୂମି

(ଗ) ଚାହିଦା (ଘ) କ୍ଷେତ୍ରୀୟ ପରିବର୍ତ୍ତନ

୨୭. ଉତ୍ପାଦନର କେତେଗୋଟି ପ୍ରମୁଖ ନିୟାମକ ରହିଛି ?

(କ) 4 (ଖ) 5

(ଗ) 7 (ଘ) 8

୨୮. ବ୍ୟବସାୟ ବା ଔଦ୍ୟୋଗୀକରଣ ପ୍ରକ୍ରିୟାର ପରିମାଣାତ୍ମକ ଏକକକୁ କ'ଣ କୁହାଯାଏ ?

(କ) ଉଦ୍ୟୋଗୀ (ଖ) ଔଦ୍ୟୋଗିକୀ

(ଗ) ଔଦ୍ୟୋଗୀକରଣ (ଘ) ଉଦ୍ୟୋଗ

୨୯. କୌଣସି ଉତ୍ପାଦ ସୃଷ୍ଟିରେ ଆବଶ୍ୟକ ନକ୍ସା ଓ ସ୍ଥାନ, ସମୟ ଓ ବ୍ୟକ୍ତିଗତ ଉପଯୋଗୀତା ଆଦି ପାଇଁ କେଉଁ ସାଧନର ମିଶ୍ରିତ ପ୍ରୟୋଗ ଆବଶ୍ୟକ ପଡ଼ିଥାଏ ?

(କ) ସମୟ (ଖ) ପ୍ରଯୁକ୍ତିବିଦ୍ୟା

(ଗ) କାରଖାନା (ଘ) ଫାର୍ମ

୩୦. କେଉଁଟି ଆର୍ଥିକ ବିକାଶର ପରିଭାଷା ଅଟେ ?

(କ) କୁଟୀରଶିଳ୍ପ

(ଖ) ବୃହତଶିଳ୍ପ

(ଗ) ମୋଟ ଘରୋଇ ଉତ୍ପାଦ

(ଘ) କୃଷି

୩୧. ଉଦ୍ୟୋଗୀମାନେ ନିଜର ସଞ୍ଚିତ ଅର୍ଥ ସହ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ସହ ଅର୍ଥ ବିନିଯୋଗ କରି କେଉଁ ନିର୍ମାଣ କ୍ଷେତ୍ରକୁ ଯୋଗଦାନ କରିଥାନ୍ତି ?

(କ) ଗୃହ (ଖ) ବ୍ୟବସାୟ

(ଗ) କଳକାରଖାନା (ଘ) ପୁଞ୍ଜି

୩୨. ନିମ୍ନପ୍ରଦତ୍ତ କେଉଁ ମାଧ୍ୟମରେ ଶ୍ରମ-ପୁଞ୍ଜି ଅନୁପାତରେ ପରିବର୍ତ୍ତନ ଆଣିଲେ ଆର୍ଥିକ ଦକ୍ଷତା ବୃଦ୍ଧି ସମ୍ଭବ ?

(କ) ପ୍ରକ୍ରିୟାରେ ଉନ୍ନତିକରଣ

(ଖ) ବୈଷୟିକ ଉନ୍ନତିକରଣ

(ଗ) ବର୍ଜ୍ୟବସ୍ତୁ ହ୍ରାସ

(ଘ) ଉତ୍ପାଦନ ବୃଦ୍ଧି

**୩୩. କେଉଁ ଦେଶ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଭିନ୍ନ ଉତ୍ପାଦନର ଏକ ଆନ୍ତର୍ଜାତୀୟ ବିନିର୍ମାଣ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛି ?**

(କ) ଭାରତ (ଖ) ଶ୍ରୀଲଙ୍କା

(ଗ) ବଙ୍ଗଳାଦେଶ (ଘ) ନେପାଳ

**୩୪. ଆନ୍ତର୍ଜାତିକ ବାଣିଜ୍ୟ ଓ ଆର୍ଥିକ ଅଭିବୃଦ୍ଧି ସମ୍ଭବ ହେବା ପାଇଁ ନିମ୍ନୋକ୍ତ କେଉଁ ପ୍ରତିବନ୍ଧକକୁ ଅତିକ୍ରମ କରିବା ଆବଶ୍ୟକ ହୁଏ ?**

(କ) ପର୍ବତ (ଖ) ହିମାଳୟ

(ଗ) ଆକାଶ (ଘ) ସମୁଦ୍ର

**୩୫. ଲଗାନ ଚଳଚିତ୍ରରେ ଭୁବନ ଚରିତ୍ର ଗ୍ରାମୀଣ ଯୁବକଙ୍କୁ ନେଇ କ'ଣ ଗଢ଼ିଥିଲେ ?**

(କ) କାରଖାନା (ଖ) କ୍ରିକେଟ ଟିମ୍

(ଗ) କ୍ଲବ (ଘ) ଶିକ୍ଷାନୁଷ୍ଠାନ

**୩୬. ଉଦ୍ୟୋଗ କ୍ଷେତ୍ରରେ ସଫଳତା ପାଇଁ ନିମ୍ନଲିଖିତ ମଧ୍ୟରୁ କ'ଣ ନିତାନ୍ତ ଜରୁରୀ ?**

(କ) ଔଦ୍ୟୋଗୀୟ ଦକ୍ଷତା

(ଖ) ଗ୍ରାମୀଣ ଶିଳ୍ପ

(ଗ) କାରିଗରୀ କୌଶଳ

(ଘ) ସ୍କିମ୍

**୩୭. ପ୍ରକୃତ ପକ୍ଷେ 'ଔଦ୍ୟୋଗୀୟ ଦକ୍ଷତା' ଅନେକଗୁଡ଼ିଏ ଗୁଣାବଳୀର ସମାହାର । ଏହାକୁ ଇଂରାଜୀରେ କ'ଣ କୁହାଯାଏ ?**

(କ) CASH (ଖ) KASH

(ଗ) DASH (ଘ) SKAS

**୩୮. ଔଦ୍ୟୋଗିକୀ ବିକାଶରର ଦକ୍ଷତା ବିଚାରଧାରାର ଆଦ୍ୟ ପ୍ରବର୍ତ୍ତକ ଭାବେ କାହାକୁ ବିବେଚନା କରାଯାଏ ?**

(କ) ପ୍ରଫେସର ହାଉଜରମ୍ୟାନ

(ଖ) ପ୍ରଫେସର ଏଲ. କ୍ରିଷ୍ଣାମୂର୍ତ୍ତି

(ଗ) ପ୍ରଫେସର ଏ. କ୍ରିଷ୍ଟାନ

(ଘ) ପ୍ରଫେସର ଡାଭିଡ୍ ମାକ୍‌ଭେଲାଣ୍ଡ

**୩୯. 1960 ଏବଂ 1970 ଦଶକରେ କେଉଁ ଅର୍ଥନୀତିଜ୍ଞ ଦକ୍ଷତା କାରକଗୁଡ଼ିକର ସଜ୍ଞା ପ୍ରଦାନ କରିଥିଲେ ?**

(କ) ରଘୁରାମ ରାଜନ୍

(ଖ) ମଣ୍ଟେକ୍ ସିଂ ଆଉଲିଆ

(ଗ) ଡାଭିଡ୍ ମାକ୍‌ଭେଲାଣ୍ଡ

(ଘ) ଅମର୍ତ୍ତ୍ୟ ସେନ୍

**୪୦. ବ୍ୟକ୍ତିର ଦକ୍ଷତା ବୃଦ୍ଧି କିପରି ସମ୍ଭବ ?**

(କ) ଅଧ୍ୟବସାୟ ଦ୍ୱାରା

(ଖ) ଶିକ୍ଷା ଓ ପ୍ରଶିକ୍ଷଣ ଦ୍ୱାରା

(ଗ) ବ୍ୟବସାୟିକ ଚୁକ୍ତି ଦ୍ୱାରା

(ଘ) କାର୍ଯ୍ୟାନୁଷ୍ଠାନ ଦ୍ୱାରା

**୪୧. ଔଦ୍ୟୋଗିକୀ ବିକାଶ ସଂସ୍ଥା (EDI) ଉଦ୍ୟୋଗୀମାନଙ୍କର ପ୍ରଦର୍ଶନ ଓ ଉତ୍କର୍ଷତା ଉପରେ କେତୋଟି ଦକ୍ଷତା ଗୁଣର ଅବତାରଣା କରିଛନ୍ତି ?**

(କ) 15 (ଖ) 20

(ଗ) 25 (ଘ) 30

**୪୨. କୌଣସି ବ୍ୟବସାୟ ଅବା ଉଦ୍ୟୋଗର ସଫଳତା କାହା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ?**

(କ) ଅର୍ଥ (ଖ) କର୍ମଚାରୀ

(ଗ) ମାଲିକ (ଘ) ଇଞ୍ଜିନିୟର

**୪୩. ଜଣେ ବ୍ୟବସାୟୀ ପାଇଁ ନିମ୍ନୋକ୍ତ କେଉଁଟି ପ୍ରୟୋଜନିତା ରହିଛି ?**

(କ) ଅର୍ଥ (ଖ) ସମ୍ବଳ

(ଗ) ଜ୍ଞନକୌଶଳ (ଘ) ଆଧିପତ୍ୟ

**୪୪. ଔଦ୍ୟୋଗିକ ବିକାଶ ନକ୍ସା ପ୍ରସ୍ତୁତ ସମୟରେ କେଉଁ ଦୁଇଟି ସର୍ତ୍ତ ପ୍ରତି ଧ୍ୟାନ ଦେବା ଆବଶ୍ୟକ ?**

(କ) କ୍ରେତା ଓ ବିକ୍ରେତା

(ଖ) ପୁଞ୍ଜି ଓ ଶ୍ରମ

(ଗ) ବାଞ୍ଛନୀୟତା ଓ ସମ୍ଭାବନା ଦିଗ

(ଘ) ସମୟ ଓ କମ୍ ଅର୍ଥବ୍ୟୟ

**୪୫. ନିମ୍ନୋକ୍ତ କେଉଁଟି ଉଦ୍ୟୋଗ ବିକାଶ ପାଇଁ ପ୍ରୋତ୍ସାହନ ଦେଇଥାଏ ?**

(କ) ବିଦେଶୀ ମୁଦ୍ରା (ଖ) ସ୍ୱଦେଶୀ ମୁଦ୍ରା

(ଗ) ମୁଦ୍ରା (ଘ) ମୁଦ୍ରା ସ୍ଫୀତିହାର

**୪୬. ଶ୍ରୀ ନାରାୟଣ ରେଡ୍ଡି ତାଙ୍କର ଅଣୁ ଆବିଷ୍କାରକୁ ବ୍ୟବସାୟ ସୁଯୋଗରେ ରୂପାନ୍ତର କରିବା କିପରି ସମ୍ଭବ ହୋଇଥିଲା ?**

(କ) ଅର୍ଥବଳ

(ଖ) ସରକାରୀ ସାହାଯ୍ୟ

(ଗ) ଶିକ୍ଷା ସଂସ୍ଥା

(ଘ) ପ୍ରବଳ ଇଚ୍ଛାଶକ୍ତି

**୪୭. କିଛି କଷ୍ଟସାଧ୍ୟ କାର୍ଯ୍ୟକୁ କରି ଦେଖାଇବାର ଇଚ୍ଛାକୁ କ’ଣ କୁହାଯାଏ ?**

(କ) ସାଫଲ୍ୟ ଅଭିଳାଷା

(ଖ) ପ୍ରୟୋଜନିତା

(ଗ) ସାଫଲ୍ୟତା

(ଘ) ନିରୁତ୍ସାହିତା

**୪୮. କିଏ ତାଙ୍କର ଅଣୁ ଆବିଷ୍କାରକୁ ପ୍ରବଳ ଇଚ୍ଛାଶକ୍ତି ମାଧ୍ୟମରେ ବ୍ୟବସାୟରେ ରୂପାନ୍ତରିତ କରିଥିଲେ ?**

(କ) ଶ୍ରୀନିବାସନ୍ (ଖ) ସି. ଭି. ରମଣ

(ଗ) ନାରାୟଣ ରେଡ୍ଡି (ଘ) ଅମର୍ତ୍ତ୍ୟ ସେନ୍

**୪୯. ନିମ୍ନୋକ୍ତ କେଉଁଟି ଉଦ୍ୟୋଗ ବିକାଶର ସଫଳତା ଓ ବିଫଳତା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ?**

(କ) ପୁରୁଷ / ମହିଳାଙ୍କ ଦକ୍ଷତା

(ଖ) ସାମାଜିକ-ସାଂସ୍କୃତିକ ପରିବେଶ

(ଗ) ଆଧିପତ୍ୟ ପ୍ରୟୋଜନିତା

(ଘ) ଔଦ୍ୟୋଗିକୀ ପ୍ରେରଣା

**୫୦. ଉଦ୍ୟୋଗପତିମାନଙ୍କୁ କିଭଳି ଆଧିପତ୍ୟର ଆବଶ୍ୟକ ଥାଏ ?**

(କ) ସମାଜଭିମୁଖୀ

(ଖ) ସମ୍ବନ୍ଧୀକରଣ

(ଗ) ପ୍ରୟୋଜନ ଭିତ୍ତିକ

(ଘ) ଆର୍ଥିକ

**୫୧. ଔଦ୍ୟୋଗିକୀ ବିକାଶର ଜନକ କିଏ ?**

(କ) ମିଲଟନ୍ ଫ୍ରାଏଡ଼ମ୍ୟାନ

(ଖ) ଆଡ଼ାମ୍ ସ୍ମିଥ

(ଗ) ଡାଭିଡ୍ ମାକଭେଲାଣ୍ଡ

(ଘ) ଭି. ଭି. ରିଚାର୍ଡ୍

**୫୨. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସମାଜରେ ସଫଳ ବୃତ୍ତି ପାଇଁ ସୁଦୃଢ଼ ଭିତ୍ତିଭୂମି ଯୋଗାଇଥାଏ ?**

(କ) ଶିକ୍ଷା (ଖ) ଅର୍ଥ

(ଗ) ପରିବାର (ଘ) ଶିକ୍ଷାଞ୍ଚଳ

୫୩. ଡାଭିଡ୍ ମାକ୍‌ଭେଲାଣ୍ଡ କେତୋଟି ଦେଶର ଲୋକପ୍ରିୟ ଗଳ୍ପ ଲୋକ ସାହିତ୍ୟ ତଥା ପ୍ରାଥମିକ ଶ୍ରେଣୀରେ ପଢ଼ାଯାଉଥିବା ବିଷୟ ବସ୍ତୁକୁ ଅନୁଧ୍ୟାନ କରିଥିଲେ ?

(କ) 13 (ଖ) 15

(ଗ) 23 (ଘ) 39

୫୪. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଔଦ୍ୟୋଗିକୀ ବିକାଶ କାର୍ଯ୍ୟକ୍ରମ ?

(କ) EDP (ଖ) EPF

(ଗ) EDH (ଘ) EDD

୫୫. ଅନ୍ୟ କାହା ପାଇଁ କାମ ନ କରି ନିଜ ଦାୟିତ୍ୱ ନିଜେ ନେବା ସହ ନିଜକୁ ଉତ୍ତରଦାୟୀ କରାଇବା ଏବଂ ସ୍ୱାଧୀନ ଭାବେ କାର୍ଯ୍ୟ ନିର୍ବାହ କରିବାର ଇଚ୍ଛାକୁ କ'ଣ କହନ୍ତି ?

(କ) ସମ୍ବନ୍ଧୀକରଣ ପ୍ରୟୋଜନିତା

(ଖ) ସ୍ୱାୟତ୍ତତା ପ୍ରୟୋଜନିତା

(ଗ) ଉଦ୍ୟୋଗୀମୂଳକ ପ୍ରୟୋଜନିତା

(ଘ) ସାଫଲ୍ୟ ପ୍ରୟୋଜନିତା

୫୬. ନିମ୍ନୋକ୍ତ କେଉଁଟିର ବିଶ୍ଳେଷଣରେ ମୂଲ୍ୟବୋଧ ଓ ଦୃଷ୍ଟିଭଙ୍ଗୀ ଶବ୍ଦର ବହୁଳ ବ୍ୟବହାର ଶୁଣିବାକୁ ମିଳିଥାଏ ?

(କ) ମାନବ ଚରିତ୍ର (ଖ) ଔଦ୍ୟୋଗିକୀ

(ଗ) ପ୍ରୟୋଜନିତା (ଘ) ବିନିର୍ମାଣ

୫୭. HRM ର ଅର୍ଥ କ'ଣ ?

(କ) ବ୍ୟବହାରିକ ବିକଳ୍ପ

(ଖ) ମାନବ ସମ୍ବଳ ପରିଚାଳନା

(ଗ) ଅଭିବୃଦ୍ଧି ପରିଚାଳନା

(ଘ) ବଜାର ପରିଚାଳନା

୫୮. ଉତ୍ପାଦରେ ନିରନ୍ତର ନୂତନତ୍ୱ ଓ ସୁଧାର ଆଣିବା ଯୋଜନାକୁ କ'ଣ କହନ୍ତି ?

(କ) କାର୍ଯ୍ୟ ପରିଚାଳନା

(ଖ) ପ୍ରତିଦ୍ୱନ୍ଦ୍ୱିତା ପରିଚାଳନା

(ଗ) ଅଭିବୃଦ୍ଧି ପରିଚାଳନା

(ଘ) ବଜାର ପରିଚାଳନା

୫୯. ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବାକୁ କ'ଣ କହନ୍ତି ?

(କ) ଔପଚାରିକତା

(ଖ) ଉତ୍ତରାଧିକାରୀ ଚୟନ

(ଗ) ଅଭୀବୃଦ୍ଧି ପରିଚାଳନା

(ଘ) ସମୟସୀମା ନିର୍ଦ୍ଧାରଣ

୬୦. ଯେଉଁ ସବୁ ପ୍ରକ୍ରିୟା ଦେଇ ଶିଳ୍ପାନୁଷ୍ଠାନ ଗଢ଼ିଉଠେ, ତାକୁ କ'ଣ କୁହାଯାଏ ?

(କ) ଶିଳ୍ପାୟନ (ଖ) ଉଦ୍ୟୋଗୀକରଣ

(ଗ) ଉଦ୍ୟୋଗ (ଘ) ଔପଚାରିକତା

୬୧. କେଉଁ ଭଳି ଦେଶମାନଙ୍କରେ ଉଦ୍ୟୋଗୀକୁ ଦୈନନ୍ଦିନ ବ୍ୟବସାୟ / ଶିଳ୍ପ ପରିଚାଳନାର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥାଏ ?

(କ) ଅନଗ୍ରସର (ଖ) ବିକଶିତ

(ଗ) ଆର୍ଥିକ ସ୍ୱଚ୍ଛଳ (ଘ) ବିକାଶଶୀଳ

୬୨. ବ୍ୟବସାୟ ବା ଉଦ୍ୟୋଗ ପ୍ରତିଷ୍ଠାତାକୁ କ'ଣ କୁହାଯାଏ ?

(କ) ଉଦ୍ୟୋଗୀ (ଖ) ଔଦ୍ୟୋଗିକୀ

(ଗ) ଉଦ୍ୟୋଗ (ଘ) ଔଦ୍ୟୋଗୀକରଣ

# ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଘ) ଜଳ
୨. (ଖ) ଅଷ୍ଟାଦଶ
୩. (ଗ) ଖାଦ୍ୟ ସୁରକ୍ଷା
୪. (କ) ବିଚାରଧାରା
୫. (ଘ) 15
୬. (ଖ) ପୁଞ୍ଜିବାଦୀ
୭. (ଗ) 1970
୮. (କ) କର୍ଷଣ ଭାଇ
୯. (ଖ) ଅନୁସନ୍ଧାନ, ପରୀକ୍ଷା ନୀରିକ୍ଷା ଓ ସାହସୀ ହେବାକୁ ଉତ୍ସାହିତ କରିବା
୧୦. (କ) ଦୈନନ୍ଦିନ
୧୧. (ଘ) 2018
୧୨. (ଗ) 2016
୧୩. (ଖ) 1000
୧୪. (ଖ) ଔଦ୍ୟୋଗିକୀ
୧୫. (ଗ) ଉଦ୍ୟୋଗ
୧୬. (ଘ) ପ୍ରକ୍ରିୟା / କାର୍ଯ୍ୟକ୍ରମ
୧୭. (ଗ) ଉଦ୍ୟୋଗୀ
୧୮. (ଖ) ଫରାସୀ
୧୯. (ଘ) ଔଦ୍ୟୋଗିକୀ
୨୦. (ଗ) ପୁଞ୍ଜିର ଅନାବଶ୍ୟକତା
୨୧. (ଗ) ଔଦ୍ୟୋଗିକୀ
୨୨. (ଗ) ଔଦ୍ୟୋଗିକୀ
୨୩. (କ) ଆଶଙ୍କା ମୁକାବିଲା
୨୪. (ଘ) ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା
୨୫. (କ) ମୋଟ ଘରୋଇ ଉତ୍ପାଦନ
୨୬. (ଘ) କ୍ଷେତ୍ରୀୟ ପରିବର୍ତ୍ତନ
୨୭. (ଖ) 5
୨୮. (ଘ) ଉଦ୍ୟୋଗ
୨୯. (ଖ) ପ୍ରଯୁକ୍ତିବିଦ୍ୟା
୩୦. (ଗ) ମୋଟ ଘରୋଇ ଉତ୍ପାଦ
୩୧. (ଘ) ପୁଞ୍ଜି
୩୨. (ଖ) ବୈଷୟିକ ଉନ୍ନତିକରଣ
୩୩. (କ) ଭାରତ
୩୪. (ଘ) ସମୁଦ୍ର
୩୫. (ଖ) କ୍ରିକେଟ ଟିମ୍
୩୬. (କ) ଔଦ୍ୟୋଗୀୟ ଦକ୍ଷତା
୩୭. (ଖ) KASH
୩୮. (ଘ) ପ୍ରଫେସର ଡାଭିଡ଼ ମାକ୍‌ଭେଲାଣ୍ଡ
୩୯. (ଗ) ଡାଭିଡ଼ ମାକ୍‌ଭେଲାଣ୍ଡ
୪୦. (ଖ) ଶିକ୍ଷା ଓ ପ୍ରଶିକ୍ଷଣ ଦ୍ୱାରା
୪୧. (କ) 15
୪୨. (ଖ) କର୍ମଚାରୀ
୪୩. (ଘ) ଆଧିପତ୍ୟ
୪୪. (ଗ) ବାଞ୍ଛନୀୟତା ଓ ସମ୍ଭାବନାଦିଗ
୪୫. (ଖ) ସ୍ୱଦେଶୀ ମୁଦ୍ରା
୪୬. (ଘ) ପ୍ରବଳ ଇଚ୍ଛାଶକ୍ତି
୪୭. (କ) ସାଫଲ୍ୟ ଅଭିଳାଷା
୪୮. (ଗ) ନାରାୟଣ ରେଡ୍ଡି
୪୯. (ଖ) ସାମାଜିକ-ସାଂସ୍କୃତିକ ପରିବେଶ
୫୦. (କ) ସମାଜଭିମୁଖୀ
୫୧. (ଗ) ଡାଭିଡ୍ ମାକଭେଲାଣ୍ଡ
୫୨. (ଗ) ପରିବାର
୫୩. (ଘ) 39
୫୪. (କ) EDP
୫୫. (ଖ) ସାୟତ୍ତତା ପ୍ରୟୋଜନିତା
୫୬. (କ) ମାନବ ଚରିତ୍ର
୫୭. (ଖ) ମାନବ ସମ୍ବଳ ପରିଚାଳନା
୫୮. (ଘ) ବଜାର ପରିଚାଳନା
୫୯. (ଘ) ସମୟସୀମା ନିର୍ଦ୍ଧାରଣ
୬୦. (ଖ) ଉଦ୍ୟୋଗୀକରଣ
୬୧. (ଘ) ବିକାଶଶୀଳ
୬୨. (କ) ଉଦ୍ୟୋଗୀ

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର ୧. ଔଦ୍ୟୋଗୀକରଣ କହିଲେ କ'ଣ ବୁଝ ?**

ଉତ୍ତର
- ଉଦ୍ୟୋଗୀ, ଔଦ୍ୟୋଗିକୀ ଓ ଉଦ୍ୟୋଗର ବିଶ୍ଳେଷଣବେଳେ ଏହା ଠିକ୍ ଯେ ଔଦ୍ୟୋଗୀକରଣ କହିଲେ ଉଦ୍ୟୋଗ ସୃଷ୍ଟି କରିବାର ପ୍ରକ୍ରିୟାକୁ ବୁଝାଏ।
- କୌଣସି ବ୍ୟକ୍ତି ବୃତ୍ତି ଚୟନରେ ନିଜସ୍ୱ ଉଦ୍ୟୋଗ / ବ୍ୟବସାୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେବା ବେଳେ ତାହାର ବଜାର ସୁଯୋଗ ସମ୍ବନ୍ଧୀୟ ଜ୍ଞାନ, ସାହସର ସହ ବଜାର ସୁଯୋଗର ସଦୁପଯୋଗ ଆବଶ୍ୟକ ପୁଞ୍ଜି ଯୋଗାଡ଼ ଆଦି ନିପୁଣତାର ସହ କରିବା ଦରକାର, ଯେପରି ସେ ଏକ ପ୍ରତିଭାବାନ ଉଦ୍ୟୋଗୀ ଭାବେ ପରିଚିତ ହେବ।

**ପ୍ର ୨. ଔଦ୍ୟୋଗିକୀର ନିୟାମକଗୁଡ଼ିକ କ'ଣ ?**

ଉତ୍ତର
- ଔଦ୍ୟୋଗିକୀ ଉତ୍ପାଦନର ପ୍ରମୁଖ ଚାରିଗୋଟି ନିୟାମକ ମଧ୍ୟରୁ ଏକ ନିୟାମକ। ଅନ୍ୟ ତିନୋଟି ନିୟାମକଗୁଡ଼ିକ ହେଲା ଭୂମି, ଶ୍ରମ ଓ ପୁଞ୍ଜି।
- ଦେଶର ସାର୍ବଜନୀନ ବିକାଶରେ ଔଦ୍ୟୋଗିକୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁତରାଂ ଅର୍ଥନୀତି ଓ ପରିଚାଳନାରେ ଔଦ୍ୟୋଗିକୀର ପ୍ରଭାବ ଅତି ଗୁରୁତ୍ୱପୂର୍ଣ୍ଣ।

**ପ୍ର ୩. ଆର୍ଥିକ ବିକାଶରେ ଉଦ୍ୟାଗୀଙ୍କ ଭୂମିକା ବିଷୟରେ ଉଲ୍ଲେଖ କର ?**

ଉତ୍ତର
- ଆର୍ଥିକ କ୍ଷେତ୍ରକୁ ଉଦ୍ୟେଗୀଙ୍କ ଅବଦାନ ବେଶ ଗୁରୁତ୍ୱପୂର୍ଣ୍ଣ ଏଗୁଡ଼ିକ ହେଲା ଯଥା-
- ସମୁଦାୟ ଘରୋଇ ଉତ୍ପାଦନକୁ ଅବଦାନ। ବିଭିନ୍ନ ପ୍ରକଳ୍ପ / ସଂସ୍ଥା ଦ୍ୱାରା ଉଦ୍ୟୋଗୀମାନେ କୃଷି, ଶିଳ୍ପ ବା ସେବା କ୍ଷେତ୍ରରେ ଆୟ ସୃଷ୍ଟି କରିଥାନ୍ତି।
- ପୁଞ୍ଜି ନିର୍ମାଣ ଉଦ୍ୟୋଗ ସ୍ଥାପନ ପାଇଁ ଅତ୍ୟନ୍ତ ଜରୁରୀ। ଏହା ଦ୍ୱାରା ଆର୍ଥିକ ଉତ୍ପାଦନ କ୍ଷେତ୍ର ଅଭିବର୍ଦ୍ଧିତ ହୋଇଥାଏ।
- ନିଯୁକ୍ତି ସୃଷ୍ଟି : ପ୍ରତ୍ୟେକ ନୂଆ ବ୍ୟବସାୟ, ବିଭିନ୍ନ ଦକ୍ଷତା, ନିପୁଣତା ଓ ଯୋଗ୍ୟତା ଥିବା ଲୋକଙ୍କ ପାଇଁ ନିଯୁକ୍ତିର ଉତ୍ସ ଅଟେ।
- ଆର୍ଥିକ ଦକ୍ଷତା ବିକାଶ : ଉଦ୍ୟୋଗୀମାନେ ପ୍ରକ୍ରିୟାଗତ ଉନ୍ନତିକରଣ ବର୍ଜ୍ୟବସ୍ତୁ ହ୍ରାସ, ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ। ବୈଷୟିକ ଉନ୍ନତିକରଣ ମାଧ୍ୟମରେ ଶ୍ରମ-ପୁଞ୍ଜି ଅନୁପାତରେ ପରିବର୍ତ୍ତନ ଆଣିଲେ ଆର୍ଥିକ ଦକ୍ଷତା ବୃଦ୍ଧି ହେବ।
- ଆର୍ଥିକ କାର୍ଯ୍ୟକଳାପର ବିବିଧତା ଓ ପରିସର ବୃଦ୍ଧି ହେଲେ ଆର୍ଥିକ ବିକାଶ ସମ୍ଭବ ହୋଇଥାଏ।
- ଅନୁସନ୍ଧାନ, ପରୀକ୍ଷା, ନିରିକ୍ଷା ଓ ସାହସୀ ହେବାକୁ ଉତ୍ସାହିତ କଲେ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ।

**ପ୍ର ୪. ଔଦ୍ୟୋଗିକୀର ବୈଶିଷ୍ଟ୍ୟଗୁଡ଼ିକ ସମ୍ବନ୍ଧରେ ଆଲୋଚନା କର।**

ଉତ୍ତର
- ସୁବ୍ୟବସ୍ଥିତ କାର୍ଯ୍ୟକ୍ରମ : ଔଦ୍ୟୋଗିକି ଏକ ସୁବ୍ୟବସ୍ଥିତ ପର୍ଯ୍ୟାୟ କ୍ରମିକ ତଥା ଉଦ୍ଦେଶ୍ୟମୂଳକ କାର୍ଯ୍ୟକ୍ରମ।
- ଆଇନ ସଂଗତ ତଥା ଉଦ୍ଦେଶ୍ୟୋଦିତ କାର୍ଯ୍ୟକ୍ରମ : ପ୍ରକୃତପକ୍ଷେ ଔଦ୍ୟୋଗୀକରଣ ମୂଲ୍ୟବୋଧ ଭିତ୍ତିକ ହେବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ଫାଇଦା ତଥା ସାମାଜିକ ଲାଭଦାୟୀ ହେବା ଆବଶ୍ୟକ।

- ସୃଜନଶୀଳତା : କୌଣସି ବ୍ୟବସାୟ / ଉଦ୍ୟୋଗ କ୍ଷେତ୍ରରେ ସୃଜନଶୀଳତା ଖର୍ଚ୍ଚକାଟ ଅଥବା ଆୟବୃଦ୍ଧିରେ ସହାୟକ ହୋଇଥାଏ।
- ଉତ୍ପାଦନ ବ୍ୟବସ୍ଥାପନ : କୌଣସି ଉତ୍ପାଦ ସୃଷ୍ଟିରେ ଆବଶ୍ୟକ ନକ୍ସା ଓ ସ୍ଥାନ, ସମୟ ଓ ବ୍ୟକ୍ତିଗତ ଉପଯୋଗୀତା ଆଦି ପାଇଁ ଭୂମି, ଶ୍ରମ, ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଭିନ୍ନ ସାଧନର ମିଶ୍ରିତ ପ୍ରୟୋଗ ଆବଶ୍ୟକ ପଡ଼ିଥାଏ।
- ଆଶଙ୍କା ମୁକାବିଲା : ଜଣେ ଉଦ୍ୟୋଗୀ ଆପଦକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରେ। ଉଦାହରଣସ୍ୱରୂପ, ସେ ନିଜ ଉତ୍ପାଦ ପାଇଁ ଗ୍ରାହକମାନଙ୍କ ସହିତ ପୂର୍ବରୁ ଚୁକ୍ତି କରିପାରେ। ଏପରିକି ସେ ଜଣେ ଚୁକ୍ତିଭିତ୍ତିକ ଉତ୍ପାଦନକାରୀ ବା ଅନ୍ୟ ଉତ୍ପାଦନକାରୀଙ୍କ ବ୍ୟବସାୟ କାର୍ଯ୍ୟ ତୁଲାଇପାରେ। ସାଧାରଣତଃ ଆଶଙ୍କା ମୁକାବିଲା କହିଲେ ଅଭିଳଷିତ ଲାଭ ଠାରୁ ପ୍ରକୃତ ଲାଭ କମ୍ ହୋଇପାରେ।

**ପ୍ର ୫. ଉଦ୍ୟୋଗୀଙ୍କ ଦକ୍ଷତା ଗୁଣ ବିଷୟରେ ଉଲ୍ଲେଖ କର ?**

**ଉତ୍ତର** ଔଦ୍ୟୋଗିକୀ ବିକାଶ ସଂସ୍ଥା ଉଦ୍ୟୋଗୀମାନଙ୍କର ପ୍ରଦର୍ଶନ ଓ ଉତ୍କ୍ଷତା ବୃଦ୍ଧିରେ 15 ଟି ଦକ୍ଷତା ଗୁଣର ଅବତାରଣା କରିଛନ୍ତି। ସେଗୁଡ଼ିକ ହେଲା ଯଥା – (i) ଆଗଭର ହେବା (ii) ସୁଯୋଗର ଅବଲୋକନ କରିବା (iii) ଅଧ୍ୟବସାୟୀ (iv) ତଥ୍ୟ ଜିଜ୍ଞାସା (v) ଉଚ୍ଚ ଗୁଣବତ୍ତା ପ୍ରତି ଧ୍ୟାନ ଦେବା (vi) ବ୍ୟବସାୟୀକ ଚୁକ୍ତି ପ୍ରତି ବଚନ ବଦ୍ଧତା (vii) ଦକ୍ଷତାଭିମୁଖୀ ହେବା (viii) ସୁବ୍ୟବସ୍ଥିତ ଯୋଜନା (ix) ସମସ୍ୟା ସମାଧାନ (x) ଆତ୍ମବିଶ୍ୱାସ (xi) ଦୃଢ଼ ମତ ପୋଷଣ (xii) ପ୍ରରୋଚିତ କରିବା (xiii) ପ୍ରଭାବକାରୀ କୌଶଳ ପ୍ରୟୋଗ (xiv) ନିରନ୍ତର ନିରୀକ୍ଷଣ (xv) କର୍ମଚାରୀ କଲ୍ୟାଣ ପ୍ରତି ସମ୍ବେଦନଶୀଳ ହେବା।

**ପ୍ର ୬. ବିକାଶଶୀଳ ଦେଶମାନଙ୍କରେ ଉଦ୍ୟୋଗୀମାନେ ଅସଫଳ ହେବାର କାରଣ କ'ଣ ?**

**ଉତ୍ତର**
- ବିକାଶଶୀଳ ଦେଶମାନଙ୍କରେ ଉଦ୍ୟୋଗୀମାନଙ୍କୁ ମାଲିକ-ପରିଚାଳକ ଭୂମିକାରେ ଦେଖିବାକୁ ମିଳିଥାଏ। କାରଣ ଉଦ୍ୟୋଗୀମାନେ ପ୍ରକଳ୍ପର ଦୈନନ୍ଦିନ ବ୍ୟାପାର ସହିତ ଓତଃପ୍ରୋତଃ ଭାବେ ଜଡ଼ିତ ଥାଆନ୍ତି। ସେମାନଙ୍କର ପରିଚାଳନାଗତ ଦକ୍ଷତାର ଅଭାବ ହିଁ ଅନେକ କ୍ଷେତ୍ରରେ ବ୍ୟବସାୟରେ ଅସଫଳତା ଆଣିଥାଏ।
- କୌଣସି ପରିଚାଳକଙ୍କୁ ଯେପରି ଆବଶ୍ୟକ ସ୍ଥଳେ ଉଦ୍ୟୋଗୀର ଭୂମିକା ନିର୍ବାହ କରିବାକୁ ପଡ଼ିଥାଏ, ସେହିପରି ଜଣେ ଉଦ୍ୟୋଗୀର ମଧ୍ୟ ପରିଚାଳନାଗତ ସାମର୍ଥ୍ୟ ଥିଲେ ହେଁ ପ୍ରକଳ୍ପ ସଫଳତାର ସ୍ୱାଦ ଚାଖିପାରିବ।

**ପ୍ର ୭. ଗ୍ରାମୀଣ ଶିଳ୍ପ ଓ କ୍ଷୁଦ୍ର ବ୍ୟବସାୟ କାହିଁକି ଗୁରୁତ୍ୱପୂର୍ଣ୍ଣ ?**

**ଉତ୍ତର**
- ଔଦ୍ୟୋଗିକୀ ମୂଳତଃ କ୍ଷୁଦ୍ର ବ୍ୟବସାୟ ହିଁ ଅର୍ଥନୈତିକ ନମ୍ରତା ଆଣିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ସମାଜରେ ଅନେକ ଅବହେଳିତ ଗୋଷ୍ଠୀ ରହିଛନ୍ତି। ଗ୍ରାମୀଣ ଶିଳ୍ପ ଓ କ୍ଷୁଦ୍ର ବ୍ୟବସାୟ ହିଁ ବିଭିନ୍ନ ଆଞ୍ଚଳିକ ଅନଗ୍ରସର ବର୍ଗର ବ୍ୟକ୍ତିଙ୍କ ଆର୍ଥିକ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସହାୟକ ହୋଇଥାଏ।
- ଶିକ୍ଷାଗତ ଯୋଗ୍ୟତାର କୌଣସି ବାଧା ନ ଥିବାରୁ ଏହି ଅବହେଳିତ ଗୋଷ୍ଠୀଙ୍କ ପାଇଁ ବ୍ୟବସାୟ / ଉଦ୍ୟୋଗ ବୃତ୍ତି ହିଁ ବେଶ୍ ଆକର୍ଷଣୀୟ ଜୀବିକା ହୋଇପାରେ।

**ପ୍ର ୮. ପୁଞ୍ଜିବାଦୀ ଅର୍ଥନୀତିରେ ଉଦ୍ୟୋଗ ବିକାଶ ପାଇଁ ପରିସ୍ଥିତି କାହିଁକି ଅନୁକୂଳ ରହିଥାଏ ?**

**ଉତ୍ତର**
- ପୁଞ୍ଜିବାଦୀ ଅର୍ଥନୀତି ସାଧାରଣତଃ ଦେଶର ବୃଦ୍ଧି ଓ ଶିଳ୍ପୋଦ୍ୟୋଗଗୁଡ଼ିକ ଘରୋଇ ବ୍ୟକ୍ତି ବିଶେଷଙ୍କ ମାଲିକାନାରେ ଥାଏ। ଏସବୁ ଲାଭ ପାଇବାର ଲକ୍ଷ୍ୟ ରଖି କାର୍ଯ୍ୟ କରିଥାନ୍ତି।

- କ୍ଷତିରେ ଚାଲୁଥିବା ଉଦ୍ୟୋଗଗୁଡ଼ିକୁ ସରକାର ଘରୋଇ ବ୍ୟକ୍ତିବିଶେଷ ବା କମ୍ପାନୀକୁ ବିକ୍ରି କରିଦେବାର ବା ଘରୋଇ କମ୍ପାନୀ ସହିତ ମିଳିମିଶି ଚଳାଇବାର ବ୍ୟବସ୍ଥା ଗ୍ରହଣ କଲେ । ଏଥି ସହିତ ବହୁତ କ୍ଷେତ୍ରରେ ଘରୋଇ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଇ ସରକାରୀ ଉଦ୍ୟୋଗ ସହିତ ପ୍ରତିଯୋଗୀତା କରିବା ପାଇଁ ଏଥିରେ ପ୍ରୋତ୍ସାହିତ କରାଯାଇଥାଏ ।
- ଘରୋଇକରଣ ନୀତି ନୂତନ ଆର୍ଥିକ ନୀତିର ଏକ ଅନ୍ୟତମ ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ । ଏହା ପୁଞ୍ଜିବାଦୀ ଅର୍ଥନୀତିରେ ଉଦ୍ୟୋଗ ବିକାଶ ପାଇଁ ପରିସ୍ଥିତ ଅନୁକୂଳ କରିଥାଏ ।

**ପ୍ର ୯. କ୍ୟାସ୍ ବା KASH କହିଲେ କ'ଣ ବୁଝ ?**

**ଉତ୍ତର**
- ଔଦ୍ୟୋଗିକୀ ପ୍ରକ୍ରିୟାରେ ଉଦ୍ୟୋଗୀର ବ୍ୟବହାରିକ ଚୟନକୁ ହିଁ ଉଦ୍ୟୋଗୀକରଣ ମୂଲ୍ୟବୋଧ ଓ ଦୃଷ୍ଟିଭଙ୍ଗୀ କୁହାଯାଏ । କାରଣ କୌଣସି କାର୍ଯ୍ୟକୁ ଭିନ୍ନ ଭିନ୍ନ ପ୍ରକାରରେ ସମ୍ପାଦନ କରାଯାଇପାରେ ।
- ବେଶ୍ କିଛି ବ୍ୟାବହାରିକ ପ୍ରବୃତ୍ତି ବା ଆଭିମୁଖ୍ୟ ଔଦ୍ୟୋଗିକୀ ବିକାଶ ପ୍ରକ୍ରିୟାକୁ ପ୍ରଭାବିତ କରୁଥିବାର ଜଣାପଡ଼ିଛି ।
- KASH ରେ ଏହାକୁ ସୁ ଅଭ୍ୟାସ ବୋଲି ଉଲ୍ଲେଖ କରାଯାଇଛି ।
- କେତେକ ଅନୁସନ୍ଧାନକାରୀ ଏହାକୁ ନୀତି ବା କୌଶଳ ବୋଲି ଅଭିହିତ କରିଛନ୍ତି । ସଂକ୍ଷେପରେ ଏହାକୁ Knowledge + Attitude + Skill + Habits କୁହାଯାଏ ।

**ପ୍ର ୧୦. ସଂକ୍ଷିପ୍ତ ଟିପ୍ପଣୀ ଲେଖ :**

**(କ) ଉତ୍ପାଦନ ବ୍ୟବସ୍ଥାପନ :**

**ଉତ୍ତର**
- କୌଣସି ଉତ୍ପାଦ ସୃଷ୍ଟିରେ ଆବଶ୍ୟକ ନକ୍ସା, ସ୍ଥାନ, ସମୟ ଓ ବ୍ୟକ୍ତିଗତ ଉପଯୋଗିତା ଆଦି ପାଇଁ ଭୂମି, ଶ୍ରମ, ପୁଞ୍ଜି ଓ ପ୍ରଯୁକ୍ତିବିଦ୍ୟା ଆଦି ବିଭିନ୍ନ ସାଧନର ମିଶ୍ରିତ ପ୍ରୟୋଗ ଆବଶ୍ୟକ ପଡ଼ିଥାଏ ।
- ଏହି ବ୍ୟାବସାୟିକ ସୁଯୋଗର ଉପଲବ୍ଧି ଯୋଗୁଁ ଜଣେ ଉଦ୍ୟୋଗୀ ଆବଶ୍ୟକ ସମ୍ବଳ / ସାଧନ ସହାୟତାରେ ଏକ ଉତ୍ପାଦନକାରୀ ସଂସ୍ଥା ବା ଫାର୍ମ ସୃଷ୍ଟି କରେ ।
- ଜଣେ ଉଦ୍ୟୋଗୀ ଆତ୍ମପ୍ରତ୍ୟୟ ଦ୍ଵାରା ସେ ସାଧନ ପ୍ରଦାନକାରୀଙ୍କୁ ପ୍ରଭାବିତ କରିଥାଏ ।

**(ଖ) ଆଶଙ୍କା ମୁକାବିଲା :**

**ଉତ୍ତର**
- ଜଣେ ଉଦ୍ୟୋଗୀ ଆପଦକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରେ । ଉଦାହରଣ ସ୍ଵରୂପ ସେ ନିଜ ଉତ୍ପାଦ ପାଇଁ ଗ୍ରାହକମାନଙ୍କ ସହିତ ପୂର୍ବରୁ ଚୁକ୍ତି କରିପାରେ ।
- ଏପରିକି ସେ ଜଣେ ଚୁକ୍ତିଭିତ୍ତିକ ଉତ୍ପାଦନକାରୀ ବା ଅନ୍ୟ ଉତ୍ପାଦନକାରୀଙ୍କ ବ୍ୟବସାୟ କାର୍ଯ୍ୟ ତୁଲାଇପାରେ ।
- ସାଧାରଣତଃ ଆଶଙ୍କା ମୁକାବିଲା କହିଲେ ଅଭିଳାଷିତ ଲାଭ ଠାରୁ ପ୍ରକୃତ ଲାଭ କମ୍ ହୋଇପାରେ ।

**(ଗ) ତଥ୍ୟ ଜିଜ୍ଞାସା :**

**ଉତ୍ତର**
- ବ୍ୟବସାୟୀ / ଉଦ୍ୟୋଗୀ ଜ୍ଞାନପିପାସୁ ହେବା ସହ ନିଜ କ୍ଷେତ୍ର ସହ ଜଡ଼ିତ ବିଦ୍ଵାନ ବ୍ୟକ୍ତିଙ୍କୁ ଚିହ୍ନିବା, ବିଷୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା, ପ୍ରାସଙ୍ଗିକ ତଥ୍ୟ ସମ୍ବନ୍ଧିତ ପୁସ୍ତକ / ମାଗାଜିନ୍ ଆଦି ପଢ଼ିବା ସହ ବିଭିନ୍ନ ମତାମତ ଓ ତଥ୍ୟ ପ୍ରତି ଉଦାର ଭାବପୋଷଣ କରିବା ଦରକାର ।

**(ଘ) ଔଦ୍ୟୋଗିକୀ :**

ଉତ୍ତର • ଚାକିରି କିମ୍ବା ଅନ୍ୟାନ୍ୟ ବୃତ୍ତିଗତ କାର୍ଯ୍ୟକୁ ଛାଡ଼ି ନିଜସ୍ୱ ଉଦ୍ୟୋଗ ବା ବ୍ୟବସାୟ ପ୍ରତିଷ୍ଠା କରିବା ପ୍ରକ୍ରିୟାକୁ ଔଦ୍ୟୋଗୀକରଣ ବା ଔଦ୍ୟୋଗିକୀ କୁହାଯାଏ ।

• ନୂତନ ବ୍ୟବସାୟ / ଉଦ୍ୟୋଗର ଅନୁସନ୍ଧାନରେ ଥାଏ ଓ ସମ୍ବଳ ଯୋଗାଡ଼ କରେ ।

**(ଙ) ଅଧ୍ୟବସାୟୀ :**

ଉତ୍ତର • ସଫଳ ଉଦ୍ୟୋଗୀ ପାଖରେ କଦାପି ହାର ନ ମାନିବାର ପ୍ରବୃତ୍ତି ରହିବା ନିତାନ୍ତ ଜରୁରୀ । କାର୍ଯ୍ୟ ସମ୍ପୂର୍ଣ୍ଣ ବା ସଫଳ ନ ହେବା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିବା ଆବଶ୍ୟକ ।

**(ଚ) ଆଗଭର ହେବା :**

• ବାଧ୍ୟବାଧକତାରେ ନୁହେଁ, ବରଂ ସ୍ୱୟଂକ୍ରିୟ ହେବା ଜଣେ ଉଦ୍ୟୋଗୀ ପକ୍ଷେ ନିତାନ୍ତ ଜରୁରୀ ।

• ସେ ପଥ ପ୍ରଦର୍ଶକ ହେବା ଆବଶ୍ୟକ ।

• ଅନ୍ୟମାନଙ୍କୁ ଅନୁସରଣ କରିବା ପ୍ରବୃତ୍ତି ପରିହାର କରିବା ବାଞ୍ଛନୀୟ ।

**ପ୍ର୧୧. ସଂକ୍ଷେପରେ ଉତ୍ତରଦିଅ ।**

**(i) ଔଦ୍ୟୋଗିକୀର ବ୍ୟାଖ୍ୟାରିକ ଅର୍ଥ କ'ଣ ?**

ଉତ୍ତର • 'ଔଦ୍ୟୋଗିକୀ' ଶବ୍ଦଟି Entreprede ନାମକ ଫରାସୀ ଶବ୍ଦରୁ ଉତ୍ପତ୍ତି ଲାଭ କରିଛି ।

• ଯାହାର ପ୍ରକୃତ ଅର୍ଥ ହେଲା 'ସୈନ୍ୟ ଅଭିଯାନ ଉପକ୍ରମ'

**(ii) 'ଉଦ୍ୟୋଗୀ' ଶବ୍ଦର ସଜ୍ଞା କ'ଣ ? ଏହାକୁ କିଏ ଓ କେବେ ପ୍ରଥମ କରି ଅର୍ଥନୀତିରେ ପ୍ରଚଳିତ କରିଥିଲେ ?**

ଉତ୍ତର • ଔପଚାରିକ ଭାବେ ଉଦ୍ୟୋଗୀର ସଂଜ୍ଞା "ଏକ ନିର୍ଦ୍ଧିଷ୍ଟ ଦରରେ ଉତ୍ପାଦନର ମାଧ୍ୟମକୁ କିଣି ଭବିଷ୍ୟତରେ ଉତ୍ପାଦକୁ ଅନିଶ୍ଚିତ ଦରରେ ବିକ୍ରି କରୁଥିବା ବ୍ୟକ୍ତି ବିଶେଷ ।"

• ଏହାକୁ ଫରାସୀ ଅର୍ଥନୀତିଜ୍ଞ ରିଚାର୍ଡ଼ କାଣ୍ଟିଲନ୍ ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ଉଦ୍ୟୋଗୀ ଶବ୍ଦକୁ ପ୍ରଥମ କରି ଅର୍ଥନୀତିରେ ପ୍ରଚଳିତ କରିଥିଲେ ।

**(iii) ବିକାଶ କହିଲେ କଣ ବୁଝାଏ ?**

ଉତ୍ତର • ବିକାଶ କହିଲେ କେବଳ ବର୍ତ୍ତମାନ ଅବସ୍ଥାଠାରୁ ଅଧିକ ବା ଉନ୍ନତର ପରିସ୍ଥିତିକୁ ବୁଝାଏ ନାହିଁ ।

• ଭୌଗଳିକ, କ୍ଷେତ୍ରୀୟ ତଥା ବୈଷୟିକ କ୍ଷେତ୍ରରେ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକଳାପରେ ବିବିଧତା ଆଣିବା ବିକାଶର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ।

**(iv) ଭାରତୀୟ ଉଦ୍ୟୋଗ ପୁଞ୍ଜି ସ୍କିମ୍ ମାଧ୍ୟମରେ କେଉଁ ସବୁ ବିକାଶ ହୋଇପାରୁଛି ?**

ଉତ୍ତର • କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ ଓ କାରିଗରୀ କୌଶଳଭିତ୍ତିକ କୁଟୀର ଶିଳ୍ପର ପ୍ରସାର ହେଲେ ସ୍ଥାନୀୟ ସମ୍ପ୍ରଦାୟଙ୍କ ସାମାଜିକ ଅର୍ଥନୈତିକ ବିକାଶର ଚିତ୍ରପଟ ଆକର୍ଷଣୀୟ ହୋଇପାରିବ ।

• ସ୍ଥାନୀୟ ସରକାର ଏହି କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ବିକାଶ ତଥା ଉଦ୍ୟୋଗ-ଉଦ୍ୟୋଗ ମଧ୍ୟରେ ଅନ୍ତଃସମ୍ବନ୍ଧ ସୃଷ୍ଟି ପାଇଁ କେତେକ ସାଧାରଣ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି ।

(v) **ଔଦ୍ୟୋଗୀକରଣ କହିଲେ କ'ଣ ବୁଝାଏ ?**

ଉତ୍ତର • ଯେଉଁ ସବୁ ପ୍ରକ୍ରିୟା ଦେଇ ଶିଳ୍ପାନୁଷ୍ଠାନ ଗଢ଼ିଉଠେ ତାକୁ ଔଦ୍ୟୋଗୀକରଣ କୁହାଯାଏ ।

(vi) **ଔଦ୍ୟୋଗୀକରଣ ଦେଶର ସାମୁହିକ ବିକାଶରେ କିପରି ସହାୟକ ହୋଇଥାଏ ?**

ଉତ୍ତର • ଉଦ୍ୟୋଗ ପାଇଁ ଆବଶ୍ୟକ କଞ୍ଚାମାଲ ବା ଉପାଦାନ ଯୋଗାଣକାରୀ, ପରିବହନକାରୀ, ବିଭିନ୍ନ ଯୋଗାଯୋଗ ବ୍ୟବସ୍ଥାକାରୀ, ବିତରଣକାରୀ ତଥା ମଧ୍ୟସ୍ଥ ଏବଂ ବିଜ୍ଞାପନକାରୀ ଫାର୍ମ, ହିସାବ ଓ ତଦାରଖକାରୀ ଫାର୍ମ ଓ ଓକିଲଆଦିଙ୍କର ସେବା ଆବଶ୍ୟକ ପଡ଼ିଥାଏ ।

• ଏହି ପ୍ରକ୍ରିୟାରେ ଔଦ୍ୟୋଗୀକରଣ ଦେଶର ସାମଗ୍ରିକ ବିକାଶରେ ସହାୟକ ହୋଇଥାଏ ।

(vii) **ଔଦ୍ୟୋଗିକୀର ନିୟାମକଗୁଡ଼ିକ କ'ଣ ?**

ଉତ୍ତର • ଔଦ୍ୟୋଗିକୀର ଚାରିଗୋଟି ନିୟାମକ ଅଛି । ସେଗୁଡ଼ିକ ହେଲା - ଉତ୍ପାଦନ, ଭୂମି, ଶ୍ରମ ଓ ପୁଞ୍ଜି ।

(viii) **ଔପଚାରିକ ଭାବେ ଉଦ୍ୟୋଗୀର ସଂଜ୍ଞା କ'ଣ ?**

ଉତ୍ତର • ଯେଉଁ ବ୍ୟକ୍ତିଟି ଶିଳ୍ପ/ବ୍ୟବସାୟ ପ୍ରତିଷ୍ଠା କରେ ତାକୁ ଉଦ୍ୟୋଗୀ କୁହାଯାଏ ।

(ix) **ଔଦ୍ୟୋଗୀୟ ଦକ୍ଷତା କହିଲେ କ'ଣ ବୁଝାଏ ?**

ଉତ୍ତର • ଔଦ୍ୟୋଗୀୟ ଦକ୍ଷତା କହିଲେ ବ୍ୟକ୍ତିର ଜ୍ଞାନ, ବୈଷୟିକ କୌଶଳ, ଅନେକଗୁଡ଼ିଏ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଯଥା - ଅନ୍ତର୍ଦୃଷ୍ଟି, ଉତ୍ସାହ ଓ ପ୍ରେରଣା ଏବଂ ସୁଅଭ୍ୟାସ ଆଦି ସମାହାରକୁ ବୁଝାଇଥାଏ ।

(x) **ଔଦ୍ୟୋଗୀକରଣ କେଉଁ ଦୁଇଟି ସୁଯୋଗ ସୃଷ୍ଟି କରିଥାଏ ?**

ଉତ୍ତର • ଔଦ୍ୟୋଗୀକରଣ ଫଳରେ ଉଦ୍ୟୋଗୀଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରେ ।

• ଉଦ୍ୟୋଗୀର ବୃତ୍ତିର ବିସ୍ତାର ଘଟାଇବାରେ ସାହାଯ୍ୟ କରିବା ସହିତ ଆର୍ଥିକ ଉନ୍ନତି ପାଇଁ ସୁଯୋଗ ସୃଷ୍ଟି କରିଥାଏ ।

(xi) **ଉଦ୍ୟୋଗୀମାନେ କର୍ମଚାରୀ କଲ୍ୟାଣ ପ୍ରତି ସମ୍ବେଦନଶୀଳ ହେବା ବାଞ୍ଛନୀୟ କାହିଁକି ?**

ଉତ୍ତର • କୌଣସି ବ୍ୟବସାୟ ବା ଉଦ୍ୟୋଗର ସଫଳତା କର୍ମଚାରୀଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ।

• ବ୍ୟବସାୟୀ ଓ ଉଦ୍ୟୋଗୀ ଏହାକୁ ଠିକ୍ ଭାବେ ହୃଦୟଙ୍ଗମ କରିବା ସହିତ କର୍ମଚାରୀମାନଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନାମାନ ପ୍ରସ୍ତୁତ କରିବା ନିହାତି ଆବଶ୍ୟକ ।

---x---

# ଉଦ୍ୟୋଗ ପ୍ରତିଷ୍ଠା ପାଠ

## ବହୁବିକଳ୍ପ ପ୍ରଶ୍ନ

୧. ଶିଳ୍ପାୟନ ଓ ବାଣିଜ୍ୟ ବ୍ୟବସାୟ ଦେଶର କେଉଁ ପ୍ରଗତି ପାଇଁ ନିତ୍ୟାନ୍ତ ଜରୁରୀ ?

(କ) ବୈଷୟିକ (ଖ) ରାଜନୈତିକ

(ଗ) ସାମାଜିକ (ଘ) ଆର୍ଥିକ

୨. ଆମ ଦେଶକୁ ଶିଳ୍ପୋନ୍ନତି ଓ ଆତ୍ମନିର୍ଭର କରିବା ପାଇଁ କେଉଁ ଯୋଜନାଟି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ସଦ୍ୟତମ ପ୍ରମୁଖ ଯୋଜନା ?

(କ) ସାଇନଙ୍ଗ ଇଣ୍ଡିଆ (ଖ) ଷ୍ଟାର୍ଟଅପ୍ ଇଣ୍ଡିଆ

(ଗ) ପ୍ଲାନିଙ୍ଗ ଇଣ୍ଡିଆ (ଘ) ଅପ୍‌ଗ୍ରେଡ଼ ଇଣ୍ଡିଆ

୩. କେବେ 'ଷ୍ଟାର୍ଟଅପ୍ ଇଣ୍ଡିଆ' ଯୋଜନାର ଶୁଭାରମ୍ଭ ହୋଇଥିଲା ?

(କ) 2000 (ଖ) 2002

(ଗ) 2017 (ଘ) 2019

୪. 'ଷ୍ଟାର୍ଟଅପ୍ ଇଣ୍ଡିଆ ପ୍ରକଳ୍ପ' କହିଲେ ପୂର୍ବ ବର୍ଷମାନଙ୍କରେ ବାର୍ଷିକ କାରବାର କେତେ କୋଟି ଟଙ୍କାରୁ ଅଧିକ ହୋଇ ନଥିବ ?

(କ) 10 (ଖ) 20

(ଗ) 25 (ଘ) 50

୫. ନିମ୍ନଲିଖିତ କେଉଁଟିର ଶୁଭାରମ୍ଭ ଭାରତ ପ୍ରାରମ୍ଭିକ କାର୍ଯ୍ୟ ଯୋଜନାର ଅନ୍ତର୍ଭୁକ୍ତ ନୁହେଁ ?

(କ) ଶୁଭାରମ୍ଭ ଭାରତ ନାଭିକେନ୍ଦ୍ର

(ଖ) ସହଜ ପ୍ରସ୍ଥାନ

(ଗ) ମାର୍ଗଦର୍ଶନ ପ୍ରାବଧାନ

(ଘ) ଟିକସ୍ ଆଦାୟ

୬. ଶୁଭାରମ୍ଭ ଭାରତ ପ୍ରାରମ୍ଭିକ କାର୍ଯ୍ୟ ଯୋଜନାର ଆଭିମୁଖ୍ୟ ମୁତାବକ କେତେବର୍ଷ ଆଗରୁ ପ୍ରତିଷ୍ଠିତ ହୋଇ ନଥିବା କମ୍ପାନୀ ?

(କ) 5 (ଖ) 10

(ଗ) 12 (ଘ) 20

୭. ଶୁଭାରମ୍ଭ ଭାରତ ପ୍ରକଳ୍ପରେ ପ୍ରଥମ କେତେ ବର୍ଷର ଲାଭ ପରେ ଟିକସ୍ ଛାଡ଼ ବ୍ୟବସ୍ଥା କରାଯାଇଛି ?

(କ) ତିନି (ଖ) ପାଞ୍ଚ

(ଗ) ଛଅ (ଘ) ଦଶ

୮. ଏକ ସାଧାରଣ ଲକ୍ଷ୍ୟ ହାସଲ ଦିଗରେ ବହୁ ବ୍ୟକ୍ତି ପୁଞ୍ଜି ବ୍ୟବସ୍ଥା କରିବା ବା ଦାନ କରିବାକୁ କ'ଣ କୁହାଯାଏ ?

(କ) ବ୍ୟାପାର ଉତ୍ସାୟନ

(ଖ) ସମଷ୍ଟିଗତ ପୁଞ୍ଜି

(ଗ) ବ୍ୟକ୍ତିଗତ ପୁଞ୍ଜି

(ଘ) ଉଦ୍ୟମ ପୁଞ୍ଜି

୯. ନୂତନ ଭାବେ ଗଢ଼ି ଉଠୁଥିବା ଶୁଭାରମ୍ଭ ପ୍ରକଳ୍ପରେ ନିଜସ୍ୱ ବଳକା ଅର୍ଥ ନିବେଶ କରିବାକୁ ଆଗ୍ରହୀ ବ୍ୟକ୍ତିଙ୍କୁ କ'ଣ କୁହାଯାଏ ?

(କ) ପରୀନିବେଶକ

(ଖ) ପୁଞ୍ଜି ବିନିଯୋଗ

(ଗ) ପୁଞ୍ଜିପତି

(ଘ) ହିତାଧିକାରୀ

**୧୦. ପାରମ୍ପରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରୁ ଋଣ ପାଉନଥିବା ବା ଋଣ ପାଇବାକୁ ଯୋଗ୍ୟତା ନ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ କେଉଁ ବ୍ୟବସ୍ଥା ଅର୍ଥ ସୁଲଭ କରାଇଥାଏ ?**

(କ) ତ୍ୱରକ କେନ୍ଦ୍ର (ଖ) ଲଘୁ ବିତ୍ତ ବ୍ୟବସ୍ଥା

(ଗ) ବୀମା ବ୍ୟବସ୍ଥା (ଘ) ଉଦ୍ୟମ ପୁଞ୍ଜି ବ୍ୟବସ୍ଥା

**୧୧. ଜଣେ ନିଜସ୍ୱ ଅର୍ଥ ଓ ସଞ୍ଚୟ ବିନିଯୋଗ କରିନାହିଁ ଅର୍ଥଯୋଗାଡ଼ର ପ୍ରଥମ ବିକଳ୍ପ ଭାବେ ବିବେଚିତ ହୁଏ । ତାହାକୁ କ'ଣ କୁହାଯାଏ ?**

(କ) ଲଘୁ ବିତ୍ତ ବ୍ୟବସ୍ଥା

(ଖ) ଅଣ ବ୍ୟାଙ୍କିଙ୍ଗ ଅର୍ଥ ନିଗମ

(ଗ) ସ୍ୱ-ଅର୍ଥ ବିନିଯୋଗ

(ଘ) ପରୀନିବେଶ

**୧୨. ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ତଥା ଅଧିକ କର୍ମ ନିଯୁକ୍ତି ସୃଷ୍ଟି ପାଇଁ କେତେ ମସିହାରେ ଓଡ଼ିଶା ସରକାର ଶୁଭାରମ୍ଭ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କରିଛନ୍ତି ?**

(କ) 1999 (ଖ) 2002

(ଗ) 2012 (ଘ) 2016

**୧୩. କେଉଁ ରାଜ୍ୟ ସରକାର 'ଶୁଭାରମ୍ଭ ଭାରତ ଯୋଜନା'କୁ 'ନବ ପ୍ରବର୍ତ୍ତିତ ଲହରୀ' ଶୀର୍ଷକରେ ନାମିତ କରିଛନ୍ତି ?**

(କ) ପଶ୍ଚିମବଙ୍ଗ (ଖ) ଗୁଜରାଟ

(ଗ) ଓଡ଼ିଶା (ଘ) କେରଳ

**୧୪. କେତେ ମସିହା ସୁଦ୍ଧା ହଜାରେ ଶୁଭାରମ୍ଭ ଓଡ଼ିଶା ପ୍ରକଳ୍ପକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ସ୍ଥିର ହୋଇଛି ?**

(କ) 2020 (ଖ) 2021

(ଗ) 2025 (ଘ) 2030

**୧୫. କେଉଁ କାର୍ଯ୍ୟକ୍ରମକୁ ଏକ ପିତା/ମାତା ଭାବେ କଳ୍ପନା କରାଯାଇପାରେ ?**

(କ) ଉଦ୍ୟମ ପୁଞ୍ଜି

(ଖ) ବ୍ୟାପାର ଉଷ୍ମାୟନ ଓ ତ୍ୱରକ କେନ୍ଦ୍ର

(ଗ) ଅଣବ୍ୟାଙ୍କିଙ୍ଗ ଅର୍ଥ ନିଗମ

(ଘ) ଭାରତ ନାଭିକେନ୍ଦ୍ର

**୧୬. କେଉଁ କ୍ରମରେ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଷ୍ଟାର୍ଟଅପ ହବ ବା ଶୁଭାରମ୍ଭ ନାଭିକେନ୍ଦ୍ରରେ ପରିଣତ କରିବା ପାଇଁ ଲକ୍ଷ୍ୟ କରାଯାଇଛି ?**

(କ) ନବ ପ୍ରବର୍ତ୍ତନ ଲହରୀ

(ଖ) ୟଙ୍ଗ ଓଡ଼ିଶା

(ଗ) ସାଇନିଙ୍ଗ ଓଡ଼ିଶା

(ଘ) ନବ ବିକଶିତ ଓଡ଼ିଶା

**୧୭. ଭାରତରେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରଣାଳୟ ଆନୁକୂଲ୍ୟରେ କେବେ ଷ୍ଟର୍ଟଅପ୍ ବା ଶୁଭାରମ୍ଭ ପ୍ରକଳ୍ପ ଆରମ୍ଭ ହେଲା ?**

(କ) ଫେବୃୟାରୀ 17, 2017

(ଖ) ମାର୍ଚ୍ଚ 17, 2017

(ଗ) ଅଗଷ୍ଟ 17, 2017

(ଘ) ଜୁନ୍ 17, 2017

**୧୮. ନିମ୍ନଲିଖିତ ମଧ୍ୟରୁ କେଉଁଟା ଶୁଭାରମ୍ଭ ଭାରତ ଯୋଜନାର ଉଦ୍ଦେଶ୍ୟ ନୁହେଁ ।**

(କ) ଯୁବକମାନଙ୍କ ମଧ୍ୟରେ ଉଦ୍ୟୋଗୀ ହେବାର ଉଦ୍ଦୀପନା

(ଖ) ନିମ୍ନସ୍ତରର ଲୋକମାନଙ୍କର ଆବଶ୍ୟକତା ମେଣ୍ଟାଇବା

(ଗ) ପ୍ରାରମ୍ଭିକ ପର୍ଯ୍ୟାୟରେ ଔଦ୍ୟୋଗୀକରଣ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା

(ଘ) ଆଞ୍ଚଳିକ, ସାମାଜିକ ଓ ଆର୍ଥିକ ଅନଗ୍ରସର କ୍ଷେତ୍ରକୁ ଗୁରୁତ୍ୱ ନ ଦେବା

**୧୯. ଶୁଭାରମ୍ଭ ଭାରତ ଯୋଜନା କେଉଁ ପାଣ୍ଟେଟ/ ପ୍ରଣାଳୀ ଦ୍ୱାରା ପରିଚାଳିତ ହେଉଛି ?**

(କ) WFS (ଖ) IPR

(ଗ) PPMODE (ଘ) LSFT

**୨୦. କେଉଁ କାର୍ଯ୍ୟକ୍ରମ ଦ୍ୱାରା ଶହ ଶହ ସଂଖ୍ୟାରେ ପ୍ରକଳ୍ପ ନିଜର ଆବଶ୍ୟକତା ମେଣ୍ଟାଇ ପାରୁଛନ୍ତି ?**

(କ) ଲଘୁବିତ୍ତ ବ୍ୟବସ୍ଥା

(ଖ) ଅଣ ବ୍ୟାଙ୍କିଙ୍ଗ ଅର୍ଥନିଗମ

(ଗ) ଉଷ୍ମାୟନ ଓ ତ୍ୱରକ କାର୍ଯ୍ୟକ୍ରମ

(ଘ) ପରୀନିବେଶ କାର୍ଯ୍ୟକ୍ରମ

**୨୧. ନିବେଶକାରୀମାନେ ବ୍ୟବସାୟର ସ୍ଥିତି ମୁଲ୍ୟାଙ୍କନ କରିବା ପାଇଁ ନିମ୍ନୋକ୍ତ କେଉଁଟିକୁ ବାଛି ନଥାନ୍ତି ?**

(କ) କମ୍ପାନୀର ଦକ୍ଷତା ବୃଦ୍ଧି

(ଖ) ବିଶେଷଜ୍ଞ ପରାମର୍ଶ ତଥା ଏହାର ପୋଷଣୀୟତା

(ଗ) ସ୍ୱାସ୍ଥ୍ୟ ସହାୟକଙ୍କ ସ୍ୱାସ୍ଥ୍ୟ ସହାୟତ

(ଘ) ବିସ୍ତାର ଦକ୍ଷତା

**୨୨. 2017 ମସିହା ବିଜ୍ଞପ୍ତି ଅନୁଯାୟୀ ଶୁଭାରମ୍ଭ ପ୍ରକଳ୍ପରେ ପୂର୍ବ ବର୍ଷମାନଙ୍କରେ ବାର୍ଷିକ କାରବାର ନିମ୍ନୋକ୍ତ କେତେ କୋଟି ଟଙ୍କାରୁ ଅଧିକ ହୋଇନଥିବ ?**

(କ) 25 (ଖ) 30

(ଗ) 35 (ଘ) 40

## ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଘ) ଆର୍ଥିକ

୨. (ଖ) ଷ୍ଟାର୍ଟଅପ୍ ଇଣ୍ଡିଆ

୩. (ଗ) 2017

୪. (ଗ) 25

୫. (ଘ) ଟିକସ୍ ଆଦାୟ

୬. (କ) 5

୭. (କ) ତିନି

୮. (ଖ) ସମଷ୍ଟିଗତ ପୁଞ୍ଜି

୯. (କ) ପରୀନିବେଶକ

୧୦. (ଖ) ଲଘୁ ବିତ୍ତ ବ୍ୟବସ୍ଥା

୧୧. (ଗ) ସ୍ୱ-ଅର୍ଥ ବିନିଯୋଗ

୧୨. (ଘ) 2016

୧୩. (ଗ) ଓଡ଼ିଶା

୧୪. (ଖ) 2021

୧୫. (ଖ) ବ୍ୟାପାର ଉଷ୍ମାୟନ ଓ ତ୍ୱରକ କେନ୍ଦ୍ର

୧୬. (କ) ନବ ପ୍ରବର୍ତ୍ତନ ଲହରୀ

୧୭. (କ) ଫେବୃୟାରୀ 17, 2017

୧୮. (ଘ) ଆଞ୍ଚଳିକ, ସାମାଜିକ ଓ ଆର୍ଥିକ ଅନଗ୍ରସର କ୍ଷେତ୍ରକୁ ଗୁରୁତ୍ୱ ନ ଦେବା

୧୯. (ଖ) IPR

୨୦. (ଗ) ଉଷ୍ମାୟନ ଓ ତ୍ୱରକ କାର୍ଯ୍ୟକ୍ରମ

୨୧. (ଗ) ସ୍ୱାସ୍ଥ୍ୟ ସହାୟକଙ୍କ ସ୍ୱାସ୍ଥ୍ୟ ସହାୟତା

୨୨. (କ) 25

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**ପ୍ର ୧. ଶୁଭାରମ୍ଭ ଭାରତ ଯୋଜନା କ'ଣ ?**

ଉତ୍ତର
- ଏକ କମ୍ପାନୀ ଯାହା ଭାରତରେ ସାମିଲ ହୋଇଥିବ ବା ରେଜିଷ୍ଟ୍ରିଭୁକ୍ତ ହୋଇଥିବ ।
- ଏହା ପାଞ୍ଚବର୍ଷ ଆଗରୁ ପ୍ରତିଷ୍ଠିତ ହୋଇ ନ ଥିବ ।
- ପୂର୍ବ ବର୍ଷମାନଙ୍କରେ ବାର୍ଷିକ କାରବାର 25 କୋଟି ଟଙ୍କାରୁ ଅଧିକ ହୋଇ ନ ଥିବ ।
- ବୈଷୟିକ କୌଶଳ, ବୌଦ୍ଧିକ ସମ୍ପଦ ଅଧିକାର ବା ପାଣ୍ଟେଟ ଦ୍ୱାରା ପରିଚାଳିତ ସୃଜନାତ୍ମକ ବା ବିକାଶମୂଳକ କାରବାର ପାଇଁ ବିଭିନ୍ନ ଦ୍ରବ୍ୟ, ସେବା ଓ ପ୍ରକ୍ରିୟାର ବିକାଶ କରୁଥିବ ।

**ପ୍ର ୨. ଶୁଭାରମ୍ଭ ଭାରତ ଯୋଜନାର ଉଦ୍ଦେଶ୍ୟ ବିଷୟରେ ଲେଖ ।**

ଉତ୍ତର
- ଉଦ୍ୟୋଗ ପ୍ରତି ଉତ୍ସାହିତ କରିବା ତଥା ଲୋକଙ୍କ ମାନସିକତାକୁ ପ୍ରଭାବିତ କରିବା
- ଯୁବକମାନଙ୍କ ମଧ୍ୟରେ ଉଦ୍ୟୋଗୀ ହେବାର ଉଦ୍ଦୀପନା ଓ ଔଦ୍ୟୋଗୀକରଣ ପ୍ରକ୍ରିୟା ସମ୍ବନ୍ଧରେ ସଚେତନତା ସୃଷ୍ଟି ।
- ଶିକ୍ଷିତ ଯୁବକ ଓ ପ୍ରଯୁକ୍ତି ବିଦ୍ୟାଧାରୀମାନଙ୍କୁ ଉଦ୍ୟୋଗକୁ ପସନ୍ଦଯୋଗ୍ୟ ବୃତ୍ତିଭାବେ ଆଦରି ନେବା ।
- ଉଦ୍ୟୋଗୀକରଣ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା
- ଆଞ୍ଚଳିକ, ସାମାଜିକ ଓ ଆର୍ଥିକ ଅନଗ୍ରହର କ୍ଷେତ୍ରରେ ସମନ୍ୱିତ ଓ ପୋଷଣୀୟ ବିକାଶ ହାସଲ କରିବା ।

**ପ୍ର ୩. ଶୁଭାରମ୍ଭ ଭାରତ ପ୍ରାରମ୍ଭିକ କାର୍ଯ୍ୟଯୋଜନା କ'ଣ ?**

ଉତ୍ତର
- ସରଳୀକରଣ ଓ ମାର୍ଗଦର୍ଶକ ପ୍ରାବଧାନ ଯାହାକି ଶୁଭାରମ୍ଭ ଯୋଜନାର ଅନୁପାଳନ ପାଇଁ ବନ୍ଧୁଭାବାପନ୍ନ, ସରଳ ଓ ନମନୀୟ/ପରିବର୍ତ୍ତନକ୍ଷମ ବ୍ୟବସ୍ଥାର ଘୋଷଣା ।
- ଶୁଭାରମ୍ଭ ଭାରତ ନାଭିକେନ୍ଦ୍ର : ସମ୍ପୂର୍ଣ୍ଣ ଶୁଭାରମ୍ଭ ପରିବେଶ ପାଇଁ ଆବଶ୍ୟକ ସମସ୍ତ ସାଧନ ଗୋଟିଏ ସମ୍ପର୍କ କେନ୍ଦ୍ର ମାଧ୍ୟମରେ ସାମଧାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହା ବ୍ୟତୀତ ଜ୍ଞାନ ଆଦାନ ପ୍ରଦାନ ଓ ପୁଞ୍ଜି ଉପଲବ୍ଧ କରାଇବା କାର୍ଯ୍ୟ ମଧ୍ୟ ଏହାର ଅନ୍ତର୍ଗତ ।
- ନ୍ୟାୟିକ ସହଯୋଗ ଏବଂ ଯୁଦ୍ଧକାଳୀନ ଭିତ୍ତିରେ ପ୍ୟାଟେଣ୍ଟ ପରୀକ୍ଷଣ : ସୃଜନାତ୍ମକ ତଥା ଆଗ୍ରହୀ ଶୁଭାରମ୍ଭ ପ୍ରକଳ୍ପଗୁଡ଼ିକର ବୌଦ୍ଧିକ ସମ୍ପତ୍ତି ସଂରକ୍ଷଣ ଯୋଜନାର ପ୍ରଚଳନ ।
- ସହଜ ପ୍ରସ୍ଥାନ : ବ୍ୟବସାୟରେ ଅସଫଳ ଯୋଗୁଁ ସଂସ୍ଥା ବନ୍ଦ କରିବାକୁ ହେଲେ ଅଧିକ ଲାଭଦାୟୀ ପ୍ରକଳ୍ପରେ ପୁଞ୍ଜି ଓ ସମ୍ବଳକୁ ପୁନଃବିନିଯୋଗ କରିବାର ବ୍ୟବସ୍ଥା କରାଯାଉଛି ।
- ଉଷ୍ମାୟନ କେନ୍ଦ୍ର ସ୍ଥାପନାରେ ବେସରକାରୀ କ୍ଷେତ୍ରର ଉପଯୋଗ : ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଉଷ୍ମାୟନ କେନ୍ଦ୍ରଗୁଡ଼ିକର ପେଶାଦାର ପରିଚାଳନା ନିମନ୍ତେ ସରକାରୀ ବେସରକାରୀ ମିଳିତ ସହଯୋଗରେ ଦେଶରେ ଅନେକଗୁଡ଼ିଏ ଉଷ୍ମାୟନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନା ପ୍ରଣୟନ କରାଯାଇଛି ।
- ଟିକସ ଛାଡ଼ : ଶୁଭାରମ୍ଭ ପ୍ରକଳ୍ପଗୁଡ଼ିକୁ ପ୍ରଥମ ତିନି ବର୍ଷର ଲାଭ ଉପରେ ଟିକସ ଛାଡ଼ ବ୍ୟବସ୍ଥା କରାଯାଇଛି ।

**ପ୍ର ୪.  ଶୁଭାରମ୍ଭ ପାଇଁ କିପରି ଅର୍ଥ ବ୍ୟବସ୍ଥା କରିହେବ ?**

**ଉତ୍ତର**
- ସ୍ୱ-ଅର୍ଥ ବିନିଯୋଗ : ଜଣେ ନିଜସ୍ୱ ଅର୍ଥ ଓ ସମ୍ବଳ ବିନିଯୋଗ କରିବା ହିଁ ଅର୍ଥ ଯୋଗାଡ଼ର ପ୍ରଥମ ବିକଳ୍ପ ଭାବେ ବିବେଚିତ ହୁଏ। ଏହାକୁ ସ୍ୱ-ଅର୍ଥ ବିନିଯୋଗ କୁହାଯାଏ। ସ୍ୱଳ୍ପ ନିବେଶ କ୍ଷେତ୍ରରେ ଏହା ପୁଞ୍ଜି ବିନିଯୋଗର ଏକ ଉତ୍ତମ ବିକଳ୍ପ।
- ସମଷ୍ଟିଗତ ପୁଞ୍ଜି : ଏକ ସାଧାରଣ ଲକ୍ଷ ହାସଲ ଦିଗରେ ବହୁ ବ୍ୟକ୍ତି ପୁଞ୍ଜି ବ୍ୟବସ୍ଥା କରିବା ବା ଦାନ କରିବାକୁ ସମଷ୍ଟିଗତ ପୁଞ୍ଜି କୁହାଯାଏ।
- ସମଷ୍ଟିଗତ ପୁଞ୍ଜି ବ୍ୟବସ୍ଥା ଭାରତ ପାଇଁ ନୂଆ ନୁହେଁ। ଅତୀତରେ ଅନେକ ସଂସ୍ଥା ସାଧାରଣ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରିଥିବାର ଦୃଷ୍ଟାନ୍ତ ରହିଛି।
- ପରୀନିବେଶ : ନୂତନ ଭାବେ ଗଢ଼ି ଉଠୁଥିବା ଶୁଭାରମ୍ଭ ପ୍ରକଳ୍ପରେ ନିଜସ୍ୱ ବଳକା ଅର୍ଥ ନିବେଶ କରିବାକୁ ଆଗ୍ରହୀ ବ୍ୟକ୍ତିଙ୍କୁ ପରୀନିବେଶକ କୁହାଯାଏ।
- ଉଦ୍ୟମ ପୁଞ୍ଜି : ଉଦ୍ୟମ ପୁଞ୍ଜି ନିବେଶକାରୀମାନେ କମ୍ପାନୀର ଦକ୍ଷତା ବୃଦ୍ଧି, ବିଶେଷଜ୍ଞ ପରାମର୍ଶ ତଥା ଏହାର ପୋଷଣୀୟତା ଓ ବିସ୍ତାର କ୍ଷମତାକୁ ଦୃଷ୍ଟିରେ ରଖି ବିଭିନ୍ନ ପରୀକ୍ଷା ନିରୀକ୍ଷା ସହ ବ୍ୟବସାୟର ସ୍ଥିତି ମୂଲ୍ୟାଙ୍କନ କରିଥାନ୍ତି।
- ବ୍ୟାପାର ଉଷ୍ମାୟନ ଓ ତ୍ୱରକ କେନ୍ଦ୍ର : ଉଷ୍ମାୟନ ଓ ତ୍ୱରକ କେନ୍ଦ୍ର ମାଧ୍ୟମରେ ନୂତନ ଭାବେ ଗଢ଼ି ଉଠିଥିବା ବ୍ୟବସାୟଗୁଡ଼ିକ ପୁଞ୍ଜି ନିବେଶ ପାଇଁ ବିକଳ୍ପ ଭାବେ ଚିନ୍ତା କରିପାରିବେ। ଉଷ୍ମାୟନ ଓ ତ୍ୱରକ କାର୍ଯ୍ୟକ୍ରମ ଦ୍ୱାରା ଶହ ଶହ ସଂଖ୍ୟାରେ ପ୍ରକଳ୍ପ ନିଜର ଆବଶ୍ୟକତା ମେଣ୍ଟାଇ ପାରୁଛନ୍ତି।
- ଲଘୁ ବିତ୍ତ ବ୍ୟବସ୍ଥା ଓ ଅଣବ୍ୟାଙ୍କୀୟ ଅର୍ଥ ନିଗମ : ପାରମ୍ପରିକ ବ୍ୟାଙ୍କ ବ୍ୟବସ୍ଥାରୁ ଋଣ ପାଉନଥିବା ବା ଋଣ ପାଇବାକୁ ଯୋଗ୍ୟତା ନଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଲଘୁ ବିତ୍ତ ବ୍ୟବସ୍ଥା ଅର୍ଥ ସୁଲଭ କରାଇଥାଏ। ସେହିପରି ବ୍ୟାଙ୍କ ପାଇଁ ଜରୁରୀ ବିଭିନ୍ନ ଆଇନଗତ ଆବଶ୍ୟକତା ବିନା ଅଣବ୍ୟାଙ୍କିଙ୍ଗ ଅର୍ଥ ନିଗମଗୁଡ଼ିକ ଆର୍ଥିକ ସାହାଯ୍ୟ ଯୋଗାଇଥାନ୍ତି।

**ପ୍ର ୫.  ଷ୍ଟାର୍ଟଅପ୍ ବା ଶୁଭାରମ୍ଭ ପ୍ରକଳ୍ପ କହିଲେ କାହାକୁ ବୁଝାଏ ?**

**ଉତ୍ତର**
- ଆମ ଦେଶକୁ ଶିଳ୍ପୋନ୍ନତ ଓ ଆତ୍ମନିର୍ଭର କରିବା ପାଇଁ ଷ୍ଟାର୍ଟ ଅପ ଇଣ୍ଡିଆ ବା ଶୁଭାରମ୍ଭ ଭାରତ ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ସଦ୍ୟତମ ପ୍ରମୁଖ ଯୋଜନା।
- ଦେଶରେ ନବ ସୃଜନକୁ ପ୍ରୋତ୍ସାହନ ଦେବା ସହ ନୂତନ କାର୍ଯ୍ୟାରମ୍ଭ ପାଇଁ ସର୍ବୋତ୍ତମ ପରିବେଶ ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ।
- ଏହି ଅଭିଯାନ ପୋଷଣୀୟ ଆର୍ଥିକ ଅଭିବୃଦ୍ଧି ସହ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହେବ।
- ଭାରତ ସରକାର ଶୁଭାରମ୍ଭ ପ୍ରକଳ୍ପଗୁଡ଼ିକୁ ସକ୍ଷମ କରାଇବା ସହ ନବୀକରଣ ଓ ପରିକଳ୍ପନା ଦ୍ୱାରା ସେଗୁଡ଼ିକର ଅଭିବୃଦ୍ଧି ଘଟାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି।

**ପ୍ର ୬. ସଂକ୍ଷିପ୍ତ ଟିପ୍ପଣୀ ଲେଖ :**

**(i) ସ୍ୱ-ଅର୍ଥ ବିନିଯୋଗ :**

**ଉତ୍ତର**
- ଜଣେ ନିଜସ୍ୱ ଅର୍ଥ ଓ ସମ୍ବଳ ବିନିଯୋଗ କରିବା ହିଁ ଅର୍ଥ ଯୋଗାଡ଼ର ପ୍ରଥମ ବିକଳ୍ପ ଭାବେ ବିବେଚିତ ହୁଏ । ଏହାକୁ ସ୍ୱ-ଅର୍ଥ ବିନିଯୋଗ କୁହାଯାଏ ।

**(ii) ନବ ପ୍ରବର୍ତ୍ତନ ଲହରୀ :**

**ଉତ୍ତର**
- ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ତଥା ଅଧିକ କର୍ମ ନିଯୁକ୍ତି ସୃଷ୍ଟି ପାଇଁ 2016 ମସିହାରେ ଓଡ଼ିଶା ସରକାର ମଧ୍ୟ ଶୁଭାରମ୍ଭ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହାର ଶୀର୍ଷକ 'ନବ ପ୍ରବର୍ତ୍ତନ ଲହରୀ' ରଖାଯାଇଛି ।
- ଏହି କ୍ରମରେ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଷ୍ଟାର୍ଟଅପ୍‌ହବ୍ ବା ଶୁଭାରମ୍ଭ ନାଭିକେନ୍ଦ୍ରରେ ପରିଣତ କରିବା ପାଇଁ ଲକ୍ଷ ରଖାଯାଇଛି ।

(iii) ସହଜ ପ୍ରସ୍ଥାନ :

**ଉତ୍ତର**
- ବ୍ୟବସାୟରେ ଅସଫଳ ଯୋଗୁଁ ସଂସ୍ଥା ବନ୍ଦ କରିବାକୁ ହେଲେ ଅଧିକ ଲାଭଦାୟୀ ପ୍ରକଳ୍ପରେ ପୁଞ୍ଜି ଓ ସମ୍ବଳକୁ ପୁନଃବିନିଯୋଗ କରିବାର ବ୍ୟବସ୍ଥା କରାଯାଇଛି ।
- ଏକ ଦୀର୍ଘସୂତ୍ରୀକ ପ୍ରସ୍ଥାନ ପ୍ରକ୍ରିୟା ପାଇଁ ଶଙ୍କାଗ୍ରସ୍ତ ନ ହୋଇ ନୂତନ ତଥା ସୃଜନାତ୍ମକ ଯୋଜନାରେ ପରୀକ୍ଷା ନିରୀକ୍ଷାକୁ ପ୍ରୋତ୍ସାହନ ମିଳିବ ।

**(iv) ପରୀନିବେଶ :**

**ଉତ୍ତର**
- ନୂତନ ଭାବେ ଗଢ଼ି ଉଠୁଥିବା ଶୁଭାରମ୍ଭ ପ୍ରକଳ୍ପରେ ନିଜସ୍ୱ ବଳକା ଅର୍ଥ ନିବେଶ କରିବାକୁ ଆଗ୍ରହୀ ବ୍ୟକ୍ତିଙ୍କୁ ପରୀନିବେଶକ କୁହାଯାଏ ।
- ସେମାନେ ମଧ୍ୟ ପୁଞ୍ଜିନିବେଶ ବ୍ୟତୀତ ପରାମର୍ଶଦାତା ରୂପେ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି ।

**(v) ଶୁଭାରମ୍ଭ ଭାରତ ନାଭିକେନ୍ଦ୍ର :**

**ଉତ୍ତର**
- ସମ୍ପୂର୍ଣ୍ଣ ଶୁଭାରମ୍ଭ ପରିବେଶ ପାଇଁ ଆବଶ୍ୟକ ସମସ୍ତ ସାଧନ ଗୋଟିଏ ସମ୍ପର୍କ କେନ୍ଦ୍ର ମାଧ୍ୟମରେ ସମାଧାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।
- ଏହା ବ୍ୟତୀତ ଜ୍ଞାନ ଆଦାନ ପ୍ରଦାନ ଏହାର ମୁଖ୍ୟ ଉଦ୍ଦେଶ୍ୟ ।
- ଏହା ବ୍ୟତୀତ ଜ୍ଞାନ ଆଦାନ ପ୍ରଦାନ ଓ ପୁଞ୍ଜି ଉପଲବ୍ଧ କରାଇବା କାର୍ଯ୍ୟ ମଧ୍ୟ ଏହାର ଅନ୍ତର୍ଭୁକ୍ତ ।

**ପ୍ର ୭. ପାର୍ଥକ୍ୟ ଦର୍ଶାଅ :**

**(i) ବ୍ୟାପାର ଉଷ୍ମାୟନ ଓ ତ୍ୱରକ କେନ୍ଦ୍ର**

**ଉତ୍ତର ବ୍ୟାପାର ଉଷ୍ମାୟନ**
- ବ୍ୟାପାର ଉଷ୍ମାୟନ କେନ୍ଦ୍ର ମାଧ୍ୟମରେ ନୂତନ ଭାବେ ଗଢ଼ି ଉଠିଥିବା ବ୍ୟବସାୟଗୁଡ଼ିକ ପୁଞ୍ଜି ନିବେଶ ପାଇଁ ବିକଳ୍ପ ଭାବେ ଚିନ୍ତା କରିପାରିବେ । ଅଧିକାଂଶ ପ୍ରକଳ୍ପ ଏହା ସାହାଯ୍ୟରେ ନିଜର ଆବଶ୍ୟକତା ମେଣ୍ଟାଇ ପାରୁଛନ୍ତି ।
- ଉଷ୍ମାୟନ କାର୍ଯ୍ୟକ୍ରମକୁ ଏକ ମାତା/ପିତା ଭାବେ କଳ୍ପନା କରାଯାଇପାରେ । ଯିଏ କି ନିଜ ବ୍ୟବସାୟ (ଶିଶୁ)କୁ ଲାଳନ ପାଳନ କରେ ।

**ତ୍ୱରକ କେନ୍ଦ୍ର**

- ବ୍ୟାପାର ଉଷ୍ମାୟନ କେନ୍ଦ୍ର ଓ ତ୍ୱରକ କେନ୍ଦ୍ର ଦୁଇଟିଯାକ କାର୍ଯ୍ୟକ୍ରମ ପରସ୍ପର ବିନିମୟରେ ବ୍ୟବହୃତ ହେଉଛନ୍ତି।
- ତ୍ୱରକ କାର୍ଯ୍ରକ୍ରମ ବ୍ୟବସାୟକୁ ଚଳୁ ରଖିବା ବା ବୃହତ୍ ଲମ୍ଫ ମାଧ୍ୟମରେ ଆଗକୁ ବଢ଼ିବାକୁ ସୁଯୋଗ ଦେଇଥାଏ। ଉଷ୍ମାୟନ ତ୍ୱରକ ଉଭୟେ ଶୁମ୍ଭାରମ୍ଭ ପ୍ରକଳ୍ପଗୁଡ଼ିକୁ ପରାମର୍ଶଦାତା, ପୁଞ୍ଜି ନିବେଶକାରୀ ଓ ସାଥୀ ଶୁଭାରମ୍ଭ ପ୍ରକଳ୍ପ ସହ ଯୋଡ଼ିଥାନ୍ତି।

**(ii) ଲଘୁ ବିତ୍ତ ବ୍ୟବସ୍ଥା ଓ ଅଣବ୍ୟାଙ୍କିଙ୍ଗ୍ ଅର୍ଥ ନିଗମ :**

**ଉତ୍ତର ଲଘୁବିତ୍ତ ବ୍ୟବସ୍ଥା :**

- ପାରମ୍ପରିକ ବ୍ୟାକିଙ୍ଗ ବ୍ୟବସ୍ଥାରୁ ଋଣ ପାଉ ନ ଥିବା ବା ଋଣ ପାଇବାକୁ ଯୋଗ୍ୟତା ନ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଲଘୁ ବିତ୍ତ ବ୍ୟବସ୍ଥା ଅର୍ଥ ସୁଲଭ କରାଇଥାଏ।

**ଅଣ ବ୍ୟାଙ୍କିଙ୍ଗ୍ ଅର୍ଥନିଗମ :**

- ବ୍ୟାଙ୍କ ପାଇଁ ଜରୁରୀ ବିଭିନ୍ନ ଆଇନଗତ ଆବଶ୍ୟକତା ବିନା ଅଣବ୍ୟାଙ୍କିଙ୍ଗ୍ ଅର୍ଥ ନିଗମଗୁଡ଼ିକ ଆର୍ଥିକ ସାହାଯ୍ୟ ଯୋଗାଇଥାନ୍ତି।

**(iii) ସମଷ୍ଟିଗତ ପୁଞ୍ଜି ଓ ପରିନିବେଶ :**

**ଉତ୍ତର ସମଷ୍ଟିଗତ ପୁଞ୍ଜି :**

- ଏକ ସାଧାରଣ ଲକ୍ଷ ହାସଲ ଦିଗରେ ବହୁ ବ୍ୟକ୍ତି ପୁଞ୍ଜି ବ୍ୟବସ୍ଥା କରିବା ବା ଦାନ କରିବାକୁ ସମଷ୍ଟିଗତ ପୁଞ୍ଜି କୁହାଯାଏ।
- ସମଷ୍ଟିଗତ ପୁଞ୍ଜି ବ୍ୟବସ୍ଥା ଭାରତ ପାଇଁ ନୂଆ ନୁହେଁ, ଅତୀତରେ ଅନେକ ସଂସ୍ଥା ସାଧାରଣ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିଥିବାର ଦୃଷ୍ଟାନ୍ତ ରହିଛି।

**ପରୀନିବେଶ :**

- ନୂତନ ଭାବେ ଗଢ଼ି ଉଠୁଥିବା ଶୁଭାରମ୍ଭ ପ୍ରକଳ୍ପରେ ନିଜସ୍ୱ ବଳକା ଅର୍ଥନିବେଶ କରିବାକୁ ଆଗ୍ରହୀ ବ୍ୟକ୍ତିଙ୍କୁ ପରୀନିବେଶକ କୁହାଯାଏ।
- ସେମାନେ ମଧ୍ୟ ପୁଞ୍ଜି ନିବେଶ ବ୍ୟତୀତ ପରାମର୍ଶଦାତା ଭାବେ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି।

**(iv) ଔପଚାରିକ ପୁଞ୍ଜି ଓ ଅନୌପଚାରିକ ପୁଞ୍ଜି**

**ଉତ୍ତର ଔପଚାରିକ ପୁଞ୍ଜି**

- ଔପଚାରିକ ପୁଞ୍ଜି କହିଲେ ସାଧାରଣତଃ ବ୍ୟାଙ୍କ, ଆର୍ଥିକ ଅନୁଷ୍ଠାନ ଏବଂ ପୁଞ୍ଜି ବଜାରରୁ ମିଳିଥିବା ସମ୍ବଳକୁ ବୁଝାଏ।

**ଅନୌପଚାରିକ ପୁଞ୍ଜି**

- ଅନୌପଚାରିକ ପୁଞ୍ଜି କହିଲେ ଉଦ୍ୟୋଗୀମାନେ ନିଜର ସଞ୍ଚିତ ଅର୍ଥ ସହିତ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ଅର୍ଥ ବିନିଯୋଗକୁ ବୁଝାଇଥାଏ।

(v) ଉଦ୍ୟୋଗ ଓ ଉଦ୍ୟୋଗୀ -

ଉତ୍ତର ଉଦ୍ୟୋଗ :

- ବ୍ୟକ୍ତିଦ୍ୱାରା ପ୍ରତିଷ୍ଠିତ କୌଣସି ବ୍ୟବସାୟକୁ ଉଦ୍ୟୋଗ କୁହାଯାଏ।
- ଉଦ୍ୟୋଗ ପରିମାଣ ବା କ୍ରିୟାଫଳ ଅଟେ। ଉଦ୍ୟୋଗ ରୋଜଗାର ଓ ବୃତ୍ତିର ବିସ୍ତାର ଭଳି ଦୁଇଟି ଆର୍ଥିକ କାର୍ଯ୍ୟର ଉନ୍ନତି କକ୍ଷେ ସୁଯୋଗ ସୃଷ୍ଟି କରିଥାଏ।

ଉଦ୍ୟୋଗୀ :

- ଯେଉଁ ବ୍ୟକ୍ତିଟି ଶିଳ୍ପ/ବ୍ୟବସାୟ ପ୍ରତିଷ୍ଠା କରେ ତାକୁ ଉଦ୍ୟୋଗୀ କୁହାଯାଏ। ଉଦ୍ୟୋଗୀ ଏକ ବ୍ୟକ୍ତି ବା ଉଦ୍ୟମ ଅଟେ।
- ଉଦ୍ୟୋଗୀ ଆତ୍ମନିଯୁକ୍ତି ପାଇବା ସହିତ ଅନ୍ୟମାନଙ୍କୁ ବୃତ୍ତି ଯୋଗାଇଥାଏ।

(vi) ଔଦ୍ୟୋଗିକୀ ଓ ପରିଚାଳନା :

ଉତ୍ତର ଔଦ୍ୟୋଗିକୀ :-

- ଔଦ୍ୟୋଗିକୀ କହିଲେ କୌଣସି ବ୍ୟବସାୟ ଆରମ୍ଭ କରିବା ତଥା ନବୀକରଣକୁ ବୁଝାଏ। ଉଦ୍ୟୋଗୀ ସମ୍ବଳର ଅଭାବରେ ପ୍ରତିବନ୍ଧିତ ହୁଏନାହିଁ। ସେ ସମ୍ବଳ ଯୋଗାଡ଼ କରିଥାଏ। ଔଦ୍ୟେଗିକୀ ଅନୌପଚାରିକ ଅଟେ।

ପରିଚାଳନା

- ପରିଚାଳନା କହିଲେ ଏକ ଚଳନ୍ତି ବ୍ୟବସାୟୀ କାର୍ଯ୍ୟ ତଦାରଖ କରିବାକୁ ବୁଝାଏ।
- ଜଣେ ପରିଚାଳକ ପାଖରେ ଥିବା ସମ୍ବଳକୁ ନେଇ ଚିନ୍ତିତ ରହେ।
- ପରିଚାଳନା ଔପଚାରିକ ଅଟେ।

---x---


10
INDIA
2010